

ସହାୟତା ହିଁ ପ୍ରକୃତ ସଶକ୍ତିକରଣ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଜଲୱା ଦେଖାଇଲେ ନେହା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୩ Vol. 22 No-43 14 MAY 2025 WEDNESDAY, BHUBANESWAR ବୁଧବାର, ୧୪ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଯବାନଙ୍କୁ ପ୍ରଶଂସା କଲେ ମୋଦୀ

# ସେନା ଆମ ଦେଶର ଗର୍ବ



- ସେନାର ପରାକ୍ରମକୁ ନମନ କଲେ
- ଆମ ମିସାଇଲରେ ଶତ୍ରୁ ଥରହର
- ନିର୍ଦ୍ଦୋଷ ଲୋକଙ୍କ ରକ୍ତ ବୁହାଇଲେ ମହା ବିନାଶ
- ଯବାନଙ୍କ ମନୋବଳ ବୃଦ୍ଧି କଲେ

ଚଣ୍ଡୀଗଡ଼, ୧୩।୫: ଭାରତୀୟ ସୈନିକ ଯେତେବେଳେ ମା' ଭାରତୀଙ୍କ ଜୟଜୟକାର କରନ୍ତି, ସେତେବେଳେ ଶତ୍ରୁପକ୍ଷର ଛାତି ଥରିଉଠେ। ଯେବେ ଆମର ମିସାଇଲ ଅଗ୍ନିବର୍ଷା କରି ଲକ୍ଷ୍ୟରେ ପହଞ୍ଚେ, ସେତେବେଳେ ଶତ୍ରୁକୁ ବି ଶୁଣାଯାଏ ଭାରତ ମାତା କି ଜୟ। ଯେତେବେଳେ ଆମ ଯବାନ ନ୍ୟୁକ୍ଲିୟର ବ୍ଲାକମେଲ୍ ଧମକର ଧୂଆଁ ବାହାର କଲେ, ସେତେବେଳେ ଆକାଶରୁ ପାତାଳ ଯାଏ ଗୁଞ୍ଜରିତ ହେଲା ଗୋଟିଏ ଶବ୍ଦ ଭାରତ ମାତା କି ଜୟ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଜାବର ଆଦମପୁର ଏୟାରବେସ୍ ଗସ୍ତ କରି ଭାରତୀୟ ଯବାନଙ୍କୁ ସମ୍ବୋଧିତ କରି ଏହା କହିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ମିସାଇଲରେ ଶତ୍ରୁ ଥରହର। ଦଶନ୍ଧିଯାଏ ଯେବେ ବି ଅପରେସନ ସିନ୍ଦୂର କଥା ଉଠିବ, ସେତେବେଳେ ଆପଣମାନଙ୍କ ପରାକ୍ରମକୁ ମଧ୍ୟ ନମନ କରାଯିବ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଶତ୍ରୁ ଆମକୁ ପଛପଟୁ ଆକ୍ରମଣ କରିଥିଲା। କିନ୍ତୁ ଆପଣମାନେ ସମ୍ମୁଖରୁ ମାରିଲେ। ଆପଣଙ୍କ ପରାକ୍ରମରେ ୯ରୁ ଅଧିକ ଆତଙ୍କୀ ଠିକଣା ଧ୍ୱଂସ ହୋଇଛି। ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିପାତ ହୋଇଛନ୍ତି। ଆପଣମାନେ ଦୁନିଆକୁ ଜଣାଇଦେଲେ ଯେ ଆମେ ଘରେପଶି ମାରିପାରିବୁ। ପାକିସ୍ତାନୀ ସେନା ବି ଜାଣିଗଲା ଆତଙ୍କୀଙ୍କ ପାଇଁ ପାକିସ୍ତାନର କୌଣସି ସ୍ଥାନ ମଧ୍ୟ ସୁରକ୍ଷିତ ନୁହେଁ। ଆମେ ସ୍ପଷ୍ଟ କରିଛୁ ଯେ ନିର୍ଦ୍ଦୋଷ ଲୋକଙ୍କ ରକ୍ତ ବୁହାଇଲେ ପରିଣତି ହେବ ବିନାଶ- ମହାବିନାଶ। ଆଦମପୁର ଏୟାରବେସ୍‌ରେ ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଆମ ବାୟୁସେନା ୨୦ରୁ ୨୫ ମିନିଟ୍ ଭିତରେ ହିଁ ସୀମା ଆରପଟେ ଲକ୍ଷ୍ୟଭେଦ କରିଥିଲା। ଏକଦମ ସଠିକ ଟାର୍ଗେଟ ହିଟ୍ କରିବା ଏବଂ ଆତଙ୍କୀଙ୍କୁ ନିପାତ କରିବା ଏକ ଦକ୍ଷ ସେନାହିଁ କରିପାରିବ ବୋଲି ସେ କହିଥିଲେ। ସେ କହିଥିଲେ, ଶତ୍ରୁ ଛାତି ରକ୍ତାକ୍ତ ହୋଇଗଲା, କିନ୍ତୁ ପାକିସ୍ତାନ ଜାଣିପାରିଲା ନାହିଁ। ଆମର ଲକ୍ଷ୍ୟ ପାକିସ୍ତାନ ଭିତରେ ଥିବା ଆତଙ୍କୀଙ୍କୁ ଟାର୍ଗେଟ କରିବା। କିନ୍ତୁ ପାକିସ୍ତାନ ନିଜ ଯାତ୍ରୀବିମାନକୁ ଢାଲ କରି ଷଡ଼ଯନ୍ତ୍ର ରଚିଥିଲା। ଥରେ ଚିନ୍ତା କରନ୍ତୁ, କେତେ କଠିନ ଥିଲା ଏହା ସେନାପାଇଁ। କିନ୍ତୁ ଆପଣ ସାଧାରଣ ଲୋକଙ୍କୁ କ୍ଷତି ନ ପହଞ୍ଚାଇ ଆତଙ୍କୀଙ୍କୁ ନିପାତ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି ବୋଲି ମୋଦୀ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ମଙ୍ଗଳବାର ସକାଳେ ପ୍ରଧାନମନ୍ତ୍ରୀ ହଠାତ୍ ପଞ୍ଜାବର ଆଦମପୁର ଏୟାରବେସ୍‌ରେ ପହଞ୍ଚିଥିଲେ। ସେଠାରେ ସେ ସେନା ଯବାନଙ୍କୁ ଭେଟିବା ସହ ପାକିସ୍ତାନ ମିଛର ପର୍ଦ୍ଦାଫାସ କରିଥିଲେ। ପାକିସ୍ତାନ ପୂର୍ବରୁ ଦାବି କରିଥିଲା ଯେ ତା'ର ଜେଏଫ-୧୭ ବିମାନ ଆଦମପୁରରେ ଭାରତର ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରି ଦେଇଥିଲା।

## ପାକିସ୍ତାନକୁ ଭାରତର ନିଶାନା

# ତୁରନ୍ତ ପିଓକେ ଖାଲିକର

- ଜାମ୍ମୁକାଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ
- ତୃତୀୟ ପକ୍ଷର ଆବଶ୍ୟକତା ନାହିଁ
- ପରମାଣୁ ଧମକ ସହିବନି ଭାରତ
- ସିନ୍ଧୁ ଜଳଚୁକ୍ତି ନିଷ୍ପତ୍ତି ବଳବତ୍ତର
- ସେଲିବ୍ରେସନକୁ ନେଇ ପାକ୍‌ର ଡ୍ରାମାବାଜି



ନୂଆଦିଲ୍ଲୀ, ୧୩।୫: ପାକିସ୍ତାନକୁ ଭାରତର କଡ଼ା ନିଶାନା। ପାକ୍‌କୁ ଦେଲେ ବଡ଼ ଚେତାବନୀ। ମଙ୍ଗଳବାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଅପରେସନ ସିନ୍ଦୂର ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଜାମ୍ମୁକାଶ୍ମୀର ସହିତ ଜଡ଼ିତ ଯେକୌଣସି ପ୍ରସଙ୍ଗ ଦ୍ୱିପାକ୍ଷିକ। ଆମର ଏକ ଦୀର୍ଘକାଳୀନ ଜାତୀୟ ନୀତି ରହିଛି। ସେହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ବାକିଥିବା ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ ଅଞ୍ଚଳକୁ ମୁକ୍ତ କରିବା ବୋଲି ଶ୍ରୀ ଜୟସ୍ୱାଲ କହିଥିଲେ। ସେ ଆହୁରି କହିଥିଲେ ଯେ ପାକିସ୍ତାନ ପିଓକେ ଖାଲି କରିବା ଦାବିରେ ଭାରତ ଅଟଳ ରହିଛି। ଯେତେ ଜଲ୍‌ଦି ପାକିସ୍ତାନ ବୁଝିବ, ସେତେ ଭଲ। ପାକିସ୍ତାନକୁ ଗୁଳିର ଜବାବ ଗୁଳିରେ ଦିଆଯିବ। ପ୍ରଥମେ ପାକିସ୍ତାନ ଅସ୍ତ୍ରବିରତି ପାଇଁ ଗୁହାରି କରିଥିଲା। ଗତ ୧୦ ତାରିଖରେ ଏଥିନେଇ ପାକ୍ ସରକାରଙ୍କ ପକ୍ଷରୁ ଫୋନ୍ ମଧ୍ୟ କରାଯାଇଥିଲା। ଭାରତ ସରକାରଙ୍କ ପକ୍ଷରୁ କରାଯାଇଥିବା ସିନ୍ଧୁଚୁକ୍ତି ନିଷ୍ପତ୍ତି ଏବେ ବି କାଏମ ରହିଛି। ପାକିସ୍ତାନ ହାରିକି ବି ସେଲିବ୍ରେସନ ନେଇ ଡ୍ରାମା କରୁଛି। ଆମ ହମ୍‌ଲା ପରେ ପାକିସ୍ତାନର ସ୍ୱର ବଦଳି ଯାଇଛି। ପରମାଣୁ ଧମକ ଆଦୌ ସହିବନି ଭାରତ ବୋଲି ଶ୍ରୀ ଜୟସ୍ୱାଲ କହିବା ସହିତ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନାବେଳେ ବ୍ୟବସାୟର କୌଣସି କଥା ଉଠିନାହିଁ। ଯେପର୍ଯ୍ୟନ୍ତ ପାକିସ୍ତାନ ଅବିଶ୍ୱସନୀୟ କାର୍ଯ୍ୟ କରୁଥିବ, ସେପର୍ଯ୍ୟନ୍ତ ସିନ୍ଧୁଜଳ ନିଷ୍ପତ୍ତି ସ୍ଥଗିତ ରହିବ। ସୀମାପାର ଆତଙ୍କୀଙ୍କୁ ସମର୍ଥନ ବନ୍ଦ ନ କରିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି କାଏମ ରହିବ। ଯେଉଁ ଅସ୍ତ୍ରବିରତି କାର୍ଯ୍ୟକ୍ରମ ହେଲା, ଭାରତୀୟ ସେନାର ପରାକ୍ରମ ପାକିସ୍ତାନକୁ ସେଥିନେଇ ବାଧ୍ୟ କରିଥିଲା। ପାକିସ୍ତାନ ଅନ୍ୟ ଉପାୟ ନ ପାଇ ଅସ୍ତ୍ରବିରତି • ପୃଷ୍ଠା ୫ ଦେଖନ୍ତୁ

### ତୁର୍କୀକୁ ବ୍ୟାନ୍ ଟ୍ରେଣ୍ଡ ଆରମ୍ଭ

ପୁନେ, ୧୩।୫: ଭାରତୀୟ ସେନାର ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ ଆରମ୍ଭ କରିଥିବା ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ସହଯୋଗୀ ରାଷ୍ଟ୍ର ତୁର୍କୀ ପାକିସ୍ତାନକୁ ଡ୍ରୋନ୍ ଦେଇଥିବାରୁ ସେହି ଦେଶକୁ ଭାରତ ପକ୍ଷରୁ ବ୍ୟାନ୍ ଟ୍ରେଣ୍ଡ ଆରମ୍ଭ ହୋଇଛି। ପୁନେରେ ତୁର୍କୀ ସେଓକୁ ବୟକଟ କରାଯାଇଛି। ଉଭୟ କ୍ରେତା ଓ ବିକ୍ରେତା ବୟକଟ କରିଥିବା ସୂଚନା ମିଳିଛି। ସେମାନେ କହିଛନ୍ତି, ଆର୍ଥିକ ଚାପ ନୁହେଁ ବରଂ ସେନାର ମନୋବଳ ବୃଦ୍ଧି ପାଇଁ ଏହି ବୟକଟ କରାଯାଉଛି।

## ସଂକ୍ଷେପରେ...

### ଓପିଏସ୍‌ସି, ଓଏସ୍‌ଏସ୍‌ସିର ନୂତନ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୧୩।୫ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ମଙ୍ଗଳବାର ଓପିଏସ୍‌ସି ଏବଂ ଓଏସ୍‌ଏସ୍‌ସିର ନୂତନ ସଦସ୍ୟ ନିଯୁକ୍ତି ଦେଇଛନ୍ତି। ଓପିଏସ୍‌ସିର ସଦସ୍ୟଭାବେ ଆଇଏଏସ୍ ଉଦୟ ନାରାୟଣ ଦାସ ଏବଂ ପ୍ରଫେସର ମିହିର ପ୍ରସାଦ ମିଶ୍ର ନିଯୁକ୍ତି ପାଇଥିବାବେଳେ ଓଏସ୍‌ଏସ୍‌ସିର ସଦସ୍ୟଭାବେ ଡକ୍ଟର ଶ୍ରୁତି ଦାସ ଏବଂ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁର୍ଗୀ ନିଯୁକ୍ତି ପାଇଛନ୍ତି। ଓପିଏସ୍‌ସି ସଦସ୍ୟଙ୍କ କାର୍ଯ୍ୟକାଳ ୬ବର୍ଷ ହୋଇଥିବାବେଳେ ଓଏସଏସସି ସଦସ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଛି।

### ବିଷାକ୍ତ ମଦ ନେଲା ୧୪ ଜୀବନ

ଅମୃତସର, ୧୩।୫: ପଞ୍ଜାବର ଅମୃତସର ଜିଲ୍ଲା ମଜିଥା ବ୍ଲକରେ ବିଷାକ୍ତ ମଦପିଇ ୧୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ଜଣ ଗୁରୁତର ଅସୁସ୍ଥ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ୫ଜଣଙ୍କୁ ଗିରଫ କରାଯାଇଛି।

### ୩ ଆତଙ୍କୀ ନିପାତ

ଶ୍ରୀନଗର, ୧୩।୫: ଜାମ୍ମୁକାଶ୍ମୀରର ସୋପିଆନ୍‌ରେ ଅପରେସନ କିଲର ଜରିଆରେ ସୁରକ୍ଷାକର୍ମୀ ୩ଜଣ କୁଖ୍ୟାତ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଆଉ କେତେକ ଆତଙ୍କବାଦୀ ଲୁଚିଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।


### ୪ ବନ ଅଧିକାରୀ ଗିରଫ

ଭବାନୀପାଟଣା, ୧୩।୫ (ଭାସ୍କର ନ୍ୟୁଜ): ବନୀକରଣ ନାଁରେ ୮୦ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗରେ ଭିଜିଲାନ୍ସ ଜଣେ ଡେପୁଟୀ ରେଞ୍ଜରଙ୍କ ସମେତ ୪ଜଣ ବନ ଅଧିକାରୀଙ୍କୁ ଗିରଫ କରିଛି।

ସେନ୍‌ସେକ୍ସ: ୮୧,୧୪୮.୨୨
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୧୩।୫।୨୦୨୫ ର ମତାମତ

ବିଜେପିର ତ୍ରିରଙ୍ଗା ଯାତ୍ରା ଜାତୀୟ ଏକତାକୁ ସଂଗଠିତ କରିବ କି?




### ଆଜିର ପ୍ରସଙ୍ଗ

ପାକିସ୍ତାନଠାରୁ ପିଓକେକୁ ବଳପୂର୍ବକ ଆଣିବା ଠିକ୍ ନୁହେଁ କି?

ମତାମତ ଦେବା ପାଇଁ ଲଗଅନ୍ କରନ୍ତୁ
www.odishabhaskar.com

## ସିବିଏସ୍‌ଇ ଦ୍ୱାଦଶ, ଦଶମ ରେଜଲ୍ଟ ପ୍ରକାଶିତ

# ପାସ୍ ହାର ଯଥାକ୍ରମେ ୮୮.୩୯, ୯୩.୬୦%



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୫ (ବ୍ୟୁରୋ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଦଶମରେ ପାସ୍ ହାର ୯୩.୬୦ ପ୍ରତିଶତ ରହିଥିବାବେଳେ ଦ୍ୱାଦଶ ପାସ୍ ହାର ୮୮.୩୯ ପ୍ରତିଶତ ରହିଛି। ଗତବର୍ଷ ତୁଳନାରେ ପାସ୍ ହାର ୦.୦୬ ପ୍ରତିଶତ ବୃଦ୍ଧି ପାଇଛି। ପୁଅମାନଙ୍କ ତୁଳନାରେ ଝିଅଙ୍କ ପାସ୍ ହାର ଅଧିକ ରହିଥିବା ସୂଚନା ଦିଆଯାଇଛି। ଚଳିତବର୍ଷ ୪୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ତେବେ ଓଡ଼ିଶାରେ ସିବିଏସ୍‌ଇ ଦଶମଶ୍ରେଣୀ ପରୀକ୍ଷାଫଳ ପାସ୍‌ହାର ୯୨.୬୪ ପ୍ରତିଶତ ରହିଥିବାବେଳେ ଦ୍ୱାଦଶଶ୍ରେଣୀ ପରୀକ୍ଷାଫଳ ପାସ୍ ହାର ୮୮.୩୯ ପ୍ରତିଶତ ରହିଛି। ଓଡ଼ିଶାରେ ବି ପୁଅଙ୍କୁ ପଛରେ ପକାଇ ଅଧିକ ସଂଖ୍ୟକ ଝିଅ ଦଶମଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାରେ ଦଶମ ଶ୍ରେଣୀରେ ମୋଟ ୧ଲକ୍ଷ ୩୦ ହଜାର ୧୬୩ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରଙ୍କ ପାସ୍‌ହାର ରହିଛି ୯୧.୬୩ ପ୍ରତିଶତ। ଏମାନଙ୍କ ସଂଖ୍ୟା ହେଉଛି ୬୯ହଜାର ୮୬୯। ସେହିଭଳି ଛାତ୍ରୀଙ୍କ ପାସ୍ ହାର ୯୩.୮୩ ପ୍ରତିଶତ ରହିଥିବାବେଳେ ମୋଟ ୬୦,୮୬୯ଜଣ ଛାତ୍ରୀ ଦଶମରେ କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ • ପୃଷ୍ଠା ୫ ଦେଖନ୍ତୁ

**ଓଡ଼ିଶାରେ ପାସ୍ ହାର ଯଥାକ୍ରମେ ୮୮.୩୯, ୯୨.୬୪%**

## ମୟୂରଭଞ୍ଜକୁ ମୁଖ୍ୟମନ୍ତ୍ରୀଙ୍କ ୪୨୦ କୋଟିର ଭେଟି

# ବିଶୋଇରେ ହେବ +୨ ମହାବିଦ୍ୟାଳୟ

- ୧୩୩ଟି ପ୍ରକଳ୍ପର ଉଦ୍‌ଘାଟନ
- ୫୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ପ୍ରତିଷ୍ଠା ହେବ ୧୦ହଜାର କୋଟିର ଶିଳ୍ପ
- ଷ୍ଟାଡିୟମରେ ସ୍ଥାପନ ହେବ ଧରଣୀଧରଙ୍କ ପ୍ରତିମୂର୍ତ୍ତି



ଭୁବନେଶ୍ୱର/ବିଶୋଇ, ୧୩।୫ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବିଶୋଇ ବ୍ଲକ ମୁଖ୍ୟାଳୟ ଠାରେ ଏକ +୨ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିଅମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୯୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶୋଇ ମିନିଷ୍ଟାଡିଅମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମଦା, • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କଉକଥା ନେଇ କେଉଁଠି ଥିଅନ୍ତି
ଆମ ଏ ବିରୋଧିଦଳ,
କହୁଛନ୍ତି କାଳେ ଆମେରିକା ପାଇଁ
ତୁଟିଗଲା କଳିଗୋଳ !
ତୁଛା ତୁଛା କରି ରୋଳ,
ଆତଙ୍କୀ ଉପରେ ମାଡ଼ ଦେଲୁ ବୋଲି
ପାକିସ୍ତାନ ଅସମ୍ଭାଳ !!

## ବିଜେପି ସରକାରକୁ ପୂରିବ ବର୍ଷେ

# ଓଡ଼ିଶାବାସୀଙ୍କୁ ଦେବେ ବର୍ଷକର ରିପୋର୍ଟ



ଭୁବନେଶ୍ୱର, ୧୩।୫ (ଭାସ୍କର ନ୍ୟୁଜ): ରାଜ୍ୟର ବିଜେପି ସରକାରକୁ ପୂରିବ ବର୍ଷେ। ହାତରେ ଆଉ ରହିଲା ମାତ୍ର ଏକମାସ। ବର୍ଷ ପୂରଣ ହେଲେ ଓଡ଼ିଶାବାସୀଙ୍କୁ ସରକାର ଦେବେ ବର୍ଷକର ରିପୋର୍ଟ। ରହି ଯାଇଥିବା ଅଧୁରା କାର୍ଯ୍ୟ କେତେ ସଫଳ ହୋଇଛି, ତା'ର ନକ୍ସା ଦେଖାଇବେ ମୋହନ ସରକାର। ଜନତା ବି ଚାହିଁ ରହିଛନ୍ତି ବିଜେପି ସରକାର କରିଛନ୍ତି କ'ଣ? ଏସବୁର ଟିକିନିଖି ତଥ୍ୟ ଦେବାପାଇଁ ଜୋରଦାର ନିଜକୁ ପ୍ରସ୍ତୁତ କରୁଛନ୍ତି ରାଜ୍ୟ ସରକାର। ଲୋକେ ଜାଣିବେ ସଫଳତା। ଆଉ ଆଗକୁ ଏଭଳି ଓଡ଼ିଶାରେ ବିଜେପି ସରକାର ଆସିବା ପାଇଁ ନୂଆ ନୂଆ ଯୋଜନା ପ୍ରସ୍ତାତ କରିବେ। ଏବେ ୧୧ ମାସର ସରକାର ଓଡ଼ିଶାବାସୀଙ୍କଠାରୁ କଣ ଅନୁଭୂତି ସାଉଁଟିଛି ତାହା ଲୋକଙ୍କ ସମ୍ମୁଖରେ ବଖାଣିବେ। ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କଣ ପୂରଣ କରିଛନ୍ତି • ପୃଷ୍ଠା ୫ ଦେଖନ୍ତୁ

# ଆଣ୍ଡାମାନ ଛୁଇଁଲା ମୌସୁମୀ ବାୟୁ



ନୂଆଦିଲ୍ଲୀ, ୧୩।୫: ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ସତ୍ୟରେ ପରିଣତ ହୋଇଛି। ମଙ୍ଗଳବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଛୁଇଁଛି। ଏହାପରେ ଏହା ଦକ୍ଷିଣ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନ ଆଡକୁ ବଢିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ପରେ ନିକୋବର ଦ୍ୱୀପ ଓ ଉତ୍ତର ଆଣ୍ଡାମାନର କିଛି ଅଞ୍ଚଳକୁ ଏହା ଅଗ୍ରସର ହେବ ବୋଲି ସୂଚନା ଦିଆଯାଇଛି। ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୭ ତାରିଖରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ବାୟୁ ଜୁନ୍‌ରେ କେରଳ ଉପକୂଳ ଛୁଇଁଥାଏ। କିନ୍ତୁ ଚଳିତଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ଯଦି ୨୭ରେ ମୌସୁମୀ କେରଳ ଉପକୂଳ ଛୁଏଁ ତେବେ ଏହା ୨୦୦୯ ପରେ ପ୍ରଥମ ଥରପାଇଁ ହେବ। ୨୦୦୯ରେ ମୌସୁମୀ ମେ ୨୩ ତାରିଖରେ କେରଳରେ ପହଞ୍ଚିଥିଲା। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ସାରା ଭାରତରେ ବର୍ଷାର ପ୍ରଭାବ ଦେଖାଦେଇଥାଏ। ତେବେ ସେପ୍ଟେମ୍ବରରେ ମୌସୁମୀ ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରୁ ହଟିଯାଉଥିବାବେଳେ ଅକ୍ଟୋବରରେ ସଂପୂର୍ଣ୍ଣଭାବେ ଅପସରି ଯାଇଥାଏ। ପୂର୍ବରୁ ଆଇଏମ୍‌ଡି ସୂଚନା ଦେଇଛି ଯେ ଚଳିତବର୍ଷ ମୌସୁମୀ ଠିକ୍ ସମୟରେ ଆସିବ ଏବଂ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବ।

## ଅବସର ନେଲେ ସିଜେଆଇ ଜଷ୍ଟିସ ସଞ୍ଜୀବ ଖାନ୍ନା

# ଆଜି ଶପଥ ନେବେ ଜଷ୍ଟିସ ଗବାଇ



ନୂଆଦିଲ୍ଲୀ, ୧୩।୫: ମଙ୍ଗଳବାର ଦେଶର ନୂତନ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବାଇ। ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ସେ ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ଏଥିପୂର୍ବରୁ ପ୍ରଧାନ ବିଚାରପତି ପଦରୁ ଅବସର ନେଇଛନ୍ତି ଜଷ୍ଟିସ ସଞ୍ଜୀବ ଖାନ୍ନା। ଜଷ୍ଟିସ ଖାନ୍ନା ମଙ୍ଗଳବାର ସକାଳେ ଜଷ୍ଟିସ ଗବାଇଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସୁପ୍ରିମକୋର୍ଟରେ ତାଙ୍କ ସହକର୍ମୀମାନଙ୍କଠାରୁ ବିଦାୟ ନେଇଥିଲେ। ପ୍ରଧାନ ବିଚାରପତି ଭାବେ ଜଷ୍ଟିସ • ପୃଷ୍ଠା ୫ ଦେଖନ୍ତୁ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଗ୍ରାମରେ ଅଞ୍ଚଳର ବହୁ ପ୍ରସିଦ୍ଧ ଚନ୍ଦନ ଯାତ୍ରା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପବିତ୍ର ବୁଦ୍ଧ ପୂର୍ଣ୍ଣିମା ବା ଚନ୍ଦନ ପୂର୍ଣ୍ଣିମା ଅବସରରେ ଗ୍ରାମରେ ବହୁ ବର୍ଷ ଧରି ପାଳିତ ହୋଇ ଆସୁଥିବା ଏହି ଯାତ୍ରା ମହୋତ୍ସବରେ ଚଳିତ ବର୍ଷ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । କନ୍ଦରସିଂହା ଗ୍ରାମ ୧୭ ଗୋଟି ସାହି ଅନ୍ତର୍ଭୁକ୍ତ ରହିଥିବାବେଳେ ଗ୍ରାମବାସୀଙ୍କ ଏକତ୍ରିତରେ ବହୁ ବର୍ଷ ଧରି ଏହି ଚନ୍ଦନ ଯାତ୍ରା ପାଳନ ହୋଇଆସୁଛି । ଚଳିତ ବର୍ଷ ସୋମବାର ଦିନ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ଗ୍ରାମର ମଧ୍ୟଭାଗରେ ଗୋପୀନାଥଜିଉ ମନ୍ଦିରରେ ପୂଜା ପାଉଥିବା ଠାକୁରଙ୍କୁ ଗ୍ରାମ ଦେବୀଙ୍କ ସ୍ଥାନକୁ ନେଇ ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କୁ ବିମାନରେ ଧରି ଅପରାହ୍ନ ସମୟରେ ଏକ ବିଶାଳ ପଟୁଆର ମେଲଣ ପଡିଆ ଅଭିମୁଖେ ବାହାରିଥିଲା । ଗ୍ରାମ୍ୟ କମିଟି ଏବଂ ଗ୍ରାମର ୧୭ ଗୋଟି ସାହିର କମିଟି ମେମ୍ବର ଓ ଗ୍ରାମବାସୀଙ୍କ ସହଯୋଗରେ ବିଶାଳ ପଟୁଆର ଗାଁ ପରିକ୍ରମା କରି ଗ୍ରାମର କଟରାପଡ଼ା ସାହିରେ ରହିଥିବା ଦୋଳ ମଣ୍ଡପରେ ଠାକୁରଙ୍କୁ ଅବତରଣ କରିଥିଲେ । ଆୟୋଜିତ ବିଶାଳ ପଟୁଆରରେ ଆଦିବାସୀ ମାନଙ୍କ ସାନ୍ତାଳୀ ବାଜା, ସଙ୍କୀର୍ତ୍ତନ ମଣ୍ଡଳୀ, ଗୋପାଳମାନଙ୍କ ଲଉଡି ଖେଳ, ଘଣ୍ଟବାଦ୍ୟ, ଦର୍ଶକଙ୍କ ଆକର୍ଷଣୀୟ ଫୁଲଝାଡ, ବିଭିନ୍ନ ପ୍ରକାରର ବାଜା, ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନଙ୍କ ନାଚ ଦର୍ଶକଙ୍କୁ ବିମୋହିତ କରିଥିଲା । ତତସହିତ ତିନିରାତ୍ର ବ୍ୟାପି ଯାତ୍ରା ଇନ୍ଦ୍ରମହଲ ଦ୍ୱାରା ପରିବେଷଣ ହୋଇଥିଲା । ଜଣାଶୁଣା ଯୁବନେତା ତଥା ପଞ୍ଚାୟତ ସରପଞ୍ଚ ବିରେନ୍ଦ୍ର ସାହୁ ,ଗ୍ରାମ୍ୟ କମିଟି ସଭାପତି ସଚ୍ଚିଦାନନ୍ଦ ବିଶ୍ୱାଳ, ଉପସଭାପତି ସୁଧାକର ସାହୁ ଓରଫ ଟୁନା, ସମ୍ପାଦକ ଅଭୟ କୁମାର ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ,ଗଗନ ବିହାରୀ ନାୟକ, ରମେଶ ଚନ୍ଦ୍ର ସାହୁ ପ୍ରମୋଦ କୁମାର ବିଶ୍ୱାଳ ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ପାଳିତ ହୋଇଯାଇଛି ।



# ଜାତୀୟ ରାଜପଥ ୪୯ରେ ବିପଦସଂକୁଳ ୨୨୦ କେଭି ତାର

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର ଅନେକ ସ୍ଥାନରେ ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ ତାର ରାସ୍ତା ଅତିକ୍ରମ କରିଛି । ଏହି ରାଜପଥର କେନ୍ଦୁଝର ନିକଟ ଅଞ୍ଚାର ଠାରେ ରାସ୍ତାଠାରୁ ତାରର ଉଚ୍ଚତା ବହୁତ କମ୍ ଥିବାରୁ ଏନ୍‌ଏଚ୍‌ଆଇ ବଡଦୁର୍ଘଟଣାକୁ ଅପେକ୍ଷା କରିଛି କି ବୋଲି ପ୍ରଶ୍ନ କରାଯାଉଛି । କେନ୍ଦୁଝରର ଅଞ୍ଚାର ଦେଇ ତାଳଚେର ଠାରୁ ଯୋଡା ପର୍ଯ୍ୟନ୍ତ ୨୨୦ କେଭିର ବିଦ୍ୟୁତ ଲାଇନ ଯାଇଛି । ଯାହାକି ଓପିଟିସିଏଲ୍ ତଦାରଖରେ ରହିଛି । ଏହି ଉଚ୍ଚଶକ୍ତି ସଂପନ୍ନ ତାର ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ରାଜପଥ ଅତିକ୍ରମ କରିଛି ଏହି ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ ତାର । ଅନେକ ଥର ଏଠାରେ ଦୁର୍ଘଟଣାର ଶୀକାର ହେଲେଣି ରାଜପଥରେ ଯାଉଥିବା ଉଚ୍ଚା ଗାଡିମୋଟର । କିଛିମାସ ପୂର୍ବରୁ ଏକ ଟ୍ରଲର ଏଠାରେ ଗୋଟିଏ ବଡ ଯନ୍ତ୍ରାଂଶ ନେଇ ଯାଉଥିବାବେଳେ ଅଞ୍ଚାର ନିକଟ ତାରରେ ଲାଗି ଯାଇଥିଲା । ଫଳରେ ଗାଡିଟି ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇ ଟାୟାର ଜଳିଯାଇଥିଲା । ପରେ ଜୋରରେ ଶବ୍ଦ ହୋଇ ଆଖପାଖର ଘରମାନଙ୍କରେ ଲାଗିଥିବା ଟିଭି ମୋବାଇଲ,ଫ୍ରିଜ,ଫ୍ୟାନ ଏବଂ ଅନ୍ୟାନ୍ୟ ଜିନିଷ ପୋଡି ଯାଇଥିଲା । ଲୋକେ ଭୟଭୀତ ହୋଇ କ'ଣ ହେଲା ଜାଣିବା ବେଳକୁ ଟ୍ରକଟି ଉଚ୍ଚ ଶକ୍ତି ସଂପନ୍ନ ଲାଇନରେ ଲାଗିଥିବା ଦେଖାଯାଇଥିଲା । କୌଣସି କାରଣ ବଶତଃ ଟ୍ରଲର ଡ୍ରାଇଭର ଓ କର୍ମଚାରୀ ବର୍ତ୍ତି ଯାଇଥିଲେ । ଲୋକେ ବାହାରକୁ ବାହାରି ଟ୍ରଲରଟିକୁ ଅଟକାଇ କ୍ଷତିପୂରଣ ଦାବୀ କରିଥିଲେ । ରାଜପଥ ସେଠାରେ ଅନେକ ଉଚ୍ଚା ହୋଇ ରାସ୍ତାଠାରୁ ତାରର ଉଚ୍ଚତା ବହୁତ କମିଯାଇଛି । ତେଣୁ ଗାଡି ମୋଟର ଗୁଡିକ ପାଇଁ ବିପଦ ସୃଷ୍ଟି କରୁଛି । ସେଇଭଳି କିଛିଦିନ ପୂର୍ବରୁ ଗୋଟିଏ ମେସିନ ନେଇ ଯାଉଥିବା ବଡ ଟ୍ରକ ଏଠାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବଡ ଦୁର୍ଘଟଣାରୁ ବର୍ତ୍ତିଛି । ଏହି ରାଜପଥରେ ବହୁ ଉଚ୍ଚତା ବିଶିଷ୍ଟ ବଡ ବଡ ଟ୍ରକ ଚଳପ୍ରଚଳ କରୁଛି । ତେଣୁ ଏଠାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ତାରକୁ ଅଧିକା ଉଚ୍ଚ କରିବା କଥା ।



କିନ୍ତୁ ସେମାନେ ଏଭି ସମ୍ବେଦନଶୀଳ କଥାକୁ ହାଲକା ଭାବେ ନେଉଛନ୍ତି । ଫଳରେ କେବଳ ଗାଡି ମୋଟର ପାଇଁ ବିପଦ ନାହିଁ କେତେବେଳେ ବଡ ଟ୍ରକରେ ତାର ଲାଗି ଦୁର୍ଘଟଣା ଘଟିଲେ ଇନସୁଲେଟର ଛିଣ୍ଡି ଜଙ୍ଗଲରେ ଥିବା ହାତୀ ମାନଙ୍କ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି । ଅନ୍ୟପକ୍ଷରେ ତାର ଓହଳିଲେ ସେ ଅଞ୍ଚଳର ଜନବସତି ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି । ଏ ବାବଦରେ ବନ ବିଭାଗ ଏବଂ ଓପିଟିସିଏଲ କର୍ତ୍ତୃପକ୍ଷ ଏନ୍‌ଏଚ୍‌ଏଆଇକୁ ଜଣାଇଥିଲେ ମଧ୍ୟ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କର ନିଦ ଭାଙ୍ଗୁନି । ସୂଚନା ଅନୁସାରେ ଜାତୀୟ ରାଜପଥ ୪୯ କେନ୍ଦୁଝର ୧୦ଟି ସ୍ଥାନରେ ବିପଦସଂକୁଳ ଅବସ୍ଥାରେ ଉଚ୍ଚଶକ୍ତି ବିଦ୍ୟୁତ ଲାଇନ ରାଜପଥ ଅତିକ୍ରମ କରିଥିଲେ ହେଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଜନଧନ ଧରି ଯାଉଥିବା ଗାଡିମୋଟର ଗୁଡିକ ଜୀବନ ଜୀବିକା ନିର୍ବାହ ନିମନ୍ତେ ବାଧ୍ୟ ବାଧକତାରେ ଏହି ରାସ୍ତା ଉପରେ ନିୟମିତ ଯାତାୟାତ କରୁଥିବା ଲକ୍ଷ୍ୟ କରାଯାଇଛି । ଅନେକ ସମୟରେ ଏହି ଅବ୍ୟବସ୍ଥାକୁ ନେଇ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେବା ଆଶଙ୍କା କାହାକୁ ଅଛପା ନାହିଁ । ଅଞ୍ଚାର ନିକଟରେ ତାରର ଉଚ୍ଚତା ବଢାଇ ସମସ୍ୟାକୁ ସମାଧାନ ଦିଗରେ କାର୍ଯ୍ୟ ବିଳମ୍ବ ନକରି ରାସ୍ତାର ଉଭୟ ପାର୍ଶ୍ୱର ୪/୫ ଟି ଲେଖାଏଁ ଟାୱାରର ଉଚ୍ଚତା ବଢାଇଲେ ଏନଏଚ ୪୯ର ଅଞ୍ଚାର,କାଇପୁର ନାଳ ଏବଂ ତେନ୍ତୁଳି ପାର୍କ ନିକଟରେ ଥିବା ଉଚ୍ଚଶକ୍ତି ବିଦ୍ୟୁତ ଲାଇନ ଯୋଗୁଁ ଉପୁଜୁଥିବା ବିପଦ କେତେକାଂଶରେ ଲାଘବ ହୋଇପାରିବ । ଏନ୍‌ଏଚ୍ ଉପରେ ଯାତାୟାତ କରୁଥିବା ଯାନବାହାନ ଗୁଡିକର ସୁରକ୍ଷା ବ୍ୟବସ୍ଥା ନକଲେ ଭବିଷ୍ୟତରେ ଏଠାରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଲେ ଏନ୍‌ଏଚ୍ ଏଆଇ ଦାୟୀ ହେବ ବୋଲି ମତପ୍ରକାଶ ପାଇଛି ।

# ବାପା ଛେଉଣ୍ଡ ଦୁଇ ନାବାଳକଙ୍କୁ ସହାୟତା




ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ମଙ୍ଗାପୋଖରୀ ଘଟଣା । ସତରେ ଦୁଃଖ କଣ ଏମିତି ବି ଆସେ । ବାପା ମା' ମୃତ୍ୟୁ ପରେ ଅସହାୟ ଓ ବେସାହାରା ହୋଇପଡିଛନ୍ତି ଦୁଇ ନାବାଳକ ପିଲା । ମୁଣ୍ଡ ଉପରୁ ଚାଲିଯାଇଛି ବାପା ମାଆର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ । ପରିବାର କହିଲେ ସୃଷ୍ଟିଧର ସିଂ, ଧର୍ମପତ୍ନୀ ସିମା ସିଂ ଓ ଦୁଇପୁଅ । ପ୍ରଥମେ ଆଠବର୍ଷ ପୂର୍ବେ ବାପା ହୃଦଘାତରେ ଜୀବନ ଚାଲିଗଲେ । ତଥାପି ମାଆ ସିମା ସିଂ ଦୁଇପୁଅକୁ ବଡ ମଣିଷ କରିବା ପ୍ରୟାସରେ ନିଜେ କାମ ଧନ୍ଦା କରି ବେଶ ହସ ଖୁସିରେ ପରିବାର ଚଳାଇ ଆସୁ ଥିଲେ । ହଠାତ୍ ଯେମିତି ଏ ପରିବାରକୁ ଦୁଃଖର କଳାବାଦଲର ଛାଇ ଘୋଟି ଆସିଲା ।କିଛି ଦିନ ତଳେ ମାଆ ଶ୍ରମିକ ଭାବରେ କାର୍ଯ୍ୟ କରୁ କରୁ ହୃଦଘାତରେ ଜୀବନ ଚାଲିଗଲା । ଏବେ ବଡ ପୁଅ ଅନୁପ ସିଂ ଓ ସାନ ପୁଅ ସନୁ ସିଂ ବାପାମାଆ ଛେଉଣ୍ଡ ହୋଇ ଯାଇଛନ୍ତି । ମାଆର ଅନ୍ତେଷ୍ଟିକ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ । ଏହି ଘଟଣାଟି ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିରେ ଘଟିଛି । ଏ ହୃଦୟ ବିଦାରକ ଦୃଶ୍ୟ ସେଠାକାର ଅଞ୍ଚଳବାସୀ ଖବର ଦେବା ପରେ ହେଲ୍ପ ଫର ୟୁ ଫାଉଣ୍ଡେସନ ସେଠାରେ ଉପସ୍ଥିତ ହୋଇ ଜନ ସେବାକୁ ମହାନ ବ୍ରତ ବୋଲି ଭାବି ନିଃସ୍ୱାର୍ଥପର ଭାବନା ରଖି ସଂଗଠନ ର ସମସ୍ତ ସଦସ୍ୟ ସଦସ୍ୟାମାନେ ମିଶି କିଛି କିଛି ଆର୍ଥିକ ସହାୟତାରେ ମାଆର ଅନ୍ତେଷ୍ଟିକ୍ରିୟା ପାଇଁ ୫ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଦୁଇ ପିଲା ପାଇଁ ପାଠ୍ୟ ସାମଗ୍ରୀ, ରେସନ, ପନିପରିବା, ନୂତନ ବସ୍ତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତି । ହେଲ୍ପ ଫର ୟୁ ଫାଉଣ୍ଡେସନ ସଂଗଠନର ମହାନତା ଜୀବନର ମୂଲ୍ୟବୋଧତାକୁ ବୁଝାଇ ଦେଉଛି ଯେ ନିଜ ପାଇଁ ନୁହେଁ ବରଂ ଅନ୍ୟର ଖୁସି ପାଇଁ ବଞ୍ଚିବାଟା ହିଁ ଜୀବନ ହୋଇ ଥାଏ । ସଂଗଠନର ଏଭଳି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି ।

# ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି । ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ଦିନ ମେ ମାସ ୧୨ ତାରିଖକୁ ବିଶ୍ୱରେ ଆନ୍ତର୍ଜାତୀୟ ସେବିକା ଦିବସ ରୂପେ ପାଳନ କରାଯାଇଥାଏ । ଆନ୍ତର୍ଜାତୀୟ ସେବିକା ଦିବସ ୨୦୨୫ ର ମୁଖ୍ୟ ଉଦ୍ଦେଶ୍ୟ ଆମ ସେବିକା ଆମ ଭବିଷ୍ୟତ ବିଷୟବସ୍ତୁ ଉପରେ ଆଧାରିତ । ଏହି ପରିପ୍ରେକ୍ଷୀରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମଧ୍ୟ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ନର୍ସିଂ ସିଷ୍ଟର ଅହଲ୍ୟା ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷିକା ଡ଼ ଅନିତା ସିଂ ଯୋଗ




ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ, ଡ ଲକ୍ଷ୍ମୀକାନ୍ତ ମହାନ୍ତ, ଡ ବିରଶ୍ୱର ଜ୍ୟୋତିଷୀ ଯୋଗ ଦେଇ ନର୍ସିଂ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସର ରେ ମୁଖ୍ୟ ନର୍ସିଂ ସିଷ୍ଟର ଭୁବନେଶ୍ୱରୀ ମହାନ୍ତ ଉପସ୍ଥିତ ରହି ଦିବସର ସ୍ୱାତନ୍ତ୍ର୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ନିଜର ଅଭିଭାଷଣ ରଖିଥିଲେ । ପରେ ତାଙ୍କୁ ସେବିକାମାନଙ୍କ ପକ୍ଷରୁ ଶ୍ରେଷ୍ଠ ସେବିକା ଭାବେ ସମ୍ମାନିତ କରଯାଇଥିଲା । ସମସ୍ତ ସେବିକା ଗଣ ଏହି ଅବସରରେ ରୋଗୀଙ୍କୁ ଉପଯୁକ୍ତ ସେବା ଶୁଶ୍ରୁଷା ପ୍ରଦାନ ପାଇଁ ଶପଥପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସେବିକା ଅମିନି ସୋମ୍ୟକାନ୍ତି ମହାନ୍ତ, ମମତା ପ୍ରିୟଦର୍ଶିନୀ ଦାସ ତଥା ସମସ୍ତ ସେବକ ସେବିକା ସହଯୋଗ ପ୍ରଦାନ କରିଥିଲେ ।

# ଚନ୍ଦନ ଉତ୍ସବ ଉଦ୍‌ଯାପିତ

## ଶେଷଦିବସରେ ୫ ହଜାରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତର ଗୋପାଳପୁର ଗ୍ରାମର କଟକ ପାରାପଦ୍ମୀ ରାସ୍ତା ପାର୍ଶ୍ୱରେ ଥିବା ଚନ୍ଦନ ପୁଷ୍କରିଣୀରେ ଅନୁଷ୍ଠିତ ହେଉଥିବା ଯାଦବେନ୍ଦ୍ରନାଥଙ୍କ ଚନ୍ଦନ ଉତ୍ସବର ସୋମବାର ଉଦ୍‌ଯାପନ ହୋଇଯାଇଛି । ଶେଷଦିନରେ ୫ହଜାରରୁ ଉର୍ଦ୍ଧ୍ୱଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା ।ଏଥିରେ ଜଗତସିଂହପୁରର ପୂର୍ବତନ ସାଂସଦ ଡା.ରାଜଶ୍ରୀ ମଲ୍ଲିକ ଯୋଗଦେଇ ପ୍ରଭୁଙ୍କ ଜଳକ୍ରୀଡାକୁ ଦର୍ଶନକରି କୃତାର୍ଥ ହୋଇଥିଲେ । ପୂର୍ବତନ ଲେବର ଇନିସପେକ୍ଟର ରତନ କୁମାର ହାଜେରା, ରେଳବାଇର ଇଂଜିନିୟର କିଶୋର କୁମାର ନାୟକ ଉପସ୍ଥିତ ରହି ପ୍ରଭୁଙ୍କ ଏହି ଅଲୌକିକ ଲୀଳାକୁ ଦେଖିଥିଲେ ।ଏହିଉପଲକ୍ଷେ ଶେଷ ସନ୍ଧ୍ୟାରେ ବାଦାମବାଡି ସାଗର ମେଲୋଡିପାର୍ଟିର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ସଂଗୀତ ମୂର୍ଚ୍ଛନାରେ ଝୁମିଥିଲେ ଦର୍ଶକ । ଏଥିରେ



୫ ଦିନବ୍ୟାପି ସହଯୋଗ ପ୍ରଦାନ କରିଆସୁଥିବା ରଘୁନାଥପୁର ପୋଲିସ ବାହାନି, ଅଗ୍ନିଶମବାହିନୀ,ବିଦ୍ୟୁତ ବାହିନୀ ଓ ଗଣମାଧ୍ୟମ ମାନଙ୍କୁ ଚନ୍ଦନକମିଟି ର ଉପଦେଷ୍ଟା ଭାବଗ୍ରାହୀ ସାହୁ, ଦେବାଶିଷ ବୋଷ,ସଭାପତି ରତନସିହ୍ନା, ଉପସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ,ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାୟ,ସହ ସମ୍ପାଦକ ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ପଦ୍ମନାଭ ସାହୁ, ସଂଯୋଜକ କେଦାର ନାଥ ସାହୁ, ଭାସ୍କର ପଟ୍ଟନାୟକ,ରାଜେଶ ସାହୁ, ଶିବ ସାହୁ,ଶିଶିର କୁମାର ସାହୁ, ତପନ ସିହ୍ନା,କାର୍ତ୍ତିକ ଦାସ,ପଞ୍ଚୁ ଦାସ, ହରେକୃଷ୍ଣ ବୋଷ,ଶିବ ସାହୁ, ସାଇତନ ରାୟ, ବିଜୟ ସାହୁ, ସଂଜୟ ଦାସ,ମୁନା ମାନସ, ରାମଚନ୍ଦ୍ର ବେହେରା, କୈଳାସ ସାହୁ,ଯୁଧିଷ୍ଠିର ରାୟ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି । ଏଥିରେ ମୁରଲୀ ବେହେରା ଓ ରୁଦ୍ର ବେହେରା ସହଯୋଗ କରିଥିଲେ ।

# ବିଲ୍ଡରଙ୍କ ନାମରେ ସରକାରୀ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ତହସିଲ ଅନ୍ତର୍ଗତ ବ୍ରାହ୍ମଣ ଝରିଲୋ ଆର.ଆଇ ସର୍କଲ ଅଧୀନ ବାଟପୁରଣ ଗ୍ରାମରେ କ୍ରିଷ୍ଣା କଷ୍ଟ୍ରକ୍ସନ ନାମକ ଜଣେ ବିଲ୍‌ଡର୍ ସରକାରୀ ଗୋଚର ଜମିରେ ତାଙ୍କ ଆପାର୍ଟମେଣ୍ଟକୁ ରାସ୍ତା ନିର୍ମାଣ କରିଥିଲେ ଏ ସମ୍ପର୍କରେ ଗ୍ରାମବାସୀ ଲିଖିତ ଆକାରରେ ରାଜସ୍ୱ ବିଭାଗ ଉଚ୍ଚ ପଦାଧିକାରୀଙ୍କୁ ଜଣାଇବା ପରେ ଗତ ବର୍ଷକ ଭିତରେ ବାରଙ୍ଗ ତହସିଲଦାର ଆସି ରାସ୍ତା ଉଚ୍ଛେଦ କରିଥିଲେ । ସମ୍ପୃକ୍ତ ବିଲଡର ଜଣକ ଗ୍ରାମ୍ୟ କମିଟିଙ୍କ ଦ୍ୱାରସ୍ଥ ହୋଇ ଗାଁ ଠାକୁର ଘରକୁ ମୋଟା ଅଙ୍କରେ କିଛି ଅର୍ଥ ପ୍ରଦାନ କରିଥିଲେ । ଗ୍ରାମ ଲୋକଙ୍କ ମଧ୍ୟରେ ଦୁଇ ଭାଗ ହୋଇ କୋର୍ଟ କଚେରି ଥାନା ଫାଣ୍ଡିରେ କେଶ ମାମଲା ମାନ ବିଚାରାଧୀନ ରହିଅଛି । ଗ୍ରାମର କିଛି ଲୋକ ପୁନର୍ବାର ରାସ୍ତା ଉଚ୍ଛେଦ ନେଇ ଉଚ୍ଚ ପଦସ୍ଥ ଅଧିକାରୀ ଓ କଟକ ଜିଲ୍ଲାପାଳଙ୍କ ପାଖେ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳଙ୍କ ଆଦେଶ ମୁତାବକ ବାରଙ୍ଗ ତହସିଲଦାରଙ୍କ ନିର୍ଦ୍ଦେଶ ମତେ ୧୩ ତାରିଖ ମଙ୍ଗଳବାର ସକାଳ ୧୦ ଟା ସୁଦ୍ଧା ବାରଙ୍ଗ ।ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା ବ୍ରାହ୍ମଣଝରିଲୋ ଆର.ଆଇ ସ୍ମୃତି ରଞ୍ଜନ ମହାପାତ୍ର ଓ କର୍ମଚାରୀ ଏବଂ ସଦର ଥାନା ପୋଲିସ ସହ ପୁନର୍ବାର ବିଲ୍‌ଡର୍ ରାସ୍ତା ନିର୍ମାଣ କରିଥିବା ସ୍ଥାନରେ ପହଞ୍ଚି ଜେ.ସି.ବି ମେସିନ ସାହାଯ୍ୟରେ ରାସ୍ତା କୁ ତାଡି ଯିବା ଆସିବା ବାଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିଲେ ।

# ବୟସ୍କ ଓ ଦିବ୍ୟାଙ୍ଗ ଔଷଧ ବିତରଣ କେନ୍ଦ୍ର ବନ୍ଦ

## ■ ସମସ୍ୟାଘେରରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଉପରେ ପଡୋଶୀ ଜିଲ୍ଲାମାନଙ୍କର ଅନେକ ବ୍ଲକ୍ ଓ ଝାଡ଼ଖଣ୍ଡ ରାଜ୍ୟର ଲୋକେ ନିର୍ଭର କରନ୍ତି । ତେଣୁ ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁବେଳେ ରୋଗୀ ଗହଳି ଲାଗି ରହିଥାଏ । କିନ୍ତୁ ଏହି ଅନୁଷ୍ଠାନର ନୂତନ ବିଲ୍ଡିଂ ହେବା ପରେ ଗୋଟେ ପରେ ଗୋଟେ ସେବା ଅବହେଳିତ ହେବାର ଦେଖାଯାଉଛି । ଏଠାରେ ରୋଗୀ କ୍ୟାବିନ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଛି । କର୍ମଚାରୀ ପ୍ରଶିକ୍ଷଣ ପରେ ମାନସିକ ରୋଗ ବିଭାଗରେ ରୋଗୀଙ୍କ ଲାଗି ଶଯ୍ୟା ନାହିଁ କି ରକ୍ତ ଭଣ୍ଡାରରେ ରକ୍ତ ପୃଥକୀକରଣ ମେସିନ ଖତ ଖାଉଛି । କଥା କଥାକେ ତେଣୁ ରୋଗୀ କଟକ ରେଫର ହୋଇଯାଆନ୍ତି । ଜିଲ୍ଲାର ବଡ଼ ଡାକ୍ତରଖାନାରେ ରୋଗୀଙ୍କ ସମସ୍ୟା ସହ ଅନେକ ସମସ୍ୟା ରହିଛି ଏକ୍ସରେ ଓ ସିଟି ସ୍କାନ ଲାଗି ଡିଜି ମେସିନ କାମ ଦେଉନି । ଏହି ସବୁ ସମସ୍ୟା ଦେଖି କେନ୍ଦୁଝର ସିଟିଜେନ୍ କମିଟି ପକ୍ଷରୁ ଦିଲୀପ କୁମାର ସାହୁ ଆସି ବୁଲି ଦେଖି ଅଭାବ ଅସୁବିଧାର ଚିଠା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ସମାଧାନ ଲାଗି ଦେଇଥିଲେ । ଏଥିରେ ଭିତର ଔଷଧ ବିତରଣ କାଉଣ୍ଟର ତୁରନ୍ତ ପୁଣି ଖୋଲିବାକୁ ଦାବି କରିବା ସହ ମୁଖ୍ୟ ଔଷଧ ବିତରଣ କେନ୍ଦ୍ରର ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ କାଉଣ୍ଟର ସବୁ ବେଳେ ଖୋଲିବାକୁ କୁହାଯାଇଥିଲା ।




ହେଲେ ବଡ଼ ଦୁଃଖର କଥା ଏବେ ନୂତନ ଧରଣୀଧର ମେଡିକାଲ କଲେଜରେ ରୋଗୀ ଶଯ୍ୟା ବ୍ୟବସ୍ଥା ଚାଲୁ ହେବାପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅବହେଳା କରି ବୟସ୍କ ଓ ଦିବ୍ୟାଙ୍ଗ ଔଷଧ ବିତରଣ କାଉଣ୍ଟର ପୁରା ବନ୍ଦ କରିଦିଆ ଯାଇଛି । ପୂର୍ବରୁ କେବେ ବନ୍ଦ ହୋଇ ନଥିବା ଏହି କାଉଣ୍ଟର ବନ୍ଦ ହେବାରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମାନେ ଆଜି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ । ଅନେକ ବାଧ୍ୟ ହୋଇ ସାଧାରଣ ଲୋକଙ୍କ ସହ ଔଷଧ ନେବାକୁ ଠିଆ ହୋଇଥିଲେ । ତେବେ ଏଥିଲାଗି ମେଡିକାଲ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଷ୍ଟାଫ୍ ନାହାନ୍ତି କହିଥିଲେ । ତେବେ ଷ୍ଟାଫ୍ ନିଯୁକ୍ତି ହେଲେ ଏହି କାଉଣ୍ଟର ଖୋଲା ହେବ ବୋଲି କୁହାଯାଇଛି ଯାହାକୁ ସମାଜସେବୀ ଦିଲୀପ କୁମାର ସାହୁ ତୀବ୍ର ପ୍ରତିବାଦ କରିଛନ୍ତି । ଖରାଦିନେ ଏହିପରି ଅବ୍ୟବସ୍ଥା ଲାଗି ସେ ପ୍ରଶାସନକୁ ଦାୟୀ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି । ଏଥିସହ ଏହି ଔଷଧ ବିତରଣ କାଉଣ୍ଟର ତୁରନ୍ତ ନଖୋଲିଲେ ମେଡିକାଲ ସାମ୍ନାରେ ଧାରଣା ପ୍ରତିବାଦ କରିବେ କହିଛନ୍ତି ।

# ହିନ୍ଦୁ ଓ ମୁସଲମାନ ଭାଇମାନଙ୍କ ସଦ୍‌ଭାବନା ସଭା ଓ ଶ୍ରଦ୍ଧାଞ୍ଜଳି



ଫୁଲନଖରା(ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ସଦର ଥାନା ବ୍ରାହ୍ମଣଝରିଲୋ ବଜାର ଠାରେ ୧୧ ତାରିଖ ସନ୍ଧ୍ୟାରେ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ଏକ ସଦ୍‌ଭାବନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଂଚଳର ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ହିନ୍ଦୁ ଓ ମୁସଲମାନ ଭାଇ ମାନେ ଏକାଠି ହୋଇ କାଶ୍ମୀରର ପହଲଗାମରେ ପାକିସ୍ତାନର ସନ୍ତ୍ରାସବାଦୀଙ୍କ ଗୁଳିକାଣ୍ଡରେ ୨୬ ଗୋଟି ପର୍ଯ୍ୟଟକ ପରିବାରଙ୍କର ମୃତ୍ୟୁ ଘଟିଥିଲା । ପାକିସ୍ତାନର ଏପରି କାର୍ଯ୍ୟକୁ ସଭାରେ ନିନ୍ଦା କରାଯିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ପଦକ୍ଷେପ ନେଇଛନ୍ତି ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କୁ ସ୍ୱାଗତ କରିଥିଲେ । ମୃତ ସହିଦ ପରିବାରକୁ ମିଳିତ ଭାବରେ ସମବେଦନା ଜଣାଇବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବୈଠକରେ ଭାରତ ମାତା କି ଜିନ୍ଦାବାଦ ପାକିସ୍ତାନ ମୁର୍ଦ୍ଦାବାଦ ହିନ୍ଦୁ ମୁସଲମାନ ଭାଇ ମାନେ ଏକ ସ୍ୱରରେ ସ୍ଲୋଗାନ ଦେଇଥିଲେ । ଶହୀଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହି ବୈଠକରେ ସାମ୍ବାଦିକ ଲଳିତ କୁମାର ଦାଶ, ଭବାନୀ ଶଙ୍କର ପାତ୍ର , ଅମିତ ପରିଡ଼ା, ଧୀରେନ୍ଦ୍ର ସାହୁ, ଶଶୀଭୂଷଣ ଦାଶ, ଗୁରୁପ୍ରସାଦ ମହାପାତ୍ର, ସତ୍ୟରଞ୍ଜନ ଦାସ ମହାପାତ୍ର, ସନାତନ ପରିଡ଼ା, ଶାହନମାଜ ଖାଁ ,ସୁରେନ୍ଦ୍ର ଛୋଟରାୟ, ଯୁଧିଷ୍ଠିର ପରିଡ଼ା,ବଂଶୀଧର ଭୋଳ , ପ୍ରଦ୍ୟୁମ୍ନ ପତି,ଚନ୍ଦ୍ରମଣି ପ୍ରଧାନ, କୈଳାଶ ଚନ୍ଦ୍ର ବେହେରା,ରମେଶ ଚନ୍ଦ୍ର ପ୍ରଧାନ,ଶେଖ କଲିମୁଦ୍ଦିନ,ଶୈଳଜାନନ୍ଦ ସାହୁ, ଲକ୍ଷ୍ମୀଧର ମହାପାତ୍ର ,ବଙ୍ଗାଳି ପରିଡ଼ା, ହଂସନାଥ ସାହୁ,ଅଶ୍ୱିନୀ ମହାପାତ୍ର, ଅନୁପ ସାସମଲ,ପ୍ରତାପ ଚନ୍ଦ୍ର ପଣ୍ଡା, କୈଳାଶ ଚନ୍ଦ୍ର ସାହୁ, ମହମ୍ମଦ ଗୋଲାମୁଦ୍ଦିନ,ଜାହାଙ୍ଗୀର ଖାଁ, ଶେଖ ଆଲ୍ଲାଉଦ୍ଦିନ ଖାଁ, ଚାହିର ଖାଁ, ମହମ୍ମଦ ହେତାଏଲ ଅଲ୍ଲୀ, ତାହିର ଖାଁ, ଶେଖ ଗୁଲାମ ରସୁଲ,ଶେଖ ଆଲ୍ଲାଉଦ୍ଦିନ, ଶେଖ ଗୁଲାମ ନବୀ, ଶେଖ ଲିୟାକତ୍,ଶେଖ ବାବୁ ,ଶେଖ ଜୁବଲା,ଶେଖ ସୋନୁ,ଶେଖ ହବିବ, ଶେଖ ଇରମାନ,କବିତା ପାତ୍ର,ଅର୍ଚ୍ଚନା ତ୍ରିପାଠୀ,କମଳିନୀ ଜେନା ପ୍ରମୁଖ ୧୦୦ ରୁ ଉର୍ଦ୍ଧ୍ୱ ଯୋଗ ଦେଇ ଇଂ ଶ୍ରୀ ତ୍ରିପାଠୀ ଓ ଲଳିତ କୁମାର ଦାଶ ଙ୍କୁ ଏପରି କାର୍ଯ୍ୟକ୍ରମ କରି ସମସ୍ତଙ୍କୁ ଡାକିଥିବାରୁ ଧନ୍ୟବାଦ ଦେଇଥିଲେ ।

# ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ଦାବିପତ୍ର

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ଅନ୍ତର୍ଗତ ଡିହକରଡ଼ା ଠାରୁ ଡିଆକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ କିଛି ମାସ ପୂର୍ବେ ତଦାରଖ କରିଥିବା ବେଳେ ରାସ୍ତା କାର୍ଯ୍ୟ କିନ୍ତୁ ଅଗ୍ରଗତି ହୋଇପାରୁନି । ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ତାଳଦା ପଂଚାୟତ ଡିହକରଡ଼ା ଠାରୁ ଡିଆ ପର୍ଯ୍ୟନ୍ତ ନିମାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ ଙ୍କ ତଦାରଖ ସହ ଠିକାଦାର କାମ କରିବାକୁ ଚୁକ୍ତିନାମା କରିଛନ୍ତି । କିନ୍ତୁ ସଂଯୋଗୀକରଣ ମଧ୍ୟରେ କିଛି ସ୍ଥାନ ଜମିଜମା ସମସ୍ୟା ଥିବାରୁ ରାସ୍ତା ନିର୍ମାଣ ହୋଇପାରୁନି ଅଥବା ରାସ୍ତା ନିର୍ମାଣ ପାଇଁ ବାଧକ ସାଜୁଛି ଜମିଜମା ସମସ୍ୟା । ଯାହାଫଳରେ ବର୍ଷା ଦିନ ହେଉ ଅବା ଅନେକ ସମୟରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା । କାରଣ ଆଗକୁ ବର୍ଷା ଦିନ ଆସୁଛି ତୁରନ୍ତ ଯାହା କିଛି ସମସ୍ୟା ରହିଛି ସମସ୍ୟା ଦୂର କରି ରାସ୍ତା ନିର୍ମାଣ ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଏ ନେଇ ସ୍ଥାନୀୟ ଅଧିବାସୀଙ୍କ ସହ ତାଳଦା ପଂଚାୟତବାସୀ ମଙ୍ଗଳବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାସ୍ତା ସମସ୍ୟା ଦୂର କରିବା ପାଇଁ ଏକ ଲିଖିତ ଦାବିପତ୍ର ତହସିଲଦାରଙ୍କୁ ଦେଇଛନ୍ତି । ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି ବୁଧବାର ତାଳଦା ପଂଚାୟତରେ ରାସ୍ତା ସମସ୍ୟା ଥିବା



ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିବା ସହ କେଉଁ ପ୍ରକାର ଜମିଜମା ସମସ୍ୟା ରହିଛି ଅନୁଧ୍ୟାନ କରିବେ । ଦାବୀ ପତ୍ର ଦେବା ସମୟରେ ତାଳଦା ପଂଚାୟତ ର ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ରଞ୍ଜନ ସେଠୀ,ଦିବାକର ସାହୁ, ରାଜା ମହାନ୍ତି, ନିରଞ୍ଜନ ବିଶ୍ୱାଳ, ସୁଧୀର ସ୍ୱାଇଁ, ପ୍ରଫୁଲ୍ଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭତ୍ତାରୁ ବଞ୍ଚିତ ୭୦ ବର୍ଷୀୟା ବାଗି ଶବର

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍):ଗଜପତି ଜିଲାର ମୋହନା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ୭୦ ବର୍ଷୀୟା ବାଗି ଶବରଙ୍କ ଜୀବନ ଏକ ଦୁଃଖଦ ପରିହାସର ଶିକାର ହୋଇଛି । ତାଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି, ମାତ୍ର ୧୦୦୦ ଟଙ୍କାର ଭତ୍ତା ସଂଗ୍ରହ କରିବା ପାଇଁ ୫୦୦ରୁ ୬୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହାର କାରଣ ହେଉଛି ପୁରୁଣା ସରକାରୀ ରେକର୍ଡ । ୧୦ ବର୍ଷ ପୂର୍ବରୁ ସ୍ୱାମୀ ସୁରତନା ଶବରଙ୍କ ସହ ଆର.ଉଦୟଗିରି ବ୍ଲକ ଛେଲାଗଡ ପଞ୍ଚାୟତରେ ରହୁଥିଲେ ବାଗି । ସ୍ୱାମୀଙ୍କ ମୃତ୍ୟୁ ପରେ ସେଠାରେ ବିଧବା ଭତ୍ତା ପାଉଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ବାଗି ନିଜ ପୁଅ ମାନଙ୍କ ପାଖରେ ଆଶ୍ରୟ ନେବାକୁ ଗାଁକୁ ଆସିଲେ । ହେଲେ ପୁଅମାନେ ମା'କୁ ପଚାରୁନାହାନ୍ତି । ଦୀର୍ଘ ୮ ବର୍ଷ ହେଲାଣି ବାଗି ନିଜ ଗାଁରେ ରହି ଆସୁଛନ୍ତି । ସେ ଗୋବିନ୍ଦପୁର ପଞ୍ଚାୟତରେ ଚାଉଳ ପାଉଥିବା ବେଳେ ଭତ୍ତା ପାଇଁ ୬୦ କିମି ଦୂର ଆର. ଉଦୟଗିରି ବ୍ଲକ ଛେଲାଗଡ ପଞ୍ଚାୟତକୁ ଯାଉଛନ୍ତି । ହଜାରେ ଟଙ୍କା ପାଇବା ପାଇଁ ୫ ଶହ ଟଙ୍କା ଖର୍ଚ୍ଚ କରୁଛନ୍ତି ବାଗି । ପ୍ରତି ମାସରେ ଏହି ଦୁର୍ବଳ ୭୦ ବର୍ଷୀୟା ମହିଳା ୬୦ କିଲୋମିଟରର କଷ୍ଟଦାୟକ ଯାତ୍ରା କରି ଭତ୍ତା ସଂଗ୍ରହ କରନ୍ତି । ଗୋବିନ୍ଦପୁରରେ ଘରେ ପହଞ୍ଚିବା ସମୟରେ, ଯାତାୟାତ ଖର୍ଚ୍ଚରେ ଅଧିକାଂଶ ଟଙ୍କା ଖର୍ଚ୍ଚ ହୋଇଯାଇଥାଏ । ଗୋବିନ୍ଦପୁରରେ ରାସନ ସୁବିଧା ପାଇଁ ନାମ ପଞ୍ଜିକୃତ ହୋଇଥିଲେ ମଧ୍ୟ, ତାଙ୍କ ପେନସନ ରେକର୍ଡ ଅପରିବର୍ତ୍ତିତ ରହିଛି । ସେ ନିଜ ଗାଁରୁ ଚାଉଳ ପାଉଥିବାବେଳେ, ଦୂର ବ୍ଲକରୁ ପେନସନ ସଂଗ୍ରହ କରିବା ପାଇଁ ତାଙ୍କୁ ଅନେକ କଷ୍ଟ ଓ ଯନ୍ତ୍ରଣା ସହିବାକୁ ପଡୁଛି ।



# ବିକଶିତ ଗାଁ ବିକଶିତ ଓଡ଼ିଶା'ଶୁଭାରମ୍ଭ

କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ପଞ୍ଚାୟତ ନିମିଡ଼ି ଗ୍ରାମରେ ମା' ନାରାୟଣୀଙ୍କ ପୀଠରେ ଆନନ୍ଦ ବଜାର ନିର୍ମାଣ ନିମନ୍ତେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୮ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି । ଏକ ବିରାଟ ଶୋଭାଯାତ୍ରାରେ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ପାରାଦ୍ୱୀପ ଗଡ଼ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଓ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।ଦୀର୍ଘ ଦିନ ଧରି ନୀମିଡ଼ି ଗ୍ରାମବାସୀମାନେ ଏହି ନିର୍ମାଣ ନିମନ୍ତେ ସରପଞ୍ଚ ଓ ଶିଳ୍ପମନ୍ତ୍ରୀଙ୍କ ନିକଟରେ ଦାବି କରି ଆସୁଥିଲେ ।ମାତ୍ର ଦୀର୍ଘ ଦିନର ଦାବୀ ପୁରଣ ହୋଇଥିବାରୁ ନିମିଡ଼ି ଗ୍ରାମବାସୀ ମନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜୟନ୍ତ ସେନାପତି,ମନୋଜ ରାଉତ, ପ୍ରକାଶ ସ୍ୱାଇଁ, ବାବୁଲି ନାୟକ, କ୍ଷୀରୋଦ ପଲାଇ, ଗଗନ ବିହାରୀ ରାଉତ,ଦିଲ୍ଲୀପ ବେହେରା,ଭାସ୍କର ସାହୁ ଓ ଚନ୍ଦ୍ର ଶେଖର ଚୌଧୁରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





କଟକ,(ଭାସ୍କର ନ୍ୟୁଜ୍): ଥଇଥାନ ଦାବି ନେଇ ଜଗନ୍ନାଥ ରୋଡ଼ ବସ୍ତିବାସିନ୍ଦାଙ୍କ ପକ୍ଷରୁ ସିଏମସି ମେୟରଙ୍କୁ ୨ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।ମଙ୍ଗଳବାର ଜଗନ୍ନାଥ ରୋଡ଼ ବସ୍ତିରେ ଦୀର୍ଘ ଦଶନ୍ଧି ଧରି ଦିନ ମଜୁରିଆ ତଥା ଶ୍ରମଜୀବୀମାନେ କୁଡ଼ିଆ କରି ରହି ଆସୁଛନ୍ତି । ବସ୍ତିବାସିନ୍ଦାଙ୍କ ପକ୍ଷରୁ ବହୁବାର ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜାଗା ମିଶନରେ ସେହି ସ୍ଥାନରେ ଥଇଥାନ ପାଇଁ ଦାବି କରାଯାଇଛି ମାତ୍ର ବସ୍ତିବାସିନ୍ଦାଙ୍କ ପାଇଁ କୌଣସି ଯୋଜନା କରା ଯାଉନାହିଁ। ଆଜି ବସ୍ତିବାସିନ୍ଦାଙ୍କ ପକ୍ଷରୁ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତି ନେତା ଦୀପକ ଦାସ, ସୁକାନ୍ତ ନାୟକ, ଲକ୍ଷ୍ମୀ ସିଂହ, ଉଦୟ ଟୁଡୁ ପ୍ରମୁଖ ମେୟରଙ୍କ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ବିଭିନ୍ନ ନୂତନ ଯୋଜନା ଉପରେ ଆଲୋଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା, ବିଭାଗମାନଙ୍କରେ ଖାଲିଥିବା ପଦବୀ ପୂରଣ, ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନ, ସଚିବମାନଙ୍କ ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣ ସହିତ ସଂପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ

## ଗରମ ଓ ଗୁଳୁଗୁଳିରେ ୨୮୨ ଅସୁସ୍ଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗରମ ଓ ଗୁଳୁଗୁଳିରେ ଏପର୍ଯ୍ୟନ୍ତ ୨୮୨ ଜଣ ଅସୁସ୍ଥ ହେଲେଣି । ତେବେ ଜଣେ ବି ମେଡିକାଲରେ ଭର୍ତ୍ତି ହୋଇ ନାହାନ୍ତି ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗୀରରେ ଜଣେ ରୋଗୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ହେଲେ ସମ୍ପୂର୍ଣ୍ଣ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ସମ୍ବଲପୁରରେ ସର୍ବାଧିକ ୮୩ ଜଣ ଅସୁସ୍ଥ ହୋଇଛନ୍ତି। ସେହିପରି ଝାରସୁଗୁଡାରେ ୭୨, ମୟୁରଭଞ୍ଜରେ ୪୨, ଦେଓଗଡରେ ୧୫, ବାଲେଶ୍ୱରରେ ୨୪, ସୋନପୁରରେ ୧୭ଜଣ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅସୁସ୍ଥ ହୋଇଛନ୍ତି। ଖଣି ଅଂଚଳରେ ଟ୍ରକ ଭିତରେ ଡ୍ରାଇଭରଙ୍କୁ ନ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ୧୧୦ଟା ପରେ ଖରାକୁ ନ ବାହାରିବା, ବାହାରକୁ ଗଲେ ଛତା ଓ ମୁଣ୍ଡରେ ଗାମୁଛା ଦେଇ ଯିବା ଏବଂ ଓଆରଏସ୍ କିମ୍ବା ତୋରାଣି ଭଳି ପାନୀୟ ପିଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ବୀର ଯୋଦ୍ଧାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ ମନୋବଳ ଦୃଢ଼ କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦମପୁର ଏୟାରବେସ୍ ପରିଦର୍ଶନ କେବଳ ଏକ ଔପଚାରିକତା ନୁହେଁ, ବରଂ ଆମ ବୀର ସୈନିକମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ। ବୀର ଯୋଦ୍ଧାମାନଙ୍କ ସହିତ ତାଙ୍କର ବାର୍ତ୍ତାଳାପ, ରାଷ୍ଟ୍ରରକ୍ଷାରେ ନିୟୋଜିତ ପ୍ରତ୍ୟେକ ସୈନିକର ମନୋବଳକୁ ଦୃଢ଼ କରିବ ବୋଲି ସୋସିଆଲ ସାଇଟ୍ ଏକ୍ସରେ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଆହୁରି ଲେଖିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେଉ, ସୀମାରେ ଉତ୍ତେଜନା ହେଉ କିମ୍ବା କୌଣସି ଜାତୀୟ ସଙ୍କଟ ହେଉ, ପ୍ରତ୍ୟେକ ସଙ୍କଟାପନ୍ନ ସମୟରେ ମୋଦୀଜୀ ସର୍ବଦା ଦେଶବାସୀଙ୍କ ସାଥିରେ ପର୍ବତ ପରି ଠିଆ ହୋଇଛନ୍ତି। ତାଙ୍କ ନେତୃତ୍ୱ, ସମ୍ବେଦନଶୀଳତା ଓ ଦୃଢ଼ ସଂକଳ୍ପ ଆଜି ଭାରତର ସବୁଠାରୁ ବଡ଼ ଶକ୍ତି। ଏଭଳି ଏକ କର୍ମଯୋଗୀ ପ୍ରଧାନମନ୍ତ୍ରୀଙ୍କ ପାଇଁ ସମଗ୍ର ଦେଶ ଗର୍ବିତ।

## ଓପିଏସ୍‌ସି ଓ ଓଏସ୍‌ଏସ୍‌ସିର ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓପିଏସ୍‌ସି ଓ ଓଏସ୍‌ଏସ୍‌ସିର ସଦସ୍ୟ ନିଯୁକ୍ତ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ମିହିର ପ୍ରସାଦ ମିଶ୍ର ଓପିଏସ୍‌ସିର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ମିହିର ପ୍ରସାଦ ମିଶ୍ର ବର୍ତ୍ତମାନ ପୁରୀ ଏସସିଏସ୍ କଲେଜର ଅଧ୍ୟକ୍ଷ ଅଛନ୍ତି। ଆଇଏଏସ୍ ଅଧିକାରୀ ଉଦୟ ନାରାୟଣ ଦାସ ଓପିଏସ୍‌ସିର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଉଭୟଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ସେହିପରି ପ୍ରଫେସର ଶ୍ରୁତି ଦାସ ଓ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁର୍ଗୀଙ୍କୁ ଓଏସଏସସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଉଭୟଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କଟକ,(ଭାସ୍କର ନ୍ୟୁଜ୍): ମହାନଦୀକୂଳରୁ ଏକ ଅଚିହ୍ନା ଶବକୁ ପୋଲିସ ଉଦ୍ଧାର କରିଛି । ଶିଖରପୁର ସ୍ଥିତ କାଳିଆବୁଦା ନିକଟସ୍ଥ ଏକ ଘରୋଇ ସ୍କୁଲ ପଛରେ ଥିବା ମହାନଦୀରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଦେହକୁ ପୋଷ୍ଟମର୍ଟମ ପାଇଁ ବଡ଼ ମେଡ଼ିକାଲକୁ ପଠାଯାଇଛି । ମୃତ ବ୍ୟକ୍ତିର ପରିଚୟ ମିଳିନଥିଲା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଶିକ୍ଷକ ବଦଳି ପାଇଁ ସୁପାରିସ୍ କରିପାରିବେ ସାଂସଦ, ବିଧାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଇ୧୫ରୁ ଜୁନ୍ ୧୫ ମଧ୍ୟରେ ଶିକ୍ଷକ ବଦଳି ହେବ। ଶିକ୍ଷକ ବଦଳି ପାଇଁ ସାଂସଦ କିମ୍ବା ବିଧାୟକ ସୁପାରିସ କରିପାରିବେ। ନିଜ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୫ ଜଣ ଶିକ୍ଷକଙ୍କ ବଦଳି ସୁପାରିସ କରିପାରିବେ ବିଧାୟକ ଓ ସାଂସଦ। ବଦଳି ନେଇ ସେମାନେ ସୁପାରିସ ପତ୍ର ଜିଲ୍ଲାପାଳଙ୍କୁ ଦାଖଲ କରିବେ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଯାଇଛି। ମେ'୧୫ରୁ ଜୁନ୍ ୧୫ ଭିତରେ ବଦଳି ପ୍ରସ୍ତାବ ସହ କାର୍ଯ୍ୟକାରୀ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଆବାସ ପାଇଁ ପଞ୍ଜିକରଣ କଲେଣି ୩୪ରୁ ୩୫ଲକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୪ ରୁ ୩୫ ଲକ୍ଷ ଲୋକ ପିଏମ୍ ଆବାସରେ ପଞ୍ଜୀକରଣ କଲେଣି । ଆବେଦନ ପାଇଁ ମେ ୧୫ ଶେଷ ତାରିଖ । ଏହା ପରେ ବିଭାଗୀୟ ଅଧିକାରୀ ଘର ଘର ବୁଲି ସର୍ଭେ କରିବେ । ସର୍ଭେରେ ଅବହେଳା କଲେ ବିଭାଗୀୟ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ । ୩ ଲକ୍ଷ ଘର ଛାତ ପଡି ସାରିଛି । ୫୦୦ ସ୍ଥାନରେ ଜମି ସମସ୍ୟା ରହିଛି ବୋଲି କହିଛନ୍ତି ରବି ନାଏକ।

## ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଆନ୍ଦୋଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ବନ୍ଦ ରହିଛି ଆମ ବସ୍ ସେବା। ବସ୍ ଡିପୋରେ ବସ ଛିଡ଼ା ରଖି ଆନ୍ଦୋଳନରେ ବସିଛନ୍ତି ଡ୍ରାଇଭର କଣ୍ଡକ୍ଟର। ବିନା କାରଣରେ ପବ୍ଲିକ ଅନେକ ସମୟରେ ଡ୍ରାଇଭର କଣ୍ଡକ୍ଟରକୁ ମାଡ଼ ମାରିବା ଘଟଣା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆମ ବସ୍ ଡ୍ରାଇଭର କଣ୍ଡକ୍ଟର। ରାଜ୍ୟ ସରକାର ଆମକୁ ସୁରକ୍ଷା ଦେଲେ ଆମେ ଗାଡ଼ି ଚଲାଇବୁ ନହେଲେ ଗାଡ଼ି ଗଡିବ ନାହିଁ ବୋଲି କହିଛନ୍ତି ସଂଘ।

## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବିରେ କଂଗ୍ରେସର ଚିଠି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ଚିଠି । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ପହଲାଗାମ ଆକ୍ରମଣ, ଅପରେସନ ସିନ୍ଦୁର ଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସିଜ ଫାୟାର ଘୋଷଣା ନେଇ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଆଲୋଚନା ହେଉ ବୋଲି ଉଲ୍ଲେଖ କରିଛନ୍ତି କାଡାମ ।

## ‘ଜଳାଭାବ ଥିଲେ ଜଳ ଯୋଗାଇ ଦିଆଯିବ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପାନୀୟ ଜଳର ସଙ୍କଟ। ବିଭିନ୍ନ ଅଞ୍ଚଳର ନଦୀନାଳ ଶୁଖି ଯାଇଛି । ଗତବର୍ଷ କମ୍ ବର୍ଷା ହୋଇଛି । ଏଥର ସରକାରଙ୍କ ତରଫରୁ ଚାଷୀଙ୍କୁ ଇନପୁଟ ସବସିଡି ସହ ୩୧୦୦ ଟଙ୍କା ଦିଆଯାଇଛି । ଚାଷୀ ଏହି ଅର୍ଥରେ ଧାନ ଚାଷ କରିଛନ୍ତି । ଚାଷ ପାଇଁ ନଦୀ ନାଳରୁ ପାଣି ଆସିଛି । ଯେଉଁଥିପାଇଁ ଜଳସ୍ତର କମିଯାଇଛି ବୋଲି କହିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ । ୧୦ ହଜାର ୬୦୦ ଟି ଟ୍ୟୁବୱେଲ ଖୋଳା ସରିଛି । ଖୋଳିବା ପାଇଁ ଯନ୍ତ୍ରାଂଶ ଅଭାବ ଅଛି । ପାନୀୟ ଜଳର ଅଭାବ ଅଛି। ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେଉଁଠି ଜଳାଭାବ ଥିବ ସେଠାରେ ଜଳ ଯୋଗାଇ ଦେବେ । ବିଡିଓ, ପିଓ, ଜେଇମାନେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି।

### ଛତିଆରେ ବୋମା ବିସ୍ଫୋରଣରେ ୨ ମୃତ୍ୟୁ ଘଟଣା

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ଛତିଆଠାରେ ଆଜି ବୋମାମାଡ଼ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି । ଗତ ଦୁଇ ସପ୍ତାହ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅଧିକ ବିପର୍ଯ୍ୟସ୍ତ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିବା ସହିତ ରାଜ୍ୟର ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଦାବି ରଖିଛି । ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ପିପିଲି ନିର୍ବାଚନମଣ୍ଡଳୀରେ ଦୁଇଦିନ ତଳେ ଏକ ନାବାଳିକାର ଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି । ସେହିପରି ମଇ ମାସ ପ୍ରଥମ ସପ୍ତାହରେ କୋରାପୁଟ ଜିଲ୍ଲାର ଲମତାପୁଟର ଗୁନେଇପଡା ଏସ୍‌ଟିଏସ୍‌ସି ବାଳିକା ଛାତ୍ରୀ ନିବାସରେ ୮ବର୍ଷ ବାଳିକା ଧର୍ଷଣର ଶିକାର ହୋଇଥିଲା । ଏପ୍ରିଲ ୨୬ରେ ଯାଜପୁର ଜିଲ୍ଲାରେ ଏକ ମହିଳାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଭଳି ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା । ସେହି ଏପ୍ରିଲ ୨୬ ଦିନ ଜଣେ ୨୩ ବର୍ଷର ଦଳିତ ଯୁବତୀଙ୍କୁ ତାଳଚେର ରେଳ ଷ୍ଟେସନ ନିକଟରୁ ଅପହରଣ ଓ ଦୁଷ୍କର୍ମ ପରେ ହତ୍ୟା କରା ଯିବା ପରେ ତାଙ୍କୁ ଏସିଡ ପକାଇ ପୋଡ଼ିଦେବା ଭଳି ନାରକୀୟ କାଣ୍ଡ ଘଟିଥିଲା । ସେ ଆହୁରି କହିଛନ୍ତି, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ରାଜ୍ୟ ସରକାରଙ୍କ ଏଥି ପ୍ରତି ନିଘା ନାହିଁ । ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ଼ ମହାନ୍ତି କହିଛନ୍ତି ।

## ବିଦ୍ୟୁତ୍ ଆଘାତରେ ମା'-ପୁଅଙ୍କ ମୃତ୍ୟୁ ଘଟଣା
## ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦୁଝର ବାଂଶପାଳ ବ୍ଲକରେ ବିଦ୍ୟୁତ ଆଘାତରେ ୨୨ ବର୍ଷୀୟ ମହିଳା ଏବଂ ୨ବର୍ଷର ପୁଅର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ମଣିପାଲ ହସ୍ପିଟାଲରେ ଜଟିଳ ଏଏଏର ସଫଳ ଚିକିତ୍ସା

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ଅବଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ୍ (ଏଏଏ) ଭଳି ଜଟିଳ ରୋଗର ସଫଳ ଚିକିତ୍ସା ହୋଇଛି । ବାଲେଶ୍ୱରରୁ ଆସିଥିବା ଜଣେ ୬୦ ବର୍ଷୀୟ ରୋଗୀ ଜଣଙ୍କ ହଠାତ୍ ପେଟ ଓ ପିଠିରେ ଯନ୍ତ୍ରଣା ହେବାରୁ ତାଙ୍କ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ଏହା ଜଟିଳ ରୋଗର ଲକ୍ଷଣ ଦେଖି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ରିଫର୍ କରାଥିଲେ । ସେଠାରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟରଞ୍ଜନ ବେହେରା ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ପରେ



ଜଣାପଡିଥିଲା ଯେ, ସେ ଅବଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ୍ (ଏଏଏ)ରେ ପୀଡିତ । ଯେଉଁଥିରେ ଶରୀରକୁ ରକ୍ତ ପ୍ରଦାନ କରୁଥିବା ମୁଖ୍ୟ ରକ୍ତନଳୀ ଅବଡୋମିନାଲ୍ ଏଓର୍ଟା ପତଳା ହୋଇ ଏକ ବେଲୁନ୍ ଭଳି ଫୁଲି ଫାଟିଯିବା ପରିସ୍ଥିତିରେ ପହଞ୍ଚିଯାଇଥିଲା । ଏହା ସାଧାରଣତଃ ଆଥ୍ରୋସ୍କ୍ଲୋରିଓସିସ୍ କିମ୍ବା ଜୀବାଣୁ ସଂକ୍ରମଣ କାରଣରୁ ହୋଇଥାଏ । ଠିକ୍ ସମୟରେ ଏହାର ଚିକିତ୍ସା କରାନଗଲେ ଏହି ରକ୍ତନଳୀ ଫାଟି ଅତ୍ୟଧିକ ରକ୍ତସ୍ରାବ ହୋଇ ରୋଗୀର ମୃତ୍ୟୁ ମଧ୍ୟ ହୋଇପାରେ । ଏ ସମ୍ପର୍କରେ ଡାକ୍ତର ଦିବ୍ୟରଞ୍ଜନ ବେହେରା କହିଛନ୍ତି, ଠିକ୍ ସମୟରେ ରୋଗକୁ ଚିହ୍ନଟ କରି ଅତ୍ୟାଧୁନିକ ପଦ୍ଧତିରେ ସଠିକ ଚିକିତ୍ସା ଇଇଇ କରାଯିବାରୁ ରୋଗୀର ଜୀବନ ରକ୍ଷା କରାଯାଇପାରିଲା । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ୍ୟ ଅଛି । ଏଥିପାଇଁ ଡାକ୍ତର ଦିବ୍ୟରଞ୍ଜନ ବିଶେଷ କରି ଡାକ୍ତର ବିଶ୍ୱଜିତ ମହାପାତ୍ର, ଡାକ୍ତର ସୁଭଶ୍ରୀ ସାମନ୍ତରାୟ, ଡାକ୍ତର ରାଜଶ୍ରୀ, ଡାକ୍ତର ବିବେକ ଚୌଧୁରୀଙ୍କ ସମେତ କ୍ୟାଥଲାବ୍ ଓ ସିସିୟୁର ସମସ୍ତ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ଘଟଣା

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ(ଭାସ୍କର ନ୍ୟୁଜ୍): କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ନେଇ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ସବୁ ଦିଗରୁ ବିଚାର କରିବାକୁ ଆବେଦନକାରୀ ପ୍ରତାପ ମହାନ୍ତି ଆବେଦନ କରିଛନ୍ତି। ମାମଲାରୁ ଉଲ୍ଲେଖଯୋଗ୍ୟ ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ପାଠପଢୁଥିବା ନେପାଳ ଦେଶର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲା ସରକାରଙ୍କ ଉଚ୍ଚସ୍ତରୀୟ କମିଟିରେ ବିଚାରାଧୀନ ରହିଛି। ଏହାର ପ୍ରାୟ ଅଢ଼େଇ ମାସ ପରେ ଉକ୍ତ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ରୀ ତ୍ରିସା ସ ଓରଫ ଶନି(୧୮)ଙ୍କ ଆତ୍ମହତ୍ୟା କରିଥିଲେ। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଘଟଣାସ୍ଥଳରୁ ମୃତ ଛାତ୍ରୀଙ୍କ ମୋବାଇଲ୍, ଲ୍ୟାପ୍‌ଟପ୍ ଓ କିଛି ଖାତାକୁ ଜବତ କରି ଯା ପାଇଁ ରାଜ୍ୟ ଫରେନସିକ୍ ଲାବ୍‌କୁ ପଠାଯାଇଥିଲା। ଏହି ଘଟଣାରେ ନେପାଳର ବୈଦେଶିକ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ନେପାଳର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲା ସରକାରଙ୍କ ଉଚ୍ଚସ୍ତରୀୟ କମିଟିରେ ବିଚାରାଧୀନ ରହିଛି। ଏହାର ପ୍ରାୟ ଅଢ଼େଇ ମାସ ପରେ ଉକ୍ତ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ରୀ ତ୍ରିସା ସ ଓରଫ ଶନି(୧୮)ଙ୍କ ଆତ୍ମହତ୍ୟା କରିଥିଲେ। ତ୍ରିସା ଗତ ୮ ମାସ ତଳେ କମ୍ପ୍ୟୁଟର ସାଇନ୍ସ ବିଭାଗରେ ନାମ ଲେଖାଇଥିଲେ। ୪ ମାସ ହେବ ହଷ୍ଟେଲରେ ରହୁଥିଲେ। ଚଳିତ ଗ୍ରୀଷ୍ମ ଛୁଟିରେ ନେପାଳର ସମସ୍ତ ଛାତ୍ରଛାତ୍ରୀ ଘରକୁ ଚାଲିଯାଇଥିଲେ। ପରୀକ୍ଷା ପାଇଁ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ହଷ୍ଟେଲରେ ରହିଥିଲେ। ଘଟଣାଦିନ ତ୍ରିସାଙ୍କ ସାଙ୍ଗମାନେ ବାହାରକୁ ଯାଇଥିଲେ ହେଁ ସେ ହଷ୍ଟେଲ୍‌ରେ ରହିଥିଲେ। ପୁରୁଷବନ୍ଧୁଙ୍କ ସହ ପାଟିତୁଣ୍ଡ ଯୋଗୁ ସେ ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି। ତେବେ ସନ୍ଧ୍ୟାରେ ହଷ୍ଟେଲ କର୍ମଚାରୀ ଉପସ୍ଥାନ ଯା କରିବା ବେଳେ ତ୍ରିସା କବାଟ ଖୋଲି ନ ଥିଲେ। ବହୁ ସମୟ ଧରି କବାଟ ନ ଖୋଲିବାରୁ ସନ୍ଦେହ ବଢ଼ିଥିଲା। ଝରକା ପଟେ ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖି କର୍ମଚାରୀମାନେ ପୁଲିସକୁ ଜଣାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରହିଛନ୍ତି ଅନୁପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସିବିଏସ୍‌ଇରେ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମଙ୍ଗଳବାର ପ୍ରକାଶିତ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଫଳାଫଳରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ୧୦୦% ସଫଳତା ହାସଲ କରିଛି। ଆଉ ଏକ ବର୍ଷ ପାଇଁ ଶିକ୍ଷାଗତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୧୦୦% ପାସ୍ ହାର ସହିତ ଉତ୍କର୍ଷତା ଘୋଷଣା କରିବାକୁ ଗର୍ବିତ। ଚଳିତବର୍ଷ ପ୍ରକାଶିତ ସିବିଏସ୍‌ଇ ଦଶମ ଶ୍ରେଣୀରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଓଡିଏମ୍ ସ୍କୁଲ୍‌ର ଦୟାଶଙ୍କର ସାହୁ, ଆର୍ଯ୍ୟାନ କୁମାର ହୋତା, ଏବଂ ବିଶ୍ୱଜିତ ନାୟକ ୯୯.୨% ପ୍ରତିଶତ ମାର୍କ ରଖି ଯୁଗ୍ମ ସ୍କୁଲ ଟପର ହୋଇଥିବା ବେଳେ ଲାବଣ୍ୟ ନାୟକ ୯୯% ରଖି ଦ୍ୱିତୀୟ ଟପର, ଅରମାନ ନାୟକ ୯୮.୮% ରଖି ତୃତୀୟ ଟପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ, ଛାତ୍ରଛାତ୍ରୀମାନେ ବାଣିଜ୍ୟ ଏବଂ ବିଜ୍ଞାନ ଉଭୟ ଷ୍ଟ୍ରିମରେ ୧୦୦% ପାସ ପ୍ରତିଶତ ସହିତ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବାଣିଜ୍ୟ ବିଭାଗରେ ସିଦ୍ଧାର୍ଥ ମହାପାତ୍ର - ୯୯.୪% ପ୍ରତିଶତ ମାର୍କ ରଖି ଟପର ହୋଇଥିବା ବେଳେ, ଆୟୁଷ୍ମାନ ଅଭିଜିତ୍ ରାଉତ ୯୮.୬% ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଟପର, ମଣିଥ ଲାଗୁରୀ ୯୭.୮% ପ୍ରତିଶତ ରଖି ତୃତୀୟ ଟପର ହୋଇଛନ୍ତି। ବିଜ୍ଞାନ ବିଭାଗରେ ସନ୍ଦୀପ କୁମାର ସାହୁ ୯୯% ପ୍ରତିଶତ ମାର୍କ ରଖି ଟପର ହୋଇଥିବା ବେଳେ ସ୍ୱାତୀ ସୁଚରିତା ସାହୁ ୯୮.୬% ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଟପର, ପ୍ରତୀକ୍ଷା ସ୍ୱାଇଁ ୯୮% ପ୍ରତିଶତ ରଖି ତୃତୀୟ ଟପର ହୋଇଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲର ପରିଚାଳନା ସମିତି ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଓଡିଏମ୍ ସ୍କୁଲର ଅଧ୍ୟକ୍ଷ ଏହି ଅବସରରେ କହିଛନ୍ତି ଯେ, ଆମେ ଆମର ସମସ୍ତ ଛାତ୍ରଛାତ୍ରୀଙ୍କ ସଫଳତାର ଯାତ୍ରା ଜାରି ରଖିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।

## ଅର୍ଚ୍ଚନା ନାଗଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ବାର କାଉନସିଲ୍‌ରୁ ଚଳିତ ମାସ ୧୦ ତାରିଖରେ ଓକିଲାତି ପାଇଁ ଲାଇସେନ୍ସ ପାଇଥିବା ଅର୍ଚ୍ଚନା ନାଗ ଓକିଲାତି ଲାଇସେନ୍ସ ପାଇଁ ଦେଇଥିବା ଫର୍ମରେ ତାଙ୍କ ନାମରେ ଥିବା ଫୌଜଦାରୀ ମାମଲାଗୁଡ଼ିକୁ ଲୁଚାଇ ଆବେଦନ କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ରାଜ୍ୟ ବାର କାଉନସିଲର ଆବେଦନ ଫର୍ମରେ ଶ୍ରୀମତୀ ନାଗ ତାଙ୍କ ନାମରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନାହିଁ ବୋଲି ଜଣାଇଥିଲେ । କିନ୍ତୁ ଶ୍ରୀମତୀ ନାଗଙ୍କ ନାମରେ ବହୁ ମାମଲା ବିଚାରାଧୀନ ରହିଛି ଓ ତାହାର ଏପର୍ଯ୍ୟନ୍ତ ବିଚାର ଶେଷ ହୋଇନାହିଁ । ଏଭଳି ପରିସ୍ଥିତିରେ ମିଥ୍ୟା ତଥ୍ୟ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କୁ ବିରୁଦ୍ଧରେ ବିଧିବଦ୍ଧ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେଥିପାଇଁ ରାଜ୍ୟ ବାର କାଉନସିଲର ସଚିବ ଯଯାତି କେଶରୀ ସମାନ୍ତସିଂହାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ସାତଦିନ ମଧ୍ୟରେ ଜବାବ ଦାଖଲ ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ନୋଟିସ୍‌ରେ ଦର୍ଶାଯାଇଛି ।

## ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟିତ

କଟକ,(ଭାସ୍କର ନ୍ୟୁଜ୍): ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସିଡିଏସ୍ଥିତ ରାଜ୍ୟ ଆଇନ ସେବା ଭବନଠାରେ ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠକୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ଆଇନ ସେବା ପାଇଁ ଆଗନ୍ତୁକ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ସାଧାରଣ ଜନତା ଯେପରି ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ନିଜେ ସହଜରେ ଜାଣିପାରିବେ ଓ ଅନ୍ୟମାନଙ୍କୁ ଜଣାଇ ପାରିବେ ଏହି ମହତ ଉଦ୍ଦେଶ୍ୟକୁ ବିଚାରରେ ରଖି



ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ କରାଯାଇଥିବା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ସଙ୍ଗମ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଓଡ଼ିଶା ହାଇକୋର୍ଟ ଅଧିବକ୍ତା ସଂଘ ସଭାପତି ଓ ସାଧାରଣ ସମ୍ପାଦକ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି, ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଓ ରେଜିଷ୍ଟ୍ରିର ଅନ୍ୟାନ୍ୟ ଅଧିକାରୀବୃନ୍ଦ, ନିର୍ଦ୍ଦେଶକ ଓଡ଼ିଶା ଜୁଡିସିଆଲ ଏକାଡେମୀ, ଓଡ଼ିଶା ରାଜ୍ୟ ଅଧିବକ୍ତା ପରିଷଦର ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଉପସଚିବ ଓ ସହସଚିବଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ପରିଚାଳିତ କରାଯାଇଥିଲା। ରାଜ୍ୟ ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ଟଳିନି ବିପଦ, ସରିନି ଭୟ

# ଦେଶବାସୀଙ୍କୁ ମୋଦିଙ୍କ ସମ୍ବୋଧନର ଗୁରୁତ୍ୱ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଭାରତ 'ଅପରେସନ୍ ସିନ୍ଦୂର' ଅଭିଯାନ ମାଧ୍ୟମରେ ପାକିସ୍ତାନରେ ଥିବା ଅନେକ ଆତଙ୍କୀ ଶିବିରକୁ ଧ୍ୱଂସ କରିଦେଇଛି । ଗତ ସପ୍ତାହର ମଙ୍ଗଳବାର ଓ ବୁଧବାର ରାତିରେ ଲସ୍କର-ଏ-ତୋଇବା, ଜୈସ-ଇ-ମହମ୍ମଦ ଏବଂ ହିଜବୁଲ୍ ମୁଜାହିଦିନ୍ ଭଳି କୁଖ୍ୟାତ ସଂଗଠନର ୯ଟି ଆଡ୍ଡା ଉପରେ ଭାରତ ପକ୍ଷରୁ ଭୟଙ୍କର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା ଏବଂ ଏଥିରେ ଏକ ଶହରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଦିଆଯାଇଛି । ଏହାଯୋଗୁଁ ଦୀର୍ଘଦିନରୁ ଧରି ଜାମ୍ମୁ-କାଶ୍ମୀର ତଥା ଆମ ଦେଶର ଅନ୍ୟ ଅଞ୍ଚଳରେ ହିଂସାକାଣ୍ଡ ଓ ରକ୍ତପାତ ଘଟାଉଥିବା ଏହିସବୁ ସଂଗଠନର ଅଣ୍ଟା ଭାଙ୍ଗି ଯାଇଛି । ତଥାପି 'ଅପରେସନ୍ ସିନ୍ଦୂର' ଫଳରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତ ଘଟିଲା ଭାବି ଆଶ୍ୱସ୍ତି ଲାଭ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । କାରଣ ମିଳିଥିବା ତଥ୍ୟ ଅନୁଯାୟୀ ଭାରତର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଅଧିକାଂଶ ଆତଙ୍କବାଦୀ ଏବେ ବି ଜୀବିତ ରହି ପାକିସ୍ତାନ ମାଟିରେ ଶାନ୍ତିରେ ନିଶ୍ୱାସ ମାରୁଛନ୍ତି । ପାକ୍ ସରକାର ଓ ସେନାବାହିନୀ ସେମାନଙ୍କୁ ସୁରକ୍ଷା ବଳୟ ମଧ୍ୟରେ ରଖିଛନ୍ତି । ୨୦୦୮ ମସିହା ନଭେମ୍ବର ମାସର ମୁମ୍ବାଇ ଆକ୍ରମଣ ଠାରୁ ଆରମ୍ଭ କରି ୨୦୧୯ ଫେବୃଆରୀର ପୁଲୱାମା ଆକ୍ରମଣ ପର୍ଯ୍ୟନ୍ତ ସମସ୍ତ ଘଟଣାର ଖଳନାୟକମାନେ 'ଅପରେସନ୍ ସିନ୍ଦୂର' କାର୍ଯ୍ୟାନୁଷ୍ଠାନରେ କାଣିଚାଏ କ୍ଷତିଗ୍ରସ୍ତ ନହୋଇ ଏବେ ମଧ୍ୟ ବଞ୍ଚି ରହିଛନ୍ତି । ତେଣୁ ଯୁଦ୍ଧରତ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଥିଲେ ହେଁ ଆଗାମୀ ଦିନରେ ଜାମ୍ମୁ-କାଶ୍ମୀର ବା ଅନ୍ୟ ଅଞ୍ଚଳରେ ପୁଣି ସେ ଆତଙ୍କୀ ଆକ୍ରମଣ ନହେବ, ତାହାର ଗ୍ୟାରେଣ୍ଟି ଦେଇହେବ ନାହିଁ । ଏହି ପୃଷ୍ଠଭୂମିରେ ଅସ୍ତ୍ରବିରତି ଲାଗୁ ହେବାର ପ୍ରାୟ ୫୧ଘଣ୍ଟା ପରେ ସୋମବାର ରାତିରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବୋଧନ ବିଶେଷ ଗୁରୁତ୍ୱ ବହନ କରୁଛି । ପରମାଣୁ ବୋମାର ଧମକ ଦେଉଥିବା ପାକିସ୍ତାନକୁ ଚେତାବନୀ ଶୁଣାଇ ମୋଦି ସ୍ପଷ୍ଟ କରିଛନ୍ତି ଯେ, ପାକିସ୍ତାନର ବ୍ଲାକମେଲିଂକୁ ଭାରତ ଆଉ ବରଦାସ୍ତ କରିବ ନାହିଁ ଏବଂ ଭବିଷ୍ୟତରେ ଯଦି କୌଣସି ଆଲୋଚନା ହୁଏ, ତାହା କେବଳ ଆତଙ୍କବାଦ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଉପରେ ହିଁ କରାଯିବ । ପାକିସ୍ତାନ ଗୁହାରୀ କରିବା ଯୋଗୁଁ ହିଁ ଯୁଦ୍ଧକୁ ରୋକିବା ପାଇଁ ସହମତି ହୋଇଛନ୍ତି ଏବଂ ଭାରତ କେବଳ ସାମରିକ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି ବୋଲି ସେ କହିଥିଲେ । ଅତୀତରେ ହୋଇଥିବା ସମସ୍ତ ଯୁଦ୍ଧରେ ପାକିସ୍ତାନ ଧୂଳି ଚାଟିଥିବାର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଭବିଷ୍ୟତରେ ପୁଣି ଗଣ୍ଡଗୋଳ କଲେ ମୁହଁତୋଡ଼ ଜବାବ ଦିଆଯିବ ବୋଲି ଶତ୍ରୁ ରାଷ୍ଟ୍ରକୁ ସତର୍କ କରାଇ ଦେଇଥିଲେ । 'ଅପରେସନ୍ ସିନ୍ଦୂର'ର ସଫଳତାକୁ ଦେଶର ମା', ଭଉଣୀ ଓ ଝିଅମାନଙ୍କୁ ସମର୍ପିତ କରି ଭାରତୀୟ ଯବାନଙ୍କ ବୀରତ୍ୱ, ସାହସ ଏବଂ ପରାକ୍ରମର ସେ ଭୂୟସୀ ପ୍ରଶଂସା କରିଥିଲେ । 'ଅପରେସନ ସିନ୍ଦୂର' କେବଳ ଏକ ନାମ ନୁହେଁ, ବରଂ ଭାରତର କୋଟି କୋଟି ନରନାରୀଙ୍କ ଭାବନାର ପ୍ରତିବିମ୍ବ ବୋଲି ମୋଦି ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଉଦ୍‌ବୋଧନରେ ଭାରତ ସରକାରଙ୍କ ଆଗାମୀ ଦିନର ରଣନୀତିର କିଞ୍ଚିତ ପ୍ରତିଫଳନ ଘଟିଥିବା ବେଳେ ଅସ୍ତ୍ରବିରତିକୁ ନେଇ ଦେଶବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଂଶୟ, ଅସନ୍ତୋଷ ଓ ଦ୍ୱନ୍ଦ୍ୱ ଦୂର କରିବାର ପ୍ରୟାସ କରାଯାଇଛି । ତେବେ ସମଗ୍ର ଘଟଣାର ଅନୁଶୀଳନ କରାଗଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ଟଳିନି ବିପଦ, ସରିନି ଭୟ, ଅରି(ଶତ୍ରୁ) ଫେରିନାହିଁ-ଯୁଦ୍ଧ ସରିନାହିଁ । ସମଗ୍ର ଦେଶ ଆଗକୁ ଜାଗ୍ରତିଆର୍ ରହିବାକୁ ପଡିବ ।

# ଅବକ୍ଷୟମୁଖୀ ଗୃହ ସାମ୍ରାଜ୍ୟ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ଗ୍ରୀକ୍‌ବୀର ଆଲେକଜାଣ୍ଡର ଯେତେବେଳେ ସମ୍ରାଜ୍ୟ ବିସ୍ତାର କରିବାକୁ ଯାଇ ଭାରତ ଆକ୍ରମଣ କରିବାକୁ ଆସିଥିଲେ ତାଙ୍କ ମା' ଆଲେକଜାଣ୍ଡରଙ୍କୁ କହିଥିଲେ, 'ଦେଖ ବାପା ! ଭାରତ ବର୍ଷ ହେଉଛି ପଣ୍ଡିତ, ସନ୍ଥ ଓ ବିଦ୍ୱାନମାନଙ୍କର ଦେଶ । ଯଦି ତୁମେ ଭାରତକୁ ଯାଉଛ ତେବେ ଭାରତରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସେଠାରୁ କିଛି ବିଦ୍ୱାନ ପଣ୍ଡିତଙ୍କୁ ସାଙ୍ଗରେ ସମ୍ମାନର ସହିତ ଆଣିବ ।' ଏହା ଥିଲା ପୁତ୍ର ଆଲେକଜାଣ୍ଡରଙ୍କ ପ୍ରତି ମା'ଙ୍କର ଏକ ବିଶେଷ ପରାମର୍ଶ । ଛତ୍ରପତି ଶିବାଜୀ ମଧ୍ୟ ଯେଉଁ ଗୋଲକୁଣ୍ଡା ଓ ବିଜାପୁର ଜୟ କରିଥିଲେ ତାହା କେବଳ ତାଙ୍କର ମାତାଙ୍କ ପ୍ରରୋଚନାରୁ ସମ୍ଭବ ହୋଇଥିଲା । ବିଶିଷ୍ଟ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ କେବଳ ପିଲାଦିନରୁ ତାଙ୍କ ମା'ଙ୍କଠାରୁ ଏହି ବିଜ୍ଞାନ କଥା ଶୁଣି ଶୁଣି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ସୌଭାଗ୍ୟ ଲାଭ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀ 'My views of Education' ପୁସ୍ତକରେ କହିଥିଲେ ଜଣେ ମା'ଙ୍କ ଭୂମିକା ଗ୍ରହଣ ନକଲେ ସେ ପ୍ରକୃତରେ ଶିକ୍ଷକ ହୋଇ ପାରିବନାହିଁ । ଫ୍ରାନ୍ସର ପ୍ରଭାବଶାଳୀ ରାଜା ନବମ ଲୁଇଙ୍କ ମା' ମଧ୍ୟ ପିଲାବେଳେ ତାଙ୍କୁ ଠିକ୍ ସେହିକଥା କହିଥିଲେ ଯେ 'ଦେଖ ବାପା ! ତମେ ଯଦି ଜୀବନରେ କେବେ କୌଣସି ଅକରଣୀୟ କାମ କରିବ ମୁଁ କଦାପି ଏହା ସହ୍ୟ କରିପାରିବି ନାହିଁ । ତୁମକୁ ସିଂହାସନରେ ବସାଇବାକୁ ମଧ୍ୟ ଚାହିଁବି ନାହିଁ । ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା ପ୍ରକାଶ କରିବି ।' ଏହା ଥିଲା ନବମ ଲୁଇଙ୍କ ପ୍ରତି ତାଙ୍କ ମା'ଙ୍କର ଏକ କଡ଼ା ଚେତାବନୀ ।

ବନ୍ଧୁଗଣ ! ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ପରିବାର ଯଦି ହୁଏ ମାନବ ସମାଜର କେନ୍ଦ୍ରବିନ୍ଦୁ ଓ ଏକ କ୍ଷୁଦ୍ର ସାମାଜିକ ସଂଗଠନ, ତେବେ ମା' ହେଉଛି ସେହି ପରିବାର ରୂପୀ ଗୃହ ସାମ୍ରାଜ୍ୟର ସାମ୍ରାଜ୍ଞୀ । ବାଲାର୍ଡଙ୍କ ମତରେ ପରିବାର ହେଉଛି ସର୍ବାପେକ୍ଷା ପ୍ରାଚୀନ ଓ ପ୍ରଭାବଶାଳୀ ଅନୁଷ୍ଠାନ, ଯେଉଁ ଅନୁଷ୍ଠାନରୁ ଆମର କୋମଳମତି ବାଳକ ବାଳିକାମାନେ ସୁଦ୍ଧ ଆଚରଣ, ବ୍ୟବହାର, ଶୃଙ୍ଖଳାଗତଜ୍ଞାନ, ଦାୟିତ୍ୱବୋଧ ଆଦି ଶିକ୍ଷା ଲାଭ କରିଥାନ୍ତି । ଶିଶୁଙ୍କ ଉନ୍ନତି ଓ ପ୍ରଗତି ପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆମ ପରିବାରରେ ରହୁଥିବା ପିତା, ମାତା, ଜେଜେ ବାପା, ଜେଜେ ମା', ଦାଦା, ଖୁଡ଼ି, ଭାଇ, ଭଉଣୀଙ୍କ ଚରିତ୍ର, ଆଚରଣ ଓ ପ୍ରକୃତି ପିଲାମାନଙ୍କୁ ଖୁବ୍ ପ୍ରଭାବିତ କରେ । ଶିଶୁର ଜୀବନ ଆରମ୍ଭ ହୁଏ ଏହି ପରିବାରରୁ । ସେଥିପାଇଁ ତ ଫ୍ଲାଙ୍କ (Flank) କହିଥିଲେ, ପରିବାର ହେଉଛି ଏକମାତ୍ର ଅନୁଷ୍ଠାନ ଯାହାକି ଶିଶୁ ପାଳନ ଓ ଶିଶୁର ସମାଜିକୀକରଣ ପାଇଁ ଏକ ଅତ୍ୟାବଶ୍ୟକୀୟ ମାଧ୍ୟମ । ଏହା ମାଧ୍ୟମରେ ଶିଶୁ ସମାଜର ସଂସ୍କୃତି ସହିତ ପରିଚିତ ହୁଏ ଏବଂ ତା'ର ବ୍ୟକ୍ତିତ୍ୱ ଗଠନ ହୁଏ । ଶିଶୁର ମୌଳିକ ଆବଶ୍ୟକତା ସ୍ନେହ, ଶ୍ରଦ୍ଧା, ଭଲପାଇବା, ପ୍ରେମ ଇତ୍ୟାଦି ଏହି ପରିବାରରୁ ହିଁ ପୂରଣ ହୁଏ । ସତ କହିବାକୁ ଗଲେ ମଣିଷ ଜୀବନକୁ ସରସ, ସୁନ୍ଦର ଓ ସୁସ୍ଥକରି ଗଢ଼ି ତୋଳିବାରେ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ପରବାର ବା Family ଶବ୍ଦଟି ରୋମାନ ଶବ୍ଦ Famalusରୁ ଆସିଅଛି, ଯାହାର ଅର୍ଥ ଚାକର । ସମନର ଓ କେଲର (Sumner and Keller)ଙ୍କ ମତରେ ଅତି କମ୍‌ରେ ଦୁଇଟି ପିଢ଼ିକୁ ଅନ୍ତର୍ଭୁକ୍ତ କରିଥିବା ଏବଂ ବିଶେଷ ଭାବରେ ରକ୍ତ ସଂପର୍କକୁ ନେଇ ଗଠିତ ହୋଇଥିବା ଏକ କ୍ଷୁଦ୍ର ସାମାଜିକ ସଂଗଠନ ହିଁ ପରିବାର ଅଟେ ।

ହଁ ବନ୍ଧୁଗଣ ! ଆଜି ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଥିଲେ ସୁଦ୍ଧା ପରିବାର ଦିବସ ପାଳନ କରିବାକୁ ଆମେ ଚିନ୍ତା କରିଛୁ । ପରିବାର ହିଁ ଏକମାତ୍ର ଅନୁଷ୍ଠାନ ଯେଉଁଠି ଶିଶୁର ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ, ସାମାଜିକ, ନୈତିକ ତଥା ଚରିତ୍ରର ବିକାଶ ସାଧନ ସମ୍ଭବ ହୋଇଥାଏ । ଏହି ପରିବାର ହିଁ ଶିଶୁମାନଙ୍କ ପାଇଁ ଏକମାତ୍ର ନିରାପଦ ସ୍ଥାନ । ଏହାଛଡ଼ା ପିଲାମାନଙ୍କୁ ନାଗରିକ ଶିକ୍ଷା, ସମଯୋଜନ ଶିକ୍ଷା, କର୍ମ ସଂସ୍ଥାନ ଶିକ୍ଷା ଆଦି ସଂପର୍କରେ ସଚେତନ କରି ଅର୍ଥ ଅର୍ଜନ କରିବାର କୌଶଳ ମଧ୍ୟ ଏହି ପରିବାରୁ ହିଁ ପିଲାଟିଏ ଶିକ୍ଷା ଲାଭ କରିଥାଏ । କେବଳ ସେତିକି ନୁହେଁ, ପର୍ବ ପର୍ବାଣୀ, ବିବାହ ଉତ୍ସବରେ ମଧ୍ୟ ସମସ୍ତେ ଏକାଠି ମିଳିମିଶି ଉତ୍ସବ ପାଳନ କରିଥାନ୍ତି । ଜୀବନକୁ ସଂପୂର୍ଣ୍ଣ ଉପଭୋଗ କରିବାର ମାଧ୍ୟମ ହେଉଛି ଏହି ପରିବାର । ମାଜିନ (Mazzin) ମଧ୍ୟ କହିଥିଲେ ମା'ର ଚୁମ୍ବନ ଓ ପିତାଙ୍କ ଯତ୍ନ ମଧ୍ୟରେ ଶିଶୁର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ ।

ଏହି ପରିବାର ହିଁ ଏକମାତ୍ର ସ୍ଥାନ ଯେଉଁଠି ଜଣେ ରୋଗୀ, ଅକର୍ମଣ୍ୟ, ଯୁବକ-ଯୁବତୀ ଓ ଶିଶୁମାନେ ଶାରୀରିକ ଓ ମାନସିକ ସୁରକ୍ଷା ପାଇଥାନ୍ତି । ଆମ ପରିବାରରେ ସାଧାରଣତଃ ଯେଉଁ ସାମାଜିକ, ଅର୍ଥନୈତିକ ଓ ଘରୋଇ ସମସ୍ୟା ପାରିବାରିକ ଜୀବନକୁ ପ୍ରଭାବିତ କରୁଛି, ସେହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଏବଂ ତାହାର ଏକ ସ୍ଥାୟୀ ସମାଧାନ ଚିନ୍ତାକରି ଆମେ ଆଜି ଆନ୍ତର୍ଜାତିକ ପରବାର ଦିବସ ପାଳନ କରିବାକୁ ଯାଉଛୁ । ଆମେ ପରସ୍ପର ଭିତରେ କିପରି ଉତ୍ତମ ବୁଝାମଣା ରଖି ସଦ୍‌ଭାବନା ଆଣି ଶାନ୍ତି ଓ ଆନନ୍ଦ ସହ ଏକାଠି ହୋଇ ଆମର ପାରିବାରିକ ସଂପର୍କକୁ ମଜଭୁତ କରି ପରସ୍ପର ସୁଖ ଦୁଃଖକୁ ବାଣ୍ଟି ସୁଖରେ ରହିବା ଏହି କଥା ଚିନ୍ତାକରି ଆମେ ଏହି ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବାକୁ ଆଜି ଆଗ୍ରହ ପ୍ରକାଶ କରିଛୁ ।

ଆଜି ଆମ ପରିବାରର ସଂସ୍କୃତି ପାଇଁ ଆମେ ଦେଶ ବିଦେଶରେ ମଧ୍ୟ ଗର୍ବିତ । ଆମ ସଂସ୍କୃତିରେ ଯୌଥ ପରବାର ହିଁ ଆମର ଶ୍ରେଷ୍ଠ ସଂପଦ । ଏକାଠି ଗୋଟିଏ ଛାତ ତଳେ ମିଳିମିଶି ଭୋଜନ କରି ଗୁରୁଜନମାନଙ୍କ ଠାରୁ ଯେଉଁ ସ୍ନେହ, ଶ୍ରଦ୍ଧା, ପ୍ରେମ, ଯତ୍ନ, ବାତ୍ସଲ୍ୟ, ଭଲ ପାଇବା ଓ ବିଶେଷ କରି ଯେଉଁ ସାମାଜିକ ନିରାପତ୍ତା ପାଉଥିଲେ ଆଜି କିନ୍ତୁ ତାହା ଆଉ ଦେଖାଯାଉନାହିଁ । ଯଦିଓ ସହରୀକରଣ, ଜଗତିକରଣ, ଶିଳ୍ପକରଣ ଆଳରେ ଆମ ପରିବାର ଆଜି ଯୌଥ ପରିବାରରୁ ଆସି ଏକକ ପରିବାର ବା Neuclear Familyରେ ପଦାର୍ପଣ କରିଛି, ତଥାପି ମାନସିକ ସ୍ତରରେ ଆମେ ଯୋଡ଼ି ହୋଇ ରହିଛୁ । ଆଜି ବି ଆମ ପରିବାର ସହିତ ଆମର ସଂପର୍କ ତୁଟିନି କି ପରିବାର ତା'ର ମୌଳିକତା ହରାଇନି । କିନ୍ତୁ ବିଦେଶରେ ପିଲାମାନେ ଟିକିଏ ବଡ଼ ହୋଇଗଲେ ସେମାନେ ପିତାମାତାଙ୍କ ଠାରୁ ଅଲଗା ହୋଇ ରହନ୍ତି ।

ଫଳରେ ସେମାନେ ପିତାମାତାଙ୍କଠାରୁ ଆଉ ଆଦର ଯତ୍ନ ପାଇପାରନ୍ତି ନାହିଁ । ବରଂ ସାଥିମାନଙ୍କ ମେଳରେ ରହି ବେଳେବେଳେ କୁଅଭ୍ୟାସର ବଶବର୍ତ୍ତୀ ହୋଇ ଅନେକ କୁକାର୍ଯ୍ୟରେ ଲିପ୍ତ ରହିଯାନ୍ତି । ଯାହା ଆମ ଭାରତୀୟ ପରବାରରେ ସାଧାରଣତଃ ଦେଖାଯାଏନାହିଁ । ଆଜି ଆମେ ଚନ୍ଦ୍ରପୃଷ୍ଠରେ ପାଦ ଥାପି ସାରିଲୁଣି, ମଙ୍ଗଳ ଗ୍ରହରେ ବାସ କରିବାକୁ ଜଳର ସନ୍ଧାନ କରୁଛୁ । ତଥାପି ଆଜି ଅନୁଭବ ହେଉଛି ଯେ ଆମ ପରିବାରଗୁଡ଼ିକ ଦିନକୁ ଦିନ ଅବକ୍ଷୟ ହୋଇ ଯାଉଛି । ବିଭିନ୍ନ ସମସ୍ୟା ଓ ପ୍ରତିକୂଳ ପରିସ୍ଥିତି ଦେଇ ଗତିକରି ସଂପର୍କରେ କେଉଁଠି ନା କେଉଁଠି ଫାଟ ସୃଷ୍ଟି ହେଉଛି । ଗୋଟିଏ ଛାତ ତଳେ ଆମେ ଆଜି ଏକାଠି ହୋଇ ରହିପାରୁନୁ । ଆମ ଭିତରେ କେଉଁଠି ନା କେଉଁଠି ବୁଝାମଣାର ଅଭାବ ରହୁଛି । ବେଳେ ବେଳେ ଅହଂକାର ମଧ୍ୟ ଆମ ସଂପର୍କ ମଝିରେ ବାଡ଼ ହୋଇ ଆମ ପାରିବାରିକ ସଂପର୍କକୁ କ୍ଷତ ବିକ୍ଷତ କରି ବିଶ୍ୱାସରେ ବିଷ ଭରିଦେଇ ଭୂମିକମ୍ପ ସୃଷ୍ଟି କରୁଛି । ଫଳରେ ବିବାହର କିଛି ମାସ ନପୂରୁଣୁ ଛାଡ଼ପତ୍ର ଭଳି ଗୋଟିଏ କୁତ୍ସିତ ପ୍ରଥା ଆମ ପାରିବାରିକ ଜୀବନକୁ ଧ୍ୱଂସ ବିଧ୍ୱଂସ କରିପକାଉଛି । ଏଭଳି କ୍ଷେତ୍ରରେ ଆମ ପରପିଢ଼ି ଆମଠାରୁ କ'ଣ ଶିକ୍ଷା ଲାଭ କରିବ ?

ଆମ ପରିବାରକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଆବଶ୍ୟକ । ଆମର ମୂଲ୍ୟବାନ ସମୟକୁ ଆମେ ଯଦି ଏକାଠି ହୋଇ ପରସ୍ପର ଭିତରେ ସୁଖ ଦୁଃଖକୁ ବାଣ୍ଟି ଏକତା ଓ ସଦଭାବନାକୁ ରକ୍ଷା କରିବା ତେବେ ଏ ସମସ୍ୟା ଆଉ ରହିବନି । ସେଇଥିପାଇଁ ତ ମିଳିତ ଜାତିସଂଘ (United Nation) ଓ ସାର୍ବଜନିକ ଶାନ୍ତି ସଂଘ (Universal Peace Federation) ୧୯୯୩ ମସିହାରେ ଏକ ଘୋଷଣାନାମ (Resolution) ପାସ୍ କରିଥିଲେ ଆନ୍ତର୍ଜାତିକ ପରିବାର ଦିବସ ପାଳନ କରିବା ପାଇଁ । ଏହାପରେ ୧୯୯୪ ମସିହାରେ ସାମାଜିକ ଗଠନ ଓ ଅର୍ଥନୈତିକ ପ୍ରଣାଳୀରେ ସୁଧାର ଆଣିବାପାଇଁ ମିଳିତ ଜାତିସଂଘ ଅଫିସ ସ୍ତରରେ ପ୍ରତିବର୍ଷ ମଇ ମାସ ୧୫ ତାରିଖକୁ ଆନ୍ତର୍ଜାତିକ ପରିବାର ଦିବସ ରୂପେ ପାଳନ କରିବାକୁ ସ୍ଥିର କଲେ । କାନଡ଼ାର ଆଲର୍ବାର୍ଟା (Alberta)ର Helen Hunley ୧୯୯୧ ମସିହା ସେପ୍ଟେମ୍ବର ୨୬ ତାରିଖରେ ଏହି ଜାତୀୟ ପରିବାର ଦିବସ ପ୍ରଥମେ ପାଳନ କରିଥିଲେ । ଏହାପରେ ୧୯୯୩ ମସିହାରେ ମିଳିତ ଜାତିସଂଘ ଏହି ଘୋଷଣା କରିଥିଲେ 'ଏହି ବର୍ଷର ଥିମ୍ ଥିଲା Embracing Diversity Strengthening Families' ଅର୍ଥାତ ବିଭିନ୍ନତାକୁ ଆପଣେଇ ପରିବାରକୁ କିପରି ସୁଦୃଢ କରିବା ।

ସୁସ୍ଥ ପରବାର ଗଠନ ପାଇଁ ଅନେକ ସମସ୍ୟା ମୁଣ୍ଡ ଟେକିଛି । ସ୍ୱାସ୍ଥ୍ୟଗତ ସମସ୍ୟା, ଆର୍ଥିକ ଅନଟନ ସମସ୍ୟା, ପରିବେଶ ଜନିତ ସମସ୍ୟା ଯାହା ଆମର ପାରିବାରିକ ସମସ୍ୟାକୁ ଖୁବ୍ ପ୍ରଭାବିତ କରିଛି । ଯଦି ପରିବାର ଭିତରେ ସ୍ଥିରତା ଓ ନିରାପତ୍ତା ଆଣି ପରସ୍ପର ଭିତରେ ଉତ୍ତମ ବୁଝାମଣା ରଖିବା ଏବଂ ପରିବାରରେ ଯେଉଁ ଝଡ଼ ଆସିବ ତାକୁ ମିଳିମିଶି ସମାଧାର ସୂତ୍ର ବହାର କରିବା ତେବେ ଏକ ଆଦର୍ଶ ପରବାର ଗଠନର କୌଶଳ ଆମ ଭବିଷ୍ୟତର ବଂଶଧରମାନେ ଶିକ୍ଷା ଲାଭ କରିପାରିବେ ।

ଆଶା, ବିଶ୍ୱାସ ଓ ଉତ୍ସାହର ସହିତ ଯଦି ପରିବାରର ସମସ୍ତ ସଦସ୍ୟ ନିଜ ନିଜ ଭିତରେ ସହଯୋଗର ହାତ ବଢ଼ାଇ ପରସ୍ପର ଗୁଣକୁ ଚିହ୍ନି ସ୍ନେହ, ପ୍ରେମ, ମମତା ବନ୍ଧନରେ ସମସ୍ତଙ୍କୁ ବାନ୍ଧି ପାରିବେ ତେବେ ଆମେ ଗୋଟିଏ ସୁସ୍ଥ ସୁନ୍ଦର ପରିବାର ଗଠନ କରିବକୁ ସକ୍ଷମ ହୋଇପାରିବୁ । ଆଜି ଯୌଥ ପରିବାରଗୁଡ଼ିକ ଭାଙ୍ଗିଯାଇ ଏକକ ପରିବାର ହେବା ଫଳରେ ସେହି ପରିବାରରେ ଯେଉଁ ଶିଶୁଟି ବଢୁଛି ସେ ଆନ୍ତରିକତା ଅଭାବରୁ ହିଂସ୍ର, ଆକ୍ରମଣକାରୀ, ସ୍ୱାର୍ଥପର, ଅସହଯୋଗୀ, ଉଚ୍ଛୃଙ୍ଖଳିତ, ଉଦ୍ୟମହୀନ ହୋଇ ପଡୁଛି । ଆଜି ଆମେ ଶିଶୁଙ୍କ ମତାମତକୁ ପ୍ରାଧାନ୍ୟ ଦେଉନଥିବାରୁ ସେମାନେ ଧୀରେ ଧୀରେ ସ୍ୱେଚ୍ଛାଚାରିତା, ଅକ୍ରୋଶମୂଳକ ମନୋବୃତ୍ତି, ଅନାଗ୍ରହୀ, କଳହତା ଓ ଅସହିଷ୍ଣୁ ହୋଇଯାଉଛନ୍ତି । ଫଳରେ ଆମ ସମାଜର ଅବକ୍ଷୟ ଘଟୁଛି । ପିଲାମନେ ପିତାମାତା ଅପେକ୍ଷା ସାଙ୍ଗସାଥୀ ଓ ଆୟା ପାଖରେ ଅଧିକ ସମୟ ଦେଉଛନ୍ତି । ରନ୍ଧନ କାର୍ଯ୍ୟ ଏବେ ହୋଟେଲ କରୁଛି । ସେବାକାର୍ଯ୍ୟ ଏବେ ଡାକ୍ତର ଓ ନର୍ସ କରୁଛନ୍ତି । ଏପରି ବି ଦେଖା ଯାଉଛି ଗୋଟିଏ ରୁମ୍‌ରେ ଗୋଟିଏ ଛାତ ତଳେ ବାପା, ମା', ପୁଅ, ଝିଅ ଚାରୋଟି ମୋବାଇଲ ଧରି ଘରର ଚାରିକୋଣକୁ ମୁହଁ କରି ବସୁଛନ୍ତି ଅଥଚ କେହି କାହା ସହିତ କଥା ପଦେ ବି ହେଉ ନାହାନ୍ତି । ଏହାଠାରୁ ବଳି ଦୁଃଖ କ'ଣ ଅଛି ? କେହି କାହାର ଭାବକୁ ଓ ଆବେଗକୁ ପରିପ୍ରକାଶ କରୁନାହାନ୍ତି । ଫଳରେ ମନରେ ଆନେକ ଦୁଃଖ ବରଫ ପରି ଜମାଟ ବାନ୍ଧୁଛି । ନା ଏକାଠି ଭୋଜନ ଅଛି ନା ଏକାଠି ପୂଜା ଉପାସନା ଅଛି । ଅନ୍ଧବିଶ୍ୱାସ କହି ସବୁକୁ ଆମେ ଏଡ଼ାଇ ଦେଉଛୁ । ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି, ଶିଶୁଟି ଯଦି ଜେଜେମା', ଜେଜେ ବାପାଙ୍କ ଗହଣରେ ରହେ ତେବେ ସେ ଅଧିକ ବୁଦ୍ଧିମାନ ହୁଏ । ଖାଇବା, ପିନ୍ଧିବା, ସ୍ୱାର୍ଥ ତ୍ୟାଗ କରିବା, ଗୁରୁଜନଙ୍କୁ ସମ୍ମାନ କରିବା ଏସବୁ ଗୁଣ ପିଲାମାନେ ପରିବାରରୁ ଶିକ୍ଷାଲାଭ କରିଥାନ୍ତି । ସେଇଥିପାଇଁ ତ ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ-

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।।'

ଆମ ଭାରତୀୟ ସଂସ୍କୃତିରେ ନାରୀ ହେଉଛି ଗୃହ ସ୍ୱର୍ଗର ଅଧିଷ୍ଠାତ୍ରୀ ଦେବୀ । ପରିବାରର କେନ୍ଦ୍ରବିନ୍ଦୁ । କେବେ ଜାୟା, କେବେ ଦୁହିତା, ମା' ଓ ଭଗ୍ନୀ ରୂପରେ ପରିବାରକୁ ପ୍ରତିପୋଷଣ କରେ । ନାରୀ ଚାହିଁଲେ ସେ ପରିବାର ସ୍ୱର୍ଗ ହୁଏ, ତା'ର ଦୟା, କ୍ଷମା,ପ୍ରେମ, ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ମମତା, ପ୍ରତିଦାନରେ ପରିବାର ହସିଉଠେ । ସେ ଯେଉଁଭଳି ମନ ନେଇ ଅନ୍ନ ରାନ୍ଧିବ ଏବଂ ପରଶିବ ତାହା ସେଇଭଳି ପ୍ରତିପୋଷଣ କରିବ ଏବଂ ତା'ର ଚିନ୍ତା, ଚେତନା ପରିବାରକୁ ସଦ୍‌ବୁଦ୍ଧି ଦେବ । ଯେଉଁଠି ମା'କୁ ସମ୍ମାନ ଦିଆଯାଏ ସେଠାରେ ପରିବାର ସ୍ୱର୍ଗ ହୁଏ । ଯେଉଁ ପରିବାରରେ ନାରୀଟିଏ ଗୁରୁଜନମାନଙ୍କୁ ସମ୍ମାନ ଦିଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରେ ସେ ଗୃହ ଓ ପରିବାର ସ୍ୱର୍ଗ ପାଲଟି ଯାଏ । ନାରୀ ହିଁ ପ୍ରୀତି, କରୁଣା, ମଧୁର ବ୍ୟବହାର, ବାତ୍ସଲ୍ୟ, ଦୟା, ପ୍ରେମ, ତ୍ୟାଗ ଓ ତିତିକ୍ଷାର ପ୍ରୟୋଗଶାଳା । ନାରୀ ପୁଣି ପରିବାର, ସମାଜ, ରାଷ୍ଟ୍ର ଓ ସଂସାରକୁ ସନ୍ତାନ ରୂପକ ଜୀବନ୍ତ ଉପହାର ପ୍ରଦାନ କରି ସନ୍ଥ, ସମ୍ରାଟ, ବୈଜ୍ଞାନିକ, ଚିତ୍ରକର, ଶିଳ୍ପୀ, ଚିକିତ୍ସକଙ୍କୁ ଜନ୍ମଦିଏ । ବୁଦ୍ଧିମତୀ ଗୃହିଣୀ ହିଁ ଯଶସ୍ୱୀ ଓ ବଳିଷ୍ଠ ପରିବାର ଗଠନ କରିବାରେ ସକ୍ଷମ ହୁଏ, ଯାହାର ତେଜରେ ଗୃହ ସାମ୍ରାଜ୍ୟ ଦେଦୀପ୍ୟମାନ ହୁଏ । ପତି, ସନ୍ତାନ ଓ ଆତ୍ମୀୟ ସ୍ୱଜନମାନେ ତା'ର ସ୍ନେହପୂର୍ଣ୍ଣ ଦୃଷ୍ଟି ଦ୍ୱାରା ନିଜକୁ ସଂସ୍କାରିତ କରି ନିଅନ୍ତି । ନାରୀ ପୁଣି ଜାୟା ଯିଏ ପୁରୁଷକୁ ଜନ୍ମଦିଏ, ସେ ଚାହିଁଲେ ଗୋଟିଏ ସୁସ୍ଥ, ସୁନ୍ଦର ଉତ୍ତମ ପରିବାର ଗଠନ କରି ସମାଜର ତଥା ରାଷ୍ଟ୍ରର ବିକାଶରେ ସହଭାଗୀ ହେବ, ଏଥିରେ ସନ୍ଦେହ ନାହିଁ ।

# ଭଗବତ୍ ପ୍ରାପ୍ତି ଓ ଭଗବାନ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଏ ସୃଷ୍ଟିରେ ଭଗବାନ କେବଳ ସାକାର ରୂପ ଧାରଣ କରନ୍ତି ନାହିଁ, ସେ ଅବତାର ନେଇ ମଧ୍ୟ ଏ ସଂସାରରେ ଆବିର୍ଭୂତ ହୁଅନ୍ତି । ଆମେ ସବୁ ଜୀବ ଅନାଦି କାଳରୁ ଏହି ସଂସାରରେ ଜନ୍ମ ଗ୍ରହଣ କରୁଅଛେ, ତେଣୁ ସମ୍ଭବତଃ ଭଗବାନଙ୍କ ପୂର୍ବ ଅବତାର କାଳରେ ଆମ୍ଭେମାନେ ମଧ୍ୟ ମାନବ ଶରୀରରେ ଏହି ପୃଥିବୀରେ ଥିବା ଏବଂ ଭଗବାନଙ୍କୁ ଦେଖିଥିବା । କିନ୍ତୁ ଭଗବାନଙ୍କର ରୂପ ଦିବ୍ୟ ଥିଲା, ଅଥଚ ଆମର ଆଖି ମାୟିକ ଥିଲା । ତେଣୁ ମାୟିକ ଆଖିରେ ତାଙ୍କୁ ଦେଖି ଆମେ ହୁଏତ ତାଙ୍କର ଦିବ୍ୟ ବ୍ୟକ୍ତିତ୍ୱକୁ ଚିହ୍ନି ପାରି ନଥିବା । ଭଗବାନଙ୍କର ଦିବ୍ୟ ସ୍ୱରୂପ ଏପରି ଯେ ବ୍ୟକ୍ତି ତା'ର ଆଧ୍ୟାତ୍ମିକ ସ୍ତର ଅନୁସାରେ ହିଁ ତାଙ୍କ ସ୍ୱରୂପର ଦିବ୍ୟତାକୁ ଅନୁଭବ କରିଥାଏ । ଭଗବାନ ଶ୍ରୀକୃଷ୍ଣଙ୍କୁ ନେଇ ଆମେ ଆଲୋଚନା ଟିକେ କରିବା । ସତ୍ତ୍ୱ ଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି- "ଶ୍ରୀକୃଷ୍ଣ ଜଣେ ଅସାଧାରଣ ବ୍ୟକ୍ତି ଆଉ ସେ ବହୁତ ସମର୍ଥ ଅଟନ୍ତି, କିନ୍ତୁ ସେ ଭଗବାନ ନୁହନ୍ତି ।" ରଜଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି - "ତାଙ୍କଠାରେ ସେପରି କିଛି ବିଶେଷତ୍ୱ ନାହିଁ, ସେ ପୂରାପୁରି ଆମ ପରି ଅଟନ୍ତି ।" ତମଗୁଣ ପ୍ରଧାନ ବ୍ୟକ୍ତିମାନେ ତାଙ୍କୁ ଦେଖି ଚିନ୍ତା କରନ୍ତି, "ସେ ଜଣେ ଅହଂକାରୀ ରାଜା, ନାରୀ ଆସକ୍ତି ବ୍ୟକ୍ତି, ଆମଠାରୁ ମଧ୍ୟ ଖରାପ ଶ୍ରେଣୀର ବ୍ୟକ୍ତି ଅଟନ୍ତି ।" କେବଳ ଭଗବତ୍ ପ୍ରାପ୍ତ ମହାପୁରୁଷମାନେ ଭଗବାନଙ୍କ କୃପାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରିଥିବା କାରଣରୁ, ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି ପାରନ୍ତି । ମାୟାବଦ୍ଧ ଅଜ୍ଞାନୀ ଜୀବମାନେ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରନ୍ତି ନାହିଁ ।

ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଭଗବତ ପ୍ରାପ୍ତ ମହାପୁରୁଷ ଭଗବାନଙ୍କ କୃପା ପାଇବ, ତେବେ ସାଧାରଣ ମଣିଷ ? ହଁ ସାଧାରଣ ମଣିଷଟିଏ ଯଦି ଉଚିତ୍ କର୍ମ ସହିତ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଆଧ୍ୟାତ୍ମିକ ମାର୍ଗରେ ଯାଇ ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ପାଖରେ ସମର୍ପଣ କରି ଈଶ୍ୱର ଆସକ୍ତ ଓ ଆଶ୍ରିତ ହୁଏ ତେବେ ସେ ଭଗବାନଙ୍କ କୃପା ପାଇପାରିବ । ଭଗବାନ ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ । ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ , ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ । ତେବେ ଭଗବାନଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ । ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ । ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି । ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ । ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଭଗବାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣର ଓ ଆଧ୍ୟାତ୍ମିକ ମାର୍ଗରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନହେବା ତ ନିଜର ମାନ୍ୟତା ଅଟେ । ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ । ମାନି ନେବାରେ ହିଁ କଲ୍ୟାଣ ନିହିତ । ଯଦି କିଏ 'ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ' ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ । ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ । ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ । ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ ।

ଭଗବାନ ସବୁବେଳେ ସମସ୍ତଙ୍କ ଉପରେ ବହୁତ ଦୟାଶୀଳ । ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ଦେଇନଥାନ୍ତେ, ତେବେ ଆମେ କ'ଣ କରିପାରିଥାନ୍ତେ ? ତାଙ୍କ ଉପରେ ଆମର ବା କ'ଣ ଜୋର ଅଛି ? ପାହାଡ ଅବା ତଦୁପରସ୍ଥ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କ'ଣ କରିପାରିଥାନ୍ତେ, ଏଇଟା ତାଙ୍କର ଇଚ୍ଛା ଉପରେ ନିର୍ଭର କରେ । କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କାହିଁକି ? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଭୂମି । ଅନ୍ୟସବୁ ଭୂମି ଭୋଗଭୂମି ଅଟେ । ଏହା କେବଳ ଆଧ୍ୟାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି । ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି । ଭଗବାନଙ୍କ ଉପରେ ଭରସା ରଖିବା ଦରକାର । କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନରହିଲେ ମଧ୍ୟ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ । ଆମେ ଭଗବାନଙ୍କୁ ପ୍ରେମପୂର୍ଣ୍ଣ ସ୍ତୁତି ନକଲେ ମଧ୍ୟ ସେ ଆମର ସହାୟତା ନିଶ୍ଚିତ କରିବେ । ଏଣୁ ଏସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ ।

# ସ୍ଥାୟୀ ସମାଧାନର ବାଟ ଖୋଲିବ କି ଯୁଦ୍ଧବିରତି ?



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଶନିବାର ଅପରାହ୍ନ ସୁଦ୍ଧା ଏକ ବଡ଼ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଥିଲା । ଉଭୟ ଦେଶ ପରସ୍ପରକୁ ଯେଭଳି ପ୍ରତିଆକ୍ରମଣ କରୁଥିଲେ, ସେଥିରୁ ସ୍ପଷ୍ଟ ଜଣାପଡୁଥିଲା ଯେ ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏକ ବଡ଼ ଯୁଦ୍ଧରେ ପରିଣତ ହୋଇପାରେ । କିନ୍ତୁ ସନ୍ଧ୍ୟା ହେବା ମାତ୍ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଏବଂ ଯୁଦ୍ଧବିରତି ଚୁକ୍ତିନାମାର ଖବର ଆସିଲା, ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଲା । ଲୋକମାନେ ଅପ୍ରତ୍ୟାଶିତ ଯୁଦ୍ଧବିରତି ଖବରକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ ।

ତଥାପି, ଚୁକ୍ତିନାମାର ମାତ୍ର ତିନି ଘଣ୍ଟା ପରେ, ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନର ମାମଲା ସାମ୍ନାକୁ ଆସିବା ଆରମ୍ଭ ହେଲା । ଶ୍ରୀନଗରରେ ଡ୍ରୋନ୍ ଆକ୍ରମଣ, ଅମୃତସରରେ ରେଡ୍ ଆଲର୍ଟ ଏବଂ ରାଜସ୍ଥାନର ସୀମାନ୍ତ ଜିଲ୍ଲା ଶ୍ରୀଗଙ୍ଗାନଗରରେ ବ୍ଲାକ୍ ଆଉଟ୍ ଘୋଷଣା କରାଯାଇଥିଲା । ପ୍ରତିରକ୍ଷା ବିଶେଷଜ୍ଞମାନେ ଯୁଦ୍ଧବିରତି ସମ୍ପର୍କରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥିଲେ । ଗୋଟିଏ ପକ୍ଷ ପ୍ରଶ୍ନ ଉଠାଇଥିଲା ଯେ ଯୁଦ୍ଧରେ ବହୁତ ଭଲ ସ୍ଥିତିରେ ଥିବା ସତ୍ତ୍ୱେ ଭାରତ କାହିଁକି ଅସ୍ତ୍ରବିରତି ଚୁକ୍ତିରେ ରାଜି ହେଲା ?

ପ୍ରକୃତରେ, ଯୁଦ୍ଧ ସମୟରେ ଅନେକ ଥର, ଯୁଦ୍ଧରତ ରାଷ୍ଟ୍ରଗୁଡ଼ିକ ଦୀର୍ଘକାଳୀନ ଲାଭ ପାଇଁ ଭଲ ସ୍ଥିତିରେ ଥିବା ସତ୍ତ୍ୱେ ଏକ ଆପୋଷ ବୁଝାମଣା କରିବାକୁ ବାଧ୍ୟ ହୁଅନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ମଧ୍ୟ ସମାନ କିଛି ଆଡ଼କୁ ଇଙ୍ଗିତ କରୁଛି । ଯୁଦ୍ଧରେ ପ୍ରବେଶ କରିବାର ଏକମାତ୍ର କାରଣ ଥିଲା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମେରୁଦଣ୍ଡ ଭାଙ୍ଗିବା ।

'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତ ଏହି ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛି । ବାହାୱଲପୁରରେ ଜୈସ-ଏ-ମହମ୍ମଦ ଏବଂ ମୁରିଦକେରେ ଲସ୍କର-ଏ-ତୈଇବାର ଘାଟି ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଛି । ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା କିମ୍ବା ସ୍ଥାୟୀ ସମାଧାନ ଖୋଜିବା ସମ୍ପର୍କରେ, ଆହୁରି ଅନେକ ମୋର୍ଚ୍ଚା ଅଛି ଯେଉଁଠାରେ ଭାରତ ପାଖରେ ପାକିସ୍ତାନ ଉପରେ ଚାପ ବଜାୟ ରଖିବାର ସୁଯୋଗ ଅଛି । ଶନିବାର ସକାଳେ ପ୍ରେସ ବ୍ରିଫିଂରେ ବୈଦେଶିକ ସଚିବ ଦେଇଥିବା ସୂଚନା ଅନୁଯାୟୀ, ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ତା'ର ସୈନ୍ୟ ମୁତୟନ କରୁଛି ଏବଂ ଭାରତୀୟ ସଶସ୍ତ୍ର ବାହିନୀ ସଜାଗ ଅଛନ୍ତି । ବୈଦେଶିକ ସଚିବଙ୍କ ସୂଚନାର ସାରାଂଶ ଥିଲା ଯେ ଉଭୟ ଦେଶ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଛନ୍ତି ।

ବିଶ୍ୱ ପୂର୍ବରୁ ରୁଷ୍-ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ-ପାଲେଷ୍ଟାଇନ ବିବାଦରେ ଫସି ସାରିଛି । ଭାରତ ଏବଂ ପାକିସ୍ତାନ ଉଭୟ ପରମାଣୁ ଶକ୍ତିଶାଳୀ । ଏପରି ପରିସ୍ଥିତିରେ, ଯଦି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହୁଏ କିମ୍ବା ଦକ୍ଷିଣ ଏସିଆରେ ଏକ ବଡ଼ ଏବଂ ଦୀର୍ଘ ଯୁଦ୍ଧ ଆରମ୍ଭ ହୁଏ, ତେବେ ଏହା କେବଳ ଆଞ୍ଚଳିକ ନୁହେଁ ବରଂ ବିଶ୍ୱ ଅସ୍ଥିରତାର ଏକ ପ୍ରମୁଖ କାରଣ ହୋଇପାରେ ।

ଭାରତ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇ ଆସୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅନେକ ଥର କହିଛନ୍ତି ଯେ ଏହା ଯୁଦ୍ଧ ନୁହେଁ, ବୁଦ୍ଧଙ୍କ ଦେଶ । ରୁଷ-ୟୁକ୍ରେନ ଯୁଦ୍ଧରେ, ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଯୁଦ୍ଧ ନକରିବାକୁ ପରାମର୍ଶ ଦେଇଥିଲେ । ଯେପର୍ଯ୍ୟନ୍ତ କୌଣସି ସ୍ଥାୟୀ ରଣନୈତିକ ଲାଭ ହାସଲ କରବାର କଥା, ଭାରତ କୂଟନୈତିକ ମୋର୍ଚ୍ଚାରେ ବହୁତ ଆକ୍ରମଣାତ୍ମକ । ଭାରତ ପାଖରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ପରି ଦକ୍ଷ ରଣନୀତିଜ୍ଞ ଅଛନ୍ତି । ଦ୍ୱିପାକ୍ଷିକ ଆଲୋଚନା ସମୟରେ ଭାରତ ଏଥିରୁ ଲାଭ ପାଇପାରିବ । ତଥାପି, ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ସୀମିତ ଏବଂ ସୁଚିନ୍ତିତ ଥିଲା, ଯାହାର ଉଦ୍ଦେଶ୍ୟ ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ନଷ୍ଟ କରିବା ଥିଲା । ପାକିସ୍ତାନୀ ଘାଟି ଉପରେ ବିମାନ ଆକ୍ରମଣ ପରେ, ଭାରତ ପ୍ରତ୍ୟେକ ଥର କହିଆସୁଛି ଯେ ଏହାର ଲକ୍ଷ୍ୟ କେବଳ ଆତଙ୍କବାଦୀ ଘାଟି । ଏହାର ଲକ୍ଷ୍ୟ ସାମରିକ ପ୍ରତିଷ୍ଠାନ (ସଶସ୍ତ୍ର ବାହିନୀ) କିମ୍ବା ନାଗରିକ ପ୍ରତିଷ୍ଠାନ କିମ୍ବା ସରକାରୀ ପ୍ରତିଷ୍ଠାନକୁ ଟାର୍ଗେଟ କରିବା କିମ୍ବା ଉସୁକାଇବା ନୁହେଁ । କିନ୍ତୁ ପାକିସ୍ତାନ ଏହାକୁ ତା'ର ସୀମାବର୍ତ୍ତୀ ଅଞ୍ଚଳର ଉଲ୍ଲଂଘନ ବୋଲି ଭାବି ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ଆବାସିକ ଅଞ୍ଚଳ ଉପରେ ଗୁଳି ଚଳାଇଥିଲା ।

ଏହା ପରେ ଭାରତ ପ୍ରତିଶୋଧ ନେଇଥିଲା, ଯେଉଁଥିରେ ଏହା ସମ୍ପୂର୍ଣ୍ଣ ସଫଳ ହୋଇଥିଲା । ଅସ୍ତ୍ରବିରତି ପୂର୍ବରୁ, ଏପରି ରିପୋର୍ଟ ଆସିଥିଲା ଯେ ଭାରତ ଆତଙ୍କବାଦ ବିରୋଧରେ ଏହାର ନୀତିରେ ଏକ ବଡ଼ ପରିବର୍ତ୍ତନ କରୁଛି । ଏବେ ଭବିଷ୍ୟତରେ, 'ଭାରତ ଉପରେ ଯେକୌଣସି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ଭାବରେ ବିବେଚନା କରାଯିବ ।'

ଏପରି ପରିସ୍ଥିତିରେ, ପାକିସ୍ତାନକୁ ଏହି କଥା ମନେରଖିବା ଉଚିତ ଯେ ଯୁଦ୍ଧବିରତି ଯୋଗୁଁ ସେ ଥରେ ଭାରତର ଭୟରୁ ରକ୍ଷା ପାଇଛି କିନ୍ତୁ ଯଦି ସେ ଭବିଷ୍ୟତରେ କିଛି କରିବାକୁ ସାହସ କରେ ତେବେ ଭାରତ ସିଧାସଳଖ ତା' ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେଇପାରିବ । ଏପର୍ଯ୍ୟନ୍ତ ଭାରତ ଆତଙ୍କବାଦ ସମ୍ପର୍କରେ ସତର୍କତା, ଆଲୋଚନା ଏବଂ ସଂଯମର ପଥରେ ଚାଲୁଛି । କିନ୍ତୁ ଏବେ ଏହା ପୋଲିସ ଏବଂ ତଦନ୍ତ ସଂସ୍ଥାଗୁଡ଼ିକର ଔପଚାରିକତାକୁ ଅପେକ୍ଷା ନକରି ଦେଶ ଭିତରେ ଘଟୁଥିବା ଯେକୌଣସି ଆତଙ୍କବାଦୀ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ । ସାମଗ୍ରିକ ଭାବରେ, ବର୍ତ୍ତମାନ ଆତଙ୍କବାଦର ପ୍ରତ୍ୟେକ ଘଟଣା ଯୁଦ୍ଧ ଭାବରେ ବିବେଚନା କରାଯିବ ଏବଂ ଭାରତ ଏକ ନରମ ରାଷ୍ଟ୍ରର ପ୍ରତିଛବିରୁ ବାହାରି ଆସି ପ୍ରତିକ୍ରିୟା ଦେଇପାରିବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଏକ ନୂତନ କଥା ନୁହେଁ । ବିଭାଜନ ପରଠାରୁ, ପାକିସ୍ତାନ ସୀମାରେ ଅନେକ ଥର ଯୁଦ୍ଧବିରତି ଉଲ୍ଲଂଘନ କରିଛି । ଏହା ସମ୍ଭବ ଯେ ସେ ନିଜର ସ୍ୱଭାବ ପରିତ୍ୟାଗ କରେ ନାହିଁ ଏବଂ ଯୁଦ୍ଧବିରତି ଉଲ୍ଲଂଘନ କରେ, ଯେପରି ସେ ବର୍ତ୍ତମାନ କରିଛି ।

ଏପରି ପରିସ୍ଥିତିରେ, ଭାରତ ଏବେ ହେବାକୁ ଥିବା ଆଲୋଚନାରେ ପାକିସ୍ତାନକୁ ଯୁଦ୍ଧବିରତିର କଠିନ ଏବଂ ବଡ଼ ସର୍ତ୍ତ ଗ୍ରହଣ କରିବାକୁ ବାଧ୍ୟ କରିବାକୁ ଚେଷ୍ଟା କରିବ । ଯଦି ଏହା ହୁଏ, ତେବେ ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ ମଧ୍ୟ ହେବ ।

ତଥାପି, ଯୁଦ୍ଧବିରତି ପ୍ରାୟତଃ ସାମରିକ ସଂଘର୍ଷ ଏବଂ ବିକ୍ଷିପ୍ତ ଘଟଣାକୁ ବଡ଼ ସଂଘର୍ଷରେ ପରିଣତ ହେବାରୁ ରୋକିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଛି । ଇତିହାସରେ ଏପରି ଅନେକ ଉଦାହରଣ ଅଛି ଯେଉଁଠାରେ ସଂଘର୍ଷରେ ଜଡିତ ପକ୍ଷମାନଙ୍କ ମଧ୍ୟରେ ଯୁଦ୍ଧବିରତି ସ୍ଥାୟୀ ଶାନ୍ତିର ପଥ ଖୋଲିଛି ।

ସଂଯୁକ୍ତ ରାଷ୍ଟ୍ର (ୟୁଏନ) ଅନୁଯାୟୀ, ଯୁଦ୍ଧବିରତି କେବଳ ଯୁଦ୍ଧରତ ପକ୍ଷମାନଙ୍କ ମଧ୍ୟରେ ଯୁଦ୍ଧ ବନ୍ଦ କରିବାର ଅର୍ଥ ନୁହେଁ । ପ୍ରଭାବଶାଳୀ ଯୁଦ୍ଧବିରତି ଚୁକ୍ତିନାମା ସାଧାରଣ ନାଗରିକଙ୍କୁ ସୁରକ୍ଷା ଦିଏ ଏବଂ ଦୁର୍ବଳ ଜନସଂଖ୍ୟା ପର୍ଯ୍ୟନ୍ତ ମାନବୀୟ ସହାୟତା ପହଞ୍ଚାଇବାକୁ ସକ୍ଷମ କରେ । ରାଜନୈତିକ ଦୃଷ୍ଟିକୋଣରୁ, ଶାନ୍ତିର ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସମାଧାନ ଖୋଜିବାର ଉପାୟ ଖୋଜିବା ପାଇଁ ଏକ ମହାନ ସୁଯୋଗ ମଧ୍ୟ ଏକ ଯୁଦ୍ଧବିରତି । ଆଶା କରାଯାଉଛି ଯେ ଚାରି ଦିନର ଯୁଦ୍ଧବିରତି ପରେ ଯୁଦ୍ଧବିରତି ପାଇଁ ରାଜି ହୋଇଥିବା ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ସମ୍ପର୍କରେ ସଂଯୁକ୍ତ ରାଷ୍ଟ୍ରର ଏହି ମନ୍ତବ୍ୟ ସଠିକ୍ ପ୍ରମାଣିତ ହେବ ।



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଭାବେ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୧ଟି ଏବଂ ଅନ୍ୟାନ୍ୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ, ଅଶ୍ୱିତୋଷ ମିଶ୍ର, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବଡ଼, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

### ରାଜନଗର ଶିଶୁ ବିକାଶ ଯୋଜନାରେ ଘୋଟାଲା

# କିଶୋରୀ ବାଳିକା ମେଳା ନାଁରେ ଲକ୍ଷାଧିକ ଟଙ୍କା ସ୍ୱାହା



ରାଜନଗର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର କିଶୋରୀ ବାଳିକାଙ୍କର ଶାରୀରିକ, ମାନସିକ ଓ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅଣ୍ଡା, ଶୋଲା ଓ ମୁଢ଼ି ପ୍ରଦାନ କରାଯାଉଛି । ଏହାର ଫଳାଫଳ ଜାଣିବା ପାଇଁ ବର୍ଷରେ ଥରେ କି ଦୁଇଥର କିଶୋରୀଙ୍କୁ ପ୍ରତ୍ୟେକ ସେକ୍ଟର ସ୍ତରରେ ଏକତ୍ର କରି ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇ ଏମାନଙ୍କୁ ପୁରସ୍କୃତ କରାଯାଉଛି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସମ୍ପନ୍ନିତ ଶିଶୁ ବିକାଶ ପ୍ରକଳ୍ପ ଅଧୀକାରିଣୀଙ୍କ ଦୁର୍ନୀତି ଖୋର ମନୋଭାବ ଯୋଗୁ କିଶୋରୀ ବାଳିକା ମେଳା ଫଳପ୍ରଦ ହେଉନଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଏହି ପ୍ରକଳ୍ପ ଅଧିନରେ ୨୭୪ଟି ଅଙ୍ଗନୱାଡି କେନ୍ଦ୍ର ଓ ୧୦ଟି ପରିଦର୍ଶିକା ସେକ୍ଟର ରହିଛି । ପ୍ରତି ସେକ୍ଟରକୁ କିଶୋରୀ ବାଳିକାଙ୍କ ମେଳା ପାଇଁ ୧୦ହଜାର ଟଙ୍କା ଲେଖାଏଁ ୧୦ଟି ସେକ୍ଟରକୁ ୧ ଲକ୍ଷ ଟଙ୍କା ସରକାର ଯୋଗାଇଛନ୍ତି । ଏହି ବ୍ଲକର ୧୦ଟି ସେକ୍ଟରର ମେଳା ନକରି ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହେଉଛି । ଏନେଇ ସିଡିପିଓଙ୍କ ସହ ଯୋଗାଯୋଗ କରିବାରୁ ସମ୍ଭ ହୋଇପାରିଲା ନାହିଁ । ତେଣୁ ଡାଙ୍ଗମାଳ, ରଙ୍ଗଣୀ, ଜଶ୍ବରପୁର, ତାଳଚୁଆ, ରାଜନଗର, ଚାନ୍ଦିବାଇଁଶମୂଳ, ସାନବଡ ଗୋପାଳପୁର, ବାଲିକଣ୍ଟା, ଗୁପ୍ତି, ହାତିନା ପ୍ରଭୃତି ସେକ୍ଟରରେ କିଶୋରୀ ମେଳା ହୋଇନଥିବା ଅଭିଯୋଗ ହୋଇଛି । ଏଥିପାଇଁ ଅର୍ଥ ଯୋଗାଇ ଥିବା ବେଳେ ସୁପରଭାଇଜର କାହିଁକି ମେଳା କରିନାହାନ୍ତି ବା ଏତେ ଟଙ୍କା କାହା ପକେଟକୁ ଯାଉଛି ତାର ତଦନ୍ତ ଜରୁରୀ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଅନିୟମିତତା ଏତିକିରେ ସୀମିତ ନ ରହି ବିଭାଗ ଅଧୀନରେ ଥିବା କେନ୍ଦ୍ରରେ ପୋଷଣ ପାଖୁଡ଼ା ପାଳନ ହୋଇନଥିବା ଅଭିଯୋଗ ହେଉଛି । ବାରମ୍ବାର ବିବାଦ ବିଭାଗର ପିଛା ଛାଡୁନଥିବା ବେଳେ ଏଥିପ୍ରତି ବିଭାଗୀୟ ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି ।

### ସୋରଡାରେ ବାଲି ଓ ପଥର ଚୋରା ମାଫିଆ ସକ୍ରିୟ

# ବାଲିଘାଟ ଓ କାରବାର ଦିନରେ ବନ୍ଦ, ରାତିରେ ଖୋଲା

ସୋରଡା(ଭାସ୍କର ନ୍ୟୁଜ): ସୋରଡା ତହସିଲ ଅଞ୍ଚଳରେ ବାଲି ଓ ପଥର ଚୋରା କାରବାର ସ୍ଥାନୀୟ ତହସିଲଦାର ଓ ସୋରଡା ଦାଇତ୍ୱରେ ଥିବା ଖଣି ଅଧିକାରୀ ମିଳିତ ଭାବେ ଅଞ୍ଚଳ ପ୍ରାୟ ଅଧିକାରୀଙ୍କ ମିଳିତ ସହଯୋଗରେ ଓ ଅଞ୍ଚଳର କିଛି ରାଜସ୍ୱ ସର୍କିଲର ରାଜସ୍ୱ କର୍ମଚାରୀଙ୍କ ମିଳିତ ସହାୟତାରେ ମୋଟା ଅଙ୍କର କାରବାର କରି ଅବାଧରେ ଚୋରା କାରବାର କରୁଛନ୍ତି ଏବଂ ଚାଲାଣରେ ଲାଗୁନି ବ୍ରେକ ବାରମ୍ବାର ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଚେତୁନି ପ୍ରଶାସନ । ସୋରଡା ତହସିଲଦାରଙ୍କ ବଦଳି ପରେ ନୂତନ ତହସିଲଦାର ନିଯୁକ୍ତି ମଧ୍ୟରେ ବର୍ତ୍ତମାନ କାର୍ଯ୍ୟରତ ବେଲଗୁଣ୍ଠା ତହସିଲଦାର ସୋରଡା ଦାଇତ୍ୱରେ ଥିଲେ ମଧ୍ୟ ଏଠି ଖଣି ଅଧିକାରୀ ସୋରଡାରେ ନିଯୁକ୍ତି କିନ୍ତୁ ବ୍ରହ୍ମପୁରରେ ରହି ସୋରଡା ତହସିଲକୁ ଖଣିଜ ପଦାର୍ଥ ଚୋରା କରବାରକୁ ରୋକିବା ବଦଳରେ ମାଫିଆଙ୍କୁ ସମସ୍ତ ପ୍ରକାର ରକ୍ଷା କବଚ ଦେଇ ଚୁପ ହୋଇ ବସିଛନ୍ତି । ସୋରଡା ତହସିଲ ଅଞ୍ଚଳରେ ସୋରଡା, ଜଓ ସର୍କିଲ ସୋରଡା, ଗାଜଲବାଡ଼ି, ଅଶୁରବନ୍ଧ, ବଡଗଡ, ସିଦ୍ଧପୁରୁ, ସୋରବାଡ଼ି, ମେଡିକୋଟ, ବୋର୍ଦ୍ଦା, ଲାଠିପଡା, ଏକଲପୁର ଓ ଅନ୍ୟାନ୍ୟ ଅଞ୍ଚଳର ବିଭିନ୍ନ ପାହାଡ଼, ପଥର ଖାଦାନରୁ ବିଭିନ୍ନ ନଦୀରୁ ଶତାଧିକ ବାଲି ଓ ପଥର ବୋଝେଇ ଟ୍ରକ, ଟ୍ରାକଟୋର, ହାଇୱା ଗୁଡ଼ିକ ଦ୍ୱାରା ରାତି ଅଧରୁ ପାହାନ୍ତିଆ ପର୍ଯ୍ୟନ୍ତ ଚୋରା ଚାଲାଣ ହୋଇଥାଏ । ଏହି ଚୋରାଚାଲାଣ ସମସ୍ତଙ୍କ ନଜରକୁ ଆସିଥିଲେ ମଧ୍ୟ ଖଣି ଅଧିକାରୀ, ରାଜସ୍ୱ ବିଭାଗର ଅଧିକାରୀ କୁଆଡେ ଜାଣିପାରୁନାହାନ୍ତି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ହାନି ହେଉଛି, କେବଳ ସେତିକି ନୁହେଁ ଚୋରା ମାଫିଆ ବାଲି, ପଥର ଚୋରାରେ, ବଡି ଦେଇ ଏବଂ ରାସ୍ତାରେ ଧରାପଡିଲେ ସେମାନଙ୍କ ଲାଞ୍ଚ ଦେଉଥିବା ଏ ସମସ୍ତ ଖର୍ଚ୍ଚ ବହନ କରୁଥିବା, ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ ଯୋଜନାରେ କାର୍ଯ୍ୟ କରୁଥିବା ଗରିବ ହିତାଧିକାରୀ, ଠିକାଦାରଙ୍କ ଉପରେ ଏସମସ୍ତ ଖର୍ଚ୍ଚ ଚାପାଇ ଚଢ଼ା ଦରରେ ଅଞ୍ଚଳରେ ବିକ୍ରି କରାଯାଉଛି । ଫଳରେ ଗରିବ ହିତାଧିକାରୀ ଓ ସାଧାରଣ ନାଗରିକ ଚଢ଼ାଦରରେ କିଣି ଘର କରିବାରେ ହଇରାଣ ହେଉଛନ୍ତି ଅଧିକାଂଶ ବାଲି ଓ ପଥର ଚାଲାନ ବିନା ରୟେଲଟି ଚାଲାଣରେ ଚାଲିଛି । ସୋରଡା ତହସିଲର ଭାରପ୍ରାପ୍ତ ତହସିଲଦାର ବେଲଗୁଣ୍ଠାରେ ରହୁଥିବା ବେଳେ ଖଣି ବିଭାଗର ଅଧିକାରୀଙ୍କ ବ୍ରହ୍ମପୁରରେ ରୁହନ୍ତି । ଗଞ୍ଜାମ ଜିଲ୍ଲାପାଳ ସୋରଡା ତହସିଲ ଅଞ୍ଚଳ ଉପରେ ଅଚାନକ ରାତିଅଧିଆ ଚଢାଉ କଲେ ଚୋରା କରବାରର ଆନେକ ରହସ୍ୟ ଧରାପଡିବା । ଖଣି ଅଧିକାରୀ ସୋରଡାରେ ରହୁନଥିବାରୁ ଖଣି ବିଭାଗ ସଚିବ ତଦନ୍ତ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି । ଦୁଇ ଅଧିକାରୀଙ୍କ କାର୍ଯ୍ୟ କଳାପରେ ତଦନ୍ତ କରି କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡା ପ୍ରେସ କ୍ଲବର ଆଡବାଇଜର ଆରାପାଲି ସାରଥି ଦାବି କରିଛନ୍ତି ।

## ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଇଫ୍କୋ ଡିଏଭି ବିଦ୍ୟାଳୟର ସଫଳତା


ପାରାଦ୍ୱୀପ(ଭାସ୍କର ନ୍ୟୁଜ): ଚଳିତ ୨୦୨୪-୨୫ ବର୍ଷ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଇଫକୋ ଡିଏଭି ଇଦ୍ୟାଳୟର ଛାତ୍ରଛାତ୍ରୀ ଫଳତାର ଏକ ନୂତନ ପାହାଚ ସ୍ପର୍ଶ କରିଛନ୍ତି । ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଇଫକୋ ଡିଏଭି ବିଦ୍ୟାଳୟରେ ଛାତ୍ରଛାତ୍ରୀ ୫୬ଜଣଙ୍କ ମଧ୍ୟରୁ ୫୧ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଶ୍ରୀମାନ ଓମ୍ ସ୍ୱରୂପ ଖଣ୍ଡୱାଲ ୯୬ %, ସୁଶ୍ରୀ ରୋସନୀ ମହାପାତ୍ର ୯୪.୬୦% ଓ ଉଦୟ ପାଣ୍ଡେ ୯୨.୪କ୍ଷ % ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି କ୍ଷ ସେହିପରି ଇଂରାଜୀରେ ୯୯, ପଦାର୍ଥ ବିଜ୍ଞାନରେ ୯୭, ରସାୟନ ବିଜ୍ଞାନରେ ୯୭, ଗଣିତରେ ୯୦, ଜୀବବିଜ୍ଞାନରେ ୯୯, ଶାରୀରିକ ଶିକ୍ଷାରେ ୯୪, କମ୍ପୁଟର ଶିକ୍ଷାରେରେ ୯୭, ହିନ୍ଦିରେ ୯୩ ସର୍ବୋଚ୍ଚ ନମ୍ବର ରଖିବାରେ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି । ସେହିପରି ମାଧ୍ୟମିକ ପରୀକ୍ଷାରେ ବିଦ୍ୟାଳୟର ସତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବା ସହ ଅଦଭୂତ ସଫଳତା ହାସଲ କରିଛନ୍ତି । ୫୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅର୍କଜ୍ୟୋତି ପ୍ରଧାନ ୯୭.୮୦% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇସୁଶ୍ରୀ ଭୂୟାଁ ୯୫.୨୦% ନମ୍ବର ରଖି ଦ୍ୱିତୀୟ ଓ ଯଶସ୍ୱିନୀ ପଲାଇ ୯୪.୬୦% ଅଙ୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀରେ ୯୭, ହିନ୍ଦିରେ ୯୭, ଓଡ଼ିଆରେ ୯୯, ସଂସ୍କୃତ ୧୦୦, ଗଣିତ ୧୦୦ ଓ ସାମାଜିକ ବିଜ୍ଞାନରେ ୯୯ ସର୍ବୋଚ୍ଚ ନମ୍ବର ରଖିଛନ୍ତି । ସଫଳତା ପାଇଁ ଇଫକୋ ପାରାଦୀପ ଶାଖା ମୁଖ୍ୟ ତଥା ବିଦ୍ୟାଳୟର ପରିଚାଳକ ପି.କେ.ମହାପାତ୍ର, ଓଡିଶା ଡିଏଭି ସମୂହର ନିର୍ଦ୍ଦେଶକ ଡ଼ଃ.କେଶବ ଚନ୍ଦ୍ର ଶତପଥୀ ଓ ଆଞ୍ଚଳିକ ଅଧିକାରୀଣି ଡ଼ଃ. ସୁଜାତା ସାହୁ ଡିଏଭି ଇଫକୋ ବିଦ୍ୟାଳୟର ଅଧକ୍ଷ ସମ୍ବିତ ସୁକୁମାର ଚିନରା ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବୃତ୍ତିଗତ ସାମାଜିକ କର୍ମୀ ସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ବୃତ୍ତିଗତ ସାମାଜିକ କର୍ମୀ ସଂଘର ବରିଷ୍ଠ ସଦସ୍ୟମାନେ ଗତ ୧୧ତାରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଓଡ଼ିଶାରେ ସାମାଜିକ କାର୍ଯ୍ୟଶିକ୍ଷା ସମ୍ପର୍କରେ ସେମାନଙ୍କର ଚିନ୍ତା ପ୍ରକାଶ କରିଥିଲେ । ଓଡ଼ିଶାରେ ସାମାଜିକ କାର୍ଯ୍ୟ ଶିକ୍ଷା ପ୍ରତିଷ୍ଠାର ୫୦ ବର୍ଷ ପରେ ମଧ ଏହା ଅନ୍ୟ ବିଭାଗର ଏକ ଅଂଶ ଭାବରେ କିମ୍ବା ଅନ୍ୟାନ୍ୟ ଅଧ୍ୟୟନ କ୍ଷେତ୍ରର ଅଧୀନରେ କାର୍ଯ୍ୟ କରି ଏକ ଅବହେଳିତ ବିଭାଗ ଭାବରେ ଜାରି ରହିଛି । ଏହାର ସମସାମୟିକ ଗୁରୁତ୍ୱକୁ ଅଣଦେଖା କରି ଓଡ଼ିଶାରେ କୌଣସି ସ୍ୱାଧୀନ ସାମାଜିକ କାର୍ଯ୍ୟ ବିଭାଗ ପ୍ରତିଷ୍ଠା ହୋଇନାହିଁ । ଓଡିଶାରେ ସାମାଜିକ କାର୍ଯ୍ୟଶିକ୍ଷାର ସ୍ଥିତି ଏକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ତେଣୁ ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାର ଉନ୍ନତି ବିଷୟରେ ଆଲୋଚନା କରିବା ପାଇଁ, ସଦସ୍ୟ ଏବଂ ମନ୍ତ୍ରୀଙ୍କ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା ହୋଇଥିଲା । ଓଡିଶାର ପ୍ରତ୍ୟେକ ସରକାରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ସାମାଜିକ କାର୍ଯ୍ୟ ବିଭାଗ ପ୍ରତିଷ୍ଠା କରି ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାକୁ ଆନୁଷ୍ଠାନିକ କରିବା ସହ ସୁଲଭ ଦେୟରେ ସାମାଜିକ କାର୍ଯ୍ୟ ଶିକ୍ଷା ପ୍ରଦାନ ପାଇଁ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା । ଏହାସହ ସାମାଜିକ କାର୍ଯ୍ୟଶିକ୍ଷା ପାଇଁ ଏକ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା ଯାହାଦ୍ୱାରା ଏହା ସମଗ୍ର ଓଡ଼ିଶାରେ ସମାନ ଭାବରେ ପ୍ରୟୋଗ ହୋଇପାରିବ । ଓଡିଶାରେ ସାମାଜିକ କାର୍ଯ୍ୟଶିକ୍ଷାର ଶୈକ୍ଷିକ ଅଭିବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଏବଂ ଦକ୍ଷ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ଏକ ଦାବି କରାଯାଇଥିଲା । ପ୍ରଶାସନିକ ଅବହେଳା, ପାଣ୍ଠିର ଅପବ୍ୟବହାର ଏବଂ ଦୁର୍ନୀତି ଦୂର କରିବା ମଧ ସଦସ୍ୟଙ୍କ ଦ୍ୱାରା ଉଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା ।

## ସିବିଏସ୍‌ସି ଦଶମ ଓ ଦ୍ୱାଦଶରେ ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲର ସଫଳତା



ପାରାଦୀପ(ଭାସ୍କର ନ୍ୟୁଜ): ସିବିଏସସି ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୪-୨୫ ଶିକ୍ଷା ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ପିପିଏଲ ଡିଏଭି ସ୍କୁଲର ୪୦ ଛାତ୍ରଛାତ୍ରୀ ଦଶମ ତଥା ୩୫ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ ଓ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦଶମ ଶ୍ରେଣୀ ପରୀକ୍ଷାରେ କୁମାରୀ ଅନୁଷ୍କା ସ୍ୱାଇଁ ୯୬.୪ ପ୍ରତିଶତ ନମ୍ବର ରଖି ପ୍ରଥମ, କୁମାରୀ ପ୍ରିୟଙ୍କା ତରାଇ ୯୬.୨ ପ୍ରତିଶତ ରଖି ଦ୍ୱିତୀୟ ଏବଂ ପ୍ରାଂଶୁ ପ୍ରଜ୍ଞାନ ବେହେରା ୯୫.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନରେ ଅଛନ୍ତି । ମୋଟ ୧୧ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସେହିଭଳି ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷାରେ ସୂର୍ଯ୍ୟଦିପ୍ତ ପ୍ରଧାନ ୯୪ ପ୍ରତିଶତ, କୁମାରୀ ଦୀପିକା ନାୟକ ଓ ମେହୁଲ ଜେନା ଉଭୟ ୯୧.୨ ପ୍ରତିଶତ ଏବଂ କୁମାରୀ ଶିବାନୀ ସାମନ୍ତରାୟ ୮୯.୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ସଂଜୀବ କୁମାର ସାହୁ, ପିପିଏଲର ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ପଲାନିସାମି ଭେଲୁସାମି, ପିପିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ସୁମିତ ସେନାପତି, ଡି.ଏ.ଭି ଓଡିଶା ଜୋନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ କେଶବ ଚନ୍ଦ୍ର ଶତପଥୀ, ଆଞ୍ଚଳିକ ଅଧିକାରୀଣି ଡ଼ଃ ସୁଜାତା ସାହୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କୃତି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି ।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶରେ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତା



ବ୍ୟାସନଗର(ଭାସ୍କର ନ୍ୟୁଜ): ପ୍ରକାଶ ପାଇଛି ୨୦୨୪-୨୫ ଶିକ୍ଷାବର୍ଷ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ । ଚଳିତ ବର୍ଷ ଦ୍ୱାଦଶରେ ମୋଟ ପାସ୍ ହାର ୮୮.୩୯ ପ୍ରତିଶତ ଥିବା ବେଳେ ଦଶମ ପାସ ହାର ୯୩.୬୬ ପ୍ରତିଶତ ରହିଛି । ଏହା ମଧ୍ୟରୁ ଝିଅଙ୍କ ପାସ୍ ହାର ୯୧.୬୪ପ୍ରତିଶତ ଥିବା ବେଳେ, ପୁଅଙ୍କ ପାସ୍ ହାର ୮୫.୭୦ ରହିଛି । ତେବେ ବ୍ୟାସନଗର ପୌରାଞ୍ଚଳ କୁସୁନପୁରସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅପୂର୍ବ ସଫଳତା ହାସଲ କରିଛନ୍ତି । ଦୁଇଟି ପରୀକ୍ଷାରେ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି । ସିବିଏସଇ ଦଶମ ବୋର୍ଡ ପରୀକ୍ଷା ରେ ୧୦୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଇଶାନ ଗୁପ୍ତା ୯୯% ଓ ମୟଙ୍କ ରାଜ ୯୯% ରଖି ଟପର ହୋଇଛନ୍ତି । ତତ୍ ସହିତ ସାଇ ଶ୍ଳୋକ ବିଶ୍ୱାଳ ୯୮%, ଅନନ୍ୟା ସିଂହ ୯୭% , ଭାରତ ବଜାଜ ୯୭% ରଖି ଦଶମ ପରୀକ୍ଷା ରେ ଗୌରବ ହାସିଲ କରିଛନ୍ତି । ୯୦% ଉର୍ଦ୍ଧ୍ୱ ନମ୍ବର୍ ରଖି ୪୫ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଦ୍ୱାଦଶ ପରୀକ୍ଷାରେ ୨୯୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ୩୫ ଜଣ ରହିଛନ୍ତି । ବିଜ୍ଞାନରେ ୩୦ ଜଣ ଓ ବାଣିଜ୍ୟରେ ପାଞ୍ଚ ଜଣ । ବିଜ୍ଞାନରେ ସ୍ୱୟମ ନିର୍ଲିପ୍ତା ସାହୁ ୯୮.୨% ନମ୍ବର୍ ରଖି ଟପର ହୋଇଛନ୍ତି । ତତ୍ ସହିତ ରୋସନ୍ ଗୁପ୍ତା ୯୫.୬%, ଆର୍‌ବି ଶୁଭମ୍ ୯୪.୮ %, ବାଣିଜ୍ୟରେ ଅଙ୍କିତ କୁମାର ନାୟକ ୯୪%, ଚିରଞ୍ଜିବ ପତି ୯୩.୬ %, ଚନ୍ଦନ ଶର୍ମା ୯୩.୨% , ତୃପ୍ତିସ୍ମିତା ସ୍ୱାଇଁ ୯୨.୮%, ଦିପ୍ତିମୟୀ ମହନ୍ତ ୯୨.୩% ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଅଧକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପ ପ୍ରଧାନାଚାର୍ଯ୍ୟ ଆର ଏନ ରୟତ ସିଂ ଓ ଚକ୍ରଧର ପାଣି, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ବଲବୀର ସିଂ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି ।

### ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘର ଆନ୍ଦୋଳନ ପ୍ରସଙ୍ଗ

## ଅଭିଭାବକଙ୍କ କମିଟି ଗଠନ ନେଇ ବିଧାୟକ ଲେଖିଲେ ଚିଠି



BABU SINGH, M.L.A.
EKAMRA BHUBANESWAR
ODISHA LEGISLATIVE ASSEMBLY

Letter No [illegible]

Date [illegible]

Smt. Shalini Pandit, IAS,
Commissioner-cum-Secretary to Govt.
School & Mass Education Department.

BJEM Parents Association Regd. No. 189, dated 03.03.2025 filed a complaint before you regarding fee hike of BJEM School. On the basis of that complain enquiry was made by DEO. On hearing both parties Department of School and Mass Education in Letter 12710, dated 03.05.2025 intimated to Chairman, School Management Committee, BJEM to constitute a committee comprising members of School Management and parent representative to include a minimum of one parent from each grade. Therefore, the Management should be instructed to select parent representative especially from BJEM Parents Association who filed Grievances before you. Care should be taken not to take parents other than the Parents Association who filed a complaint. Accordingly school authority may be instructed.

Sd/-
(Babu Singh)
BABU SINGH
M.L.A. Ekamra-Bhubaneswar
District- Khordha

Copy forwarded to the Chief Secretary for information and necessary action.

(Babu Singh)
BABU SINGH
M.L.A. Ekamra-Bhubaneswar
District- Khordha

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଇମ ସ୍କୁଲରେ ଆଜିକୁ ୬୪ ଦିନ ହେବ ଚାଲିଥିବା ଫି ବୃଦ୍ଧି ବନ୍ଦ ଓ ଦୁର୍ନୀତି ବିରୁଦ୍ଧରେ ଦିନ ରାତି ଏକ କରି ଅଭିଭାବକ ସଙ୍ଘ ଆନ୍ଦୋଳନ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ ମଧ ଚାଲୁ ରହିଛି । ସଂଘ ପକ୍ଷରୁ ୫୦୦ ପୃଷ୍ଠାର ଦସ୍ତାବିଜ୍ ମଧ ଇଓଡବ୍ଲୁରେ ଦାଖଲ କରାଯାଇଛି । ୨୦୦ କୋଟି ଟଙ୍କାର ହେର ଫେର ଅଭିଯୋଗ ମଧ କରାଯାଇଛି । ବିଧାୟକ ବାବୁ ସିଂ ପୃଥକ ଭାବେ ବୈଠକ ମଧ କରିଥଲେ ଓ ନିଜେ ମଧ ସ୍କୁଲକୁ ଯାଇ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥଲେ । ସେଥିରେ କିଛି ରାସ୍ତା ନ ବାହାରିବାରୁ ଗତ ମଇ ଦୁଇ ତାରିଖରେ ସ୍କୁଲ ଅଭିଭାବକ ସଂଘ ପକ୍ଷ ରୁ ଏକ ଆମରଣ ଅନଶନ କରାଯାଇ ଥିଲା । ଗତ ତିନି ତାରିଖରେ ଗଣଶିକ୍ଷା ବିଭାଗ ସଚିବଙ୍କ ଡାକରାରେ ସ୍କୁଲ ଅଭିଭାବକ ସଂଘର ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ନିତ୍ୟାନନ୍ଦ ବେହେରା ଓ କୋଷାଧକ୍ଷ ସତ୍ୟବ୍ରତ ସାହୁ ତିନିଜଣ କର୍ମକର୍ତ୍ତାଙ୍କ ସହ ନିର୍ଦ୍ଦେଶକ, ଗଣ ଶିକ୍ଷା, ଡିଇଓ, ଖୋର୍ଦ୍ଧାଙ୍କ ସହ ବହୁ ଗଣଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀ ଯୋଗଦେଇ ଆଲୋଚନା କରିଥଲେ । ରାଜ୍ୟ ସରକାର ସ୍କୁଲ ତିଆରି କରିବା ପାଇଁ ମାଗଣା ଜମି ଯୋଗାଇ ଦେଇଥିଲେ । ବିଧାୟକ ଓ ସାଂସଦ ପାଣ୍ଠିରୁ ମଧ ଘର ତିଆରି ହେଇ ଥିବା ଜଣାପଡ଼ିଛି । ଗତ ୩ ତାରିଖରେ ସ୍କୁଲ ଅଭିଭାବକ ସଂଘର ସଚିବଙ୍କ ସହ ଆଲୋଚନା ପରେ ଏକ ଚିଠି ଶିକ୍ଷା ବିଭାଗ ପକ୍ଷରୁ ବାହାରି ଥିଲା । ସେଥିରେ ସ୍କୁଲ ମ୍ୟାନେଜର ପ୍ରତାପ ଜେନା ଓ ଅଧକ୍ଷା ସନ୍ଧ୍ୟା ଜେନାଙ୍କୁ ଶିକ୍ଷା ବିଭାଗ ଚିଠି ନ ଦେଇ ସିଧାସଳଖ ସ୍କୁଲ ପରିଚାଳନା କମିଟି ଅଧକ୍ଷ ରଘୁନାଥ ମିଶ୍ରଙ୍କୁ ଦିଆଯାଇଛି । ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ବିଧାୟକ ଏହି ଚିଠି ଦେଖିବା ପରେ ଆଜି ସକାଳୁ ହଠାତ ଏକ ଚିଠି ପୁଣି ଗଣ ଶିକ୍ଷା ବିଭାଗ ସଚିବଙ୍କୁ ଲେଖିଛନ୍ତି । ସେଥିରେ ସିଧାସଳଖ ସଚିବଙ୍କୁ ଲେଖିଛନ୍ତି ଯେ, ଯେଉଁ ୧୨ ଜଣିଆ କମିଟି ଗଠନ କରିବା ପାଇଁ ସ୍କୁଲ ପରିଚାଳନା କମିଟି ଅଧକ୍ଷ ରଘୁନାଥ ମିଶ୍ର ଙ୍କୁ ଦାୟୀତ୍ୱ ଦେଇଛନ୍ତି , ସେ ୧୨ ଜଣ ଅଭିଭାବକଙ୍କ ନାମ ସ୍କୁଲ ଅଭିଭାବକ ସଙ୍ଘ ଦେବା ପାଇଁ ସ୍କୁଲକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ବିଧାୟକ । ଯାହାର ନକଲ ମୁଖ୍ୟ ଶାସନ ସଚିବଙ୍କୁ ମଧ ଦିଆଯାଇଛି । ବିଧାୟକଙ୍କ କଡ଼ା ଚିଠିକୁ ନେଇ ଆଜି ସବୁଆଡେ ଆଲୋଚନା ଜୋର୍ ଧରିଛି । ସ୍କୁଲ ଅଭିଭାବକ ସଂଘ କିଛି ପ୍ରତିନିଧି ବିଧାୟକ ବାବୁ ସିଂଙ୍କୁ ଭେଟି ଥିଲେ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ୪ହଜାର ଅଭିଭାବକଙ୍କୁ ନ୍ୟାୟ ଦେବା ପାଇଁ ତାଙ୍କର ପ୍ରତିଟି ମୁହୂର୍ତ୍ତ ପାଇଁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ବିଧାୟକ ବାବୁ ସିଂ କହିଲେ ମୁଁ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରୁଛି କେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ନୁହେଁ । ବ୍ୟସ୍ତବିବ୍ରତ ହୁଅନ୍ତୁ ନାହିଁ ବୋଲି ପ୍ରତିଶୃତି ଦେଇଥିଲେ ଓ ସମସ୍ୟା ସମାଧାନ ନ ହେଲେ ମୁଁ ନିଜେ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ବିଧାୟକ ଉପସ୍ଥିତ ଅଭିଭାବକ ମାନଙ୍କୁ ଜଣାଇଥିଲେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସଂଘର ସଭାପତି ରଞ୍ଜନ କୁମାର ଦାସ ଜଣାଇଛନ୍ତି ।

## ବାପା ମାଆ ଛେଉଣ୍ଡ ନାବାଳକ ଭାଇଙ୍କୁ ଭେଟିଲେ ବିଡିଓ



ଜଳେଶ୍ୱର(ଭାସ୍କର ନ୍ୟୁଜ): ବିଭିନ୍ନ ଗଣମାଧ୍ୟମରେ ଦୁଇ ବାପାମାଆ ଛେଉଣ୍ଡ ନାବାଳକ ପିଲାଙ୍କ ବିଷୟରେ ଖବର ପ୍ରକାଶିତ ପରେ ଗତକାଲି ଅପରାହ୍ନ ୫ଟାରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଆରୁହା ଗ୍ରାମସ୍ଥିତ ସେମାନଙ୍କ ଘରେ ପହଞ୍ଚିଥିଲେ । ଏହା ଏକ ହୃଦୟ ବିଦାରକ ଘଟଣା ହୋଇଥିବାରୁ ବିଡିଓ ଶ୍ରୀ ଘୋଷ ଭାବବିହ୍ୱଳ ହୋଇ ପଡ଼ିଥିଲେ । ଦୁଇଭାଇଙ୍କୁ ବ୍ୟକ୍ତିଗତ ଭାବେ ଆର୍ଥିକ ସାହାଯ୍ୟ ସହ ରେଡକ୍ରସରୁ ଅର୍ଥ ସାହାଯ୍ୟ ପାଇଁ ସେ ଚେଷ୍ଟିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେଠାରେ ଆରୁହା ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି ଉପସ୍ଥିତ ଥିଲେ । ସେହିପରି ସମ୍ବେଦନଶୀଳ ଘଟଣା ଶୁଣି ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସକାଳ ୮ରେ ପରିବାର ପାଖରେ ଉପସ୍ଥିତ ହୋଇ ସମସ୍ତ ବିଷୟ ଅନୁଧ୍ୟାନ କରି ସରକାରଙ୍କ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର ଟଙ୍କା ସହାୟତା କରିବେ ବୋଲି କହିଥିଲେ ।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ୫୫ ଅଭିଯୋଗ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ପଞ୍ଚାୟତ ସମିତି ସଭାଗୃହରେ ଢେଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୫୫ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୪୦ଟି ବ୍ୟକ୍ତିଗତ, ୬ଟି ଗ୍ରାମ୍ୟ ସମସ୍ୟା ଥିଲା । ଏହି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଜଣ ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ଜଣଙ୍କୁ ସମୁଦାୟ ୬୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଭୁବନ ବିଡିଓ ଆୟୁଶୀ ମହାପାତ୍ର, ତହସିଲଦାର ସୁର୍ଯ୍ୟ ଶଙ୍କର ଦାଶ, ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍‌ଙ୍କ ସମେତ ପଞ୍ଚାୟତ ସମିତି କର୍ମଚାରୀମାନେ ଉପସ୍ଥିତ ଥିଲେ କ୍ଷ ତେବେ ଆବଶ୍ୟକୀୟ ସୂଚନା ଅଭାବରୁ ୧୮ଟି ପଞ୍ଚାୟତ ଓ ଭୁବନ ଏନ୍ଏସିରୁ ମାତ୍ର ୫୫ଟି ଅଭିଯୋଗ ଦାଖଲ ହୋଇଥିଲା ।

## ନିମାପଡ଼ାରେ କଳା ପଲସର ଆତଙ୍କ, ଛାତ୍ରଙ୍କଠୁ ମୋବାଇଲ୍ ଲୁଟ୍

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ାରେ କଳା ପଲସର ଆତଙ୍କ ଦେଖାଦେଇଛି । କଳା ପଲସରରେ ମୁହଁରେ ମୁଖା ପିନ୍ଧି ୩ ଜଣ ଯୁବକ ଆତଙ୍କ ରଚୁଥିବା ବେଳେ କଲେଜ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ୍ କରି ଲୁଟ୍ କରି ଚାଲିଛନ୍ତି । ଏହାକୁ ନେଇ ଛାତ୍ରଛାତ୍ରୀ ରାସ୍ତାରେ ଯାତାୟତ କରିବା ନିରାପଦ ମଣୁ ନାହାନ୍ତି । ଏହି କଳା ପଲସରଧାରୀ ଯୁବକମାନେ ଛକି ରହି ଏପରି କାର୍ଯ୍ୟ କରୁଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ବଡ଼ଶିରିବିଲା ପଂଚାୟତର ରାଧାକାନ୍ତ ମହାପାତ୍ର ନୁହାରକିରି ଜେଲ ରୋଡ଼ରେ ଭଡ଼ା ଘରେ ରହୁଥିବା ବେଳେ ତାଙ୍କ ଭଣଜା ଦୀପକ କୁମାର ମହାପାତ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ +୨ ବାଣିଜ୍ୟ ବିଭାଗରେ ପଢୁଥିବା ବେଳେ ଗତ ସୋମବାର ସଂଧ୍ୟାରେ ସାଇକେଲ ଯୋଗେ ଭଡ଼ା ଘରୁ ଟ୍ୟୁସନକୁ ଯାଉଥିବା ବେଳେ ନିମାପଡ଼ା-ବଳଙ୍ଗା ରାସ୍ତା କୋର୍ଟ ଛକ ନିକଟସ୍ଥ ସାଇଲୋଟସ୍ ମଣ୍ଡପ ନିକଟରେ ପଛପଟୁ ଏକ କଳା ପଲସର ବାଇକ୍‌ରେ ୩ ଜଣ ଯୁବକ ଦ୍ରୁତ ବେଗରେ ଆସି ଛାତ୍ର ଦୀପକ କୁମାର ମହାପାତ୍ରଙ୍କ ଠାରୁ ସାମସଙ୍ଗ ମୋବାଇଲ୍ ଛଡ଼ାଇ ନେଇ ଦ୍ରୁତ ବେଗରେ ନିମାପଡ଼ା ଅଭିମୁଖେ ପଳାଇ ଥିଲେ । ଏ ସଂପର୍କରେ ଛାତ୍ରଙ୍କ ମାମୁଁ ରାଧାକାନ୍ତ ମହାପାତ୍ର ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଛି ।

## ପୁଣି ଲଜ୍ଜା: ୭ବର୍ଷର ନାବାଳିକାକୁ ଦୁଷ୍କର୍ମ କଲା ବଙ୍ଗାଳି ଫେରିବାଲା

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା-ପିପିଲିରେ ପୁଣି ଏକ ଲଜ୍ଜାକର ଘଟଣା ଘଟିଛି । ୭ବର୍ଷର ନାବାଳିକାକୁ ୬୮ ବର୍ଷର ବୃଦ୍ଧ ଦୁଷ୍କର୍ମ କରିଥିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ପୂର୍ବରୁ ମଧ ଦୁଷ୍କର୍ମ ଘଟଣା ଘଟିଥିବା ବେଳେ ୭ବର୍ଷର ନାବାଳିକାକୁ ଜଣେ ବୃଦ୍ଧ ଦୁଷ୍କର୍ମ କରିବା ଆଲୋଡ଼ନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ପିପିଲି ବ୍ଲକ୍‌ରୁ ଜଣେ ୭ବର୍ଷର ନାବାଳିକାକୁ ଉଠାଇ ନେଇ ୬୮ ବର୍ଷର ବୃଦ୍ଧ ଦୁଷ୍କର୍ମ କରିବା ଘଟଣାରେ ପିପିଲିରେ ଏହା ଲଜ୍ଜାକର ଘଟଣା ଘଟିଛି । ପୂର୍ବରୁ ମଧ ଜଣେ ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରାଯାଇ ଗର୍ଭବତୀ ଥିବାବେଳେ ୭ ବର୍ଷିୟା ନାବାଳିକାକୁ ପିଇସା ଦୁଷ୍କର୍ମ କରିବା ଘଟଣା ଲିଭି ନଥିବା ବେଳେ ପୁଣି ନାବାଳିକାକୁ ଦୁଷ୍କର୍ମ କରିବା ସାଧାରଣରେ ଚିନ୍ତା ପ୍ରକଟ କରିଛି । ସାତ ବର୍ଷର ନାବାଳିକା ରବର ଖେଳଣା କିଣିବା ପାଇଁ ବୃଦ୍ଧ ବଙ୍ଗାଳି ଫେରିବାଲା ଘରକୁ ଯାଇଥିଲା । ଏକୁଟିଆ ପାଇ ନାବାଳିକାକୁ ଟେକି ନେଇ ବୃଦ୍ଧ ଫେରିବାଲା ଦୁଷ୍କର୍ମ କରିବା ପରେ କାହା ଆଗରେ କହିଲେ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିଲେ । ନାବାଳିକା ଅସୁସ୍ଥ ହେବାରୁ ତାଙ୍କ ମାଆକୁ ସବୁ କଥା କହିଥିଲେ । ପରିବାର ଲୋକେ ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ପିପିଲି ହସ୍ପିଟାଲ୍‌କୁ ନେଇଥିଲେ । ଡ଼ାକ୍ତର ପରୀକ୍ଷା କରି ଜାଣିବାକୁ ପାଇଲେ ନାବାଳିକାକୁ ଦୁଷ୍କର୍ମ କରାଯାଇଛି । ଏ ସଂପର୍କରେ ନାବାଳିକା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ପଶ୍ଚିମବଙ୍ଗ ମେଦିନାପୁର ଜିଲ୍ଲା ଖାକୁରଦା ଥାନା ଶାବଳା ଗାଁର ସେକ୍ ବେଲି (୬୮)ଙ୍କୁ ପୋଲିସ ଗିରଫ କରିଛି । ପୀଡ଼ିତା ଅଭିଯୁକ୍ତକୁ ଡ଼ାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତକୁ ପୁରୀ ସ୍ପେଶାଲ୍ କୋର୍ଟରେ ହାଜର କରାଯାଇଛି । ଜାମିନ୍ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରେ ଥିବା ଜଣାପଡ଼ିଛି ।

## ପ୍ରାକ୍ତନ ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବଡ଼ପଡ଼ିଆ ମାର୍କେଟର ଜଣାଶୁଣା ପୁରାତନ ତଥା ପ୍ରାକ୍ତନ ହୋଟେଲ ବ୍ୟବସାୟୀ ଏମ.କେ. ଗୋପାଳକୃଷ୍ଣଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଙ୍ଘ ପକ୍ଷରୁ ସଙ୍ଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ସକାଳ ୯ଟା ସମୟରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱ ରେ ଆୟୋଜିତ ଏହି ଶୋକସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧକ୍ଷ ସୋମନାଥ ଖୁଣ୍ଟିଆ, ସଦସ୍ୟ ମୁରଲୀ ରାଓ, ପ୍ରଶାନ୍ତ ପରିଡା, ପ୍ରକାଶ ଦାସ, ତନ୍ମୟ ଦାସ, ଦେବାଶିଷ ସାହୁ, ପ୍ରକାଶ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀମାନେ ଯୋଗଦେଇ ସ୍ୱର୍ଗତ ଗୋପାଳକୃଷ୍ଣଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ତାଙ୍କ ସମାନର୍ଥେ ସକାଳେ କିଛି ସମୟ ମାର୍କେଟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସୂଚନାଥାଉକି, ସ୍ୱର୍ଗତ ଗୋପାଳକୃଷ୍ଣ ଦୀର୍ଘ ୫୦ ବର୍ଷ ହେବ ରେବୀକା ହୋଟେଲ ପ୍ରତିଷ୍ଠା କରି ବ୍ୟବସାୟ କରିଆସୁଥିଲେ । ସେ ଜଣେ ଅମାୟିକ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ ।

## ପଞ୍ଚାୟତର ଜଳଦାନ କେନ୍ଦ୍ର ଫଟୋରେ ସୀମିତ

ରାଜନଗର(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ପ୍ରତ୍ୟେକ ପଞ୍ଚାୟତରେ ଜନଗହଳି, ଛକସ୍ଥାନରେ ଜଳଦାନ ବ୍ୟବସ୍ଥା ପ୍ରତିବର୍ଷ ପରି ଚଳିତବର୍ଷ କରାଯାଉଛି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅଧିନସ୍ଥ ଗ୍ରାମପଞ୍ଚାୟତ ଗୁଡିକରେ ତାହା ଦେଖିବାକୁ ମିଳୁନଥିବା ବେଳେ ବାଟୋଇ ଖରାରେ ପାଣିଟୋପେ ପିଇବା ପାଇଁ ଡହଳବିକଳ ହେଉଛନ୍ତି । ରାଜନଗର ପଞ୍ଚାୟତର, ପୋଲପାଖ, ବ୍ଲକ୍‌ଗେଟ ଓ ଜଗନ୍ନାଥ ମନ୍ଦିର ନିକଟ ମିଶି ତିନି ଜାଗାରେ ସାଧା ଜଳଦାନ କରାଯାଉଛି । ହେଲେ ବାଇପାସ୍ ଷ୍ଟେଟବ୍ୟାଙ୍କ ନିକଟରେ ଜନଗହଳି ଥିବାରୁ ସେଠାରେ ପଞ୍ଚାୟତ ତରଫରୁ ଜଳ ଦାନ ବ୍ୟବସ୍ଥା କରାଯାଇ ନାହିଁ । ବ୍ଲକର ଅନ୍ୟ ପଞ୍ଚାୟତ ଗୁଡିକରେ ଜଳଦାନ କରାଯାଉଛି ବୋଲି ବ୍ୟାନର ଲଗାଇ ଦୁଇ ତିନିଦିନ ଜଳଯୋଗାଇ ଫଟୋ ଉଠାଇ ଅଫିସରଙ୍କୁ ପଠାଇ ତାଙ୍କୁ ଖୁସ୍ କରାଉଛନ୍ତି । କେବଳ ରାଜନରର ତିନିଟି ପ୍ଏଣ୍ଟ ଛଡା ଅନ୍ୟ ପଞ୍ଚାୟତରେ ଜଳ ହାଣ୍ଡି ଉଭାନ ହୋଇ ବ୍ୟାନରରେ ଜଳଯୋଗଣ ହେଉଛି । ଏହି ଭଳି କାଗଜକଲମରେ ଜଳଛତ୍ର କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିବା ପ୍ରୟାସକୁ ରାଜନଗର ବିଡିଓଙ୍କ ନାକତଳେ ଷ୍ଟେଟବ୍ୟାଙ୍କ ସେଠାରେ ଜଳଯୋଗାଣର ଚିତ୍ର ସହ ସମଗ୍ର ପଞ୍ଚାୟତର ଚିତ୍ର ଦେଖିବା ପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ତାହା ବିଡିଓଙ୍କ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି ।

## ୪୪ ଅଙ୍ଗନୱାଡି ଗୃହ ନିର୍ମାଣ ଓ କାଳବୈଶାଖୀ କ୍ଷୟକ୍ଷତି ସମୀକ୍ଷା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଜରୁରିକାଳୀନ ସମୀକ୍ଷା ବୈଠକ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ୪୪ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିବା ବେଳେ ଆବାଦ ଯୋଗ୍ୟ ଅନାବାଦୀ ଜାଗା ନ ଥିବା ଓ ବିଭିନ୍ନ ପ୍ରତିବନ୍ଧକ ଯୋଗୁଁ ଜମି ଅଧିଗ୍ରହଣ ହୋଇ ପାରୁନାହିଁ ଓ ଗୃହ ନିର୍ମାଣ କାର୍ଯ୍ୟମଧ ହୋଇପାରୁନାହିଁ । ସେଥିନେଇ ୧୦ ଦିନ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇ ସେ ବାବଦରେ ବ୍ଲକ ତହସିଲ ମିଳିତ ଭାବେ ଉନ୍ନୟନ ବିଭାଗ ଦ୍ୱାରା ସମୀକ୍ଷା କରା ଯାଇଥିଲା । ତତ ସହିତ ମାର୍ଚ୍ଚ ମାସରେ ହୋଇଥିବା କାଳ ବୈଶାଖୀ ଯୋଗୁଁ ରାଇବଣିଆ ଅଞ୍ଚଳର କେତେକ ଗ୍ରାମ ପଞ୍ଚାୟତ ଯଥା- ଖୁଦିଆମାଝୀସାହି, ଶ୍ରୀରାମପୁର, ମାକିଡ଼ିଆ, କାଳିକ, ସର୍ଦ୍ଦାରବନ୍ଧ, ରାଇବଣିଆ, ଓଲମରା, ଶ୍ୟାମନଗର ଓ ଦକ୍ଷିଣପ୍ରହାରାଜପୁର ଗ୍ରାମ ପଞ୍ଚାୟତର କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ବିଡିଓ ତଥା ତହସିଲଦାର ଗୌରାଙ୍ଗ ଚରଣ ଘୋଷ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ଅତିରିକ୍ତ ତହସିଲଦାର ନିଧି ବେହେରା, ସିନିଅର କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ପ୍ରଭାକର ଷଡଙ୍ଗୀ, ଏଡିଓ ପାୟଲ ସାହୁ, ବରିଷ୍ଠ ରାଜସ୍ୱ କିରାଣୀ ଶଶୀକାନ୍ତ ସିଂ ଓ ମାୟାବତୀ ମାଝୀ, ରାଜସ୍ୱ ପରିଦର୍ଶକ ଶରତ ବେହେରା ଓ ଗୋପାଳ ମାଝୀ, ରାଜସ୍ୱ ନିରୀକ୍ଷକ ଶ୍ରୀମନ୍ତ ସିଂ, ଶରତ ଭଞ୍ଜ, ରଞ୍ଜନ ପାଣି, ରଘୁନାଥ ପାତ୍ର, ଶିବ ଶଙ୍କର ସେନାପତି, ଦେବାଞ୍ଜନ ମହାନ୍ତି, ରାଜେଶ କୁମାର ଦେ ଓ ରାଧାକାନ୍ତ ଦେ, ବ୍ଲକ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ପ୍ରଧାନ, ଗୌତମ ନାୟକ, ଅଶୋକ ପ୍ରସାଦ ମହାନ୍ତି, ଜେଆର ଦାସ ଅଧିକାରୀ, ସୁନନ୍ଦା ବେହେରା, ସବିତା ମାଝୀ, ଶୁଭସ୍ମିତା ବେହେରା, ସୁଶାନ୍ତ ପ୍ରଧାନ, ରଞ୍ଜନ ବିଶ୍ୱାଳ, ବିବି ବାରିକଙ୍କ ସହିତ ସମସ୍ତ ଗ୍ରାମ ପଞ୍ଚାୟତର ପିଇଓ, ଏଡିଡିଓ ଓ ସମସ୍ତ କୃଷି ଗ୍ରାମ ପଞ୍ଚାୟତ ଅଧିକାରୀମାନେ ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବାରିପଦା, (ଭାସ୍କର ନ୍ୟୁଜ୍ ) : ପ୍ରିୟଦର୍ଶିନୀ ନର୍ସିଂ କଲେଜର ସ୍ୱନକ୍ଷତ୍ର ଦିବସ ଅବସରରେ ଏହି ଶିକ୍ଷାନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଗମ୍ଭୀର ଉତ୍ସାହ ଓ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଛି। ଗତ ସୋମବାର ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିବା ଉତ୍ସବରେ ବିଭିନ୍ନ କ୍ଷେତ୍ରର ଜ୍ଞାନୀ ଗୁଣୀ ବ୍ୟକ୍ତିବର୍ଗଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା।କାର୍ଯ୍ୟକ୍ରମର ଉଦ୍ଘାଟନ କଲେ କଲେଜର ଡାଇରେକ୍ଟର ଡା. ପ୍ରିୟଦର୍ଶିନୀ ବାରିକ୍ ସହ ଅତିଥିବୃନ୍ଦ, ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ଶିକ୍ଷାବିଦ ଡା. ପାର୍ଥସାରଥୀ ଜେନା, ସାମାଜିକ କର୍ମୀ ଦେବସ୍ମିତା ମହାପାତ୍ର, ସ୍ୱୟଂ ସଂସ୍ଥାପକା ଡା. ପ୍ରିୟଦର୍ଶିନୀ ବାରିକ୍ ଓ ବିଶିଷ୍ଟ ଅତିଥି ଗୌରଚନ୍ଦ୍ର ସୂରା ଅତିଥିମାନଙ୍କ ପ୍ରେରଣାଦାୟୀ ବକ୍ତବ୍ୟ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇଥିଲା। ଡା. ପାର୍ଥସାରଥୀ ଜେନା ତାଙ୍କର ଦିଗଦର୍ଶନମୂଳକ ଅଭିଭାଷଣରେ ନର୍ସିଂ ପେଶାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଗୌରଚନ୍ଦ୍ର ସୂର୍ ତାଙ୍କ ମୂଲ୍ୟବାନ ଶବ୍ଦରେ ଛାତ୍ରଛାତ୍ରୀମାନେ କିପରି ଦୃଢ଼ ସଂକଳ୍ପ ଓ ମାନବିକ ସେବାରେ ନିରତ ହେବେ, ତାହା ଉପସ୍ଥାପନ କରିଥିଲେ। ଉତ୍ସବ ଅବସରରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ନୂଆ କୋର୍ସ ଉନ୍ମୋଚନ, ସ୍ୱାସ୍ଥ୍ୟ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଅଲୋଚନା, ଛାତ୍ରଛାତ୍ରୀଙ୍କ ସଂସ୍କୃତିକ ପ୍ରଦର୍ଶନୀ, ବୈଷୟିକ ବିସ୍ତାର ବିଷୟରେ ସେମିନାର ଇତ୍ୟାଦି। ଏହି ବାର୍ଷିକ ଉତ୍ସବ ମାଧ୍ୟମରେ ପ୍ରିୟଦର୍ଶିନୀ ନର୍ସିଂ କଲେଜ ନିଜ ଉନ୍ନତିର ଏକ ମିଳିତ ଚିତ୍ର ଉପସ୍ଥାପନ କରିଛି, ଯାହା ନିଶ୍ଚୟ ଭାବେ ଭବିଷ୍ୟତରେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନେ ପାଇଁ ଆଦର୍ଶ ହେବ।

## ନୃସିଂହନାଥ ବୈଶାଖ ମେଳାର ଷଷ୍ଠ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟାକ୍ରମ



ବରଗଡ଼, (ଭାସ୍କର ନ୍ୟୁଜ୍) : ପ୍ରସିଦ୍ଧ ତିର୍ଥ କ୍ଷେତ୍ର ନୃସିଂହନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ପାଳନ ଅବସରରେ ଷଷ୍ଠ ସନ୍ଧ୍ୟାରେ ବୈଶାଖ ମେଳା କମିଟି ତରଫରୁ ଆୟୋଜିତ ସାଂସ୍କୃତିକ ମଞ୍ଚ ଢୋଲ ନିଶାନ ଆଦି ବାଦ୍ୟର ତାଳେ ତାଳେ ଦୁଲୁକିଥିଲା। ଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁ ତଥା ଯାତ୍ରୀଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କମିଟି ତରଫରୁ ସାଂସ୍କୃତିକ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳମାନଙ୍କୁ ନେଇ ୩ ଦିନ ଧରି ଦୁଲୁକିଥିଲା ମଣ୍ଡପ। ନୃସିଂହନାଥ ସ୍ଥିତ ମାର୍ଜାର କେଶରୀ ସାଂସ୍କୃତିକ ମଣ୍ଡପ ଠାରେ ଶେଷ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ତଥା ସୁଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଟଲି ବିଧାୟକ ଇରଶିସ ଆଚାର୍ଯ୍ୟ, ପଦ୍ମଶ୍ରୀ ହଳଧର ନାଗ, ପଦ୍ମପୁର ବିଧାୟକଙ୍କ ପ୍ରତିନିଧି ପ୍ରିତମ୍ ମେହେର, ଲୋକ ସଭା ସାଂସଦଙ୍କ ପ୍ରତିନିଧି ଗୋବର୍ଦ୍ଧନ ଭୁଏ ଯୋଗ ଦେଇଥିବା ସମ୍ମାନିତ ଅତିଥି ଭାବରେ ମନ୍ଦିର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ଦେବାଶିଷ ସେହ୍ନା, ମନ୍ଦିର ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପୂର୍ବକ ଶେଷ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚର ଆରମ୍ଭ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଗଡମେଜର ଅନୁଷ୍ଠାନ ର ନୃତ୍ୟ ଶିକ୍ଷୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପ୍ରଦର୍ଶିତ କରାଯାଇଥିବା ବେଳେ ପଦ୍ମପୁର ସଙ୍ଗୀତ ସେମିତିର ଡାଲଖାଇ ନୃତ୍ୟ, ଭେଡେନ ଚୁମକୁଚୁମା କଲାପରିଶଦର ସମ୍ବଲପୁରୀ ନୃତ୍ୟ, ତଥା ପାଇକମାଳ ଯମୁନା କନ୍ଧୁଣୀ ବିଦ୍ୟାଳୟର ଛାତ୍ରୀ ମାନଙ୍କ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ଶ୍ରୀ ଶ୍ରୀ ନୃସିଂହ ଚରିତ ଓ ମୂଷିକ ଦତ୍ୟ ଦରବାର ଅନ୍ତିମ ଦୃଶ୍ୟ କିପରି ମୂଷିକ ଦତ୍ୟ ପାହାଡ ଗୁମ୍ଫାରେ ଆତ୍ମ ଗୋପନ ପାଇଁ ରହିଗଲା ଓ ପ୍ରଭୁ ଶ୍ରୀ ହରି ବିଷ୍ଣୁ ଦତ୍ୟର ସଂହାର ପାଇଁ ମାର୍ଜାର କେଶରୀ ରୂପରେ ପ୍ରତିଷ୍ଠିତ ହେଲେ ତାହା ମଞ୍ଚସ୍ଥ ହୋଇଥିଲା। ତେବେ ଏହି ମନଲୋଭା ସାଂସ୍କୃତିକ ସନ୍ଧ୍ୟାକୁ ଆନନ୍ଦର ସହ ଉପଭୋଗ କରିଥିଲେ ଦର୍ଶକ। ତେବେ ସମାଜ ସେବାରେ ନିଯାର ଅତୁଟ ନିଷ୍ଠା ଓ ଦୃଢ଼ ସଂକଳ୍ପ ପାଇଁ ବରଗଡ଼ ସଂକଳ୍ପ ପାରିବାରର ସଦସ୍ୟ ମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିବା ବେଳେ ଶେଷ ସନ୍ଧ୍ୟାରେ ସମସ୍ତଙ୍କ ଠାରୁ ଆଗମୀ ବର୍ଷ ପାଇଁ ବିଦାୟ ନେବା ସହ ମନ୍ଦୀର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଓ ଅଲଚିକି ଲିପିର ଶତବାର୍ଷିକୀ ପାଳିତ



କେନ୍ଦୁଝର , (ଭାସ୍କର ନ୍ୟୁଜ୍ ) : ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥିରେ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ ତମ ଜନ୍ମ ଜୟନ୍ତୀ ଓ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅଲଚିକି ଲିପିର ଶତବାର୍ଷିକୀ କେନ୍ଦୁଝର ସହରର ଧୋବାଡ଼ିହା ଗ୍ରାମରେ ମହା ସମାରୋହରେ ପାଳିତ ହୋଇଛି। ସୋମବାର ସକାଳୁ କେନ୍ଦୁଝର ସାନ୍ତାଳ ସାହିତ୍ୟ ଓ ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ଏବଂ ଧୋବଡିହା, ଶିରିପୁର, ଗୁମୁରା ରାଜବନ୍ଧ, ଜନାର୍ଦ୍ଦନ ପୁର ଗ୍ରାମବାସୀଙ୍କ ଉପସ୍ଥିତିରେ ଧୋବାଡ଼ିହା ଛକରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସାନ୍ତାଳୀ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ଖେଲାରାମ ମାଝୀ, ଶେଖର ମାରାଣ୍ଡି, ଅର୍ଜୁନ ଚରଣ ହେମ୍ବ୍ରମ୍, ମୀନା ମାଝୀ, ଶିବ ଚରଣ ହେମ୍ବ୍ରମ୍ ପ୍ରମୁଖ ପ୍ରଥମେ ମାଲ୍ୟାର୍ପଣ କରିବା ପରେ କେନ୍ଦୁଝର ସାନ୍ତାଳୀ ସାହିତ୍ୟ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସୁନାରାମ ମାର୍ଡ୍ଡୀ, ହରିହର ହାସଦା, ଦୁଖୀଶ୍ୟାମ ମାର୍ଡ୍ଡୀ, ସୁପାଇ ମୁର୍ମୁ, ଶିବଶଙ୍କର ମାର୍ଡ୍ଡୀ, ସୌଭାଗ୍ୟ ସୋରେନ ପୁରୁଷୋତ୍ତମ ହେମ୍ବ୍ରମ, ଜ୍ୟୋତିଲାଲ ହେମ୍ବ୍ରମ, ନିର୍ମଳ ଚନ୍ଦ୍ର ଟୁଡୁ, ଅଜିତ ମୁର୍ମୁ, ଗୋପୀନାଥ ସୋରେନ ଓ ଜିତେନ୍ଦ୍ର ଟୁଡୁ ପ୍ରମୁଖ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। କେନ୍ଦୁଝରର ସାନ୍ତାଳ ସଙ୍ଗଠନ ପକ୍ଷରୁ ପାରମ୍ପାରିକ ପୋଷାକ ପରିଧାନ କରି ଶତାଧିକ ସାନ୍ତାଳୀ ଭାଇ ଭଉଣୀ ଆଦିବାସୀ ନୃତ୍ୟର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ଅପରାହ୍ନରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଗୁମୁରା କ୍ଲବ ପରିସରରେ କରାଯାଇଥିଲା। ଏଥିରେ ଅନେକ ସାନ୍ତାଳୀ ବୁଦ୍ଧିଜୀବୀ ନିଜ ନିଜର ଅଭିବ୍ୟକ୍ତି ମାଧ୍ୟମରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଇଜ ପ୍ରତିଯୋଗିତା ଓ ନୃତ୍ୟଗୀତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାଶେଷରେ ଧନ୍ୟବାଦ ଅର୍ପଣ ସହ ସଭା ଶେଷ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

## ୨୦ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଗଞ୍ଜାମ ଜିଲ୍ଲା ଶାଖାର ଏକ ଜରୁରୀ ବୈଠକ ସ୍ଥାନୀୟ ହିଲପାଟଣା କମ୍ୟୁନିଟି ହଲରେ ବିଶିଷ୍ଟ ଶ୍ରମିକ ନେତା ପ୍ରଶାନ୍ତ (ନିଲୁ) ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମଇ ୨୦ ତାରିଖରେ ୧୭ ଦଫା ଦାବି ଯଥା ୪ଶ୍ରମ କୋଡ଼ ବାତିଲ କରିବା, ଆଇଏଏଲସି ତୁରନ୍ତ କରିବା, ଓପିଏସ ଲାଗୁ କରିବା, ସ୍କିମ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସର୍ବନିମ୍ନ ମାସିକ ମଜୁରୀ ୨୬୦୦୦ ଟଙ୍କା ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କୁ ଠିକ୍ ସମୟରେ ପରିଚୟ ପତ୍ର ଓ ସହାୟତା ପ୍ରଦାନ କରିବା, ଏମ୍ଏସ୍‌ପିକୁ ଆଇନ ପରିସର ଭୁକ୍ତ କରିବା ଭଳି ବିଭିନ୍ନ ଦାବି ହାସଲ ନେଇ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟ ସଫଳ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା ସହରର ବିଭିନ୍ନ ଛକ ବସଷ୍ଟାଣ୍ଡ, ରେଳ ଷ୍ଟେସନ, ବଡ ବଜାର ତଥା ଜନଗହଳି ପୂର୍ଣ୍ଣ ସ୍ଥାନରେ ପଥପ୍ରାନ୍ତ ସଭା ସହ ମୋଟର ସାଇକେଲ ରାଲି ବାହାର କରି ଧର୍ମଘଟ ବିଷୟରେ ସଚେତନ କରାଯିବ ବୋଲି ନିଷ୍ପତି ନିଆଯାଇଛି।

## ବ୍ରିଜ ତଳକୁ ଖସିଲା ବାଲି ବୋଝେଇ ଟିପର



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଡୁମୁରିପଦର ବ୍ରିଜ ଉପରୁ ପ୍ରାୟ ୫୦ ମିଟର ତଳକୁ ଏକ ବାଲି ବୋଝେଇ ଟିପର ଆଜି ସକାଳେ ଖସି ପଡିଛି। ଟିପର ଚାଳକ ଓ ହେଲ୍ପର ଡେଇଁ ପଡି ଜୀବନ ବଞ୍ଚାଇଥିବା ବେଳେ ଟିପର ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରି ଫେରି ଆସିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣା ପଡିଛି। ଆଜି ଭୋର ଛଅ ଟାରେ ଓଡି ୧୮-୯୨୧୯ ନମ୍ବର ଥିବା ଏକ ହଳଦିଆ ରଙ୍ଗର ବାଲି ବୋଝେଇ ଟିପର ରାୟଗଡାରୁ ବାଲି ବୋଝେଇ କରି ଲକ୍ଷ୍ମୀପୁର ବ୍ଲକର କୁସୁମଗୁଡା ଗ୍ରାମକୁ ଆସୁଥିଲା। ହେଲେ ଡୁମୁରି ପଦର ଗ୍ରାମ ନିକଟ ଘାଟି ଚଢୁଥିବା ବେଳେ ତେଲ ସରିଯିବାରୁ ଟିପରଟି ଏୟାର ନେଇ ପଛକୁ ଗଡ଼ି ଯାଇଥିଲା। ଫଳରେ ରାସ୍ତା କଡରେ ଥିବା ସୁରକ୍ଷା ବାଡ଼କୁ ଭାଙ୍ଗି ଏକ ବ୍ରିଜ ତଳକୁ ଖସି ପଡିଥିଲା।

## ଦିବ୍ୟାଙ୍ଗ ମହିଳାଙ୍କୁ ସହାୟତାର ହାତ ବଢାଇଲା ବ୍ଲକ୍ ପ୍ରଶାସନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତର ଜିଗିଡିଗୁଡା ଗାଁର ୫୫ ବର୍ଷୀୟ ଦିବ୍ୟାଙ୍ଗ କମଳା କାମଡିଙ୍କୁ ସରକାରୀ ସୁବିଧା ମିଳୁ ନଥିବା ନେଇ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ସହୟତାର ହାତ ବଢାଇଛନ୍ତି। କମଳାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନଥିବା ଜାଣିବାକୁ ପାଇବା ପରେ କମଳାକୁ ନେଇ ଭିନ୍ନକ୍ଷମ ପ୍ରମାଣ ପତ୍ର କରାଯିବା ସହିତ ତାଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି। ଏହା ସହ ଅନ୍ତୋଦୟ ଗୃହ ଯୋଜନାରେ କମଳାଙ୍କୁ ଗୋଟିଏ ଗୃହ ଯୋଗାଇ ଦିଆଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି କିଆଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ଲକିନାଥ ପୂଜାରୀ କମଳାଙ୍କ ବ୍ୟାଙ୍କ ଖାତା ଖୋଲିବା ସହିତ ଯିବା ଆସିବା କରିବା ପାଇଁ ଏକ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। ଏ ନେଇ କମଳାଙ୍କ ପରିବାର ଲୋକେ ଖୁସିବ୍ୟକ୍ତ କରିବା ସହିତ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ଜୁଆ ଖେଳି ସର୍ବସ୍ୱାନ୍ତ ଗ୍ରାମବାସୀ



ନିଆଳୀ, (ଭାସ୍କର ନ୍ୟୁଜ୍) : ନିଆଳୀ ଥାନା ଅଧିନସ୍ତ ବିନିଶିପୁର ପଞ୍ଚାୟତରେ ବର୍ଷକ ବାରମାସ ଖରା, ବର୍ଷା କି ଶୀତକୁ ଖାତିର ନ କରି ଖୁଲମଖୁଲା ଚାଲେ ଜୁଆଖେଳ। ଉପକୂଳ ଓଡ଼ିଶାର ପାଞ୍ଚଟି ଜିଲ୍ଲା ଯାଜପୁର, କେନ୍ଦ୍ରାପଡା, ଜଗତସିଂପୁର, ପୁରୀ, କଟକ ସମେତ ଖୋର୍ଦ୍ଧା ଜିଲ୍ଲାରୁ ଶହ ଶହ ଲୋକ ନାମି ଦାମୀ ଗାଡି ଧରି ଜୁଆ ଖେଳିବାକୁ ବିନିଶପୁର ଆସୁଛନ୍ତି। ଯେଉଁ ଜାଗାରେ ଜୁଆଖେଳ ହୁଏ ସତେ ଯେମିତି ଅପେରା ପାଟି ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ଜୁଆଖେଳ ପଛରେ କାହାର ଯେ ହାତ ରହିଛି ତାହା ଗ୍ରାମବାସୀଙ୍କ ମନରେ ପ୍ରଶ୍ନ ଉଠେ। ଦୁଇ ଦୁଇ ଥର ପୋଲିସ ଚଢ଼ାଉ କରି ଗିରଫ କରିଥିଲେ ମଧ୍ୟ ସେମାନଙ୍କୁ ସାଙ୍ଗେ ସାଙ୍ଗେ ଜାମିନ ମିଳିବାରୁ ସେମାନେ ପୁନଃବାର ଜୁଆଖେଳ ଆରମ୍ଭ କରିଦେଉଛନ୍ତି। ଏଥିପ୍ରତି ନିଆଳୀ ଥାନା ପୋଲିସ ଓ ଗ୍ରାମାଞ୍ଚଳ ଏସିପି ଦୃଷ୍ଟି ଦେବାକୁ ଦାବି ହେଉଛି। ଯଦି ତୁରନ୍ତ ପଦକ୍ଷେପ ନିଆଯାଏ ତେବେ ବହୁ ପରିବାର ସର୍ବସ୍ୱାନ୍ତ ହେବାରୁ ବଞ୍ଚିଯିବେ।

## ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ପବିତ୍ର ବୈଶାଖ ପୂର୍ଣ୍ଣମୀ ଅବସରରେ ସନ୍ଥ କବି ଭୀମ ଭୋଇଙ୍କ ମାମୁଁଘର ମଥୁରା ଗୋପପୁର ଠାରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ବଳାସିଙ୍ଗା ମହୁଲମୂଳ ସାଧୁ କୃଷ୍ଣ ଚନ୍ଦ୍ର ଦାସଙ୍କ ଦ୍ୱାରା ଧ୍ୱନୀ ସ୍ଥାପନ କରି ଯଜ୍ଞ କରାଯାଇଥିଲା। ତତ୍‌ପରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଧୁ କୃଷ୍ଣ ଚନ୍ଦ୍ର ଦାସ ଯୋଗ ଦେଇ ଭୀମ ଭୋଇଙ୍କ ମାମୁଁଘର ଗୋପ ପୁରରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସାଧୁ ସନ୍ଥ ନିବାସ ନିର୍ମାଣ, ଗବେଷଣାଗାର ସ୍ଥାପନ, ଭୀମ ଭୋଇ କଲ୍ୟାଣ ମଣ୍ଡପ ଇତ୍ୟାଦି କାର୍ଯ୍ୟ ସହିତ ଭିତ୍ତିଭୂମି ବିକାଶ ପାଇଁ ସ୍ଥାନୀୟ ସରପଞ୍ଚ, ବିଡ଼ିଓ, ଜିଲ୍ଲା ପ୍ରଶାସନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନା କରିବା ପାଇଁ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ବକ୍ତାଭାବେ ଯୁବ ଗବେଷକ ତଥା ଅଧ୍ୟାପକ ଦିବ୍ୟ ରଞ୍ଜନ ତ୍ରିପାଠୀ ଯୋଗଦେଇ ଭୀମଭୋଇଙ୍କ ଜନ୍ମ ସ୍ଥାନ ଉପରେ ଆହୁରି ଗବେଷଣା କରି ପ୍ରମାଣିତ କରିବା ପାଇଁ ଏକ ସେମିନାର ଆୟୋଜନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମଥୁରା ସରପଞ୍ଚ ପ୍ରଦୀପ କୁମାର କଂହର ଯୋଗ ଦେଇ ପଂଚାୟତ ଦ୍ୱାରା ଯେତିକି ସମ୍ଭବ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବଳାସିଙ୍ଗା ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନ ଓ କେଳାକଟା ଚିରଞ୍ଜୀବ ପ୍ରଧାନ ମଞ୍ଚାସିନ ଥିଲେ। ସମସ୍ତ ଆୟୋଜନ ଗୋପପୁର ଗ୍ରାମବାସୀ କରିଥିବା ବେଳେ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଜନ ସାଧାରଣ ଯୋଗଦେଇ ଥିଲେ। ସ୍ମୃତି ଚାରଣ ସଭାକୁ ପରିଚାଳନା କରିଥିଲେ ସାମାଜିକ କର୍ମୀ କୃତ୍ତିବାସ ପଲିଆ ଓ ଶେଷରେ ମୁଖ୍ୟ ଆୟୋଜକ ନିର୍ଗୁଣ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯ରେ ଲୋକନାଥ ଚୌଧୁରୀ ପ୍ରତିମୂର୍ତ୍ତି ଶିଳାନ୍ୟାସ

କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଓଡିଶାର ବିଶିଷ୍ଟ ବାମ ନେତା ତଥା ଜଗତସିଂହପୁର ପୂର୍ବତନ ସାଂସଦ କ.ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ସୋମବାର କୁଜଙ୍ଗ ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସଭାରେ ବାମନେତା ଦିବାକର ନାୟକଙ୍କ ଦେହାନ୍ତ ଓ ଯୁଦ୍ଧ ସହିଦଙ୍କ ସମ୍ମାନରେ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୧୯ ତାରିଖ ସୋମବାର ଲୋକନାଥ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି। କ.ଲୋକନାଥ ଚୌଧୁରୀ ଜନ୍ମ ଶତ ବାର୍ଷିକୀ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ ପ୍ରଭାକର ଭଞ୍ଜଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏଥିନେଇ ନିଷ୍ପତି ହେବା ସହ ଶିଳାନ୍ୟାସ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ସ୍ଥାନୀୟ ସାଂସଦଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ନେତୃତ୍ୱ ମାନେ ଯୋଗ ଦେବେ ବୋଲି ପ୍ରସ୍ତାବ ନିଆଯାଇଛି। କୁଜଙ୍ଗ ଲୋକନାଥ ଭବନ ସମ୍ମୁଖରେ ଏକ ପୂର୍ଣ୍ଣ ପ୍ରତିମୂର୍ତ୍ତି ପାଇଁ ଶିଳାନ୍ୟାସ ହେବ ଓ କୁଜଙ୍ଗ ବ୍ଲକ ସୂଚନା ଭବନ ଠାରେ ସ୍ମୃତି ସଭା ଆୟୋଜନ ହୋଇଥିବା ଜଣା ପଡିଛି। ଏହି ସଭାରେ ଏକ ସର୍ବ ଦଳୀୟ କମିଟି ଗଠନ କରାଯାଇ ଲୋକନାଥ ବାବୁଙ୍କ ଜୀବନ ତମାମ ସାଧନା ଓ ତ୍ୟାଗ ସମ୍ପର୍କରେ ଉପସ୍ଥିତ ସଭାସଦ ଆଲୋଚନା କରିଥିଲା। ସଭାରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ସରୋଜ କୁମାର ପଟ୍ଟନାୟକ, ପିତାମ୍ବର ତରାଇ, ଶ୍ରୀନିବାସ ଜୁଝାର ସିଂ, ରବୀନ୍ଦ୍ର ମହାପାତ୍ର, ପୁରୁଷୋତ୍ତମ ସ୍ୱାଇଁ ଓ ଗଗନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲୋକନାଥଙ୍କ ଜୀବନାଦର୍ଶ ନେଇ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସଭାରେ ନିଷ୍ପତି ହୋଇଥିଲା।

## ସତ୍ୟନାରାୟଣ କଲେଜରେ ଆନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ସଦର ମହାକୁମ ସ୍ଥିତ ସତ୍ୟନାରାୟନ ନର୍ସିଂ ମହାବିଦ୍ୟାଳୟ ଠାରେ ୫୧ ତମ ଆନ୍ତର୍ଜାତୀୟ ନର୍ସିଂ ଦିବସ ମହାବିଦ୍ୟାଳୟରେ ପାଳିତ ହୋଇଅଛି । ଏହି ଉତ୍ସବରେ ମାଲକାନଗିରି ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିସନର ମୁଖ୍ୟ ଡକ୍ଟର ମୌସୁମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ସେବିକା ସଂଯୁକ୍ତ ସେଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟରେ ଜି ଏନ୍ ଏମ ବିଭାଗର ଅଧକ୍ଷ୍ୟା ସୁଶ୍ରୀ ସୁମରିନ ସୁମନ କାର୍ତ୍ତିକ ଅତିଥି ପରିଚୟ ପ୍ରଦାନ କରିବା ପରେ ନର୍ସିଂ ଶିକ୍ଷାର ପ୍ରତିଷ୍ଠତା ଫ୍ଲୋରେନ୍ସ ନାଇଟଙ୍ଗେଲ୍‌ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା । ଏହି ଉତ୍ସବରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ଏହି ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ମୌସୁମୀ ମିଶ୍ର ସେବିକା ଜୀବନରେ ନମ୍ରତା, ଶୃଙ୍ଖଳିତ, ବ୍ୟବହାର ସହ କର୍ମସ୍ଥଳରେ ନିଷ୍ଠାପର ସେବା ଯୋଗେଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ନିଜ କର୍ମଜୀବନର ଦୀର୍ଘ ୩୦ ବର୍ଷ ସେବା ଓ ସାଧନା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ସେବିକା ଶିକ୍ଷା ଓ ବୃତ୍ତିର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟଙ୍ଗେଲ୍ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରର୍ତ୍ତାଇ ଥିଲେ । ଏହି ଆନ୍ତର୍ଜାତୀୟ ନର୍ସିଂ ଦିବସ ଉପଲକ୍ଷେ ସତ୍ୟନାରାୟଣ ଅନୁଷ୍ଠାନରେ ଦୀର୍ଘ ଏକ ସପ୍ତାହ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠାନ କରଯାଇଥିଲା । ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନିମନ୍ତ୍ରିତ ସମ୍ମାନିତ ଅତିଥି ସଞ୍ଜୁକ୍ତା ସେଠିଙ୍କ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା, ନିଷ୍ଠାପର ସେବା, ତ୍ୟାଗ ଓ ତପସ୍ୟା ନିମନ୍ତେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଡକ୍ଟର ମୌସୁମୀ ମିଶ୍ର ତାଙ୍କୁ ଶ୍ରେଷ୍ଠ ସେବିକା ଟ୍ରଫି ପ୍ରଦାନ କରିଥିଲେ। ପରିଶେଷରେ ଅନୁଷ୍ଠାନର ଅଧ୍ୟାପିକା ସୁଶ୍ରୀ ସୀମା ବାଛାର ସମସ୍ତ ଅତିଥି ବୃନ୍ଦଙ୍କୁ ତଥା ସମସ୍ତ ଉପସ୍ଥିତ ଅଧକ୍ଷା, ଅଧ୍ୟାପିକା, ପରିଚାଳନା ନିର୍ଦ୍ଦେଷକ ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିବା ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଲ୍ଡର୍ସ କବଜାରେ ସରକାରୀ ଜମି ରାସ୍ତା

ଫୁଲନଖରା, (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ତହସିଲ ଅନ୍ତର୍ଗତ ବ୍ରାହ୍ମଣ ଝରିଲୋ ଆର୍ଆଇ ସର୍କଲ ଅଧୀନ ବାଟପୁରଣ ଗ୍ରାମରେ କ୍ରିଷ୍ଣା କନଷ୍ଟ୍ରକ୍ସନ ନାମକ ଜଣେ ବିଲ୍ଡର ସରକାରୀ ଗୋଚର ଜମିରେ ତାଙ୍କ ଆପାର୍ଟମେଣ୍ଟକୁ ରାସ୍ତା ନିର୍ମାଣ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଲିଖିତ ଆକାରରେ ରାଜସ୍ୱ ବିଭାଗ ଉଚ୍ଚପଦାଧିକାରୀଙ୍କୁ ଜଣାଇବା ପରେ ଗତବର୍ଷକ ଭିତରେ ବାରଙ୍ଗ ତହସିଲଦାର ଆସି ରାସ୍ତା ଉଚ୍ଛେଦ କରିଥିଲେ। ସମ୍ପୃକ୍ତ ବିଲଡର ଜଣକ ଗ୍ରାମ୍ୟ କମିଟିଙ୍କ ଦ୍ୱାରସ୍ଥ ହୋଇ ଗାଁ ଠାକୁର ଘରକୁ ମୋଟାଙ୍କର ଅର୍ଥ ପ୍ରଦାନ କରିଥିଲେ। ଏହି ବାବଦରେ ଗ୍ରାମ ଲୋକଙ୍କ ମଧ୍ୟରେ ଦୁଇଭାଗ ହୋଇ କୋର୍ଟ କଚେରି ଥାନା ଫାଣ୍ଡିରେ କେଶ ମାମଲା ମାନ ବିଚାରାଧୀନ ରହିଛି। ଗ୍ରାମର କିଛି ଲୋକ ପୁନର୍ବାର ରାସ୍ତା ଉଚ୍ଛେଦ ନେଇ ଉଚ୍ଚପଦସ୍ଥ ଅଧିକାରୀ ଓ କଟକ ଜିଲ୍ଲାପାଳଙ୍କ ପାଖେ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳଙ୍କ ଆଦେଶ ମୁତାବକ ବାରଙ୍ଗ ତହସିଲଦାରଙ୍କ ନିର୍ଦ୍ଦେଶ ମତେ ୧୩ତାରିଖ ମଙ୍ଗଳବାର ସକାଳ ୧୦ଟା ସୁଦ୍ଧା ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା ବ୍ରାହ୍ମଣ ଝରିଲୋ ଆର୍ଆଇ ସୃତି ରଞ୍ଜନ ମହାପାତ୍ର ଓ କର୍ମଚାରୀ ଏବଂ ସଦର ଥାନା ପୋଲିସ ସହ ପୁନର୍ବାର ବିଲ୍ଡର ରାସ୍ତା ନିର୍ମାଣ କରିଥିବା ସ୍ଥାନରେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ ରାସ୍ତାକୁ ତାଡି ଯିବା ଆସିବା ବାଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିଲେ।

## ଶୁଖୁଛି ଦେବୀ ନଦୀ! ଜୀବିକା ହରାଇବା ଚିନ୍ତାରେ ଅଞ୍ଚଳବାସୀ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ସହର ନିକଟ ଦେଇ ପ୍ରବାହିତ ହେଉଛି ଦେବୀ ନଦୀ। ଦେବୀ ନଦୀ ଜଗତସିଂହପୁରର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ରହିଛି। କଡ଼ରେ ଛୋଟିଆ ଧାରରେ ଜଳ ପ୍ରବାହିତ ହେଉଛି। ନଦୀ ଶୁଷ୍କ ହୋଇପଡିଛି। ମହାନଦୀରେ ପାଣି ନଥିବା ଯୋଗୁଁ ଶାଖା ନଦୀ ଗୁଡ଼ିକ ଶୁଖି ଯାଉଛି। ବର୍ତ୍ତମାନ୍ ଠାରୁ ନଦୀ ଗୁଡିକରେ

- ତିନି ଜିଲ୍ଲାର କୃଷି ପ୍ରଭାବିତ
- ବିପନ୍ନ ହେବ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା

ଆନିକଟ ବାନ୍ଧି ଜଳକୁ ଗଚ୍ଛିତ ରଖିବାର ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଫଳରେ ଜଳ ସଂରକ୍ଷଣ ହୋଇ ପାରିବ, ଚାଷ ପାଇଁ ଜଳସେଚନ ଓ ପାନୀୟ ଜଳ ପାଇ ପର୍ଯ୍ୟାପ୍ତ ପାଣି ମିଳିପାରିବ। ହଜାର ହଜାର ମତ୍ସଜୀବୀ ମାନେ ମାଛ ଧରି ଜୀବିକା ନିର୍ବାହ କରିପାରିବେ। ଭୂତଳ ଜଳ ସ୍ତରରେ ବୃଦ୍ଧି ଘଟିବ। ଏବେ ଠାରୁ ଦୃଷ୍ଟି ନଦେଲେ ଜଳ ଅଭାବ ଘଟି ନଦୀ ପାର୍ଶ୍ୱବର୍ତ୍ତି ଅଞ୍ଚଳ ମରୁଭୂମି ପାଲଟି ଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ମହାନଦୀର ଶାଖା ନଦୀ କାଠ ଯୋଡ଼ି । କାଠ ଯୋଡ଼ି ନଦୀରୁ ଉତ୍ପତ୍ତି ଦେବୀ ନଦୀ। କଟକରୁ ବାହାରି ଜଗତସିଂହପୁର ଦେଇ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟରେ ସମୁଦ୍ରରେ ମିଶିଛି। ପ୍ରାୟ ୧୦୦ କିମି ରୁ ଅଧିକ ଉର୍ଦ୍ଧ୍ୱ ଦୈର୍ଘ୍ୟ ଦେଇ ପ୍ରବାହିତ ଦେବୀ ନଦୀ ୩ଟି ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ଉତ୍ସ ଅଟେ । ବର୍ଷା ଅପେକ୍ଷା ଦେବୀ ନଦୀର ପାଣି ଉପରେ ନଦୀର ଉଭୟ ପାର୍ଶ୍ୱ ଲୋକେ ଭରସା କରି ଆସୁଛନ୍ତି । ଦିନକୁ ଦିନ ନଦୀ ସୁଖୀ ଆସୁଥିବାରୁ ୩ଟି ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ଏବେ ବିପନ୍ନ ହେବାକୁ ଯାଉଛି । ଦେବୀ ନଦୀ ଭଳି ଅନେକ ଛୋଟ ନାଳ ଓ ନଦୀର ମୃତ୍ୟୁ ଘଟିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବା ପାଇଁ ବଳିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଦାବି କରିଛନ୍ତି। କୃଷି, ଜଳସେଚନ, ପାନୀୟ ଜଳ ଯୋଗାଣ ସହ ନଦୀ ତଟବର୍ତ୍ତି ଅଞ୍ଚଳରେ ଅନେକ ଛୋଟ ଛୋଟ କୁଟୀର ଶିଳ୍ପ ଗଢି ଉଠିଛି। ଏହା ସହ ନଦୀରୁ ମାଛ ମାରି ହଜାର ହଜାର ଲୋକେ ରୋଜଗାରକ୍ଷମ ହେଉଛନ୍ତି। ବିଶେଷ କରି ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରୁ ୫୦ କିମି ମଧ୍ୟରେ ଏହି ନଦୀର ପାଣି ଚାଷୀଙ୍କ ପାଇଁ ମୁଖ୍ୟ ଉତ୍ସ ହୋଇଛି। ହେଲେ ମାର୍ଚ୍ଚ ମାସ ଶେଷ ବେଳକୁ ନଦୀରେ ପାଣି ନାହିଁ। ନଦୀର ଏକ

### ଗନ୍ଧରାଢ଼ୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ସମ୍ବଲପୁରୀ ଗୀତରେ ମତୁଆଲା ହେଲେ ଦର୍ଶକ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ ଅନ୍ତର୍ଗତ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ ଓ ପଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ସନ୍ଧ୍ୟାରେ ମହୋତ୍ସବ ପଡିଆରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗ ଦେଇ ଗନ୍ଧରାଢ଼ି ମହୋତ୍ସବ କଳା, ସଂସ୍କୃତି ଓ ଭାଇଚାରାର ସେତୁବନ୍ଧ ବୋଲି ବକ୍ତବ୍ୟରେ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ,ସମ୍ମାନିତ ଅତିଥି ଭାବେ ପୂର୍ବତନ କଣ୍ଟାମାଳ ବିଧାୟକ ମହୀଧର ରଣା, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ତହସିଲଦାର ଅନିତା ସାହୁ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ସସ୍ମିତା ସେନାପତି, ୭ ନଂ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ୫ ନଂ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଝାଙ୍କର, ୮ ନଂ ଜିଲ୍ଲା ପରିଷଦ ସଭ୍ୟା ତାରାମଣି ପ୍ରଧାନ ଯୋଗ ଦେଇଥିଲେ। ପ୍ରଥମେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କମିଟିର ଉପସଭାପତି ବିଦ୍ୟାଧର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶମ୍ଭୁ ଗିରି ସ୍ୱାଗତ ଭାଷଣ ଦେଇଥିବା ବେଳେ। ସହସମ୍ପାଦକ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ ସାହୁ ମଞ୍ଚପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରୀଛାତ୍ର ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ନାଚିଥିଲେ। ଲୋକ ମହୋତ୍ସବକୁ ସରସ ସୁନ୍ଦର ଆର୍କଷଣୀୟ କରିବାକୁ ମୀନାବଜାର ପଡିଥିବାବେଳେ ବେଳେ ଦର୍ଶକ ବୁଲି ବୁଲି ଖାଦ୍ୟ ଷ୍ଟଲର ମଜ୍ଜା ନେଇଥିଲେ। ସାଂସ୍କୃତିକ ମଞ୍ଚକୁ ଜଗନ୍ନାଥ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ ଓ ସିମରନ ମହାପାତ୍ର ପରିଚାଳନା କରିଥିଲେ।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମଙ୍ଗଳବାର କେନ୍ଦୁଝର ଏଡିଜେ ମମିତା ଦାସ ଏକ ନରହତ୍ୟା ମାମଲାର ବିଚାର କରି ଆସାମୀ ନରୋତ୍ତମ ପେଣ୍ଡେଇ, ପିତା-କୀର୍ତ୍ତନ ପଣ୍ଡେଇ, ଗ୍ରାମ- ସିରିଗିଡା, ରୁଗୁଡିସାହି, ଥାନା- ତେଲକୋଇ, ଜିଲ୍ଲା- କେନ୍ଦୁଝରକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଆସାମୀ ନରୋତ୍ତମ ପେଣ୍ଡଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ(୪୫) ତା ୧୦।୫।୨୦୨୨ ରିଖ ରାତି ୧୦ ଘଟିକା ସମୟରେ ତା' ସ୍ତ୍ରୀ ଗୋମତି ପେଣ୍ଡେଇ ଓ ଝିଅ ବବିତା ପେଣ୍ଡେଇ ସହ ଖାଇ ସାରି ଶୋଇଥିବା ସମୟରେ ତା'ର ଜ୍ୱାଇଁ ଆସାମୀ ନରୋତ୍ତମ ପେଣ୍ଡେଇ ଗୋଟିଏ କୁରାଢି ଧରି ଘରକୁ ପଶି ଆସି ବିଶ୍ୱନାଥ ପେଣ୍ଡେଇଙ୍କ ଝିଅର ବେକକୁ କୁରାଢି ଦ୍ୱାରା ଆଘାତ କରିବାରୁ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା। ଫଳରେ ବିଶ୍ୱନାଥଙ୍କ ଝିଅର ମୃତ୍ୟୁ ହୋଇଥିଲା ଏବଂ ୨ୟ ଚୋଟ ମାରିବାରୁ ବିଶ୍ୱନାଥଙ୍କ ସ୍ତ୍ରୀ ଗୋମତି ପେଣ୍ଡେଇ ଅଟକାଇବାରୁ ଆସାମୀ ତାକୁ ଠେଲି ଦେଇ ଘଟଣାସ୍ଥଳରୁ କୁରାଢି ଧରି ଦୌଡି ପଳାଇ ଯାଇଥିଲା। ଏନେଇ ଆସାମୀ ନରୋତ୍ତମ ପେଣ୍ଡେଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ ତା ୧୧।୫।୨୦୨୨ ରିଖରେ ତେଲକୋଇ ଥାନାରେ ଏକ ମକଦ୍ଦମା ରୁଜୁ କରିବା ପରେ ତେଲକୋଇ ଥାନା ୭୫।୨୨ରେ ଏକ ମକଦ୍ଦମା ରୁଜୁ ହୋଇ ଅନୁସନ୍ଧାନ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ୧୮ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି କେନ୍ଦୁଝର ଏଡିଜେ ମମିତା ଦାସ ଉପରୋକ୍ତ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେସ୍ ପରିଚାଳନା କରୁଥିଲେ।

# ଡକ୍ ମଜଦୁର ୟୁନିୟନ ନେତୃତ୍ୱ ବିବାଦକୁ ନେଇ ମାମଲା

ପାରାଦୀପ (ଭାସ୍କର ନ୍ୟୁଜ୍) : ବନ୍ଦର ଓ ଶିଳ୍ପ ସହରରେ ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ନେଇ ଗଢି ଉଠିଛି ଅନେକ ଶ୍ରମିକ ସଂଗଠନ। ତେବେ ଯେଉଁ ସଂଗଠନରେ ସଠିକ ନେତୃତ୍ୱ ରହିଥାଏ, ସେଠାରେ ଶ୍ରମିକମାନଙ୍କର ବହୁ ପ୍ରତିକ୍ଷିତ ଦାବି ପୂରଣ ହୋଇଥିବାର ନଜିର ରହିଛି। କିନ୍ତୁ ଯେଉଁଠାରେ ନେତୃତ୍ୱ ବିବାଦ ଲାଗିରହେ, ସେଠାରେ ଶ୍ରମିକଙ୍କ ସ୍ୱାର୍ଥ ପୂରଣ ହୋଇପାରେ ନାହିଁ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ପାରାଦୀପର ସର୍ବପୁରାତନ 'ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ' ଶ୍ରମିକ ସଂଘରେ। ଗୋଟିଏ ପଟେ ସଂଘର କାଗଜପତ୍ରକୁ ଜାଲିଆତି କରାଯାଇଥିବା ନେଇ ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଥିବା ବେଳେ ଅନ୍ୟ ଗୋଷ୍ଠୀ ନିଜକୁ ସଂଘର ପ୍ରକୃତ କାର୍ଯ୍ୟକର୍ତ୍ତା ବୋଲି ଦାବି କରିଛନ୍ତି। ଏନେଇ ପାରାଦୀପ ଆଦର୍ଶ ଥାନାରେ ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ ଅଭିଯୋଗ ଆଣିଥିବା ଜଣାପଡିଛି। ଗୋଟିଏ ଗୋଷ୍ଠୀର ଅଭିଯୋଗ ଅନୁଯାୟୀ ସଂଘରୁ ନିଲମ୍ବିତ ହୋଇଥିବା ସଦସ୍ୟ ନିରଞ୍ଜନ ମହାପାତ୍ର ଓ ବିଜୟ ବରାଳ ସଂଘ କାର୍ଯ୍ୟାଳୟର ଲୋଗୋ ଓ ଠିକଣା ଥିବା ପ୍ୟାଡ୍‌କୁ ବ୍ୟବହାର କରିବା ସହିତ ବ୍ୟାଙ୍କ ଓ ବିଭିନ୍ନ ଦପ୍ତରର କାଗଜପତ୍ର ଦେଖାଇ ସଂଘକୁ ଅକ୍ତିଆର କରିବା ପାଇଁ ପ୍ରଚେଷ୍ଟା କରିଥିଲେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସଂଘରୁ ବିତାଡିତ ନିରଞ୍ଜନ ମହାପାତ୍ର ସଂଘର ସାଧାରଣ ସଂପାଦକ ଭାବେ ଥିବା ନିଜକୁ ଦର୍ଶାଇଛନ୍ତି। ଏନେଇ କିଛି ନିର୍ଦ୍ଦିଷ୍ଟ ସାମ୍ବାଦିକଙ୍କୁ ନେଇ ସଂଘ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସଂଘର ଗାରିମାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସଂଘରୁ ବିତାଡିତ କର୍ମକର୍ତ୍ତା ଓ ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛି ସଂଘର ଗୋଟିଏ ଗୋଷ୍ଠୀ। ସୂଚନାଥାଉ କି ଏହି ଶ୍ରମିକ ସଂଘ ସ୍ୱର୍ଗତ ଘନଶ୍ୟାମ ଜେନା ପ୍ରତିଷ୍ଠା କରିଥିବାବେଳେ ଦୀର୍ଘ ୪୬ବର୍ଷ ହେବ ଟ୍ରେଡ୍ ୟୁନିୟନ ଆଇନ ଅନୁଯାୟୀ ଏହା ପଞ୍ଜୀକୃତ ହୋଇଥିଲା। ତେବେ ଜେନା ବାବୁଙ୍କ ଦେହାନ୍ତ ପରେ ସଠିକ ନେତୃତ୍ୱ ଅଭାବରୁ ଏହି ସଙ୍ଘ ଏବେ ତା'ର ସତ୍ତା ହରାଇବାକୁ ବସିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ଯେ ସଙ୍ଘ ଆକାଉଣ୍ଟରେ ଥିବା ବିପୁଳ ଅର୍ଥ ଓ ବ୍ୟବସାୟ ପ୍ରତିଷ୍ଠାନକୁ ହାତେଇବା ପାଇଁ ନେତୃତ୍ୱମାନଙ୍କ ଭିତରେ ଦ୍ୱନ୍ଦ୍ୱ ଲାଗିଥିବା କୁହାଯାଉଛି।

# ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ମିଳୁନି




ଗରଦପୁର (ଭାସ୍କର ନ୍ୟୁଜ୍) : ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ସୂଚନା ଅଧିକାର ଆଇନକୁ ମାନୁନାହିଁ ଗରଦପୁର ବ୍ଲକ୍ ପ୍ରଶାସନ। ବିଭିନ୍ନ ବିଭାଗରେ ଦୁର୍ନୀତି ହେଉଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀମାନଙ୍କ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ଗରଦପୁର ବ୍ଲକ୍ ପ୍ରଶାସନକୁ ଯେଉଁ ତଥ୍ୟ ମଗାଯାଉଛି ତାହା ମିଳୁ ନଥିବା ଓ ଅପିଲ୍ କଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ହେତୁ ସୂଚନା ଅଧିକାର କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅଧିକାର ଅଭିଯାନ କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି, ସୂଚନା ଅଧିକାର ଅଭିଯାନ ଗରଦପୁର ବ୍ଲକ୍ ଆବାହକ ପବିତ୍ର ପାଣି ଏବଂ ପ୍ରବେଶ ମହାପାତ୍ର ପ୍ରମୁଖ ବ୍ଲକ୍ ପ୍ରଶାସନର ଏପରି ଖାମଖିଆଲ ମନୋଭାବକୁ ଦୃଢ଼ ନିନ୍ଦା କରିବା ସହିତ ମଗା ଯାଇଥିବା ତଥ୍ୟ ଗୁଡିକ ଯଦି ଶିଘ୍ର ପ୍ରଦାନ କରାନଯାଏ ତେବେ ଆଗାମୀ ଦିନରେ ଗରଦପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଅଧିକାର ଅଭିଯାନ ଗରଦପୁର ଶାଖା ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାଇ ଦେଇଥିଲେ।

# ଗଞ୍ଜାମ ପୋଲିସ ଜିଲ୍ଲାର ସ୍ୱତନ୍ତ୍ର ଡ୍ରାଇଭ, ୨୦ ଗିରଫ

## ୮ ବନ୍ଧୁକ, ୩୧ ଗୁଳି ଓ ୨୩ ମୋବାଇଲ ଜବତ





ଛତ୍ରପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ପୋଲିସ ଜିଲ୍ଲାରେ ଅପରାଧୀ ବଢ଼ି ଯାଇଥିବା ବେଳେ, ଗଞ୍ଜାମ ପୋଲିସ ଆରମ୍ଭ କରିଛି ଅପରାଧ ସଫେଇ ଅଭିଯାନ, ଶେଷରେ ୧୦ଦିନ ମଧ୍ୟରେ ସ୍ପେଶାଲ ଡ୍ରାଇଭରେ ପୋଲିସକୁ ମିଳିଛି ଦୁଇଟି ବଡ଼ ସଫଳତା, ଗଞ୍ଜାମ ପୋଲିସ ଜିଲ୍ଲାର ପୋଲସରା, ଆସିକା, ହିଞ୍ଜିଳିକାଟୁ ଓ କୋଟିନଡ଼ା ଥାନା ପୋଲିସକୁ ସଫଳତା ମିଳିଛି। ବିଭିନ୍ନ ସ୍ଥାନରେ ଚଡାଉ କରାଯାଇ ୮ ବନ୍ଧୁକ ୨୩ ମୋବାଇଲ ଫୋନ ୩୧ ଗୁଳି, ୧୨ ମାଗାଜିନ ଓ ୨୦ଜଣ ଅପରାଧିଙ୍କୁ ଗିରଫ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର। ପୂର୍ବରୁ ଚଳିତ ମାସ ୪ ତାରିଖରେ ୧୮ ଜଣକୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ୧୭ ବନ୍ଧୁକ, ୬୬ ଗୁଳି ୧୬ ଟି ମୋବାଇଲ ଫୋନ ଜବତ କରିଥିଲା ପୋଲିସ। ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହୋଇ ବିଭିନ୍ନ ଅପରାଧିକ କାଣ୍ଡ ଘଟାଉଥିବା ବେଳେ ଗଞ୍ଜାମ ପୋଲିସ ଜିଲ୍ଲା ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତରେ ଏକ ସ୍ୱତନ୍ତ୍ର ଡ୍ରାଇଭ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଗଞ୍ଜାମ ପୋଲିସ ଜିଲ୍ଲାର ୪ଟି ଥାନା ପୋଲସରା, କୋଟିନାଡ଼ା, ହିଞ୍ଜିଳି ଓ ଆସିକା ଥାନା ଅଞ୍ଚଳରୁ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ଥିବା ୨୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ଆଗରୁ ମଧ୍ୟ ବହୁ ଅପରାଧିରେ ଜଡିତ ଅଛନ୍ତି। ଏବେ ବି ପୁଲିସର ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ପିତଳ ଛକ ଏଟିଏମ୍ ଲୁଟ୍ ଯୋଜନା କରୁଥିବା ନେଇ ହିଞ୍ଜିଳି ଥାନା ପୋଲିସ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ଟି ପିସ୍ତଲ, ୩ଟି ଗୁଳି, ୨ଟି ମାଗାଜିନ୍ ଓ ୪ଟି ମୋବାଇଲ ଜବତ କରିଛି। ଏମାନେ ହେଲେ ହିଞ୍ଜିଳି କେନାଲ ସାହିର ଚିଣ୍ଟୁ ଦାସ, ବେଲଗାଁ ପଳାସି ବଡ ସାହିର ରାଜା ଗୌଡ, ହିଞ୍ଜିଳି ଥାନା ସିକିରି ନୂଆ ସାହିର ହିନ ସାମଲ, ଗାଙ୍ଗପୁର ଥାନା ନିମିନା ଗାଁର ରାକେଶ ମହାପାତ୍ର, ଧରାକୋଟ ଥାନା ଡଉଗାଁର ଗୋବିନ୍ଦ ବେହେରା। ପୋଲସରା ଥାନା ପୋଲିସ ମଧ୍ୟ ୨ଜଣଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ୩ଟି ଗୁଳି ଜବତ କରିଛି। ଏମାନେ ହେଲେ ପୋଲସରା ନିଗମ ନଗର ସାହିର କୃଷ୍ଣଚନ୍ଦ୍ର ବେହେରା ଓ ଧୋବା ସାହିର ରାଜେ ସେଠୀ। କୋଟିନଡା ଥାନା ପୋଲିସ ୮ଜଣ ଦୁର୍ଦ୍ଦାନ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪ଟି ପିସ୍ତଲ, ୧୮ଟି ଜୀବନ୍ତ ଗୁଳି, ୮ଟି ମାଗାଜିନ୍, ଗୋଟିଏ ଲେଖାଏଁ କାର୍ ଓ ବାଇକ୍ ଏବଂ ୯ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫମାନେ ହେଲେ ଗୋଳନ୍ଥରା ଥାନା ଜୁଗୁଡି ଗାଁର ରାମ ଓରଫ ରାମଚନ୍ଦ୍ର ଗୌଡ଼, ବ୍ରହ୍ମପୁର ସଦର ଥାନା ଲାଠି ଗାଁର ପଣ୍ଡା ଓରଫ ପିଣ୍ଟୁ ଗୌଡ, କୋଦଳା ଥାନା ଛଚିନା ଗାଁର ରାଜୁ ଜେନା, ରମ୍ଭା ଥାନା ଖଣ୍ଡଦେଉଳି ଗାଁର ସନ୍ତୋଷ ବେହେରା, ପୋଲସରା ଥାନା ସୋଡକ ଗାଁର ଗଣେଷ ନାହାକ, କୋଟିନଡା ଥାନା ଭେଟନଇ ଗାଁର ପିଣ୍ଟୁ ବେହେରା, ଛତ୍ରପୁର ଥାନା ଅପରବସ୍ଷ୍ଟାଣ୍ଡ ରାଜେଶ ମହାରଣା ଓ ପଟ୍ଟନାୟକ କଲୋନୀର ପପୁ ଓରଫ ପ୍ରତାପ କୁମାର ଜେନା ରହିଛନ୍ତି। ସେହିପରି ସୁନା ଦୋକାନ ଡକାୟତି ଯୋଜନା କରୁଥିବାବେଳେ ଆସିକା ଥାନା ପୋଲିସ ପକ୍ଷରୁ ୫ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୭ ଜୀବନ୍ତ ଗୁଳି, ୨ଟି ମାଗାଜିନ୍, ୨ଟି ବାଇକ୍ ଓ ୭ଟି ମୋବାଇଲ ପୋଲିସ ଜବତ କରିଛି। ଗିରଫମାନେ ହେଲେ ପୁରୁଷୋତ୍ତମପୁରର କାଳିଆ ଓରଫ ଘନଶ୍ୟାମ ବେହେରା, କୋଦଳାର ଦୀପକ ପୃଷ୍ଟି, କବିସୂର୍ଯ୍ୟନଗର ଥାନା ଆଠଗଡପାଟଣାର ଅଜିତ ପଲେଇ, ଆସିକା ଥାନା ପୁଡୁଗେଶ୍ୱରପଲୀର ଟୁକୁନା ବାରିକ ଓ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ହୁଂଜନର ଶିବ ପ୍ରସାଦ ଦାସ ରହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କ ସମେତ ଆସିକା ଥାନା ଅଧିକାରୀ କୁଳମଣି ସେଠୀ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ପୋଲସରାଥାନା ଅଧିକାରୀ କୌଶକି ମାଝି, କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

୧୦ ଦିନରେ ଗିରଫ ହେଲେଣି ୩୮ଜଣ

# ପଣ୍ଟୁ ଗୋସାଇଁ ପୀଠରେ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୂତି

ନିଆଳୀ (ଭାସ୍କର ନ୍ୟୁଜ୍) : ନିଆଳୀ ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ ପଣ୍ଟୁ ଆହୁରା ପଣ୍ଟୁ ଗୋସାଇଁଙ୍କ ପୀଠରେ ୫ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରା ରୋପଣ, ଦ୍ୱିତୀୟ ଦିବସରେ ୧୦୮ କଳସ ଜଳଯାତ୍ରା, ତୃତୀୟ ଦିବସରେ ସୂର୍ଯ୍ୟପୂଜା ଓ ଅଗ୍ନି ସଂଯୋଗ, ଚତୁର୍ଥ ଦିବସରେ ଚଣ୍ଡୀପୂଜା ଓ ଗୋପୂଜା, ୫ମ ଦିନରେ ପଣ୍ଟୁ ଗୋସାଇଁଙ୍କ ୧୦୦୮ ଆହୁତି ସହ ସନ୍ଧ୍ୟା ଆଳତୀ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯଜ୍ଞାନୁଷ୍ଠାନରେ ୨୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ। ନିଆଳୀ ବିଧାୟକ ଛବିମଲ୍ଲିକ, ଜଗତସିଂହପୁର ସାଂସଦଙ୍କ ନିଆଳୀ ବ୍ଲକ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ଶିକ୍ଷାବିତ୍ ଜୀବନ ସ୍ୱାଇଁ, ସୁଦର୍ଶନ ବେଉରା, ଯୁବ ସଂଗଠକ ବୃଷକେତୁ ସାମଲ ଓ ଶିକ୍ଷାବିତ୍ ଶରତଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଗାଁରେ ସ୍ତ୍ରୀର ମରଶରୀର, ସୀମାରେ ଯବାନ



ଝାରସୁଗୁଡ଼ା (ଭାସ୍କର ନ୍ୟୁଜ୍) : ଦେଶ ମାତୃକାର ସେବା ପାଇଁ ଯବାନଟିଏ ନିଜ ପରିବାରକୁ ବି ଜଳାଞ୍ଜଳି ଦେଇଥାଏ। ଏହି କଥାକୁ ସତ ପ୍ରମାଣିତ କରିଛନ୍ତି ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଟେଂଗନାମାଲ ଗାଁର ଏସ୍ଏସ୍‌ବି ଯବାନ ଦେବରାଜ ଗଣ୍ଡ। ଯବାନ୍ ଦେବରାଜ ଗଣ୍ଡ ବୁର୍ଲା ବଡ଼ ଡାକ୍ତରଖାନାର ଆଇସିୟୁରେ ସ୍ତ୍ରୀ ଏବଂ ୧୩ଦିନର ନବଜାତ ଝିଅକୁ ପରିବାର ଲୋକଙ୍କ କୋଳରେ ଛାଡି ସୀମାରେ ଉତ୍ତେଜନାମୂଳକ ସ୍ଥିତିକୁ ଆଖି ଆଗରେ ରଖି କର୍ମକ୍ଷେତ୍ରକୁ ଗତ ୧୧ ତାରିଖରେ ଫେରିଥିଲେ। ଦେଶ ଆଗ କହି ଦେବରାଜ ସୀମାକୁ ଯାଇଥିବାବେଳେ ସୋମବାର ବିଳମ୍ବିତ ରାତିରେ ଦେବରାଜଙ୍କ ସ୍ତ୍ରୀ ଲିପି ଗଣ୍ଡଙ୍କ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଆଜି ସକାଳୁ ଲିପିଙ୍କ ମରଶରୀର ଗାଁରେ ପହଞ୍ଚି ଥିବାବେଳେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ। ପରିବାର ଜନଙ୍କ ଆଖିରୁ ଲୁହ ଶୁଖୁ ନାହିଁ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଯୋଗରେ ଦେବରାଜ ଅରୁଣାଚଳ ପ୍ରଦେଶରୁ କାଲିକତା ଏବଂ କଲିକତାରୁ ଝାରସୁଗୁଡା ବିମାନ ଯୋଗେ ଆସୁଛନ୍ତି। ଆଜି ରାତି ପ୍ରାୟ ୮ଟାରେ ଦେବରାଜ ଗାଁକୁ ପହଞ୍ଚିବା ପରେ ତାଙ୍କ ସ୍ତ୍ରୀ ଲିପିଙ୍କର ଶବ ସତ୍କାର କରାଯିବ। ସ୍ତ୍ରୀ ଲିପି ଗର୍ଭବତୀଥିବାରୁ ଯବାନ ଦେବରାଜ ଗତ ଏପ୍ରିଲ ୧୮ ତାରିଖରେ ଘରକୁ ଆସିଥିଲେ। ଚଳିତ ମାସ ୨୦ ତାରିଖ ଯାଏ ତାଙ୍କର ଛୁଟି ଥିଲା। ଗତ ୨୬ ତାରିଖରେ ପ୍ରସବ ପାଇଁ ଡାକ୍ତର ତାରିଖ ଦେଇଥିଲେ ହେଁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପ୍ରସବ ନହେବାରୁ ଗତ ୨୮ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଲିପିଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସେଠାରେ ଏକ ଶିଶୁକନ୍ୟା ମଧ୍ୟ ଜନ୍ମ ନେଇଥିଲା। କିନ୍ତୁ ପ୍ରସବ ପରଠାରୁ ଲିପଙ୍କ ସ୍ଥିତି ଗୁରୁତର ହୋଇ ପଡ଼ିଥିବା ବେଳେ ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ୨୯ ତାରିଖରେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ୨୯ ତାରିଖରୁ ହିଁ ତାଙ୍କୁ ଆଇସିୟୁରେ ରଖାଯାଇଥିବା ବେଳେ ତାଙ୍କର ଚେତା ଫେରିନଥିଲା। ଫଳରେ ନବଜାତ ଶିଶୁକନ୍ୟାକୁ ଧରି ହସ୍ପିଟାଲରେ ସ୍ତ୍ରୀକୁ ଜଗି ରହିଥିଲେ ଦେବରାଜ। ହେଲେ ଗତ ୧୦ ତାରିଖ ରାତିରେ ହଠାତ୍ ଦେବରାଜଙ୍କୁ ବାଟାଲିୟନ୍‌ରୁ ଡକରା ଆସିଥିଲା। ଡାକରା ଆସିବା ପରେ ଗତ ୧୧ ତାରିଖ କର୍ତ୍ତବ୍ୟ ପଥକୁ ବାହାରି ପଡିଥିଲେ ଦେବରାଜ। ହେଲେ ୧୨ ତାରିଖ ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ବିୟୋଗ ହେବା ଜାଣିବା ପରେ ପୁଣି ଏବେ ଗାଁକୁ ଫେରୁଛନ୍ତି ଦେବରାଜ। ସେ ଆସିବା ପରେ ସ୍ତ୍ରୀ ଲିପିଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

### ଶିକାର ରୋକିବାକୁ ବନ ବିଭାଗର ପ୍ରଚେଷ୍ଟା

# ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ନିୟମିତ ଫ୍ଲାଗ ମାର୍ଚ୍ଚ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ଅତ୍ୟଧିକ ସମ୍ବେଦନଶୀଳ ଓ ଶିକାର ପ୍ରବଣ ଗ୍ରାମ ଅଞ୍ଚଳଗୁଡ଼ିକୁ ଲକ୍ଷ୍ୟ କରି ବନ ବିଭାଗ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକାରୀ କାର୍ଯ୍ୟକଳାପକୁ ପୂର୍ବରୁ ଅଟକାଇବା ସହିତ ଗ୍ରାମବାସୀଙ୍କ ମଧ୍ୟରେ ବନ୍ୟଜନ୍ତୁ ସୁରକ୍ଷା ଓ ପରିବେଶ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅସ୍ତ୍ରଧାରୀ ବିଶେଷ ବନ ସୁରକ୍ଷା ଦଳ (STPF), ପୂର୍ବତନ ସେନା କର୍ମଚାରୀ ଓ ଅଭିଜ୍ଞ ଫିଲ୍ଡ ଷ୍ଟାଫମାନଙ୍କ ଦ୍ୱାରା ନିୟମିତ ଭାବେ ଫ୍ଲାଗ ମାର୍ଚ୍ଚ କରାଯାଉଛି। ଏହି ଫ୍ଲାଗ ମାର୍ଚ୍ଚ କେବଳ ଶିକାରୀମାନଙ୍କ ମନୋବଳ ଅବନତ କରି ଶିକାର ଅପରାଧକୁ ରୋକୁଛି ନୁହେଁ, ବରଂ ଗ୍ରାମ ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ଲୋକଙ୍କ ଆଗ୍ରହ ବଢ଼େଇ ଏକ ସଚେତନ ପରିବେଶ ଗଢ଼ି ତୋଳୁଛି। ବନ ବିଭାଗ ଅଧିକାରୀମାନଙ୍କ କହିବା ଅନୁସାରେ ଏହି ପଦକ୍ଷେପ ଦ୍ୱାରା ଗ୍ରାମବାସୀ ବନ୍ୟପ୍ରାଣୀ ସୁରକ୍ଷାର ଗୁରୁତ୍ୱ ବୁଝି ଏହି କାର୍ଯ୍ୟରେ ସହଯୋଗ ଦେଉଛନ୍ତି। ଅନେକ ଅଞ୍ଚଳରେ ଏହି ଫ୍ଲାଗ ମାର୍ଚ୍ଚ ଫଳଦାୟକ ସାବ୍ୟସ୍ତ ହୋଇଛି ଓ ଶିକାର ଘଟଣାରେ ହ୍ରାସ ଦେଖାଯାଇଛି ବୋଲି ବନ ବିଭାଗ ଦାବି କରିଛି। ଏହି ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବା ସହ ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି।

# 'ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ବିଶ୍ୱ ସମ୍ବାଦ କେନ୍ଦ୍ର ପାଳିଲା ଦେବର୍ଷି ନାରଦ ଜୟନ୍ତୀ




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ସୁସ୍ଥ, ସଶକ୍ତ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଏବେ ବି ଗୁରୁତ୍ୱପୂର୍ଣ୍ଣ ରହିଛି। ଦେବର୍ଷି ନାରଦ ଯେପରି ତିନିପୁରରେ ଖବରର ବାର୍ତ୍ତାବହ ଥିଲେ ଯାହା ସମାଜ ପାଇଁ ଏକ ସକରାତ୍ମକ ପ୍ରଭାବ ଆଣୁଥିଲା ତାହାକୁ ଏବେ ବି ଅନୁକରଣ କରାଯିବା ଉଚିତ। ଭାରତ ପ୍ରାଚୀନ କାଳରେ ବିଶ୍ୱ ଗୁରୁ ଥିଲା। ପୌରାଣିକ ଯୁଗରୁ ପ୍ରାକ୍ ସ୍ୱାଧୀନତା କାଳ ପର୍ଯ୍ୟନ୍ତ ଗଣମାଧ୍ୟମ ବିଭିନ୍ନ ରୂପରେ ସମାଜ ପ୍ରତି ତା'ର ଉତ୍ତରଦାୟିତ୍ୱ ନିର୍ବାହ କରି ଆସୁଥିଲା। ଏବେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଅଗ୍ରଗତି ସତ୍ତ୍ୱେ ଖବରର ସତ୍ୟତା ଜାଣିବା ବେଳେ ବେଳେ କଷ୍ଟକର ହୋଇ ପଡୁଛି। ଏହା ସମାଜରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏଣୁ ଏବେ ବି ସାମ୍ବାଦିକଙ୍କ ଦ୍ୱାରା ସତ୍ୟ, ନିରପେକ୍ଷ ଖବର ପରିବେଷଣ ନାରଦଙ୍କ ଯୁଗ ଭଳି ସମାଜ ଗଠନରେ ଗୁରୁତ୍ୱ ରଖେ। ବିଶ୍ୱ ସମ୍ବାଦ କେନ୍ଦ୍ର ଦ୍ୱାରା ମଙ୍ଗଳବାର ଦେବର୍ଷି ନାରଦ ଜୟନ୍ତୀ ସମାରୋହରେ ଏହା କହିଛନ୍ତି ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଉଭୟ ପୂର୍ବ ଓ ପଶ୍ଚିମ ଉତ୍କଳ ପ୍ରାନ୍ତ ପ୍ରଚାର ପ୍ରମୁଖ (ରାଜ୍ୟ ମିଡିଆ ସେଲ୍ ମୁଖ୍ୟ) ସୃଷ୍ଟିଧର ବିଶ୍ୱାଳ। ଗୋସାଇଁନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଏହି ଅବସରରେ 'ଉତ୍କର୍ଷ ଓଡ଼ିଶା ଗଠନରେ ସାମ୍ବାଦିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଡ. ବନ୍ଦିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ଓଟିଭି ବ୍ୟୁରୋ ମୁଖ୍ୟ ତଥା ବ୍ରହ୍ମପୁର ପ୍ରେସ୍ କ୍ଲବ୍ ସଭାପତି ଅଶୋକ ବ୍ରହ୍ମା ମଞ୍ଚାସୀନ ଥିଲେ। ଡ. ପାଢ଼ୀ ବର୍ତ୍ତମାନ ସମୟରେ ସମାଜ ଗଠନ ଓ ସଂସ୍କାରରେ ଗଣମାଧ୍ୟମର ଭୂମିକା ଉପରେ କହିଥିବା ବେଳେ ଡ. ପଣ୍ଡା ବୈଷୟିକ କୌଶଳର ଉପଯୋଗ କରି ସତ୍ୟ ଖବର ପରିବେଷଣ ଓ ସମାଜ ଉପରେ ତାହାର ପ୍ରଭାବ ବାବଦରେ କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରେସ୍ କ୍ଲବ୍ ସଭାପତିଙ୍କ ସମେତ ଉପସଭାପତି ଅଭୟ ପାଢ଼ୀ, ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହସମ୍ପାଦକ ଗୋପାଳ ରେଡ୍ଡୀ ଓ କୋଷାଧକ୍ଷ ଶିବ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବର୍ଷି ନାରଦ ଜୟନ୍ତୀ ସମାରୋହ ସମିତି ସଂଯୋଜକ ପ୍ରହଲ୍ଲାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଆରଏସଏସ ସହ-ଜିଲ୍ଲା ପ୍ରଚାର ପ୍ରମୁଖ ମାଧବ ନାୟକ ପରିଚାଳନା କରିଥିଲେ।

### ଦବି ଯାଉଛି ଖାନନଗର ମାଇନର ମୁହଁରେ ଥିବା ପୋଲର ଦୁଇପାର୍ଶ୍ୱ

# ବିଚ୍ଛିନ୍ନ ହେବ ଅସୁରେଶ୍ୱର-ହୁରାସାହି ରାସ୍ତା




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ସ୍ଥିତ ଖାନନଗର ମାଇନର ମୁହଁରେ ରହିଥିବା ପୋଲର ଦୁଇକଡ଼ ଦବିଯାଉଥିବା ଦେଖିବାକୁ ମିଳିଛି। ଏପରିକି ପୋଲର ଦୁଇପଟରେ ବଡ଼ବଡ଼ ଗାଡ଼ ହୋଇଯାଇଛି। ସୂଚନାଯୋଗ୍ୟ କଟକ ନର୍ଥ ଡିଭିଜନ୍ ଅଧିନରେ ରହିଥିବା କରାଣ୍ଡିଆ ମାଇନର କେନାଲ୍‌ରୁ ଖାନନଗର ଠାରେ କେନାଲରେ ସାଇଫନ୍ ଲଗାଯାଇ ଖାନନଗର ମାଇନର କେନାଲ୍‌କୁ ପାଣି ଯୋଗାଣ କରାଯାଇଥାଏ। ଏହି ଖାନନଗର କେନାଲ ସ୍ଥାନୀୟ ଅଞ୍ଚଳର ଶହଶହ ହେକ୍ଟର ଚାଷ ଜମିକୁ ଜଳସେଚିତ କରିଥାଏ। ହେଲେ କଟକ ଜିଲ୍ଲାର ଅସୁରେଶ୍ୱର ନିକଟରୁ କେନ୍ଦ୍ରାପଡ଼ା ଜିଲ୍ଲାର ହୁରାସାହି ଯାଏ କରାଣ୍ଡିଆ କେନାଲ୍‌ର ଦକ୍ଷିଣପାର୍ଶ୍ୱ ବନ୍ଧ ରାସ୍ତାରେ ଲୁଣାନଦୀର ବିଭିନ୍ନ ବାଲି ଘାଟରୁ ଦୈନିକ ଶହଶହ ହାଇୱା ଭଳି ଭାରୀଯାନ ବାଲି ପରିବହନ କରୁଥିବାରୁ ଏହି ପୋଲଟି ଗତ କିଛି ବର୍ଷ ହେବ ଦୁର୍ବଳ ହୋଇପଡ଼ିଛି। ଏହାର ଦୁଇକଡ଼ର ବାଡ଼ା ଦୁର୍ବଳ ହେବା ସହ ଭାଙ୍ଗି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଇତିମଧ୍ୟରେ ଏହି ରାସ୍ତାର ଦୁଇଦୁଇ ଥର ଉନ୍ନତିକରଣ କାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଏହି ଖାନନଗର ମାଇନର ପୋଲ ପ୍ରତି ଦୃଷ୍ଟି ଦିଆଯାଇ ନାହିଁ। ଫଳରେ ଗତବର୍ଷ ବର୍ଷାଦିନେ ଏହି ପୋଲର ଗୋଟିଏ କଡ଼ରେ ଏକ ବିରାଟ ଗର୍ତ୍ତ ହେବାରୁ ଏହି ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଥିଲା। ସେତେବେଳେ ସାମାନ୍ୟ ମରାମତି କରାଯାଇ ଏହି ରାସ୍ତାକୁ ବ୍ୟବହାର ଯୋଗ୍ୟ କରଯାଇଥିଲା। ସେତେବେଳେ ସ୍ଥାନୀୟ ଅଞ୍ଚଳବାସୀ ଏହି ପୋଲଟିକୁ ତୁରନ୍ତ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ହେଲେ ଏହି ଘଟଣାକୁ ଦୀର୍ଘ ଏକ ବର୍ଷ ବିତିବାକୁ ବସିଲାଣି। ଇତିମଧ୍ୟରେ ଆଉ ମାସକ ମଧ୍ୟରେ କେନାଲରେ ଖରିଫ୍ ଚାଷ ନିମନ୍ତେ ଜଳଯୋଗାଣ କରାଯିବ। ଏବେ ଠାରୁ କାଳବୈଶାଖୀର ସାମାନ୍ୟ ବର୍ଷା ପାଣିରେ ଧିରେ ଧିରେ ଏହି ପୋଲର ଦୁଇକଡ଼ ଦବି ଦବି ଯାଉଛି। ତେବେ ଆସନ୍ତା ବର୍ଷାଦିନରେ ଏବଂ ପାଣି ଯୋଗାଣ ସମୟରେ ଯଦି ଏହି ପୋଲଟି ଭାଙ୍ଗିଯାଏ ତେବେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଶହଶହ ହେକ୍ଟର ଚାଷଜମିକୁ ପାଣି ଯୋଗାଣ ବନ୍ଦ ହୋଇଯିବ। ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତିରେ ଏହି ଖରାଦିନେ ଏହି ପୋଲକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ରାଶିଫଳ


ବୁଧବାର, ୧୪ ମଇ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କୁ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲା ଜଜ୍ଙ୍କ ଅଦାଲତରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାଜଜ ଗିରିଜା ପ୍ରସାଦ ମହାପାତ୍ରଙ୍କୁ କଟକସ୍ଥିତ ଷ୍ଟେଟ ଟ୍ରାନ୍ସପୋର୍ଟ ଅପିଲେଟ ଟ୍ରିବ୍ୟୁନାଲକୁ ବଦଳି କରାଯାଇଛି । ଏହି ଅବସର ରେ ଉମରକୋଟ ଓକିଲ ସଂଘ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାରପତି ଲିପ୍ସିତା ଦାସ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ସମସ୍ତ ଓକିଲ ବନ୍ଧୁ ଓକିଲ ସଂଘ ପରିସରରେ ଉପସ୍ଥିତ ହୋଇ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶାନ୍ତନୁ ବାହିନୀପତି, ବରିଷ୍ଠ ସରକାରୀ ଓକିଲ ଖଗେଶ୍ୱର ମହାନ୍ତି , ଅନ୍ୟତମ ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ ଏବଂ ମନୋହର ମହାନ୍ତି, ଉପସଭାପତି ବିଜୟଲତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ବରିଷ୍ଠ ଓକିଲ ତପନ ଦେବନାଥ, ପ୍ରଦୀପ ପଟ୍ଟନାୟକ, ସନ୍ତୋଷ ସାହୁ, ଅଶୋକ ପାଢ଼ୀ, ରାମ ନାୟକ, କାଳୀ ନନ୍ଦ, ମନୋଜ ମହାପାତ୍ର, ହରିହର ଶତପଥୀ, କୃଷ୍ଣ ପଟ୍ଟନାୟକ, କୃଷ୍ଣ ନନ୍ଦ, ରାଜେନ୍ଦ୍ର ସାହୁ, ସଂଗ୍ରାମ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ମାର୍କଣ୍ଡ ସାହୁ, ଜଗବନ୍ଧୁ ପଟ୍ଟନାୟକ, କମଳ ଗାଇନ, ଯୋଗେନ୍ଦ୍ର କଲାର, ଶ୍ରୀକୃଷ୍ଣ ରାୟ, ଭଗବାନ କଲାର, ଯୁଧିଷ୍ଠିର ଦଳେଇ, ଶିବ ପତି, ସୁମନ ସାମଲ, ନିବେଦିତା ହାଲଦାର, ଜୟନ୍ତ ମଜୁମଦାର, ଜି.ସନ୍ତୁ, ବୁଲୁ ଗଉଡ଼, ଗୋପୀନାଥ ସାହୁ, ସଂଜୟ ବିଶୋୟୀ, ଏବଂ ଅନେକ ଓକିଲ ବନ୍ଧୁ ଉପସ୍ଥିତ ରହିଥିଲେ ।



# ବିପଦସଂକୁଳ ଅବସ୍ଥାରେ ବସଷ୍ଟାଣ୍ଡ ଉପରମହଲା

## ■ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଲେ ବିଧାୟକ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ବସଷ୍ଟାଣ୍ଡର ଉପରମହଲା କୋଠା ୧୦ବର୍ଷ ହେବ କାମରେ ନଲାଗି ବିପଦ ସଂକୁଳ ଅବସ୍ଥାରେ ରହିଛି । ତେଣୁ ଏହି ବିପଦସଂକୁଳ ଉପର ମହଲାକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ବିଧାୟକ ରଘୁରାମ ମାଛ । ବସ୍ଷ୍ଟାଣ୍ଡ ଉପର ମହଲା ବିପଦ ସଂକୁଳ ଅବସ୍ଥାରେ ଥିବା ଖବର ପାଇବା ପରେ ବିଧାୟକ ବସଷ୍ଟାଣ୍ଡରେ ପହଞ୍ଚି ସ୍ଥିତି ପରଖିଥିଲେ। ଉପରମହଲା କୋଠାର ସ୍ଥିତି ଦେଖିବା ପରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକଙ୍କୁ ଡାକି ଏହି କୋଠାକୁ ବିପଦ ସଂକୁଳ ଘୋଷଣା କରିବା ପାଇଁ କହିଥିଲେ । ପରେ ଏହି କୋଠା ଭାଙ୍ଗିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୯୩ ମସିହାରେ କୋରାପୁଟ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା । ପ୍ରାୟ ୧୦ବର୍ଷ ପୂର୍ବେ ପୌର ପ୍ରଶାସନ ପକ୍ଷରୁ ବସଷ୍ଟାଣ୍ଡର ଉପରମହଲା ନିର୍ମାଣ କରାଯାଇଥିଲା । କିନ୍ତୁ ନିର୍ମାଣ ସମୟରେ କୋଠା ଓ ବିଭିନ୍ନ ଦୋକାନ ଗୃହ ନିର୍ମାଣ କରିବା ପରେ କେବଳ ଛାତ ଓ କାନ୍ଥରେ ପ୍ଲାଷ୍ଟର ଲଗା ଯାଇଥିଲା । କିନ୍ତୁ ଚୂନ ନଗାଇ ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଯାଇଥିଲା । ତେବେ ରକ୍ଷଣା ବେକ୍ଷଣ ଅଭାବରୁ ଧୀରେ ଧୀରେ ଉପରମହଲା ଛାତରୁ ପଲସ୍ତରା ଖସୁଥିବା ବେଳେ କାନ୍ଥରୁ ଇଟା ଝଡିବାରେ ଲାଗିଛି । ଅର୍ଦ୍ଧନିର୍ମିତ ଷ୍ଟଲ ଗୁଡିକରେ ଆବର୍ଜନା ଭର୍ତ୍ତି ହୋଇ ରହିଛି । ଏଥିସହ କାନ୍ଥ ଗୁଡିକର ଇଟା ଗୁଡିକ ଭାଙ୍ଗି ଖସିବାରେ ଲାଗିଛି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ରାଇଘର ଗସ୍ତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗସ୍ତରେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହି ଅବସରରେ ରାଇଘର ବ୍ଲକ କରଚାପାରା ଗସ୍ତ କରି ସେଠାରେ ଏକ ପୂଜା ମଣ୍ଡପର ଆବଶ୍ୟକ ଥିବାବେଳେ ଏହାର ନିର୍ମାଣ ସକାଳେ ଶୁଭ ଦେଇଥିଲେ । ସେହିପରି ଅନ୍ୟ ଏକ ସ୍ଥାନରେ କାଳୀ ମନ୍ଦିର ନିର୍ମାଣରେ ଶିଳାନ୍ୟାସ ସହ ନିର୍ବାଚନ ମଣ୍ଡଳର ଲୋକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ ପ୍ରତି ହୃଦଘଙ୍ଗମ କରିଥିଲେ । ତାପରେ ଏହି ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରି ସରକାରୀ ବ୍ୟବସ୍ଥା ଓ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇ ଆଲୋଚନା କରିବା ସହିତ ଅଞ୍ଚଳର ବିକାଶ କ୍ଷେତ୍ରରେ ହେଉଥିବା କାର୍ଯ୍ୟର ତାଲିକା ପ୍ରଦାନ କରି ଲୋକମାନଙ୍କଠୁ ସେମାନଙ୍କ ମତାମତ ଗ୍ରହଣ କଲେ । ତାପରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରି ହାଟ ଭରାଣ୍ଡିରେ ଚାଲିଥିବା ମଣ୍ଡେଇ ଯାତ୍ରା ବୁଲି ଦେଖିବା ସହ ଜନ ସାଧାରଣଙ୍କ ସହ ବାର୍ତ୍ତାଳାପ କରିଥିବା ଦେଖିବାକୁ ମିଳିଥିଲା ।



# ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଠିକ୍ ସେମିତି ଡାକ୍ତରଖାନାରେ ଶିଶୁ ବିଶେଷଜ୍ଞ ଡାକ୍ତର ନଥିବାରୁ ହରବର ହେଉଛନ୍ତି ରୋଗୀ । ବ୍ଲକରେ ବିପର୍ଯ୍ୟସ୍ତ ଅବସ୍ଥାରେ ସ୍ୱାସ୍ଥ୍ୟ ସେବା । ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଏଠାରେ ଥିବା ସରକାରୀ ଡାକ୍ତରଖାନା ଗୁଡ଼ିକୁ ଆଧୁନିକୀକରଣ କରିବା ସହ ଆବଶ୍ୟକ ଅନୁଯାୟୀ ସମସ୍ତ ପ୍ରକାର ଅତ୍ୟାଧୁନିକ ସରଞ୍ଜାମ ଯୋଗାଇ ଦେଇଛନ୍ତି ସରକାର । ତେବେ ବିଶେଷଜ୍ଞ ଅଭାବରୁ ଏବେ ଅବ୍ୟବସ୍ଥା ଘେରରେ ରହିଛି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ । ଏହି ଡାକ୍ତରଖାନା ଉପରେ ମୁଖ୍ୟତଃ ୪ ଟି ବ୍ଲକବାସୀ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭରଶୀଳ । କିନ୍ତୁ ଏଠାରେ ଫେଲମାରିଛି ସ୍ୱାସ୍ଥ୍ୟସେବା । ରୋଗୀଙ୍କ ଚିକିତ୍ସା ପାଇଁ ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମଧ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ବିଶେଷଜ୍ଞ ଡାକ୍ତର ଅଭାବରୁ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରେଫର୍ ହୋଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ବେଳେ ଏଠାରେ ମଧ୍ୟ ସମାନ ଅବସ୍ଥା । ଏଠାରେ ଥିବା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡା ପଦୋନ୍ନତି ପାଇ ବଦଳି ହୋଇ ଯିବାପରେ ଖାଲି ପଡ଼ିଥିବା ପଦବୀ ପୂରଣ ହୋଇ ପାରୁନାହିଁ । ଯାହାଫଳରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର ଓ ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନାରେ ଅନେକାଂଶରେ ସମସ୍ୟା ସୃଷ୍ଟି ହେଉଛି । ସେହିପରି ଅସ୍ଥି ଶଲ୍ୟ ବିଶେଷଜ୍ଞ, ମେଡ଼ିସିନ୍, ଧର୍ମରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । ବିଶେଷଜ୍ଞ ଡାକ୍ତର ଅଭାବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରୋଗୀଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପୁଣି ଏଠାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ସେଠାରୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ସେଠାରୁ ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜ କିମ୍ବା ବିଶାଖାପାଟଣା ଘରୋଇ ମେଡିକାଲକୁ ରେଫର୍ କରାଯାଉଥିବା କିଛି ନୂଆ କଥା ନୁହେଁ । ଡାକ୍ତର ଅଭାବରୁ ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ସମ୍ପର୍କୀୟ ଗୋଟିଏ ପରେ ଗୋଟିଏ ମେଡିକାଲ ବୁଲି ବୁଲି ସେବାରୁ ବଞ୍ଚିତ ଅନେକ ଉପାନ୍ତ ଅଞ୍ଚଳର ଗରିବ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ବାଧ୍ୟ ହୋଇ କ୍ୱାକ ଉପରରେ ନିଜ ଜୀବନକୁ ବାଜି ଲଗାଉଛନ୍ତି ନଚେତ୍ ଚିକିତ୍ସା ଅଭାବରୁ ଦୂର ଦୁରାନ୍ତରୁ ଯାଇ ଅଞ୍ଚଳ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ ତ ଆଉ କିଏ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ତେବେ ନୂତନ ସରକାର ଗଠନ କରିବା ପୁଣି ହେବାକୁ ଯାଉଛି, କିନ୍ତୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ । ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ନେଇ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମାନେ ଗଭୀର ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ସମାଧାନ କରିବା ପାଇଁ ଦାବି କରିଛନ୍ତି ।

# ତାଲିମ କେନ୍ଦ୍ରରେ ଶପଥ ଗ୍ରହଣ ଉତ୍ସବ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ବେତାଗୁଡ଼ାର ଏଏନ୍ଏମ୍ ତାଲିମ କେନ୍ଦ୍ରରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡକ୍ଟର ମହମ୍ମଦ ମୁବାରକ ଅଲି, ଡକ୍ଟର ଶାନ୍ତନୁ ପାଢୀ, ପ୍ରତିଭା କୁମାରୀ ନାୟକ ପ୍ରତିଷ୍ଠାନର ଅଧ୍ୟକ୍ଷ, ବି.ଜଗଦମ୍ବା ସମ୍ମାନିତ ଅତିଥି ଭାବରେ ଯୋଗ



ଦେଇଥିଲେ। ରୋଗୀଙ୍କ ପାଖରେ ହସ ଫୁଟାଇବା ପାଇଁ ନର୍ସିଂ କର୍ମଚାରୀଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସେମାନଙ୍କର ସାରାଦିନ ଏବଂ ରାତିର ପ୍ରୟାସ ପ୍ରଶଂସନୀୟ। ବକ୍ତାମାନେ ଫ୍ଲୋରେନ୍ସଙ୍କୁ ଖୋଜିଥିଲେ, ଯାହାଙ୍କ କଠିନ ଅବଦାନ ଏବେ ବି ସ୍ମୃତି। ଏହି ଅବସରରେ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ବିଧାୟକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ।

# ୩ ଶଳାଙ୍କ ତଣ୍ଟିକାଟି ମାରିଦେଲା ଭିଣୋଇ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମଦ ନିଶା ହେଲା କାଳ । ରାତିରେ ଶୋଇଥିବା ବେଳେ ୩ ଶଳାଙ୍କ ତଣ୍ଟି କାଟି ହତ୍ୟା କରିଛି ଭିଣୋଇ । ଆନ୍ଧ୍ର ପ୍ରଦେଶ ସିଲେରୁରେ ଘଟିଛି ଏହି ହତ୍ୟାକାଣ୍ଡ । ମୃତକମାନେ ରାଜୁ ଖେମୁଡୁ, କୁଞ୍ଜ ଖେମୁଡୁ, କ୍ରିଷ୍ଣା ଖେମୁଡୁ । ଘର ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ କୁପାଗୁଡ଼ା ଗାଁରେ । କୁପାଗୁଡ଼ାର ଏହି ତିନି ଭାଇ ଗତକାଲି ଆନ୍ଧ୍ରପ୍ରଦେଶ ସିଲେରୁସ୍ଥିତ ଭଉଣୀ ଘରକୁ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଇଥିଲେ । ସେଠାରେ କୌଣସି କଥାକୁ ନେଇ ଭିଣୋଇ ଓ ଶଳାମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସେହି ଯୁକ୍ତିତର୍କକୁ ନେଇ ଭିଣୋଇ ଘେନୁ ହନ୍ତାଳ ଉତ୍ୟକ୍ତ ହୋଇ ପଡ଼ିଥିଲେ। ଗତ ରାତିରେ ଶୋଇଥିବା ସମୟରେ ତିନି ଶଳାଙ୍କ ଉପରେ ଘେନୁ ଆକ୍ରମଣ କରିଥିଲେ। ୩ ଜଣଙ୍କର ତଣ୍ଟି କାଟି ଦେବାରୁ କ୍ରୀଷ୍ଣା ଓ କୁଞ୍ଜଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ରାଜୁ ଗୁରୁତର ହୋଇଥିଲେ । ସେ ବିଶାଖାପାଟଣାରେ ଏକ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି । ଏହି ଖବର ପ୍ରଚାରିତ ହେବା ପରେ କୁପାଗୁଡ଼ା ଗାଁରେ ଶୋକର ବାତାବରଣ ଖେଳିଯାଇଛି ।



ମଦନିଶା ହେଲା କାଳ

# ବେପରୁଆ ଗାଡ଼ି ଚାଳନା ପ୍ରତିବାଦରୁ ଆକ୍ରମଣ ଅଭିଯୋଗ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ୪୯ ନମ୍ବର ଜାତୀୟ ରାଜପଥ ବୁଢ଼ୀପଦର ଠାରେ ଗତକାଲି ରାତିରେ ବେପରୁଆ ଗାଡ଼ି ଚାଳନାକୁ ନେଇ ଟ୍ରକ ଚାଳକ ଓ କାର ଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହା ପରେ ଟ୍ରକ ଚାଳକ ଓ ଅନ୍ୟ ୬ ଜଣ ବ୍ୟକ୍ତି ଓରିଏଣ୍ଟ ଥାନା ଅନ୍ତର୍ଗତ ନଅ ନମ୍ବର ଠାରେ କାର ଚାଳକ ସମେତ ତାଙ୍କ ସ୍ତ୍ରୀ ଓ ପୁଅକୁ ଗାଳି ଗୁଲଜ ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ କାର ଚାଳକ ବେଲପାହାଡ଼ ପିପିଲିମାଲର ନିରାକାର ବଡ଼ାଇ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେପଟେ ଓରିଏଣ୍ଟ ପୋଲିସ ଜଳବତୀ କେରକେଟା ମାମଲାର ଅନୁସନ୍ଧାନ କରୁଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ଗତକାଲି ରାତିରେ ନିରାକାର ବଡ଼ାଇ ନିଜ ସ୍ତ୍ରୀ ଓ ପୁଅକୁ କାରରେ ନେଇ ଲପଙ୍ଗାରୁ ନିଜ ଘରକୁ ଫେରୁଥିଲେ। ତେବେ ବୁଢ଼ିପଦର ଠାରେ ଏକ ଟ୍ରକ ତାଙ୍କ କାରକୁ ଭୁଲ ପାର୍ଶ୍ୱରୁ ଓଭରଟେକ୍ କରିଥିଲା। ଏହା ପରେ ନିରାକାର ଉକ୍ତ ଟ୍ରକକୁ ଅଟକାଇ ବେପରୁଆ ଗାଡ଼ି ଚାଳନା କରୁଥିବାରୁ ଚାଳକଙ୍କୁ ତାଗିଦ କରିଥିଲେ। ଘଟଣା ବାବଦରେ ଗାନ୍ଧିଛକ ଫାଣ୍ଡିକୁ ଫୋନରେ ଜଣାଇଥିଲେ। ହେଲେ ୬ ଜଣ ଅଜଣା ବ୍ୟକ୍ତି ସେଠାକୁ ପହଞ୍ଚି ଗାଳି ଗୁଲଜ କରି ଟ୍ରକକୁ ନେଇଯାଇଥିଲେ। ଏହା ପରେ ନଅ ନମ୍ବର ଛକ ଠାରେ ଉକ୍ତ ଟ୍ରକ ଚାଳକ ସମେତ ୬ ଜଣ ଅଜଣା ବ୍ୟକ୍ତି ଅଭିଯୋଗକାରୀ ନିରାକାରଙ୍କ କାରକୁ ଅଟକାଇଥିଲେ। ଏହାପରେ ଅଭିଯୁକ୍ତ ମାନେ ନିରାକାର ଓ ତାଙ୍କ ସ୍ତ୍ରୀ ଓ ପୁଅକୁ ଗାଳି ଗୁଲଜ ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ବୈଶାଖ ତାତିରେ ହସ ବାଣ୍ଟୁଛି କୃଷ୍ଣଚୂଡ଼ା



ଉମରକୋଟ(ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରାରେ ପ୍ରକୃତି କୋଳରେ ତା'ର ଜନ୍ମ। ବୈଶାଖର ତପ୍ତରେ ଜଳି ପରଶି ଦିଏ ସୌନ୍ଦର୍ଯ୍ୟ। ପ୍ରଚଣ୍ଡ ରୌଦ୍ରତାପକୁ ଗର୍ଭସ୍ଥ କରି ନିଜେ ଜଳି ଜଳି ଅନ୍ୟ ପାଇଁ ହସେ । ଏହାରି ଭିତରେ ଏକ ବାର୍ତ୍ତା ରହିଛି, ନାରୀ ଜାତି ଏହି କୃଷ୍ଣଚୂଡ଼ା ପରି ଅନେକ ଯନ୍ତ୍ରଣାକୁ ସେ ପ୍ରେମ କରେ ନିଦାଘକୁ । ଛାତିରେ ଚାପି ରାଖି ନିଜ ପରିବାର ପାଇଁ ହସି ହସି ସବୁ କାମ କରି ଯାଇଥାନ୍ତି। ଜୀବନ ଜୀଇଁବା କଳା ଶିଖାଇଥାଏ କୃଷ୍ଣଚୂଡ଼ା। ପ୍ରକୃତିକୁ ଆସି ବୈଶାଖ ଖରାରେ ସୌନ୍ଦର୍ଯ୍ୟରେ ବିମୋହିତ କରି ସମସ୍ତଙ୍କ ପ୍ରିୟ ହେବା ସହ ଲୋକଙ୍କ ମନରେ ପ୍ରେମ ବାଣ୍ଟୁଛି କୃଷ୍ଣଚୂଡ଼ା । ଏହି ବାସହୀନ କୃଷ୍ଣଚୂଡ଼ା ଫୁଲ ଏବେ ଓଡ଼ିଶାର ଗାଁ ଗଣ୍ଡା ଠୁ ଆରମ୍ଭ କରି ସହର ବଜାର ସବୁଠି ଶୋଭା ପାଉଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁର ରାସ୍ତା କଡ଼ ଜମି ହିଡ ଏମିତି ଅନେକ ସ୍ଥାନରେ ପସରା ମେଲିଛି କୃଷ୍ଣଚୂଡ଼ା। କୃଷ୍ଣଚୂଡ଼ାକୁ ଦେଖି କର୍ମକ୍ଳାନ୍ତ ଶରୀର ବି କ୍ଷଣକ ପାଇଁ ଭୁଲିଯାଏ ଶାରୀରିକ ବେଦନା। ଏହି ଗଛ ଏବେ ରାସ୍ତା କଡ଼ରେ ବହୁ ମାତ୍ରାରେ ଲାଗିଥିବା ଦେଖାଯାଉଛି । ଗଛ ଓ ଫୁଲରେ ରହିଛି ଅନେକ ଔଷଧୀୟ ଗୁଣ । ତେବେ ଏହି ପ୍ରଜାତିର ରାଧାଚୂଡ଼ା(ହଳଦିଆ ଫୁଲ) ଝଡ଼ ବାତ୍ୟାକୁ ସହ୍ୟ କରିପାରୁଥିବା ବେଳେ କୃଷ୍ଣଚୂଡ଼ା ସହ୍ୟ କରିପାରିନାହିଁ। କୃଷ୍ଣଚୂଡ଼ା ଦେବ ଯୋଗ୍ୟ ନ ହେଲେ ମଧ୍ୟ ପ୍ରଭୁ ଶ୍ରୀକୃଷ୍ଣ ଭଗବାନଙ୍କ ନାମ ସହିତ ଯୋଡ଼ି ହୋଇଯାଉଛି । ଗ୍ରୀଷ୍ମ ଋତୁର ଏହି ଫୁଲକୁ ଦେଖି ଭାବୁକ ହୋଇ ଉଠୁଛି କବିର ମନ ।କୃଷ୍ଣଚୂଡ଼ା ସୂର୍ଯ୍ୟଙ୍କ ପ୍ରଖର କିରଣରେ ଚମକି ଉଠୁଛି। ଏହାର ରଙ୍ଗରେ ରଙ୍ଗୀନ ହୋଇଛି ଗାଁ ଠୁ ସହର । ଯାହା ଅନେକଙ୍କୁ ବିମୋହିତ କରୁଛି ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା(ଭାସ୍କର ନ୍ୟୁଜ୍): ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାର୍ଷିରାଣୀ ପୂର୍ତ୍ତିଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ଜାଗା , ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା । ଆଜି ଶିବିରରେ ବିଭିନ୍ନ ଅଭିଯୋଗର ଶୁଣାଣି ଜିଲ୍ଲା ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍ଡିପିଙ୍କ ସହିତ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ଶେଖ୍ ନସିମ, ବିଡ଼ିଓ ନରସିଂହ ଗଡବା , ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଇ ଓ ଖରୀଆର ଏନ୍ ଏ ସି ସ୍ୱାଧୀନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ,ବ୍ଲକ ସ୍ତରୀୟ ଅଧିକାରୀ , କର୍ମଚାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଅରେଡ଼ା ଗ୍ରାମ ପଞ୍ଚାୟତ ଅମଲାପାଲି ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଖରୀଆର ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ରକ୍ତଦାତା କିଶୋର ଛତ୍ରିଆ ଓ ଜିତେନ୍ଦ୍ର ମାଝୀଙ୍କୁ ଜିଲ୍ଲାପାଳ ଶିବିରରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାର୍ଷିରାଣୀ ପୂର୍ତ୍ତିଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ଜାଗା , ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା । ଆଜି ଶିବିରରେ ବିଭିନ୍ନ ଅଭିଯୋଗର ଶୁଣାଣି ଜିଲ୍ଲା ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍ଡିପିଙ୍କ ସହିତ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ଶେଖ୍ ନସିମ, ବିଡ଼ିଓ ନରସିଂହ ଗଡବା , ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଖଡ଼ିଆଳ ଏନ୍ ଏ ସି ଇ ଓ ସ୍ୱାଧୀନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ,ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅରେଡ଼ା ଗ୍ରାମ ପଞ୍ଚାୟତ ଅମଲାପାଲି ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଖଡ଼ିଆଳ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ରକ୍ତଦାତା କିଶୋର ଛତ୍ରିଆ ଓ ଜିତେନ୍ଦ୍ର ମାଝୀଙ୍କୁ ଜିଲ୍ଲାପାଳ ଶିବିରରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ବଡ଼ିଗାଁ ପଂଚାୟତ ଅନ୍ତର୍ଗତ ବଳାସିଙ୍ଗା ଭୀମଭୋଇଙ୍କ ଜ୍ଞାନପୀଠ ପବିତ୍ର ମହୁଲମୂଳ ଠାରେ ମହିମା ବିକାଶ ପରିଷଦ ଆନୁକୂଲ୍ୟରେ ଭୀମ ଭୋଇଙ୍କ ଜୟନ୍ତୀ ପାଳନ ହୋଇଯାଇଛି । ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୁଲମୂଳର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସାହାଯ୍ୟ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ। ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନ ସଭାପତିତ୍ୱ କରିଥିବାବେଳେ, ସମ୍ପାଦକ ସାଧୁ



କୁଳଧର ଦାସ ବିବରଣୀ ପାଠ କରିଥିଲେ । ସାଧୁ କୃଷ୍ଣଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବ ପ୍ରାଧ୍ୟାପକ ବାସୁଦେବ ପାତ୍ର, ଅନ୍ୟତମ ବକ୍ତା ଭାବେ ଗବେଷକ ବିଦ୍ୟାଲୋଚନ ତ୍ରିପାଠୀ, ସଂମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଶିକ୍ଷାବିତ ଶମ୍ଭୁ ଗିରି, ସାମାଜିକ କର୍ମୀ ସ୍ୱାଧୀନ କୁମାର ପ୍ରଧାନ ମଞ୍ଚାସିନ ଥିବାବେଳେ ପୂର୍ବ ସରପଞ୍ଚ ସଦାନନ୍ଦ ପ୍ରଧାନ, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ, ସାମାଜିକ କର୍ମୀ କୃତ୍ତିବାସ ପଲିଆଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

# ହରିଶଙ୍କର ମେଳା ଉଦ୍ଯାପିତ

## ପୂର୍ଣ୍ଣିମାରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନ୍ନ, ଜଳ ବଣ୍ଟନ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ପାଟଣାଗଡ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ର ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ସାମାଜିକ କର୍ମୀ ଗୋପାଳଜୀ ପାଣିଗ୍ରାହୀ,ନାନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇ ଥିଲେ। ରାଜ୍ୟ ସରକାର ୧୧ ଟି ସାଂସ୍କୃତିକ ଦଳ ସହିତ ୧୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିବାରୁ ଆୟୋଜକ କମିଟି କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଅନ୍ନ ଛତ୍ର ମାଧ୍ୟମରେ ମାଗଣା ଅନ୍ନ ବଣ୍ଟନ କରିଥିବା ଯୁବ କୁଳତା ସମାଜ, ଭୁଲିଆ ସମାଜ ଓ କୁମ୍ଭାର ସମାଜ ର କର୍ମକର୍ତ୍ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜଳଛତ୍ର ପାଇଁ ସତ୍ୟସାଇ ସେବା ସମିତି, ସ୍ୱାଭିମାନ ପରିବାର, ମାହେଶ୍ୱରୀ ସଂଗଠନ, ଦଳ ସମାଜ, ଯୁବ କୁଳତା ସମାଜ, ଜନକଲ୍ୟାଣ ଟ୍ରଷ୍ଟ, ଅରୁନ୍ଧତୀ ଜ୍ୱେଲର୍ସ , କଳଙ୍ଗା ସମାଜ, ଗାଁ ସାଥି ସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ ଅଭୟ ତ୍ରିପାଠୀ ପରିଚାଳନା କରିଥିବାବେଳେ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚ ରେ ସୁର ଝଙ୍କାର, ବଲାଙ୍ଗୀର ଚିନିଚମ୍ପା କଳାପରିଷଦ ପାଟଣାଗଡ ର ବଜନିଆ ଓ ଡାପ ନାଚ ଓ ଦ୍ୱିତୀୟ ମଞ୍ଚରେ ପଲ୍ଲବୀ ମୟୂରଭଞ୍ଜର ମାଳଖମ୍ ନୃତ୍ୟ, ନକ୍ଷତ୍ର ଗୁରୁକୁଳ ଭୁବନେଶ୍ୱର ର ଗୋଟିପୁଅ ନାଚ, ନିତା ନୃତ୍ୟାଙ୍ଗନା ଢେଙ୍କାନାଳ ସମ୍ବଲପୁରୀ ଓ ତାରିଣୀ ଖୁସୁବୁ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହା ଯଜ୍ଞ ମଧ୍ୟ ଉଦଯାପିତ ହୋଇଥିବା ବେଳେ ଯଜ୍ଞରେ ସୀମାଞ୍ଚଳ ପୁରୋହିତ ପୂଜା କର୍ତ୍ତା ରୁପେ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଦେବୋତ୍ତର କମିଟି ସଦସ୍ୟ, ସବ କମିଟି ସଦସ୍ୟ, ଏନ ଏ ସି ପାଟଣାଗଡ, ବ୍ଲକ୍ ପ୍ରଶାସନ ଖପ୍ରାଖୋଲ, ବେଲପଡ଼ା, ପାଟଣାଗଡ, ପୋଲିସ ପ୍ରଶାସନ , ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ଜୁନିଅର ରେଡକ୍ରସ, ଓ ଏଲ ଏମ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ସୁପରିନ୍ଟେଡେଣ୍ଟ ଡ. ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ସେବିକାମାନଙ୍କ ଦାୟିତ୍ୱ ଓ ଭବିଷ୍ୟତର ବିଭିନ୍ନ ଦିଗରେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା କେ ଜୟଶ୍ରୀ ଯୋଗଦେଇ ବର୍ତ୍ତମାନ ସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଓ ଅବଦାନ ବିଷୟରେ କହିଥିଲେ। ବିଶ୍ୱ ବିଦ୍ୟାଳୟର କୁଳପତି ଡ. ଏଭିଏନଏଲ ଶର୍ମା। ଯୋଗଦେଇ ଦୈନନ୍ଦିନ ଜୀବନରେ ସେବିକା ମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ।ଛାତ୍ରୀ ହରିପ୍ରିୟା ଜମୁଡ଼ା ଓ ଛାତ୍ର ବସନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଫେସର୍ କେ ରତନ କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବିଶ୍ୱ ସେବିକା ଦିବସ ପାଳନ କରିବା ପାଇ ଗତ ଏକ ସପ୍ତାହ ଧରି ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ସେହି କୃତି ଛାତ୍ର ଛାତ୍ରୀ ମାନଙ୍କୁ ଆଜି ମେମେଣ୍ଟ ଦେଇ ସମ୍ମାନିତ କରାଯାଇଥିଲା ।

# ବୁଦ୍ଧ ଜୟନ୍ତୀ ପାଳିତ



ବୌଦ୍ଧ(ଭାସ୍କର ନ୍ୟୁଜ୍): ସମଗ୍ର ଭାରବର୍ଷରେ ମହାପ୍ରଭୁ ବୁଦ୍ଧଙ୍କ ନାମରେ ନାମିତ ଏକମାତ୍ର ଜିଲ୍ଲା ବୌଦ୍ଧ ଜିଲ୍ଲା ନାମକରଣ ହୋଇଛି । ଆଜି ପରମ କାରୁଣିକ ଭଗବାନ ବୁଦ୍ଧଙ୍କ ୨୫୬୯ତମ ଜୟନ୍ତୀ ଜିଲ୍ଲା ପ୍ରଶାସନ ଓ ବୁଦ୍ଧ ଜୟନ୍ତୀ କମିଟିର ମିଳିତ ଆନୁକୁଲ୍ୟରେ ପାଳନ କରାଯାଇଛି । ରାଜବାଟି ନିକଟସ୍ଥ ଐତିହାସିକ ବୁଦ୍ଧ କୀର୍ତ୍ତିରାଜି ଠାରେ ପଣ୍ଡିତ ମିନୁପ୍ରସାଦ ମିଶ୍ରଙ୍କ ଦ୍ୱାରା ପୂଜା ଧ୍ୱଜା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ପୂର୍ବତନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଓ ତାଙ୍କ ଧର୍ମପତ୍ନୀ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୁଦ୍ଧ ଜୟନ୍ତୀ କମିଟିର ଆବାହକ ଦେବାଶିଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଯୋଗଦେଇ ପୁଷ୍ପମାଲ୍ୟ ଓ ଶ୍ରୀଫଳ ଅର୍ପଣ କରିଥିଲେ । ବୌଦ୍ଧ ନାମକରଣ ସମ୍ପର୍କରେ ଗବେଷକ ବିଶ୍ୱେଶ୍ୱର ପୃଷ୍ଟି ବୁଦ୍ଧଙ୍କର ସମୀକ୍ଷା କରିଥିଲେ । ଗମ୍ଭାରୀପଦର , ଶ୍ୟାସୁନ୍ଦରପୁର, ପରଗଲପୁର ଠାରେ ବୁଦ୍ଧ ଜୟନ୍ତୀ ଉତ୍ସବ ପାଳନ କରିବା ପରେ ରାମଗଡ଼ ପଞ୍ଚାୟତ ଠାରେ ନୂତନ ଭାବେ ନିର୍ମାଣ ହୋଇ ସମ୍ପୂର୍ଣ୍ଣ ହୋଇଥିବା ବୁଦ୍ଧ ଓ ଗଣେଶଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଏଥିରେ ଗୋଷ୍ଠୀ ଅଧିକାରୀ ଶରତ କୁମାର ସେଠୀ,ସରପଞ୍ଚ ରାମଗଡ ପଂଚାୟତ ପ୍ରଭାସିନୀ ଯୋଶୀ, ପିଇଓ ବସନ୍ତ କୁମାର କର୍ଣ୍ଣ, ସମାଜସେବୀ ଶୁଭେନ୍ଦୁ କୁମାର ଯୋଶୀ, ପୂଜକ ବିଭୁତି ଭୂଷଣ ଯୋଶୀ, ପଂଚାୟତର ସମସ୍ତ କର୍ମଚାରୀ, ସମିତି ସଭ୍ୟ ରଶ୍ମିତା ମଲ୍ଲିକ, ପୂଜକ ମିନୁ ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କୁର କୁମାର ଯାନୀ, ପ୍ରଧାନ ଶିକ୍ଷକ, କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁଶାନ୍ତ କୁମାର ମହାପାତ୍ର, ସଭାପତି,ଜିଲ୍ଲା ସାମ୍ବାଦିକ ସଂଘ ଦେବାଶିଷ ପୁରୋହିତ,ଗମ୍ଭାରୀ ପଦର, ଶ୍ୟାମସୁନ୍ଦରପୁର ଏବଂ ପର୍ଗଲପୁର, ରାମଗଡ଼ ପଂଚାୟତ ର ଗ୍ରାମବାସୀ, ବୁଦ୍ଧ କମିଟି ର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ମନମୁଣ୍ଡା ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବୌଦ୍ଧ ଜିଲ୍ଲା ପ୍ରବେଶ ପଥରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ସଭାପତି ବୈଦ୍ୟନାଥ ହୋତା ଉପସଭାପତି ଅଙ୍କୁର ବେହେରା ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ ସହ ସଂପାଦକ ବିକ୍ରମ ସାହୁ ଉପଦେଷ୍ଟା ତଥା ସହଯୋଗକାରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ ଉପସ୍ଥିତ ରହିଥିଲେ ।



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ ରତନପୁର ପଞ୍ଚାୟତର ତାଳଡିହ ଗ୍ରାମରେ ଅନୁଷ୍ଠିତ ହେଉଥିବା ଶ୍ରୀରାମ ନାଟକ ( ରାମଲୀଳା ନାଟକ ) ଉଦଯାପିତ ହୋଇଯାଇଛି । ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଠାରୁ ରାବଣ ବଧ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଇଥିଲା । ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବ ସହିତ ନଗର ପରିକ୍ରମା ଧୁମଧାମରେ ହୋଇଯାଇଛି । ଏହି ପୌରାଣିକ ( ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ) ନାଟକ ଦେଖିବା ପାଇଁ ପ୍ରତ୍ୟେକ ରାତିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶ୍ରୀରାମ ଲୀଳା ନାଟକ ପରିବେଷଣରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଗ୍ରାମବାସୀମାନେ ଉତ୍ସାହର ସହିତ ଭୋଗ ଓ ନୈବେଦ୍ୟ ଅର୍ପଣ କରି ଠାକୁରଙ୍କୁ ବନ୍ଦାପନା କରିଥିଲେ । ପ୍ରଭୁ ଶ୍ରୀରାମଙ୍କର ରାଜ୍ୟାଭିଷେକ ଉତ୍ସବ ନେଇ କଳାକାର ମାନେ ରାମ, ଲକ୍ଷ୍ମଣ, ସୀତା, ଭାରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ପ୍ରମୁଖ ଭୂମିକାରେ ଯଥା ଶ୍ରୀରାମ ଭୂମିକାରେ ସୁଧୀର ପ୍ରଧାନ, ଲକ୍ଷ୍ମଣ ଭୂମିକାରେ କୁନାଲ ପ୍ରଧାନ, ସୀତା ଭୂମିକାରେ ଅମିତ୍ ସାହୁ, ହନୁମାନ ଭୂମିକାରେ ଦୟା ପ୍ରଧାନ, ରାବଣ ଭୂମିକାରେ ଅନିଲ ସାମନ୍ତରାୟ ଏବଂ ପ୍ରଚ୍ଛଦ ପଟରେ ଗାୟକ ଅମିନ ପ୍ରଧାନ ଓ ବାୟକ ବିନାୟକ ଦାସ, ତୋଫାନ ମହାରଣା ଅଂଶ ଗ୍ରହଣ କରିଥିଲେ । ପରିଚାଳନା କମିଟି ସଭ୍ୟ ପ୍ରଦୀପ ଭୁଜବଳ, ଗଣେଶ ପ୍ରଧାନ, ବ୍ରମର ବଳିୟାରସିଂହ, ସୁରେନ୍ଦ୍ର ପ୍ରଧାନ, ରାମ ପ୍ରଧାନ, ଅଜିତ ପାଇକରାୟ, ସୁବାସ ସାହୁ, ବିନାୟକ ପ୍ରଧାନ, ସୁବାସ ସାମନ୍ତରାୟ ଓ ଧଡୁ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ ।

# ତିନିରଥର ପଇବିନ୍ଧ ଅନୁକୂଳ ପୂଜା



ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ତ୍ରୟୋଦଶ ଦିବସରେ ତିନିରଥ ର ନିର୍ମାଣ କରି ସେବକ ମାନେ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ତିନିରଥର ପଇ ବିନ୍ଧ ଅନୁକୂଳ ସହ ନାହାକା ତୁମ୍ବରେ ପନ୍ଦାରି ବଳା ଲାଗି ଏବଂ ତୁମ୍ବ ଅର ରେ ପଇ ବିନ୍ଧ ଅନୁକୂଳ ସମ୍ପନ୍ନ ହୋଇଛି । ଆଜି ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ପୂଜା ତିନି ରଥ ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ତିନି ରଥ ସାଥୀ ମହାରଣା ସେବକ ମାନେ ପଇ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିସହ ଆଜି ତିନି ରଥର ଦୁଇଟି ଲେଖାଏଁ ନାହାକା ଚକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ,ତିନି ରଥର ନାହାକା ତୁମ୍ବରେ ଅଖ ବିନ୍ଧ ପରେ ତିନି ରଥ ମହାରଣା ସେବକ ମାନେ ମାପ ପ୍ରକାରେ ତୁମ୍ବରେ ପନ୍ଦାରି ଗାଡ଼ ଖୋଦେଇ ଶେଷ କଲା ପରେ ମୁଖ୍ୟ ମହାରଣାଙ୍କ ଦ୍ୱାରା ପନ୍ଦାରି ବଳା ଅନୁକୂଳ ପୂଜା ପୂର୍ବକ ତୁମ୍ବରେ ପନ୍ଦାରି ବଳା ବସିବା ବିଧି ସମ୍ପନ୍ନ ହୋଇଥିଲା । ଆଜିର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତିନି ରଥର ଦୁଇ ଦୁଇଟି ଲେଖାଏଁ ତୁମ୍ବ ରେ ଅର ସଂଯୋଗ ହୋଇ ପଇ ପିନ୍ଧା ପରେ ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ଏଥିସହ ତିନି ରଥ ଆଉ ଦୁଇଟି ଲେଖାଏଁ ତୁମ୍ବ ରେ ସିଙ୍ଗଡ଼ା ବାଡିଆ ପରେ ତୁମ୍ବରେ ଅଖ ବିନ୍ଧ ସହ ପନ୍ଦାରି ବଳା ବସି, ଅର ସାଲ ଶେଷ ହୋଇଛି । ଏଥିସହ ଆଜି ସମାନ୍ତରାଳ ଭାବେ ତିନି ରଥର ୧୧ ଟି ଗୁଜ ୯ ଟି ଜଳ ଯନ୍ତ୍ର, ୪ ଟି ଲେଖାଏଁ କୁଡୁକା ଚଉପଟ କାର୍ଯ୍ୟ ଶେଷ ହୋଇ ରିଖ ଗୁଜ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଅନ୍ୟପଟେ ଦୋଳ ବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ରେ ତିନି ରଥର ଓଝା ମହାରଣା ସେବକ ମାନେ ନାହାକା ତୁମ୍ବ ଗୁଡ଼ିକର ପନ୍ଦାରି ଏବଂ ତୁମ୍ବ ବଳା ଶେଷ କରିବା ପରେ ବାକି ତୁମ୍ବ ଗୁଡ଼ିକ ନିର୍ମାଣ ପନ୍ଦାରିର ମାଠା କାର୍ଯ୍ୟ ସହ ପନ୍ଦାରି ଚାବି ଏବଂ ଅର କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ସେହିପରି ଦୋଳ ବେଦୀ ଠାରେ ମହାପ୍ରଭୁ ଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ରେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ଆବଶ୍ୟକ କାଠ ନିର୍ମିତ ସରଞ୍ଜାମ, ଶ୍ରୀମନ୍ଦିର ବଢାଇ କର୍ମଚାରୀ ବସନ୍ତ ମହାରଣାଙ୍କ ସହୋଜୋଗରେ ପାହି ମହାରଣା ନିର୍ମାଣ କରୁଛନ୍ତି । ଆଜିସୁଦ୍ଧା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ ନଳ, ବାଉଁଶ କାଠି, ପୂଜାପଣ୍ଡା ସେବକଙ୍କ ପାଇଁ କୁରୁମ୍ ପିଢ଼ା, ରନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା କାଠି ନିର୍ମାଣ ଶେଷ କରିଛନ୍ତି । ରଥ ନିର୍ମାଣ ର ତ୍ରୟୋଦଶ ଦିବସ ରେ ୭୮ ଜଣ ମହାରଣା, ୬୩ ଜଣ ଭୋଇ, ୪ ଜଣ କରତିଆ ଏବଂ ୧୫ ଜଣ ଓଝା କମାର ସେବକ, ୨୧ ରୂପକାର ସେବକ, ୨ ଜଣ ତୁମ୍ବ ବିନ୍ଧ କାରିଗର, ଜଣେ ପହି ମହାରଣା ଓ ଜଣେ ରଥଖଳା ସହାୟକ କାର୍ଯ୍ୟ ରେ ଲାଗିଛନ୍ତି ।

# ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାଇ ବିକଳ୍ପ ବିବାଦ ସମାଧାନ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି ଓ ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାହିଭାଇ ଅନୁଷ୍ଠାନର ସ୍ୱଚ୍ଛାସେବୀ ଏବଂ କର୍ମକର୍ତା ମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି ଶିବିରରେ ଦେଓ୍ୱାନି ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, କୋର୍ଟ କର୍ମଚାରୀ, ଆଇନ ସେବା ପ୍ରାଧିକାରଣର କର୍ମଚାରୀ ଏବଂ ସାହିଭାଇ ଅନୁଷ୍ଠାନର ସ୍ୱଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ । ଉକ୍ତ ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ସମସ୍ତ ବିଚାରପତିଗଣ ଓ ସ୍ଥାୟୀ ଲୋକ ଅଦଳତାର ଅଦକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ଉପସ୍ଥିତଥିଲେ । ସାହିଭାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ର ଶେଖର ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତା , ଜିଲ୍ଲା ମୁଖ୍ୟ ହସ୍ପିଟାଲର କର୍ମଚାରୀ ଏବଂ ପ୍ରାଧିକାରଣର କର୍ମଚାରୀମାନେ ରକ୍ତଦାନ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ପାରିବାରିକ କଳହରୁ ଯୁବତୀଙ୍କ ଆତ୍ମହତ୍ୟା

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଥାନା ଅନ୍ତର୍ଗତ କୁଆଁର ପୁର ଗାଁ ର ଦାରା ସିଂ ଚୈହାନଙ୍କ ଝିଅ ସବିତା (ଛଦ୍ମ ନାମ) ପାରିବାରିକ କଳହରୁ ସୋମବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତାଙ୍କୁ ସଂଗେ ଚିକିତ୍ସାଳୟକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହେବାରୁ ଶବକୁ ଫେରାଇ ନେଇ ତରବରିଆ ଭାବେ ସତ୍କାର କରିଥିବା ଜଣାଯାଇଛି । ଯୁବତୀ ଜଣକ ପ୍ରେମ ଜନିତ ବ୍ୟାପାରରେ ପିତାଙ୍କ ଆକଟ ଯୋଗୁଁ ଏପରି ଘଟଣା ହୋଇଥିବା ଗ୍ରାମବାସୀଙ୍କ ସୁତ୍ରରୁ ପ୍ରକାଶ । ଯୁବତୀ ଜଣକ ଉଚ୍ଚ ଶିକ୍ଷିତା ହୋଇଥିବା ବେଳେ ପରିବାର ଲୋକେ ଏଭଳି କାର୍ଯ୍ୟକୁ ବିରୋଧ କରି ଆସୁଥିଲେ । ଏ ସମ୍ପର୍କରେ ରାଇବଣିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଘଟଣାକୁ ଚପାଇ ଦେବାକୁ ମସୁଧା ହେଉଛି । ଅନ୍ୟ ପକ୍ଷରେ ପିତା ଝିଅର ସହପାଠୀଙ୍କ ସହ ଦୈହିକ ସମ୍ପର୍କ ରଖି ପିଲା ଜନ୍ମ ହୋଇ ଥିବାରୁ ଝିଅ ଏହାର ପ୍ରତିବାଦ କରି ଆସୁଥିଲା । ସେହି ରାଗରେ ପିତା ପିଟି ମାରି ଦେଇଥିବା ଘଟଣାକୁ ଚପାଇ ଦେଇ ତରବରିଆ ଭାବେ ପୋଡ଼ି ଦେଇଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । କାରଣ ଯଦି ସେ ଆତ୍ମହତ୍ୟା କରିଛନ୍ତି, ତେବେ ନିଶ୍ଚିତ ଭାବେ ଶବ ବ୍ୟବଚ୍ଛେଦ ନ କରି ତରବରିଆ ଭାବେ କାହିଁକି ପୋଡ଼ି ଦିଆଗଲା ବୋଲି ଲୋକଙ୍କ ମନରେ ପ୍ରଶ୍ନବାଚୀ ହୋଇଛି । ଏହା ଏକ ସୁପରିକଳ୍ପିତ ମର୍ଡର ବୋଲି ଆଲୋଚନା ହେଉଛି । ରାଇବଣିଆ ପୋଲିସ ସଠିକ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



କାଶୀପୁର /ରାୟଗଡ (ଭାସ୍କର ନ୍ୟୁଜ): : ମଙ୍ଗଳବାର ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ, ଚନ୍ଦ୍ର କାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମମତା ସାହୁ, ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ଆଜି ମୋଟ ୪୩ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୧ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।


### ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର: ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୦୫, ତାରିଖ-୦୯.୦୫.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ସିନିୟର ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୨.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । କାର୍ଯ୍ୟର ବର୍ଣ୍ଣନା : ଆଇଆର୍-ନିୟନ୍ତ୍ରକ ପର୍ଯ୍ୟାୟ-୧ (ସିନିୟର ଡିଇଇ/ଜି/ଖଡ଼ଗପୁର ଅଧୀନରେ) ସହିତ ବୈଦ୍ୟୁତିକ ସାଧାରଣ ସେବା ସମ୍ପତ୍ତିର ସମନ୍ୱୟ ପାଇଁ ଆଇଓଟି ଉପକରଣ / ଆଇଏଫଡ଼ିର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ଟ.୧,୦୦,୩୮,୮୭୩.୬୦ । ବିଡ୍ ସିକ୍ୟୁରିଟି/ ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୦୦,୨୦୦ । ଖୋଲିବାର ତାରିଖ: ୩୦.୦୫.୨୦୨୫ । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ । ସମାପ୍ତି ଅବଧି: ଗ୍ରହଣ ପତ୍ର ପ୍ରଦାନ ତାରିଖରୁ ୦୬ ମାସ । ଦାଖଲ ତାରିଖ: ୩୦.୦୫.୨୦୨୫ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-145)

### AFFIDAVIT

By virtue of an affidavit sworn before the Executive Magistrate, Hatadihi, dated: 13.05.2025, I, Rajani Beshra, Address: At- Sangam, Po- Bidyadharpur, Ps- Soso, Dist- Keonjhar, Odisha, PIN-758078, declare that I have changed my name from Singharai Beshra to Rajani Beshra. Henceforth, I shall be known as Rajani Beshra for all purposes.

**Sd/- Rajani Beshra**

### AFFIDAVIT

By virtue of an affidavit sworn before the Executive Magistrate, Balikuda, dated: 07.05.2025, I, Gitanjali Das, Address: village- Nabanga, Po- Alavar, Ps- Balikuda, Dist- Jagatsinghpur, Odisha, PIN-754108, declare that I have changed my name from Gitanjali Pradhan to Gitanjali Das. Henceforth I shall be known as Gitanjali Das for all purposes.

**Sd/- Gitanjali Das**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତୁରନ୍ତ ପିଓକେ...

ପ୍ରସ୍ତାବ ଦେଇଥିଲା ବୋଲି ଜୟସ୍ୱାଲ କହିଥିଲେ । ସେ କହିଥିଲେ, ଏଣିକି ପାକିସ୍ତାନ ଯଦି ଆଗୁଆ କିଛି ଆକ୍ରମଣ କରେ, ତେବେ ଏହାର କଡ଼ା ଜବାବ ଦିଆଯିବ । ଆମେ ପାକ୍‌କୁ ଯେଉଁ ଢଙ୍ଗରେ ଜବାବ ଦେଇଛୁ ତାକୁ ସାରା ବିଶ୍ୱ ଦେଖିସାରିଛି । ବାହାବଲପୁର, ମୁରିଡେକେରେ ଆତଙ୍କୀ ଆଡ୍ଡା ଧ୍ୱଂସ କରିଛୁ । ତେବେ ଏସବୁ ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନାରେ ନିଷ୍ପତ୍ତି ନିଆଯିବ ବୋଲି ସେ ସ୍ପଷ୍ଟ କରିଥିଲେ ।

### ପାସ୍ ହାର...

ଓଡ଼ିଶାରେ ପୁଅଙ୍କୁ ବି ପଛରେ ପକାଇ ଅଧିକ ଝିଅ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଶାରେ ଦ୍ୱାଦଶ ଶ୍ରେଣୀରେ ମୋଟ ୯୭,୯୧୯ଜଣ କୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରଙ୍କ ପାସ୍‌ହାର ୮୧.୪୨ ପ୍ରତିଶତ ରହିଥିବାବେଳେ ସେମାନଙ୍କ ସଂଖ୍ୟା ରହିଛି ୫୧,୯୪୯ । ସେହିଭଳି ଛାତ୍ରୀଙ୍କ ପାସ୍ ହାର ୮୬.୩୦ ପ୍ରତିଶତ ରହିଥିବାବେଳେ ପାସ୍ କରିଛନ୍ତି ୪୫,୯୭୦ଜଣ ଛାତ୍ରୀ ।

### ଆଜି ଶପଥ ନେବେ...

ଗବାଇଙ୍କ କାର୍ଯ୍ୟକାଳ ୬ ମାସ ରହିବ ଏବଂ ସେ ଆସନ୍ତା ନଭେମ୍ବର ମାସରେ ଅବସର ଗ୍ରହଣ କରିବେ । ୧୯୬୦ ମସିହା ନଭେମ୍ବର ୨୪ ତାରିଖରେ ମହାରାଷ୍ଟ୍ରର ଅମରାବତୀରେ ଜଷ୍ଟିସ ଗବାଇ ଜନ୍ମଗ୍ରହଣ କରିଥିଲେ । ସେ ୧୯୮୫ ମାର୍ଚ୍ଚ ୧୬ରେ ଆଇନଜୀବୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଏହାପରେ ତାଙ୍କୁ ୨୦୧୯ ମେ'ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା । ଗତ ୬ବର୍ଷ ମଧ୍ୟରେ ଜଷ୍ଟିସ ଗବାଇ ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ, ସିଭିଲ ଆଇନ, ଫୌଜଦାରୀ ଆଇନ, ବାଣିଜ୍ୟ ବିଭାଗ, ମଧ୍ୟସ୍ଥତା ଆଇନ, ବିଦ୍ୟୁତ ଆଇନ, ଶିକ୍ଷାମାମଲା, ପରିବେଶ ଆଇନ ଇତ୍ୟାଦି ବିଭିନ୍ନ ବିଷୟ ସହ ଜଡ଼ିତ ମାମଲାଗୁଡ଼ିକର ବିଚାର କରୁଥିବା ପ୍ରାୟ ୭୦୦ ଖଣ୍ଡପୀଠର ଅଂଶ ରହିଥିଲେ । ସୂଚନାଯୋଗ୍ୟ ଯେ ମଙ୍ଗଳବାର ପୂର୍ବାହ୍ନରେ ପୂର୍ବତନ ସିଜେଆଇ ଜଷ୍ଟିସ ଖାନ୍ନାଙ୍କୁ ଆଟର୍ଣ୍ଣି ଜେନେରାଲ ଆର.ଭେଙ୍କଟରମଣୀ, ବରିଷ୍ଠ ଓକିଲ କପିଲ ଶିବଲ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଭାବପୂର୍ଣ୍ଣ ଭାବେ ବିଦାୟ ଦେଇଥିଲେ । ସେମାନେ ଜଷ୍ଟିସ ଖାନ୍ନାଙ୍କ ସହ ବିତାଇଥିବା ଦିନଗୁଡ଼ିକୁ ମଧ୍ୟ ମନେ ପକାଇଥିଲେ ।

### ଓଡ଼ିଶାବାସୀଙ୍କୁ...

ତାହା ରାଜ୍ୟବାସୀଙ୍କୁ ଜଣାଇବେ ସରକାର । ଚାଷୀଙ୍କୁ ୮୦୦ ଟଙ୍କାର ଇନପୁଟ ସହାୟତା, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା ଓ ମରାମତି ଖୋଲିବା, ଆୟୁଷ୍ମାନ ଭାରତ ଯୋଜନା ଲାଗୁ ଭଳି ଓଡ଼ିଶାବାସୀଙ୍କ ଭରସା ଜିତିଛନ୍ତି ବିଜେପି ସରକାର । ଚିଟ୍‌ଫଣ୍ଡ ଅର୍ଥ ଫେରାଇବା ସହ ଅନ୍ୟାନ୍ୟ କାର୍ଯ୍ୟରେ ସଫଳ ହୋଇଛନ୍ତି ୧୧ମାସର ମୋହନ ସରକାର । ସେପଟେ ଉଭୟ ଅଧିକାରୀ ଓ ମନ୍ତ୍ରୀଙ୍କୁ ବିଭାଗଓ୍ୱାରୀ ସଫଳତାର ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ଦିଆଯାଇଛି ଟାସ୍କ । ସମାବେଶ ଜରିଆରେ ଏସବୁକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର । ନୂଆ ସରକାର ଚାଷୀଙ୍କ ଦାବିକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପି କୃଷକମୋର୍ଚ୍ଚା ପକ୍ଷରୁ ମଙ୍ଗଳବାରଠାରୁ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ରାଜ୍ୟର ୧୦ଟି ସ୍ଥାନରେ ଏଭଳି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ଚାନ୍ଦବାଲିରୁ ଆରମ୍ଭ ହୋଇ ଢେଙ୍କାନାଳରେ ଶେଷ ହେବ ।

### ବିଶୋଇରେ ହେବ...

ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ । ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ । ଏହି ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀ ଭାଇମାନଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେଉ ମାତ୍ର ୨୪ ମିନିଟରେ ନିର୍ଣ୍ଣୟ ନେଇଥିଲୁ, ଯାହା ଗତ ୨୪ ବର୍ଷରେ ହୋଇ ପାରି ନଥିଲା । ସୁଭଦ୍ରା ଓ ଚାଷୀମାନଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି । ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ । ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ । ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆମ ସରକାର ହେଉଛି, ଲୋକଙ୍କ ସରକାର । ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ । ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ । ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନଥିଲେ । ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ । ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି । ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି । ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ । ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ । ଏହାକୁ କୁହାଯାଉଛି '୩୬ ପାଇଁ ୩୬' । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକ ମାନଙ୍କ କନ୍ୟା ମାନଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜାଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ ।


O-145

Tel. 06766-258094(O)
Mail: eerw1_kjr@yahoo.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
*********
"e" Procurement Notice for Road Works
Identification No Online NCB – 02/2025-26.

1. Name of the Work : 1 No. Building Work
2. Total Number of Work : 1 No.
3. Estimated Cost : Rs. 78.61 Lakhs
4. Class of Contractor : "B" Class
5. Period of Completion : As per annexure of e-Procurement Notice No.02 of 2025-26.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No. 02 | Dt.14.05.2025 at 11.00 A.M. | Dt.21.05.2025 up to 5.00 P.M. | Dt.20.05.2025 up to 5.00 P.M. | Dt.22.05.2025 up to 5.00 P.M. | Will be intimated later |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W. Division-I, Keonjhar

OIPR 25110/11/0015/2526

A-157

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI.
'e' Procurement Notice
Bid Reference No. SE MID BPT-01/2025-26
E-mail : eemikldbpt@gmail.com

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Work: - | 02 (Two) Nos. |
| 3 | Estimated cost: - | Varies from Rs. 39.28 lakhs to 49.04 lakhs (Approximately) |
| 4 | Period of completion | 8 (Eights) calendar months |
| 5 | Date and Time of availability of bid documents in the portal: - | From 16.05.2025 (09.00AM) to 25.05.2025 (5.00PM) |
| 6 | Last date / time of receipt of bids in the portal: - | Dt.25.05.2025 up to 5.00PM |
| 7 | Date of opening of Bid: - | Dt.28.05.2025 at 11.00AM onwards |
| 8 | Date of Transparent Lottery( If required) :- | Dt. 08.06.2025 at 11.00 A.M |
| 9 | Name and address of the OIT: - | Superintending Engineer, Minor Irrigation Division, Kalahandi. Bhawanipatna. |

** Further details can be seen from the e-Procurement market place http://tendersodisha.gov.in

Sd/- Er Saroj Sha
Superintending Engineer
M.I. Division, Kalahandi

OIPR 32035/11/0019/2526

A-156

GOVERNMENT OF ODISHA
DEPARTMENT OF WATER RESOURCES

Office of the Superintending Engineer, Mechanical Division, Cuttack.
Email Address: semechanicalcuttack @gmail.com

e-Procurement Notice- Bid Identification No.- SE/MDC-06/2025-26 dt. 09.05.2025

1. Name of the Work : Mechanical Gate Works
2. No. of Works : 05 (Five)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SE/MDC-06/2025-26 dt. 09.05.2025
5. Amount Put to Tender : Rs. 1,55,155.00 to Rs. 9,53,239.00
6. Period of Completion : 01 (One) calendar month.
7. Date & time of availability of bid documents in the Portal : From dt.13.05.2025 (11.00 AM) to dt.26.05.2025 (5.00 PM)
8. Last date/ time for receipt of bid In the Portal : Dtd.26.05.2025 (up to 5.00 PM)
9. Date and Place of opening of online bids : dt.28.05.2025 (11.00 AM onwards in the O/o the undersigned)
10. Name of the Officer inviting bid : Superintending Engineer, Mechanical Division, Cuttack

Further details can be seen from the e-procurement portal https://tendersodisha.gov.in

Sd/-Superintending Engineer
Mechanical Division,
Cuttack

OIPR 32529/11/0017/2526

### AFFIDAVIT

By virtue of an affidavit No.12 sworn before the Executive Magistrate, Nimapada, dated: 06.05.2025, I, Kamalakanta Swain, S/o- Niranjan Swain, resident of At- Mahalo, Post- Nariso, Ps- Nimapada, Dist- Puri, PIN-754004, declares that I have changed my minor daughter's name from Sonal Swain to Sonalika Swain. Henceforth, She shall be known as Sonalika Swain for all purposes.

**Sd/-Kamalakanta Swain**

### NOTICE

By virtue of an affidavit No.14 sworn before the Executive Magistrate, Nimapada, Puri, dated: 09.05.2025, I, Sanjaya Kumar Behera, At- Tuansahi, Post- Tampalo, Ps- Charichhak, Dist -Puri, PIN-752110, declared that I have changed my minor daughter's name from Sushree Subha Sulagna to Saanvi Priyadarshini. Henceforth, She shall be known as Saanvi Priyadarshini for all purposes.

**Sd/- Sanjaya Kumar Behera.**

### AFFIDAVIT

By virtue of an affidavit sworn before the Executive magistrate Tentulikhunti Dtd : 09/ 05.2025 I KUNI KUMBHAR 24 yrs W/O GAGAN KUMBHAR D/o GANGADHAR NAYAK AT-Umuri po-anchalguma PS-tentulikhunti Dist- nabarangpur , declare that I have changed my sarname from KUNI NAYAK to KUNI KUMBHAR, KUNI KUMBHAR and KUNI NAYAK being one and same person .this affidavit is required to be produce before the concerned bank Authorty for necessary action .

### AFFIDAVIT

By virtue of an affidavit sworn before the Executive magistrate Tentulikhunti Dtd : 09/ 05.2025 I BABITA NAYAK 24 yrs D/o CHAKRA NAYAK AT-Umuri po- anchalguma PS- tentulikhunti Dist- nabarangpur , declare that I have changed my sarname from BABITA KUMBHAR to BABITA NAYAK . BABITA NAYAK and BABITA KUMBHAR being one and same person .this affidavit is required to be produce before the concerned bank Authorty for necessary action .

।। कार्यालय, जिला परिषद्, दुमका ।।
E-mail- z.pdumka2014@gmail.com
रद्द पत्र
PR No-341068 District(24-25)D

एतद् द्वारा सूचित किया जाता है कि प्रकाशित ई0–निविदा आमंत्रण सूचना संख्या–**ZP-DUM-28/2024** द्वारा प्रकाशित निविदा को अपरिहार्य कारणवश रद्द किया जाता है।

श्री संतोश कुमार मराण्डी
जिला अभियंता,
जिला परिषद, दुमका।

PR 352210 District(25-26)D

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गोड्डा।

ई–निविदा आमंत्रण सूचना

ई0–निविदा संख्याः– 01/2025-26/RWD/EE/GODDA दिनांकः 13-05-2025

कार्य का विवरणः मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/GODDA/ 38/2024-25 | पसई से बदराडीह तक पथ निर्माण कार्य (लं0–1.300 कि0मी0) प्रखंड– पोड़ैयाहाट | 1,43,47,000.00 | एक करोड़ तैतीलीस लाख सैतीलीस हजार रू0 मात्र | 09(नौ) माह | प्रथम |
| 2 | RWD/EE/GODDA/ 39/2024-25 | पसई से कजरा भाया गढ़ी तक पथ निर्माण कार्य (लं0–2.300 कि0मी0) प्रखंड– पोड़ैयाहाट | 2,34,67,500.00 | दो करोड़ चौतीस लाख सड़सठ हजार पाँच सौ रू0 मात्र | 12(बारह) माह | प्रथम |
| 3 | RWD/EE/GODDA/ 40/2024-25 | तिलाटॉड़ मोड़ से तिलाटॉड़ तक पथ निर्माण कार्य (लं0–2.980 कि0मी0), प्रखंड– पोड़ैयाहाट | 3,24,25,500.00 | तीन करोड़ चौबीस लाख पचीस हजार पाँच सौ रू0 मात्र | 15(पन्द्रह) माह | प्रथम |
| 4 | RWD/EE/GODDA/ 17/2024-25 | गोपलाडीह ग्रामीण पथ का निर्माण कार्य (लं0 2.200 कि0मी0), प्रखंड– गोड्डा | 1,91,59,200.00 | एक करोड़ इकानबे लाख उनसठ हजार दो सौ रू0 मात्र | 12(बारह) माह | प्रथम |
| 5 | RWD/EE/GODDA/ 18/2024-25 | छोटी कल्याणी से विशनपुर तक पथ का निर्माण कार्य (लं0 2.050 कि0मी0), प्रखंड– गोड्डा | 2,47,44,700.00 | दो करोड़ सैतालीस लाख चौवालीस हजार सात सौ रू0 मात्र | 12(बारह) माह | प्रथम |

1. वेबसाईट में निविदा प्रकाशन की तिथिः– 19.05.2025
2. ई–निविदा प्राप्ति की अंतिम तिथि एवं समयः– 06.06.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–09.06.2025 अपराह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गोड्डा।

PR 352246 (Rural Work Department) 25-26 (D)




ଶ୍ରୀନଗର: ହଜ ପାଇଁ ସ୍ପାଇସଜେଟ୍ ପକ୍ଷରୁ ଯାତ୍ରୀଙ୍କୁ ମିଳିବ ସୁବିଧା। ଘରୋଇ ବିମାନ କମ୍ପାନୀ ସ୍ପାଇସଜେଟ୍ ମେ ୧୪ରୁ ଶ୍ରୀନଗରରୁ ମଦିନାକୁ ଦୁଇଟି ସେବା ସହିତ ବିମାନ ଚଳାଚଳ ପୁନଃ ଆରମ୍ଭ କରିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ୩୨ଟି ବିମାନବନ୍ଦର ବନ୍ଦ ରହିଥିଲା। ସେମଧ୍ୟରୁ ଶ୍ରୀନଗର ଗୋଟିଏ ଥିଲା। ସୂଚନା ଅନୁଯାୟୀ, ସୋମବାର ଦିନ ଏହି ବିମାନବନ୍ଦରଗୁଡ଼ିକୁ ବେସାମରିକ କାର୍ଯ୍ୟ ପାଇଁ ପୁନଃ ଖୋଲି ଦିଆଯାଇଥିଲା। ଏୟାରଲାଇନ୍ସ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ପାଇସଜେଟ୍ ଶ୍ରୀନଗରରୁ ଏହାର ହଜ୍ ବିମାନ ସେବା ପୁଣି ଆରମ୍ଭ କରିବ। ମଦିନାକୁ ଦୁଇଟି ବିମାନ ଚଳାଚଳ ହେବ ଏବଂ ପ୍ରତ୍ୟେକରେ ୩୨୪ ଜଣ ଯାତ୍ରୀଙ୍କୁ ନେବାର କ୍ଷମତା ରହିବ।



ଦିଲ୍ଲୀର କର୍ତ୍ତବ୍ୟପଥରେ ତ୍ରିରଙ୍ଗା ସୌର୍ଯ୍ୟ ସମ୍ମାନ ଯାତ୍ରା

## ୧୮ରେ ଇସ୍ରୋ ଲଞ୍ଚ୍ କରିବ ସ୍ୱତନ୍ତ୍ର ଉପଗ୍ରହ

ନୂଆଦିଲ୍ଲୀ: ଆକାଶରୁ ଭାରତର ନିରୀକ୍ଷଣ ଶକ୍ତି ଆହୁରି ବଢ଼ିବ। ମେ ୧୮ ତାରିଖରେ ଇଓଏସ୍-୦୯ ସାଟେଲାଇଟ୍ ଉତକ୍ଷେପଣ କରିବ ଇସ୍ରୋ। ଏହି ସାଟେଲାଇଟ୍ ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ଦେଶର କ୍ଷମତା ବୃଦ୍ଧି କରିବ, ବିପର୍ଯ୍ୟୟ ପରିଚାଳନା ମଧ୍ୟ ସାହାଯ୍ୟ କରିବ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆସନ୍ତା ମେ ୧୮ ତାରିଖରେ ଆନ୍ଧ୍ର ପ୍ରଦେଶ ଶ୍ରୀହରିକୋଟାର ସତୀଶ ଧୱନ ସ୍ପେଶ୍ ସେଣ୍ଟରରୁ ସମସ୍ତ ପାଗ ପାଇଁ ଅନୁକୂଳ ଥିବା RISAT-1B ରାଡାର ଇମେଜିଂ ଉପଗ୍ରହକୁ ଉତକ୍ଷେପଣ କରିବ। ଏହି ଉପଗ୍ରହ ଯାହାକୁ ଇଓଏସ୍-୦୯ କୁହାଯାଉଛି, ଏହାକୁ PSLV-C61 ସାହାଯ୍ୟରେ ଲଞ୍ଚ କରାଯିବ। ଏହି ଭାରତୀୟ ଉପଗ୍ରହଟି ଏକ ଉ-ବ୍ୟାଣ୍ଡ ସିନ୍ଥେଟିକ୍ ଆପେର୍ଚର ରାଡାର (SAR) ସେନ୍ସର ରହିଛି, ଯାହା ଖରାପ ପାଗ ପରିସ୍ଥିତିରେ ଦିନ ଏବଂ ରାତିରେ ପୃଥିବୀ ପୃଷ୍ଠର ହାଇ-ରିଜୋଲ୍ୟୁସନ୍ ଚିତ୍ର ପ୍ରଦାନ କରିବ। ଏହି ଉପଗ୍ରହକୁ ISRO ଦ୍ୱାରା PSLV-C61 XL ଲଞ୍ଚ ଯାନ ମାଧ୍ୟମରେ ଉତକ୍ଷେପଣ କରାଯିବ। ଏହି ଯାନଟି ୧,୭୧୦ କିଲୋଗ୍ରାମ ଓଜନର ରଙ୍ଙ-୦୯ ଉପଗ୍ରହକୁ ୫୨୯ କିଲୋମିଟର ଉଚ୍ଚତାରେ ଏକ କକ୍ଷପଥକୁ ନେଇଯିବ। EOS-09 ଉପଗ୍ରହଟି RISAT ସିରିଜର ସପ୍ତମ ଉପଗ୍ରହ ଏବଂ ଦେଶର ପ୍ରତିରକ୍ଷା କାର୍ଯ୍ୟରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହା ସାମରିକ ଯୋଜନା ଏବଂ କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବ । ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରାକୃତିକ ସମ୍ପଦର ତଦାରଖ ପାଇଁ ମଧ୍ୟ ବ୍ୟବହୃତ ହେବ। ଏହି ଉପଗ୍ରହ ଭାରତର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ଚୀନ୍ ସହିତ ଥିବା ସମ୍ବେଦନଶୀଳ ସୀମାରେ ଭାରତର ସୀମା ନିରୀକ୍ଷଣ କ୍ଷମତାକୁ ବୃଦ୍ଧି କରିବା ଏବଂ ଏହାର ବିଶାଳ ଉପକୂଳକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। RISAT-1Bରେ ପାଞ୍ଚଟି ଭିନ୍ନ ଇମେଜିଂ ମୋଡ୍ ଅଛି, ଯାହା ଛୋଟ ବସ୍ତୁ ଚିହ୍ନଟ ପାଇଁ ଏକ ମିଟର ପର୍ଯ୍ୟନ୍ତ ଅଲ୍ଟ୍ରା-ହାଇ-ରିଜୋଲ୍ୟୁସନ୍ ଇମେଜିଂ ଏବଂ ବଡ଼ କ୍ଷେତ୍ର ପର୍ଯ୍ୟବେକ୍ଷଣ ପାଇଁ ବ୍ୟାପକ ସ୍କାନ୍ ଭଳି ଦକ୍ଷତା ଏଥିରେ ସାମିଲ। RISAT ସିରିଜ୍ ସାଟେଲାଇଟ୍ ବିଶେଷକରି RISAT-2 ପୂର୍ବରୁ ପାକ୍ ଅଧିକୃତ କାଶ୍ମୀର (ଟକ୍କକ) ରେ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଉପରେ ୨୦୧୬ରେ ହୋଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍ ପାଇଁ ଚିତ୍ର ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

## ପ୍ରତିଟି ବ୍ୟକ୍ତିଙ୍କୁ ସହାୟତା ଦ୍ୱାରା ହିଁ ପ୍ରକୃତ ସଶକ୍ତିକରଣ ସମ୍ଭବ ହୋଇଥାଏ : ଉପ-ରାଷ୍ଟ୍ରପତି



ନୂଆଦିଲ୍ଲୀ : ମଙ୍ଗଳବାର ନୂଆଦିଲ୍ଲୀରେ ଗାରୋ ହିଲ୍ସ, ଖାସି ହିଲ୍ସ ଏବଂ ଜୈନ୍ତିଆ ହିଲ୍ସ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ମେଘାଳୟର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ଧନଖର କହିଛନ୍ତି, ଆମ ଦେଶର ଉତ୍ତର-ପୂର୍ବ ଅଂଶ ଆମର ରତ୍ନ । ୯୦ ଦଶକରେ ଅର୍ଥାତ୍ ପ୍ରାୟ ତିନି ଦଶନ୍ଧି ପୂର୍ବେ, ଭାରତ ସରକାରଙ୍କ ଏକ ନୀତି ଥିଲା ଏବଂ ସେହି ନୀତି ଥିଲା 'ପୂର୍ବକୁ ଦେଖନ୍ତୁ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନୀତିକୁ ଏକ ଅତିରିକ୍ତ ଦିଗ ଦେଇଥିଲେ - 'ପୂର୍ବକୁ ଦେଖନ୍ତୁ' ଏବଂ 'ପୂର୍ବ ଦିଗରେ କାର୍ଯ୍ୟ କରନ୍ତୁ'। ଏବଂ ସେହି କାର୍ଯ୍ୟ ବହୁତ ପ୍ରଭାବଶାଳୀ ଭାବରେ ହୋଇଛି। ମୁଁ ଆପଣଙ୍କୁ କହିବାକୁ ଚାହୁଁଛି ଯେ ମେଘାଳୟ ପର୍ଯ୍ୟଟକଙ୍କ ପାଇଁ ସ୍ୱର୍ଗ। ପ୍ରକୃତିର ଏକ ଅପୂର୍ବ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦଶ ବର୍ଷ ଧରି ଶାସନ ସଂସ୍କାର ଏବଂ ବିକାଶ ହାସଲ କରାଯାଇଥିବା ଉପରାଷ୍ଟ୍ରପତି ପ୍ରଶଂସା କରି କହିଥିଲେ, ଏହା ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯାହା ଅଧିକାରୀମାନଙ୍କୁ ସଠିକ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦିଏ। ରାଜ୍ୟର ଆର୍ଥିକ ପ୍ରଗତିକୁ ପ୍ରଶଂସା କରି ଉପରାଷ୍ଟ୍ରପତି ଉଲ୍ଲେଖ କରିଥିଲେ, 'ଏକ ରାଜ୍ୟର ଅର୍ଥନୀତି ମୋଟ ରାଜ୍ୟ ଘରୋଇ ଉତ୍ପାଦ, ଏଝଉଚ ଦ୍ୱାରା ନିର୍ଣ୍ଣୟ କରାଯାଏ। ଏବଂ ଏଥିପାଇଁ ମେଘାଳୟ ରାଜ୍ୟରେ ପ୍ରତିବର୍ଷ ୧୩% ବୃଦ୍ଧି ଘଟିଛି। ଏହା ଅତ୍ୟନ୍ତ ପ୍ରଶଂସନୀୟ। ରାଜ୍ୟର ଅର୍ଥନୀତିକୁ ଉନ୍ନତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗଭୀର ପ୍ରତିବଦ୍ଧତା ପାଇଁ ତାଙ୍କୁ ଅଭିନନ୍ଦନ। ସାମାଜିକ ଅଭିବୃଦ୍ଧି, ଆର୍ଥିକ ବିକାଶ ସନ୍ତୁଳିତ ହୁଏ ଯେତେବେଳେ ମହିଳାମାନେ ଆଗକୁ ଆସନ୍ତି । ମୁଁ ବହୁତ ଖୁସି ଏବଂ ଆନନ୍ଦିତ ଯେ ଆବର୍ତ୍ତନ ପାଣ୍ଠି ଏବଂ ସଂଖ୍ୟା ଉଭୟ ଦଶଗୁଣ ବୃଦ୍ଧି ପାଇଛି। ଆଲୋଚନା ସମୟରେ ମେଘାଳୟର ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ।

## ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ସମୀକ୍ଷା କଲେ ଶାହା

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କେନ୍ଦ୍ର ଶାସିତ ଅଞ୍ଚଳରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାର ଆକଳନ କରିବା ପାଇଁ ମଙ୍ଗଳବାର ନୂଆଦିଲ୍ଲୀରେ ପୁଡୁଚେରୀ ଉପରାଜ୍ୟପାଳ (ଏଲ.ଜି.) କେ. କୈଳାସନଥନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ଆଲୋଚନାରେ ପୋଲିସ, କାରାଗାର, ନ୍ୟାୟାଳୟ, ଅଭିଯୋଜନ ଏବଂ ଫୋରେନସିକ ସେବା ସମ୍ବନ୍ଧୀୟ ପ୍ରମୁଖ ବ୍ୟବସ୍ଥାଗୁଡ଼ିକର ଅଗ୍ରଗତି ଏବଂ ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ଦିଆଯାଇଥିଲା। ଏହି ବୈଠକରେ ପୁଡୁଚେରୀର ସ୍ୱରାଷ୍ଟ୍ର ମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ, ପୁଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ (ବିପିଆର ଆଣ୍ଡ ଡି)ର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ନିର୍ଦ୍ଦେଶକ, ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏବଂ ପୁଡୁଚେରୀ ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅଣାଯାଇଥିବା ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଦିଗରେ ଭଲ କାର୍ଯ୍ୟ କରିଛି। ନୂତନ ଅପରାଧିକ ଆଇନର ଶୀଘ୍ର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଅମିତ ଶାହ କହିଥିଲେ ଯେ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ସପ୍ତାହରେ ଥରେ, ପ୍ରତି ୧୫ ଦିନରେ ଗୃହମନ୍ତ୍ରୀ ଏବଂ ମାସରେ ଥରେ ଉପରାଜ୍ୟପାଳ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ଉଚିତ।

## ବିମାନରେ ବୋମା ଆତଙ୍କ




ନୂଆଦିଲ୍ଲୀ: କୋଲକାତାରୁ ମୁମ୍ବାଇ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଆତଙ୍କ ଖେଳିଯାଇଥିଲା। ଏହି ଘଟଣା କୋଲକାତା ବିମାନବନ୍ଦରରେ ଘଟିଥିଲା। ଯେତେବେଳେ ସୁରକ୍ଷା ଯାଞ୍ଚ ବେଳେ ଜଣେ ଯାତ୍ରୀ କହିଥିଲେ ଯେ କଣ ମୋ ପାଖରେ ବୋମା ଅଛି। ଯାହାପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଡ଼ାଣକୁ ବନ୍ଦ କରିଦେଇଥିଲେ। ସିଆଇଏସଏଫ୍ ସନ୍ଦିଗ୍ଧ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ବର୍ତ୍ତମାନ ବିମାନଟି କୋଲକାତା ବିମାନବନ୍ଦରରେ ଥିବାବେଳେ ଏବଂ ବମ୍ ସ୍କ୍ୱାଡ୍‌କୁ ସତର୍କ କରାଯାଇଛି।

## ମଞ୍ଚରୁ ପଡି ଗୋଡ ଭାଙ୍ଗିଲେ ସାଂସଦ



ନୂଆଦିଲ୍ଲୀ: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଙ୍ଗଳବାର ଏକ ଦିନିକିଆଗସ୍ତରେ ଭାଗଲପୁରରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ନୀତିଶଙ୍କ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସାଂସଦ ଅଜୟ ମଣ୍ଡଳ ହଠାତ୍ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ସାଂସଦଙ୍କ ଗୋଡ଼ରେ ଫ୍ୟାକଚର ହୋଇଥିବା ଜଣାପଡ଼ିଛି। ଆହତ ସାଂସଦ ଅଜୟ ମଣ୍ଡଳଙ୍କୁ କାର୍ଯ୍ୟକ୍ରମରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜବାହରଲାଲ ନେହେରୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ କିଛି ପ୍ରାଥମିକ ଚିକିତ୍ସା ପରେ ସାଂସଦଙ୍କୁ ପୁଣି ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରାଯାଇଛି। ଏହି କ୍ଲିନିକରେ ଅଜୟ ମଣ୍ଡଳଙ୍କ ଚିକିତ୍ସା ଚାଲିଛି।

## ଆଦିବାସୀ ସଂଗ୍ରହାଳୟର ଉଦ୍‌ଘାଟନ କରିବେ ବିଷ୍ଣୁଦେବ
## ୩୦୦ ଜଣ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବାଣ୍ଟିବେ ନିଯୁକ୍ତି ପତ୍ର



ରାୟପୁର : ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ବୁଧବାର ଅପରାହ୍ନ ୪.୩୦ ସମୟରେ ରାଜଧାନୀ ନବ ରାୟପୁରର ସେକ୍ଟର-୨୪ ସ୍ଥିତ ଆଦିବାସୀ ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନରେ ରାଜ୍ୟର ଆଦିବାସୀ ସଂସ୍କୃତି ଏବଂ ପରମ୍ପରା ଉପରେ ଆଧାରିତ ନବନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଉଦଘାଟନ କରିବେ। ଏହା ସହିତ, ସେ ଆଦିବାସୀ ଉନ୍ନୟନ ବିଭାଗର ୩୦୦ ଜଣ ନବନିଯୁକ୍ତ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଏ ଜେଇଇ ମେନ୍ସରେ ମନୋନୀତ ପ୍ରୟାସ ଆବାସିକ ବିଦ୍ୟାଳୟର ୧୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବେ। ଏହି କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଅତିଥିମାନେ ଛତିଶଗଡ଼ ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ, କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ତୋଖାନ ସାହୁ, ଉପମୁଖ୍ୟମନ୍ତ୍ରୀ ଅରୁଣ ସା ଏବଂ ବିଜୟ ଶର୍ମା ରହିବେ। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଆଦିବାସୀ କଲ୍ୟାଣ ମନ୍ତ୍ରୀ ରାମବିଚାର ନେତାମ କରିବେ। ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କେଦାର କାଶ୍ୟପ, ଖାଦ୍ୟ ମନ୍ତ୍ରୀ ଦୟାଲ ଦାସ ବାଗେଲ, ଅର୍ଥମନ୍ତ୍ରୀ ଓ ପି ଚୌଧୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମ ବିହାରୀ ଜୟସୱାଲ, ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ଶିଳ୍ପ ମନ୍ତ୍ରୀ ଲଖନଲାଲ ଦେୱାଙ୍ଗ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡ଼େ, ରାୟପୁର ଲୋକସଭା ସାଂସଦ ବ୍ରିଜମୋହନ ଅଗ୍ରୱାଲ, କାଙ୍କେର ଲୋକସଭା ସାଂସଦ ଭୋଜରାଜ ନାଗ, ବସ୍ତର ସାଂସଦ ମହେଶ କଶ୍ୟପ, ରାୟଗଡ଼ ସାଂସଦ ରାଧେଶ୍ୟାମ ରାଠିଆ, ସରଗୁଜା ସାଂସଦ ଚିନ୍ତାମଣି ମହାରାଜ, ବିଧାୟକ କିରଣ ସିଂହ ଦେବ, ରାଜେଶ ମୁଣତ, ମୋତିଲାଲ ସାହୁ, ପୁରନ୍ଦର ମିଶ୍ର, ସୁନିଲ ସୋନି, ଗୁରୁ ଖୁଶୱନ୍ତ ସାହେବ, ଇନ୍ଦ୍ରକୁମାର ସାହୁ, ଅନୁଜ ଶର୍ମା, ରାୟପୁର ନଗର ନିଗମର ମହାପୌର ମିନଲ ଚୌବେ ଏବଂ ମୁଖ୍ୟ ସଚିବ ଅମିତାଭ ଜୈନ ବିଶେଷ ଅତିଥି ଭାବରେ ଯୋଗଦେବେ।

# ବାଣିଜ୍ୟ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ଆରଏସପିର କୋକ୍ ଓଭେନ ବିଭାଗରେ ଠିକା ଶ୍ରମିକଙ୍କ ପାଇଁ ନୂତନ ପାର୍କିଂ ସୁବିଧା ଉଦଘାଟିତ ହୋଇଯାଇଛି। ଭିତ୍ତିଭୂମିକୁ ଅଧିକ ଉନ୍ନତ କରିବା ଏବଂ କାର୍ମିକଙ୍କ ପାଇଁ ଉନ୍ନତତର ସୁବିଧା ଯୋଗାଇବା ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନାର କୋକ୍ ଓଭେନ ବିଭାଗର ଜରୁରୀକାଳୀନ କଣ୍ଟ୍ରୋଲ ବିଲଡିଙ୍ଗ ନିକଟରେ ଏକ ନୂତନ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। କୋକ୍ ୟୁନିଟ୍ ରେ ନିୟୋଜିତ ଠିକା ଶ୍ରମିକଙ୍କ ଲାଭ ପାଇଁ ଏହି ସୁବିଧା ନିର୍ମାଣ କରାଯାଇଛି। ଉକ୍ତ ସାଇକେଲ ଷ୍ଟାଣ୍ଡକୁ ମଇ ୧୨ ତାରିଖରେ ସିଓ ଓ ସିସି ବିଭାଗର ସିଜିଏମ ଶ୍ରୀ ରାକେଶ ଜୋଶୀ ଉଦଘାଟନ କରିଥିଲେ। ଏହି ଅବସରରେ କୋକ ଓଭେନ ବିଭାଗର ଜିଏମ କେ ଶ୍ରୀନିବାସୁଲୁ, ବି. ମାଝୀ, କୋକ୍ ଓଭନ୍ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଦଘାଟନ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ମ୍ୟାନେଜର ଜେ.କେ. ମିଶ୍ର ସଂଯୋଜନା କରିଥିଲେ।

## ଏନ୍‌ଏମ ଚିପ୍ ଡିଜାଇନ୍ କେନ୍ଦ୍ରକୁ ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ




ନୂଆଦିଲ୍ଲୀ: କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳବାଇ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୋଏଡା ଏବଂ ବେଙ୍ଗାଲୁରୁରେ ଅବସ୍ଥିତ ରେନେସାସ୍ ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଦୁଇଟି ନୂତନ ଅତ୍ୟାଧୁନିକ ଡିଜାଇନ୍ ସୁବିଧା ଉଦ୍‌ଘାଟନ କରିଛନ୍ତି। '୩ଏନଏମ ରେ ଡିଜାଇନ୍ ବାସ୍ତବରେ ଆଗାମୀ ପିଢ଼ି ପାଇଁ ଅଟେ। ଆମେ ପୂର୍ବରୁ ୭ଏନଏମ ଏବଂ ୫ ଏନଏମ କରିଛୁ, କିନ୍ତୁ ଏହା ଏକ ନୂତନ ସୀମା ଚିହ୍ନିତ କରୁଛି' ବୋଲି ସେ କହିଛନ୍ତି। ମନ୍ତ୍ରୀ ଡିଜାଇନ୍, ନିର୍ମାଣ, ଏଟିଏମପି (ଆସମ୍ବଲି, ପରୀକ୍ଷଣ, ମାର୍କିଂ ଏବଂ ପ୍ୟାକେଜିଂ), ଉପକରଣ, ରାସାୟନିକ ପଦାର୍ଥ ଏବଂ ଗ୍ୟାସ ଯୋଗାଣ ଶୃଙ୍ଖଳକୁ ଅନ୍ତର୍ଭୁକ୍ତ କରି ଭାରତର ସାମଗ୍ରିକ ସେମିକଣ୍ଡକ୍ଟର ରଣନୀତି ବିଷୟରେ ମଧ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ମନ୍ତ୍ରୀ ଇଞ୍ଜିନିୟରିଂ ଛାତ୍ରମାନଙ୍କ ମଧ୍ୟରେ ବ୍ୟବହାରିକ ହାର୍ଡୱେୟାର ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ନୂତନ ସେମିକଣ୍ଡକ୍ଟର ଶିକ୍ଷଣ କିଟ୍ ଲଞ୍ଚ କରିବାର ଘୋଷଣା କରିଛନ୍ତି। 'ସଫ୍ଟୱେର୍ ଏବଂ ହାର୍ଡୱେର୍ ଶିକ୍ଷଣର ଏହି ସମନ୍ୱୟ ପ୍ରକୃତରେ ଶିଳ୍ପ-ପ୍ରସ୍ତୁତ ଇଞ୍ଜିନିୟରମାନଙ୍କୁ ସୃଷ୍ଟି କରିବ। ଆମେ କେବଳ ଭିତ୍ତିଭୂମି ନିର୍ମାଣ କରୁନାହୁଁ ବରଂ ଦୀର୍ଘକାଳୀନ ପ୍ରତିଭା ବିକାଶରେ ନିବେଶ କରୁଛୁ,' ବୋଲି ସେ କହିଛନ୍ତି। ବୈଷ୍ଣବ ସିଡାକ୍ ଏବଂ ଆଇଏସଏମ ଦଳର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଏବଂ ଭାରତକୁ ଏକ ବିଶ୍ୱ ସେମିକଣ୍ଡକ୍ଟର ଲିଡର ଭାବରେ ଉପସ୍ଥାପିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟାପକ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଅଧୀନରେ ସେମିକଣ୍ଡକ୍ଟରଗୁଡ଼ିକୁ ଏକ ରଣନୈତିକ କେନ୍ଦ୍ର ଭାବରେ ଅନ୍ତର୍ଭୁକ୍ତ କରିବା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ସିଇଓ ଏବଂ ଏମଡି ରେନେସାସ୍ ଇଲେକ୍ଟ୍ରୋନିକ୍ସ, ହିଦେତୋଶି ଶିବାତା କହିଛନ୍ତି ଯେ ଭାରତ ଆମ କମ୍ପାନୀ ପାଇଁ ଏମ୍ବେଡେଡ୍ ସିଷ୍ଟମ୍, ସଫ୍ଟୱେର୍ ଏବଂ ସିଷ୍ଟମ୍ ନବସୃଜନରେ ବର୍ଦ୍ଧିତ ଅବଦାନ ସହିତ ଏକ ରଣନୈତିକ ଆଧାର। ରେନେସାସ୍ ହେଉଛି ଏକ ଏମ୍ବେଡେଡ୍ ସେମିକଣ୍ଡକ୍ଟର ସମାଧାନ ପ୍ରଦାନକାରୀ ଯାହାର ଉଦ୍ଦେଶ୍ୟ 'ଆମ ଜୀବନକୁ ସହଜ କରିବା' ଲକ୍ଷ୍ୟରେ ପରିଚାଳିତ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏଲ୍‌ଟି ଭିତ୍ତିଭୂମିର ବିକାଶ



ବୁର୍ଲା/ସୁନ୍ଦରଗଡ: ପଶ୍ଚିମ ଓଡିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ୟୁଓଡିଏଲ୍) ସୁନ୍ଦରଗଡ ସହରରେ ଲୋ ଟେନସନ୍ (ଏଲ୍.ଟି.) ବିଦ୍ୟୁତ୍ ନେଟ୍‌ୱାର୍କକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଏକ ପ୍ରମୁଖ ଭିତ୍ତିଭୂମି ବିକାଶ ପଦକ୍ଷେପ ଗ୍ରହଣ କରିଅଛି। ୯.୪ କିଲୋମିଟରର ବିସ୍ତୃତ ଏଲ୍.ଟି ଲାଇନକୁ ନେଇ ଗଠିତ ଏହି ପ୍ରକଳ୍ପଟି ଟିପିଡବ୍ୟୁଓଡିଏଲର ନିଜସ୍ୱ ପୁଞ୍ଜି ବ୍ୟୟ ଯୋଜନା ଅଧୀନରେ ୦.୬ କୋଟି ବିନିଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ସହରାଞ୍ଚଳ ଜନସାଧାରଣଙ୍କୁ ସ୍ଥିର ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପର ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସମସ୍ୟାର ସମାଧାନ ପାଇଁ ବିଦ୍ୟମାନ ଏଲ୍.ଟି. ନେଟ୍‌ୱର୍କକୁ ସୁଦୃଢ଼ କରିବା ଏବଂ ନୂତନ ଲାଇନଗୁଡିକର ସମ୍ପ୍ରସାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଅଧୀନରେ ଏବେ ସୁଦ୍ଧା ୮ କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଏଲ୍.ଟି ଲାଇନର ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ୧.୪ କିଲୋମିଟର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି।

## 'ଆଚାର୍ଯ୍ୟକୁଲମର ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

ହରିଦ୍ୱାର : ମଙ୍ଗଳବାର ପରମ ପୂଜ୍ୟ ସ୍ୱାମୀ ଜୀ ମହାରାଜ ଏବଂ ପରମ ପୂଜ୍ୟ ଆଚାର୍ଯ୍ୟଶ୍ରୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଆବାସିକ ବିଦ୍ୟାଳୟ ଆଚାର୍ଯ୍ୟକୁଲମରେ ଆନନ୍ଦ ଏବଂ ଉଲ୍ଲାସର ପରିବେଶ ଥିଲା ଯେତେବେଳେ ହାଇସ୍କୁଲ ଏବଂ ମଧ୍ୟମା ପରୀକ୍ଷାର ଫଳାଫଳ ୧୦୦% ଥିଲା। ଏହି ବର୍ଷ ହାଇସ୍କୁଲରେ, ଅଥର୍ବ ୯୯.୪୦ ପ୍ରତିଶତ ନମ୍ବର ସହିତ ପ୍ରଥମ ସ୍ଥାନ, ଧ୍ରୁବ ୯୮ ପ୍ରତିଶତ ନମ୍ବର ସହିତ ଦ୍ୱିତୀୟ ସ୍ଥାନ, ସାନ୍ୟା ସେଜଲ ୯୭.୮୦ ପ୍ରତିଶତ ନମ୍ବର ସହିତ ସ୍କୁଲରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସହଜ ୯୭.୬୦ ନମ୍ବର ସହିତ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ, ଅଂଶୁମାନ ଏବଂ କନହୈୟା କୁମାର ୯୭.୪୦ ନମ୍ବର ସହିତ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମୋଟାମୋଟି ଭାବରେ, ସମସ୍ତ ୧୫୩ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି, ଯାହା ସ୍କୁଲର ହାରାହାରି ୮୬.୩୦ ସ୍କୋର ଦେଇଛି। ସମସ୍ତ ପାଞ୍ଚଟି ବିଷୟରେ ୨୧ ଜଣ ଛାତ୍ରଛାତ୍ରୀ ଇ-୧ ଗ୍ରେଡ୍ ପାଇଥିବାବେଳେ ୪୩ ଜଣ ବହୁବିଧ ବିଷୟରେ ସେଣ୍ଟାଇଲ୍ ସ୍କୋର କରିଛନ୍ତି। ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଙ୍କ ସଂଖ୍ୟା ୨୫ ଥିଲା। ସେହିପରି ଏହି ବର୍ଷ ମଧ୍ୟମା ବିଜ୍ଞାନ, ମାନବିକତା ଏବଂ ବାଣିଜ୍ୟ ଷ୍ଟ୍ରିମ୍‌ରେ ହାରାହାରି ମାର୍କ ଯଥାକ୍ରମେ ୮୩.୫୯, ୯୦.୬୪ ଏବଂ ୯୦.୮୫ ଥିଲା। ସିଦ୍ଧେଶ (୯୯%), ଆର୍ଯ୍ୟମାନ (୯୮.୬%)



ଏବଂ ରିଧିମା (୯୮%) ନିଜ ନିଜ ଶ୍ରେଣୀରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ମୋଟାମୋଟି ଭାବରେ, ସମସ୍ତ ୯୭ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି, ଯାହା ସ୍କୁଲର ହାରାହାରି ୮୮.୩୮ ସ୍କୋର ଦେଇଛି। ସିଦ୍ଧେଶ ୯୯ ପ୍ରତିଶତ ନମ୍ବର ସହିତ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପାଞ୍ଚଟି ବିଷୟରେ ୧୪ ଜଣ ଛାତ୍ର ଇ-୧ ଗ୍ରେଡ୍ ପାଇଥିବାବେଳେ ୩୨ ଜଣ ବହୁବିଧ ବିଷୟରେ ସେଣ୍ଟ୍ରମ୍ ପାଇଛନ୍ତି। ଏହି ଅବସରରେ, ଆଚାର୍ଯ୍ୟକୁଲମ ପରିଚାଳନା କମିଟିର ଉପାଧ୍ୟକ୍ଷ ଡକ୍ଟର ରୀତାମ୍ବର ଶାସ୍ତ୍ରୀ 'ବେହନ ଜୀ' ଏବଂ ପ୍ରିନ୍ସିପାଲ୍ ସ୍ୱାତୀ ମୁନସି ଜୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ସମେତ ସମସ୍ତେ ଛାତ୍ରମାନଙ୍କୁ ଶୁଭକାମନା ଜଣାଇଥିଲେ। ଏହି ପବିତ୍ର ଅବସରରେ, ସ୍ୱାମୀ ଅର୍ଜୁନଦେବ ଜୀ, ଉପାଧ୍ୟକ୍ଷ ତାପସ କୁମାର ବେରା ଜୀ, ସଂଯୋଜକ ଦୀପା ଜୀ, ମୁଖ୍ୟ ଛାତ୍ରାବାସ ଅଧୀକ୍ଷକ ଏବଂ କ୍ରୀଡା ନିର୍ଦ୍ଦେଶକ ଅମିତ ଜୀଙ୍କ ସହିତ ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

With Best Complime-ts from :

A Well Wisher



ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଅନେକ କଳ୍ପନାଜଳ୍ପନା ପରେ ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଉଥିବା ଘୋଷଣା କରିଥିଲେ। କୋହଲିଙ୍କ ଅବସର ସହିତ, ଏକ ଯୁଗର ଅନ୍ତ ଘଟିଥିଲା। ମେ' ୧୨ରେ କୋହଲି ଅବସର ନେଉଥିବା ନେଇ ଘୋଷଣା କରିଥିଲେ ବି ମେ' ୭ରୁ ସେ ନିଷ୍ପତ୍ତି ନେଇସାରିଥିଲେ ବୋଲି ଜଣାପଡ଼ିଛି। ତେବେ ସେ ୫ଦିନ କାହିଁକି ଅପେକ୍ଷା କଲେ ଆସନ୍ତୁ ଜାଣିବା। କୁହାଯାଉଛି ଯେ, ମେ' ୭ରେ ହିଟ୍‌ମ୍ୟାନ୍ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏହି ଦିନ ବିରାଟ ମଧ୍ୟ ଅବସର ଘୋଷଣା କରିବା ନେଇ ବିସିସିଆଇକୁ ଜଣାଇଥିଲେ। ହେଲେ ତାଙ୍କୁ ଅପେକ୍ଷା କରିବା ପାଇଁ କୁହାଯାଇଥିଲା। ବିସିସିଆଇ ତାଙ୍କୁ କିଛି ଦିନ ଅପେକ୍ଷା କରିବାକୁ କହିଥିଲା। ଭାରତର ପାକିସ୍ତାନ ବିରୋଧରେ ଆରମ୍ଭ ହୋଇଥିବା 'ଅପରେସନ ସିନ୍ଦୂର' ଫୁଲ୍ ଜୋସରେ ଚାଲିଥିବାରୁ ବିସିସିଆଇ ତାଙ୍କୁ କିଛି ଦିନ ଅପେକ୍ଷା କରିବାକୁ କହିଥିଲା। ରବିବାର ଅସ୍ତ୍ରବିରତି ପରେ ସୀମାରେ ଶାନ୍ତି ଫେରିବାରୁ ବିରାଟ ସୋମବାର ଏହି ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ। ପରିବାର ସହିତ ଅଧିକ ସମୟ ବିତାଇବାକୁ ବିରାଟ ଏଭଳି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ଦୁଇ ଷ୍ଟାର ବ୍ୟାଟ୍ସମ୍ୟାନ୍‌ଙ୍କ ସ୍ଥାନ ପୂରଣ ହେବାକୁ ବିସିସିଆଇକୁ ବହୁତ ଦିନ ଅପେକ୍ଷା କରିବାକୁ ପଡ଼ିବ।

## ପିବିକେଏସ୍ ଓ ଡିସି ମ୍ୟାଚ୍‌କୁ ନେଇ ବିସିସିଆଇର ବଡ଼ ନିଷ୍ପତ୍ତି

### ପଞ୍ଜାବ ମାଲିକାଣୀଙ୍କୁ ଝଟ୍‌କା

ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୫ ସ୍ଥଗିତ ହେବା ପୂର୍ବରୁ, ଧର୍ମଶାଳାରେ ଖେଳାଯାଉଥିବା ପଞ୍ଜାବ କିଙ୍ଗସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ବନ୍ଦ କରିଦିଆଯାଇଥିଲା। ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରୁଥିଲା ଏବଂ ଯେତେବେଳେ ମ୍ୟାଚ ବନ୍ଦ ହୋଇଥିଲା, ସେମାନଙ୍କର ସ୍କୋର ୧୦.୧ ଓଭରରେ ୧୨୨ ରନ ଥିଲା। ଯଦି ପଞ୍ଜାବ ଏହି ମ୍ୟାଚ ଜିତିଥାନ୍ତା, ତେବେ ଏହା ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିବାରେ ପ୍ରଥମ ଦଳ ହୋଇଥାନ୍ତା। ଏବେ ଯେତେବେଳେ ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଶ୍ରେୟସ ଆୟର ଏବଂ ଦଳକୁ ଏକ ବଡ଼ ଝଟକା ଲାଗିଛି। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ପଞ୍ଜାବ କିଙ୍ଗ୍ସ ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ କରୁଛି। ଦଳ ୧୧ଟି ମ୍ୟାଚ ଖେଳିଛି, ଏଥିରୁ ୭ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ପରାସ୍ତ ହୋଇଛି, ଗୋଟିଏ ମ୍ୟାଚ ଫଳାଫଳ ଆସିନାହିଁ। ପଞ୍ଜାବ ୧୫ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି। ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେଅଫ ଦୌଡ଼ରେ ରହିଛି। ପ୍ରଶଂସକଙ୍କ ମନରେ ପ୍ରଶ୍ନ ଥିଲା ଯେ, ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ଯେଉଁଠାରୁ ବନ୍ଦ ହୋଇଥିଲା ସେହିଠାରୁ ଆରମ୍ଭ ହେବ ନା ଏହାକୁ ପୁଣି ଥରେ ଆରମ୍ଭ କରାଯିବ। ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଏହି ମ୍ୟାଚ ମଧ୍ୟ ଏଥିରେ ସାମିଲ ଅଛି। ଏହି ମ୍ୟାଚ ପ୍ରଥମ ବଲରୁ ଆରମ୍ଭ ହେବ, ଅର୍ଥାତ୍ ଏହା ପୁଣି ଥରେ ଖେଳାଯିବ। ଆଇପିଏଲ୍ ୨୦୨୫ର ବାକି ମ୍ୟାଚ ମେ ୧୭ରୁ ଆରମ୍ଭ ହେଉଛି। ପ୍ରଥମ ମ୍ୟାଚ ଆର୍‌ସିବି ଓ କେକେଆର୍ ମଧ୍ୟରେ ଅନୁଷ୍ଠିତ ହେବ। ଏହା ବେଙ୍ଗାଲୁରୁରେ ଖେଳାଯିବ। ଲିଗ ପର୍ଯ୍ୟାୟର ୧୩ଟି ମ୍ୟାଚ ୬ଟି ସ୍ଥାନରେ ଅନୁଷ୍ଠିତ ହେବ ଏବଂ ଏଥିରେ ୨ଟି ଡବଲ ହେଡର ମ୍ୟାଚ୍ ରହିବ।



### ଗାଭାସ୍କରଙ୍କ ବଡ ବୟାନ

## ଦିନିକିଆ ବିଶ୍ୱକପ-୨୦୨୭ ଖେଳିବେନି ରୋହିତ୍-ବିରାଟ





ନୂଆଦିଲ୍ଲୀ: ଭାରତୀୟ ଦଳ ଇଂଲଣ୍ଡ ଗସ୍ତ ପୂର୍ବରୁ, ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇ ବିଶ୍ୱକୁ ଚକିତ କରିଥିଲେ। ଏବେ ଗୋଟିଏ ନୂଆ ଯୁବ ଟିମ୍ ଇଣ୍ଡିଆ ଇଂଲଣ୍ଡ ମାଟିରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାର ନଜର ଆସିବେ। ଏହି ଦୁଇ ବ୍ୟାଟସମ୍ୟାନ୍ କେବଳ ଏକଦିବସୀୟ କ୍ରିକେଟ୍ ଖେଳିବାର ନଜର ଆସିବେ। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ଖେଳିପାରିବେ ନାହିଁ ବୋଲି ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଏହା କହିଛନ୍ତି। ଗାଭାସ୍କର କହିଛନ୍ତି ଯେ, ଟି-୨୦ ଆନ୍ତର୍ଜାତୀୟ ଏବଂ ଏବେ ଟେଷ୍ଟ କ୍ରିକେଟରୁ ଅବସର ପରେ, ଦୁହିଁଙ୍କର ଦିନିକିଆ ବିଶ୍ୱକପରେ ଖେଳିବାର ସମ୍ଭାବନା ବହୁତ କମ ହୋଇଯାଇଛି। ସ୍ପୋର୍ଟସ୍ ଟୁଡେକୁ ଦେଇଥିବା ଏକ ସାକ୍ଷାତକାରରେ ସୁନୀଲ ଗାଭାସ୍କର କହିଛନ୍ତି ଯେ ରୋହିତ ଓ ବିରାଟ ଦିନିକିଆରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। କିନ୍ତୁ ଚୟନକର୍ତ୍ତାମାନେ ବିଶ୍ୱକପ୍ ପାଇଁ ସେମାନଙ୍କର ଭବିଷ୍ୟତ ନିଷ୍ପତ୍ତି ନେବେ। ଚୟନ କମିଟି ଦେଖିବ ଯେ ସେ ୨୦୨୭ ବିଶ୍ୱକପ୍ ପାଇଁ ଦଳରେ ଯୋଗ ଦେଇପାରିବେ କି ନାହିଁ? ଲିଟିଲ୍ ମାଷ୍ଟର ଆହୁରି କହିଛନ୍ତି ଯେ ଯଦି ଚୟନକର୍ତ୍ତାମାନେ ଭାବନ୍ତି ଯେ ଉଭୟ ଦଳରେ ରହି କିଛି କରିପାରିବେ। ଆହୁରି ମଧ୍ୟ ସେ କହିଥିଲେ ଯେ, 'ମୋତେ ଲାଗୁନାହିଁ ଦୁହେଁ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ଖେଳିବେ। ସେପର୍ଯ୍ୟନ୍ତ ଦୁହେଁ ଖେଳୁଥିବେ ବୋଲି ମୋତେ ଲାଗୁନାହିଁ। କିନ୍ତୁ କିଏ ଜାଣିଲା, ଦୁହେଁ ଭଲ ଫର୍ମକୁ ଆସି ଶତକ ପରେ ଶତକ ମାରିଲେ ଭଗବାନ ବି ତାଙ୍କୁ ଖେଳିବାକୁ ରୋକିପାରିବେ ନାହିଁ।' ସୂଚନାଯୋଗ୍ୟ ଯେ, ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି, 'ଟେଷ୍ଟ କ୍ରିକେଟରେ ପ୍ରଥମ ଥର ପାଇଁ 'ବ୍ୟାଗି ବ୍ଲୁ' ଜର୍ସି ପିନ୍ଧିବାର ୧୪ ବର୍ଷ ବିତିଗଲାଣି। ସତ କହିବାକୁ ଗଲେ, ଏହି ଫର୍ମାଟ୍ ମୋତେ କେତେ ଦୂର ନେଇଯିବ ତାହା ମୁଁ କେବେ କଳ୍ପନା କରି ନଥିଲି। ଟେଷ୍ଟ କ୍ରିକେଟ ମୋର ଅନେକ ପରୀକ୍ଷା କରିଥିଲା, ମୋତେ ତିଆରି କରିଥିଲା ଏବଂ ମୋତେ ଏପରି ଶିକ୍ଷା ଦେଇଥିଲା ଯାହାକୁ ମୁଁ ଜୀବନସାରା ମୋ ସହିତ ରଖି ଆଗକୁ ବଢ଼ିବି। ଧଳା ପୋଷାକ ପିନ୍ଧି ଖେଳିବାର ଅନୁଭବ ଅତ୍ୟନ୍ତ ବ୍ୟକ୍ତିଗତ। କଠିନ ପରିଶ୍ରମ, ଲମ୍ବା ଦିନ, ଛୋଟ ମୁହୂର୍ତ୍ତ ଯାହା କେହି ଦେଖନ୍ତି ନାହିଁ କିନ୍ତୁ ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ। ଏହି ଫର୍ମାଟରୁ ଦୂରେଇ ଯିବା ମୋ ପାଇଁ ସହଜ ନୁହେଁ। କିନ୍ତୁ ଏବେ ପାଇଁ ଏହା କରିବା ହିଁ ଠିକ୍। ମୁଁ ଏହାକୁ ମୋର ସର୍ବସ୍ୱ ଦେଇଛି ଏବଂ ଏହା ମୋତେ ଆଶାଠାରୁ ଅଧିକ ଦେଇଛି।'

### ଆଇସିସି ଦିନିକିଆ ମହିଳା ବ୍ୟାଟିଂ ର୍‍ୟାଙ୍କିଙ୍ଗ

## ଦ୍ୱିତୀୟରେ ଭାରତର ସ୍ମୃତି ମନ୍ଧାନା



ଦୁବାଇ: ଭାରତର ଷ୍ଟାଇଲିସ ଓପନର ସ୍ମୃତି ମନ୍ଧାନା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର-୧ ସ୍ଥାନ ନିକଟତର ହୋଇଛନ୍ତି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ମନ୍ଧାନା ଏହା ପୂର୍ବରୁ ଗତଥର ୨୦୧୯ରେ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ନିକଟରେ ସେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମୋଟ ୫ଟି ଇନିଂସରେ ୨୬୪ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଅଗ୍ରଣୀ ରନ ସ୍କୋରର ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ୧୦୧ ବଲ୍‌ରୁ ୧୧୬ ରନ କରିଥିବା ମନ୍ଧାନା ବର୍ତ୍ତମାନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଭାର୍ଡଟଙ୍କଠାରୁ ୧୧ ରେଟିଂ ପଏଣ୍ଟ ପଛରେ ରହିଛନ୍ତି, ଯିଏକି ତ୍ରିରାଷ୍ଟ୍ରୀୟ ସିରିଜରେ ମାତ୍ର ୮୬ରନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୩୯ ରନ କରିଥିବା ଶ୍ରୀଲଙ୍କା ଅଧିନାୟକ ଚାମରୀ ଆଥାପାଥୁଙ୍କର ଟପ୍ ୧୦ରେ ପଦୋନ୍ନତି ଘଟିଛି। ସେ ୨ ସ୍ଥାନ ପଦୋନ୍ନତି ପାଇ ୭ମକୁ ଉନ୍ନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ (୫ ପଦୋନ୍ନତି ସହ ୧୫ତମ ସ୍ଥାନ) ଓ ଦକ୍ଷିଣ ଆଫ୍ରିକାର କ୍ଲୋ ଟ୍ରାୟନ (୧୮ତମ ସ୍ଥାନରୁ ୯ମ)ଙ୍କ ମଧ୍ୟ ପଦୋନ୍ନତି ଘଟିଛି। ବୋଲର ତାଲିକାରେ ପଦୋନ୍ନତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ଲେୟର ଅଫ୍ ଦି ମ୍ୟାଚ ଭାରତୀୟ ସ୍ପିନର ସ୍ନେହ ରାଣା ରହିଛନ୍ତି। ସେ ୪ ସ୍ଥାନ ଉପରକୁ ଉଠି ୩୪ତମ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ ନମ୍ବର ୧ ସ୍ଥାନରେ ରହିଛନ୍ତି। ଟପ୍ ୧୦ରେ ଭାରତର ଜଣେ ମାତ୍ର ଖେଳାଳି ଦୀପ୍ତି ଶର୍ମା ୪ର୍ଥ ସ୍ଥାନରେ ଅଛନ୍ତି।

## ପାକିସ୍ତାନର ମୁଖ୍ୟ କୋଚ୍ ହେଲେ ମାଇକ୍ ହେସନ୍



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଦିନିକିଆ ଏବଂ ଟି୨୦ ଦଳ ପାଇଁ ନୂତନ ପ୍ରଶିକ୍ଷକ ଘୋଷଣା କରିଛି। ଏହି ବ୍ୟକ୍ତିଙ୍କ ନାମ ମାଇକ ହେସନ, ଯିଏ ଦୀର୍ଘ ସମୟ ଧରି ନ୍ୟୁଜିଲ୍ୟାଣ୍ଡ କ୍ରିକେଟ ଦଳର ପ୍ରଶିକ୍ଷକ ମଧ୍ୟ ଥିଲେ। ପିସିବି କହିଛି ଯେ ହେସନ ମେ ୨୬ରେ ପିଏସଏଲ ଶେଷ ହେବା ପରେ ଦଳରେ ଯୋଗଦେବେ। ସେ ବର୍ତ୍ତମାନ ଇସଲାମାବାଦ ୟୁନାଇଟେଡର ପ୍ରଶିକ୍ଷକ ଅଛନ୍ତି। ହେସନଙ୍କର ପ୍ରଶିକ୍ଷକ ଭାବରେ ବହୁତ ଅଭିଜ୍ଞତା ଅଛି। ନ୍ୟୁଜିଲାଣ୍ଡ ଦଳର ପ୍ରଶିକ୍ଷକ ହେବା ବ୍ୟତୀତ ସେ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପ୍ରଶିକ୍ଷକ ମଧ୍ୟ ରହିସାରିଛନ୍ତି। ପିସିବି ଅଧ୍ୟକ୍ଷ ମୋହସିନ ନକଭି କହିଛନ୍ତି ଯେ ହେସନ ତାଙ୍କ ସହିତ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଅଭିଜ୍ଞତାର ଏକ ଭଣ୍ଡାର ଆଣିଛନ୍ତି ଏବଂ ତାଙ୍କର ଟ୍ରାକ୍ ରେକର୍ଡ ବହୁତ ଭଲ। 'ହେସନଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଆମକୁ ପାକିସ୍ତାନ କ୍ରିକେଟର ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିବ, ବୋଲି ନକଭି କହିଛନ୍ତି।

## ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଲେ ବିରାଟ



ମୁମ୍ବାଇ: ଭାରତୀୟ କ୍ରିକେଟ ଟିମର ପୂର୍ବ ଅଧିନାୟକ ବିରାଟ କୋହଲି ଟେଷ୍ଟ୍ କ୍ରିକେଟରୁ ସନ୍ନ୍ୟାସ ନେବାର ଗୋଟିଏ ଦିନ ପରେ ଉତ୍ତରପ୍ରଦେଶର କୃଷ୍ଣନଗରୀ ବୃନ୍ଦାବନରେ ପହଞ୍ଚିଥିଲେ । କୋହଲିଙ୍କ ସହ ତାଙ୍କ ପତ୍ନୀ ଅନୁଷ୍କା ମଧ୍ୟ ଯାଇଛନ୍ତି। ମଙ୍ଗଳବାର ସକାଳୁ ସେ କେଲି କୁଞ୍ଜ ଆଶ୍ରମରେ ପହଞ୍ଚି ପ୍ରେମାନନ୍ଦ ମହାରାଜଙ୍କ ଆଶିର୍ବାଦ ନେଇଥିଲେ । ବିରାଟ୍ ଏବଂ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କ ସହ ୧୫ ମିନିଟ୍ ଏକାନ୍ତରେ ବାର୍ତ୍ତାଳାପ କରିଥିଲେ। ଦମ୍ପତି ଆଶ୍ରମରେ ୨ ଘଣ୍ଟା ୨୦ ମିନିଟ୍ ସମୟ ରହିଥିଲେ । ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେବା ପରେ ଦିଲ୍ଲୀ ବାହାରିଥିଲେ। ଗତକାଲି ବିରାଟ କୋହଲି ଟେଷ୍ଟ୍ କ୍ରିକେଟରୁ ସନ୍ନ୍ୟାସ ନେବା ପରେ ମୁମ୍ବାଇ ବିମାନ ବନ୍ଦରରେ ସ୍ପଟ୍ ହୋଇଥିଲେ। ଫ୍ୟାନ୍ସ ଭାବିଥିଲେ ଯେ ସେ ବିଦେଶ ଛୁଟିରେ ଯାଇଥିବେ । କିନ୍ତୁ ବିରୁଷ୍କା ବୃନ୍ଦାବନ ଯାଇଥିଲେ । ଏହାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଥିଲା । କହିବାକୁ ଗଲେ ପୂର୍ବରୁ, ବିରାଟ କୋହଲି ତାଙ୍କ ପରିବାର ସହିତ ଜାନୁଆରୀ ୨୦୨୩ରେ ପ୍ରଥମ ଥର ପାଇଁ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମକୁ ଭେଟିବାକୁ ଆସିଥିଲେ। ସେ ଚଳିତ ବର୍ଷ ଜାନୁଆରୀ ମାସରେ ଦ୍ୱିତୀୟ ଥର ପାଇଁ ଏଠାକୁ ଆସିଥିଲେ। ତେବେ ଏହାକୁ ନେଇ ୩ ଥର କୋହଲି ଦମ୍ପତି ପ୍ରେମାନନ୍ଦ ମହାରାଜଙ୍କ ପାଖକୁ ଆସିଛନ୍ତି । ବିରାଟ ଏବଂ ଅନୁଷ୍କା ଦୁହେଁ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଭକ୍ତ ।

### ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା

## ଟିକି ମୋହିନୀଙ୍କୁ ରୌପ୍ୟ



ନୂଆଦିଲ୍ଲୀ: ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଭାରୋତ୍ତୋଳନରୁ ଆଉ ଗୋଟିଏ ରୌପ୍ୟ ପଦକ ମିଳିଛି। ଏହି ପଦକଟି ଟିକି ମୋହିନୀ ମଲ୍ଲିକ ଜିତିଛନ୍ତି। ୬୪ କେଜି ବାଳିକାରେ ସେ ୭୪ କେଜି ସ୍ନାଚ୍ ଏବଂ ୯୮ କେଜି କ୍ଲିନ୍ ଓ ଜର୍କ ସହ ମୋଟ ୧୭୨ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପାଇଥିଲେ। ଆନ୍ଧ୍ରପ୍ରଦେଶର ଗୁଜଲା ବର୍ଷିତା (୭୯ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ୍ ୧୭୪ କେଜି ଉଠାଇ ସ୍ୱର୍ଣ୍ଣ ଏବଂ ଆସାମର ଶତାବ୍ଦୀ ଭୂୟାଁ (୭୩ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ ୧୭୧ କେଜି ଉଠାଇ କାଂସ୍ୟ ପାଇଥିଲେ। ଟିକି ମୋହିନୀଙ୍କ ଏହି ରୌପ୍ୟ ସହ ଭାରୋତ୍ତୋଳନରୁ ଓଡ଼ିଶାକୁ ୪ (୨ ସ୍ୱର୍ଣ୍ଣ, ୨ ରୌପ୍ୟ) ପଦକ ଆସିଛି। ସେହିପରି ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ (୩ ସ୍ୱର୍ଣ୍ଣ, ୫ ରୌପ୍ୟ)ରେ ପହଞ୍ଚିଛି। ଖୋ ଖୋରେ ଓଡ଼ିଶା ବାଳିକା ସ୍ୱର୍ଣ୍ଣ ଜିତିଥିଲା ବାଳକ ଦଳ ରୌପ୍ୟ ପାଇଥିଲା। ରଗ୍‌ବିରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ଣ୍ଣନା ସୁନା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 27.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

KHURDA DISTRICT - BALUGAON: 4007000004, 4007000006, 4007000012, 4007000015, 4007000020, 4007000022, 4007000024, 4007000027, 4007000028, 4007000035, 4007000037, 4007000039, 4007000042, 4007000058, 4007000065, 4007000067, 4007000088, 4007000164, 400700709, 400700724, 400700731, 400700734, 400700735, 400700739, 400700742, 400700755, 400700758, 400700766, 400700783, 400700785, 400700789, 400700793, 400700810, 400700818, 400700820, 400700827, 400700829, 400700830, 400700833, 400700839, 400700846, 400700847, 400700850, 400700854, 400700859, [illegible]

198302513, 198302515, 198302524, 198302525, 198302527, 198302533, 198302534, 198302536, 198302556, 198302561, 198302566, 198302576, 198302577, 198302592, 198302596, 198302607, 198302609, 198302612, 198302615, 198302618, 198302619, 198302621, 198302622, 198302624, 198302641, 198302647, 198302649, 198302653, 198302665, 198302669, 198302670, 198302688, 198302691, 198302692, 198302701, 198302709, 198302718, 198302719, 198302733, 198302734, 198302746, 198302770, 198302771, 198302777, 198302783, 198302784, 198302788, 198302789, 198302796, 198302798, 198302800, 198302802, 198302805, 198302809, 198302820, 198302824, 198302849, 198302856, 198302858, 198302868, 198302869, 198302882, 198302887, 198302901, 198302911, 198302915, 198302923, 198302933, 198302938, 198302941, 198302943, 198302953, 198302954, 198302956, 198302967, 198302968, 198302972, 198302975, 198302983, 198302989, 198302996, 198302997, 198303010, 198303015, 198303017, 198303019, 198303020, 198303036, 198303040, 198303042, 198303060, 198303062, 198303066, 198303076, 198303081, 198303083, 198303086, 198303087, 198303089, 198303090, 198303104, 198303105, 198303114, 198303116, 198303119, 198303136, 198303138, 198303142, 198303150, 198303170, 198303178, 198303181, 198303187, 198303189, 198303191, 198303193, 198303194, 198303203, 198303205, 198303213, 198303227, 198303233, 198303237, 198303238, 198303240, 198303242, 198303252, 198303253, 198303255, 198303262, 198303268, 198303272, 198303279, 198303282, 198303294, 198303297, 198303298, 198303305, 198303307, 198303308, 198303316, 198303325, 198303327, 198303337, 198303343, 198303350, 198303353, 198303372, 198303380, 198303382, 198303383, 198303384, 198303392, 198303399, 198303404, 198303407, 198303414, 198303418, 198303422, 198303428, 198303441, 198303448, 198303453, 198303462, 198303463, 198303465, 198303466, 198303467, 198303468, 198303469, 198303470, 198303471, 198303479, 198303486, 198303487, 198303488, 198303489, 198303490, 198303499, 198303501, 198303506, 198303507, 198303509, 198303512, 198303518, 198303529, 198303530, 198303547, 198303556, 198303563, 198303572, 198303579, 198303580, 198303581, 198303585, 198303588, 198303590, 198303596, 198303599, 198303604, 198303607, 198303609, 198303610, 198303613, 198303618, 198303621, 198303625, 198303629, 198303637, 198303640, 198303643, 198303647, 198303652, 198303653, 198303654, 198303656, 198303658, 198303668, 198303671, 198303674, 198303681, 198303682, 198303684, 198303686, 198303689, 198303693, 198303694, 198303697, 198303698, 198303701, 198303706, 198303715, 198303720, 198303726, 198303730, 198303733, 198303741, 198303746, 198303747, 198303750, 198303752, 198303757, 198303770, 198303776, 198303783, 198303791, 198303794, 198303795, 198303799, 198303806, 198303825, 198303826, 198303828, 198303829, 198303832, 198303844, 198303860, 198303862, 198303870, 198303871, 198303882, 198303884, 198303886, 198303891, 198303893, 198303895, 198303902, 198303904, 198303912, 198303922, 198303930, 198303935, 198303940, 198303942, 198303944, 198303946, 198303955, 198303981, 198303983, 198304011, 198304018, 19831970A, F42967.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 06.06.2025 ସକାଳ 10 CUTTACK ROAD-BHUBANESWAR: First Floor, Dm Palace, Plot No.- 15/5168, Mauza Laxmisagar, Nearsyndicate Bank, Cuttack Road, Orissa , 751006 ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

ଓଡ଼ିଶା ଭାସ୍କର ODISHA BHASKAR

# ବିବିଧବର୍ଣ୍ଣା



ଫ୍ୟାଟି ଲିଭର ଏକ ଏପରି ରୋଗ ଯେଉଁଥିରେ ଯକୃତରେ ଅତିରିକ୍ତ ଚର୍ବି ଜମା ହୁଏ। ଏହା ମୋଟାପଣ, ମଧୁମେହ, ଅଧିକ ମଦ୍ୟପାନ କିମ୍ବା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଯୋଗୁଁ ହୋଇପାରେ। ଏହି ଅବସ୍ଥାରେ ଶରୀରରେ ଅନେକ ଲକ୍ଷଣ ଦେଖାଯାଏ, ଯେଉଁଥିରୁ କିଛି ଚର୍ମରେ ମଧ ପ୍ରକାଶ ପାଏ। ଚର୍ମରେ ଦେଖାଯାଉଥିବା ଲକ୍ଷଣଗୁଡ଼ିକ ହେଲା: ପୀତଜଣ୍ଡିସ୍ । ଯକୃତ ଠିକ୍ ଭାବେ କାମ ନକଲେ ଚର୍ମ ଏବଂ ଆଖିର ଧଳା ଅଂଶ ହଳଦିଆ ହୋଇଯାଏ। ଏହା ବିଲିରୁବିନ୍ ବୃଦ୍ଧି ଯୋଗୁଁ ହୁଏ। ମକଡ଼ି ପରି ରକ୍ତନଳୀ ମୁହଁ, ବେକ କିମ୍ବା ଛାତିରେ ଛୋଟ ଛୋଟ ମକଡ଼ି ପରି ଦେଖାଯାଉଥିବା ଲାଲ ରକ୍ତନଳୀ ଦେଖାଯାଇପାରେ। ଶୁଷ୍କ ଓ ଜୀବନହୀନ ଚର୍ମ: ଯକୃତର ଖରାପ କାର୍ଯ୍ୟ ଯୋଗୁଁ ଚର୍ମ ଶୁଷ୍କ ଏବଂ ଫାଟିଯାଇପାରେ। କଳା ଦାଗ କିମ୍ବା ହାଇପରପିଗମେଣ୍ଟେସନ୍: ଚର୍ମରେ କଳା ଦାଗ କିମ୍ବା ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଦେଖାଯାଇପାରେ। ଯଦି ଏପରି କୌଣସି ଲକ୍ଷଣ ଦେଖାଯାଏ, ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ସୁସ୍ଥ ଜୀବନଶୈଳୀ ଯଥା ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ମଦ୍ୟପାନରୁ ଦୂରେଇ ରହିବା ଦ୍ୱାରା ଫ୍ୟାଟି ଲିଭରର ଆଶଙ୍କା କମାଯାଇପାରେ।



## ନର୍ସ ହେବାକୁ ଚାହୁଁଥିଲେ ସନ୍ନି ଲିଓନି

ବଲିଉଡ ଅଭିନେତ୍ରୀ ସନ୍ନି ଲିଓନି ଆଜି ଅର୍ଥାତ୍ ୧୩ ମଇରେ ତାଙ୍କର ୪୪ତମ ଜନ୍ମଦିନ ପାଳନ କରୁଛନ୍ତି । ସନ୍ନି ଲିଓନି ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେ ଅନେକ ଫିଲ୍ମ ଏବଂ ଆଇଟମ୍ ଗୀତରେ କାମ କରିଛନ୍ତି । ସନ୍ନି ୧୯୮୧ ମସିହାରେ କାନାଡାର ସାର୍ନିଆ ଓଣ୍ଟାରିଓରେ ଏକ ପଞ୍ଜାବୀ ଶିଖ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରକୃତ ନାମ କରନଜିତ କୌର ବୋହରା । ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ, ଅଭିନେତ୍ରୀ ଏକ ଜର୍ମାନ ବେକେରୀ ଏବଂ ଏକ ଟ୍ୟାକ୍ସ ଆଣ୍ଡ ରିଟାୟାରମେଣ୍ଟ ଫର୍ମରେ କାମ କରିଥିଲେ । ସନ୍ନି ଲିଓନି ଜଣେ ନର୍ସ ହେବାକୁ ଚାହୁଁଥିଲେ, କିନ୍ତୁ ଭାଗ୍ୟ ତାଙ୍କ ପାଇଁ ଅନ୍ୟ କିଛି ରଖିଥିଲା । ଆଜି ତାଙ୍କ ନାମ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତ୍ରୀଙ୍କ ତାଲିକାରେ ସାମିଲ ହୋଇଛି । ବହୁତ କମ୍ ଲୋକ ଜାଣନ୍ତି ଯେ ସନ୍ନିଙ୍କୁ ପ୍ରଥମେ ଫିଲ୍ମ ନିର୍ମାତା ମୋହିତ ସୁରୀ ତାଙ୍କ ଫିଲ୍ମ 'କଳିଯୁଗ' (୨୦୦୫) ପାଇଁ ଯୋଗାଯୋଗ କରିଥିଲେ, କିନ୍ତୁ ମାମଲା ଫିସ୍ ଉପରେ ଅଟକି ଯାଇଥିଲା ଏବଂ ଅଭିନେତ୍ରୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହା ପରେ ତାଙ୍କୁ ତାଙ୍କର ବଲିଉଡ ଡେବ୍ୟୁ ପାଇଁ ୭ ବର୍ଷ ଅପେକ୍ଷା କରିବାକୁ ପଡିଲା । ସନ୍ନି ଲିଓନିଙ୍କ ୱେବ୍ ସିରିଜ୍ 'କରଣଜିତ୍ କୌର – ଦି ଅନଟୋଲ୍ଡ ଷ୍ଟୋରି ଅଫ୍ ସନ୍ନି ଲିଓନି' ୨୦୧୮ ଏବଂ ୨୦୧୯ରେ ରିଲିଜ ହୋଇଥିଲା । ଏହି ୱେବ୍ ସିରିଜ୍ ମାଧ୍ୟମରେ ସେ ତାଙ୍କ ଜୀବନ ବିଷୟରେ ଅନେକ ଖୁଲାସା କରିଥିଲେ । ଯଦି ଆମେ ସନ୍ନି ଲିଓନିଙ୍କ କ୍ୟାରିଅର ବିଷୟରେ କଥା ହେବା, ତେବେ ସେ ପ୍ରଥମେ ଛୋଟ ପରଦାର ଲୋକପ୍ରିୟ ରିଆଲିଟି ଶୋ 'ବିଗ୍ ବସ୍'ରେ ନଜର ଆସିଥିଲେ । ଏହି ଶୋ' ସହିତ ଅଭିନେତ୍ରୀଙ୍କ ଭାଗ୍ୟ ବଦଳି ଯାଇଥିଲା ଏବଂ ଏହି ଶୋ' ସମୟରେ ତାଙ୍କୁ ତାଙ୍କର ପ୍ରଥମ ଫିଲ୍ମ ପାଇଁ ଅଫର୍ ମିଳିଥିଲା । ପ୍ରକୃତରେ, ସନ୍ନି ୨୦୧୧ ମସିହାରେ ରିଆଲିଟି ଶୋ ବିଗ୍ ବସ୍ ସିଜନ୍ ୫ରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି କରିଥିଲେ । ଏହିଠାରୁ ତାଙ୍କୁ ବଲିଉଡରେ ଏଣ୍ଟ୍ରି କରିବାର ସୁଯୋଗ ମିଳିଥିଲା । ଏହି ଶୋ'ର ଏକ ଏପିସୋଡ୍ ସମୟରେ, ନିର୍ଦ୍ଦେଶକ ମହେଶ ଭଟ୍ଟ ଅତିଥି ଭାବରେ ଆସିଥିଲେ ଏବଂ ତାଙ୍କର ଆଗାମୀ ଫିଲ୍ମ ପାଇଁ ସନ୍ନିଙ୍କୁ ଚୟନ କରିଥିଲେ । ସେ ପୂଜା ଭଟ୍ଟଙ୍କ ନିର୍ଦ୍ଦେଶିତ 'ଜିସ୍ମ ୨' ସହିତ ବଲିଉଡରେ ଏଣ୍ଟ୍ରି କରିଥିଲେ । ଏହି ଫିଲ୍ମ ପରେ ଅଭିନେତ୍ରୀଙ୍କୁ ଗୋଟିଏ ପରେ ଗୋଟିଏ ଫିଲ୍ମ ମିଳିଚାଲିଲା । ପରେ, ସେ 'ଜ୍ୟାକପଟ୍' (୨୦୧୩), 'ରାଗିଣୀ ଏମ୍ଏସ୍ ୨' (୨୦୧୪), 'ଏକ ପହେଲି ଲୀଲା' (୨୦୧୫), 'କୁଛ କୁଛ ଲୋଚା ହେ' (୨୦୧୫), 'ମସ୍ତିଜାଦେ' (୨୦୧୬) ଏବଂ 'ୱାନ୍ ନାଇଟ୍ ଷ୍ଟାଣ୍ଡ' (୨୦୧୬) ଭଳି ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ । ସେ ଟିଭି ଶୋ' 'ସ୍ପ୍ଲିଟ୍ସଭିଲା'ର ସେଭେନ୍ ଏବଂ ଏଇଟ୍ ସିଜିନର ହୋଷ୍ଟ ମଧ କରିଛନ୍ତି । ଆପଣଙ୍କୁ କହି ରଖୁଛୁ ଯେ ସନ୍ନି ଲିଓନି ଡାନିଏଲ ୱେବରଙ୍କୁ ବିବାହ କରିଛନ୍ତି। ଏହି ଦମ୍ପତିଙ୍କର ତିନୋଟି ସନ୍ତାନ ଅଛନ୍ତି; ଜଣେ ପାଳିତ ଝିଅ ଏବଂ ଦୁଇଟି ପୁଅ ସରୋଗେସି ମାଧ୍ୟମରେ ଜନ୍ମ ହୋଇଛନ୍ତି ।



## ପେଟ କମାଇବାକୁ ଚାହୁଁଥିଲେ ପିଅନ୍ତୁ କାକୁଡି ଜୁସ୍



ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ପ୍ରଣାଳୀ ଯୋଗୁଁ ଆମେ ଅନେକ ସମୟରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଭୋଗିଥାଉ। କିନ୍ତୁ ଅନେକ ଲୋକ ସର୍ବଦା ନିଜ ଶରୀର ପ୍ରତି ସଚେତନ ରହିଥାଏ। ସର୍ବଦା ନିଜକୁ ଫିଟ୍ ଏବଂ ସୁନ୍ଦର ରଖିବାକୁ ଚେଷ୍ଟା କରିଥାନ୍ତି। କେହି କେହି ସକାଳୁ ଉଠି ବ୍ୟାୟାମ କରନ୍ତି ତ ଆଉ କିଏ ବ୍ୟାୟାମରେ ସମୟ ବିତାନ୍ତି। ବର୍ତ୍ତମାନ ସମୟରେ ପେଟ ପଢିବା ସମସ୍ତଙ୍କ ପାଇଁ ପ୍ରମୁଖ କାରଣ ପାଲଟିଛି। ଆସନ୍ତୁ ଜାଣିବା ଘରୋଇ ଉପାୟରେ ଆମେ କିପରି ପେଟ କମାଇପାରିବା। ପେଟ କମ୍ କରିବାରେ କାକୁଡ଼ି ଓ ଲେମ୍ବୁପାଣିର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାକୁଡ଼ି ଖାଇବା ଫଳରେ ଶରୀରରେ ଚର୍ବି ଅଂଶ କମ୍ ହୋଇଥାଏ। ସେହିପରି ଲେମ୍ବୁ ପେଟର ଚର୍ବିଅଂଶକୁ କମ୍ କରିଥାଏ। ସେଥିପାଇଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ କାକୁଡ଼ି ଜୁସ୍ ପିଇବା ଫଳରେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।

ପ୍ରଥମେ କାକଡ଼ିରୁ ଚୋପା ଛଡ଼ାଇ ସେଥିରେ ଅଦା ଓ ପୋଦିନା ପତ୍ର ପକାଇ ମିଶ୍ରଣ କରନ୍ତୁ। ଏଥିରେ ଲେମ୍ବୁରସ, ଜିରା ପାଉଡର, ସ୍ୱାଦ ଅନୁସାରେ କଳା କିମ୍ବା ଧଳା ଲୁଣ ମିଶାଇ ଶୋଇବା ପୂର୍ବରୁ ପିଅନ୍ତୁ। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ପେଟ କମ୍ ହୋଇଯାଇଥାଏ।



## ଘରେ ବନାନ୍ତୁ ଅଦା ହାଲୁଆ



ଆବଶ୍ୟକୀୟ ସାମଗ୍ରୀ: ଅଦା – ୫୦୦ ଗ୍ରାମ, ଗୁଡ- ୧ କପ୍, ବାଦାମ- ୧/୨ କପ୍, କାଜୁ – ୨ କପ୍, କିସମିସ୍- ୨୦, ଘିଅ- ୨ ଚାମଚ, ଅଖରୋଟ- ୧/୪ କପ୍,

**ରେସିପି**

ସର୍ବପ୍ରଥମେ, ଅଦାକୁ ଛାଣି ଦିଅନ୍ତୁ, ଏହାକୁ ଭଲଭାବେ କାଟି ଭଲଭାବରେ ଗ୍ରାଇଣ୍ଡିଙ୍ଗ କରି ଏକ ମୋଟା ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଗ୍ରାଇଣ୍ଡରରେ କାଜୁ, ଅଖରୋଟ ଓ ବାଦାମ ମିଶାଇ ବିନା ପାଣିରେ ଏକ ଶୁଖିଲା ଗୁଣ୍ଡ ପ୍ରସ୍ତୁ କରନ୍ତୁ । ବର୍ତ୍ତମାନ ଏକ ପ୍ୟାନ ନେଇ ସେଥିରେ ଘିଅ ପକାଇ ଗରମ କରନ୍ତୁ। ଯେତେବେଳେ ଘିଅ ଗରମ ହୋଇଯିବ, ସେଥିରେ ଅଦା ମିଶ୍ରଣ ମିଶାଇ ଭଲ ଭାବରେ ମିଶାନ୍ତୁ। ଏହି ମିଶ୍ରଣକୁ ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ଅଦାର ରଙ୍ଗ ବଦଳିବା ପର୍ଯ୍ୟନ୍ତ ଭଲ ଭାବରେ ଭାଜନ୍ତୁ। ବର୍ତ୍ତମାନ ଏଥିରେ ଗୁଡ ମିଶାଇ ଗୁଡ ଭଲଭାବରେ ତରଳି ଅଦାରେ ମିଶିବା ପର୍ଯ୍ୟନ୍ତ ଭାଜନ୍ତୁ। ଏହା ପରେ ଏଥିରେ କିସମିସ୍ ଏବଂ ଗ୍ରାଇଣ୍ଡିଙ୍ଗ ହୋଇଥିବା ଡ୍ରାଏ ଫ୍ରୁଟସ୍କୁ ମିଶାଇ ହାଲୁଆ ବହଳିଆ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ବର୍ତ୍ତମାନ ହାଲୱା ପ୍ରସ୍ତୁତ। ଏକ ପ୍ଲେଟରେ ଏହାକୁ ବାହାର କରି ଉପରେ କିଛି ବାଦାମ ପକାଇ ଗରମାଗରମ ଖାଆନ୍ତୁ ।

## ଜଲୱା ଦେଖାଇଲେ ନେହା

ଭୋଜପୁରୀ ସିନେମାର ସୁନ୍ଦରୀ ଅଭିନେତ୍ରୀ ନେହା ମଲିକ ମଧ ସୋସିଆଲ ମିଡିଆରେ ନିଜ ଷ୍ଟାଇଲର ଯାଦୁ ବିସ୍ତାର କରୁଥିବା ଦେଖାଯାଏ। ଆଜିକାଲି ଅଭିନେତ୍ରୀ ବିଦେଶରେ ଛୁଟି ଉପଭୋଗ କରୁଛନ୍ତି। ଏହି ଅବସରରେ ସେ ବାଥରୋବ୍ ପିନ୍ଧି ଏକ ସିଜଲିଂ ଫଟୋସୁଟ୍ କରୁଥିବାର ଦେଖିବାକୁ ମିଳିଛି। ନେହା ମଲିକ ତାଙ୍କ ଇନ୍ଷ୍ଟାଗ୍ରାମ୍ ଆକାଉଣ୍ଟରେ ପ୍ୟାରିସ୍ରୁ କିଛି ସୁନ୍ଦର ଏବଂ ଚମତ୍କାର ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ, ଅଭିନେତ୍ରୀ ବାଥରୋବ୍ ପିନ୍ଧି ନିଜକୁ ପ୍ରଦର୍ଶନ କରୁଥିବା ଦେଖାଯାଏ। ତାଙ୍କର ଫଟୋଗୁଡ଼ିକ ଏବେ ଇଣ୍ଟରନେଟରେ ହଇଚଇ ସୃଷ୍ଟି କରୁଛି। ଫଟୋଗୁଡ଼ିକରେ ନେହା ମଲିକ ହୋଟେଲର ବାଲକୋନୀରେ ଠିଆ ହୋଇଛନ୍ତି। ତାଙ୍କ ପଛରେ ଏଫିଲ୍ ଟାୱାରର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି। କିଛି ଫଟୋରେ ନେହା ତାଙ୍କର ଟୋଣ୍ଡ୍ ଗୋଡକୁ ଫ୍ଲାଣ୍ଟ କରୁଥିବାର ମଧ ଦେଖାଯାଇଛି। ତାଙ୍କ ଷ୍ଟାଇଲ୍ ଦେଖିବା ପରେ ପ୍ରଶଂସକମାନେ ପାଗଳ ହୋଇଯାଇଛନ୍ତି। ଏହି ଫଟୋଗୁଡ଼ିକୁ ସେୟାର କରି ଅଭିନେତ୍ରୀ ଲେଖିଛନ୍ତି, 'ମୋ ହୋଟେଲ୍ ରୁମ୍ର ବାଲକୋନୀରୁ ଏହି ଯାଦୁକରୀ ଏଫିଲ୍ ଟାୱାର ଦୃଶ୍ୟ ଦେଖି ଉଠିଲି... ପ୍ୟାରିସ୍, ତୁମେ ମୋ ହୃଦୟରେ ଅଛ'। ନେହାଙ୍କ ପ୍ରଶଂସକମାନେ ତାଙ୍କ ଫଟୋ ଉପରେ ପ୍ରେମ ବର୍ଷା କରୁଛନ୍ତି। ସମସ୍ତେ ଅଭିନେତ୍ରୀଙ୍କ ଲୁକ୍କୁ ପ୍ରଶଂସା କରୁଛନ୍ତି।ନେହା ଭୋଜପୁରୀ ସିନେମାର ଜଣେ ଲୋକପ୍ରିୟ ଅଭିନେତ୍ରୀ। ତାଙ୍କୁ ଇନଷ୍ଟାଗ୍ରାମରେ ୪ ମିଲିଅନ୍ ଲୋକ ଫଲୋ କରନ୍ତି।



ବଲିଉଡ୍ ଅଭିନେତ୍ରୀ ଅବନୀତ କୌର ତାଙ୍କର ଆକର୍ଷଣୀୟ ଷ୍ଟାଇଲ୍ରେ ତାଙ୍କ ପ୍ରଶଂସକମାନଙ୍କୁ ପାଗଳ କରିବାରେ ମାହିର। ବିରାଟ କୋହଲି ତାଙ୍କ ପୋଷ୍ଟକୁ ଲାଇକ୍ କରିବା ପରଠାରୁ ଅବନୀତ କୌର୍ ଖବରର ଶିରୋନାମାରେ ଅଛନ୍ତି। ନିକଟରେ, କୋହଲି ଟେଷ୍ଟ୍ କ୍ରିକେଟରୁ ଅବସର ନେଇଛନ୍ତି, ଯାହା ଯୋଗୁଁ ପ୍ରଶଂସକମାନେ ଅବନୀତଙ୍କୁ ଟ୍ରୋଲ୍ କରୁଛନ୍ତି। ଅବନୀତ କୌର ଇନ୍ଷ୍ଟାଗ୍ରାମ୍ରେ ତାଙ୍କର ଚମତ୍କାର ଲୁକ୍ର ଫଟୋ ସେୟାର କରିଛନ୍ତି।

## ଅବନୀତ କୌର୍ ଟ୍ରୋଲ୍

ଅଭିନେତ୍ରୀ ଜଣକ ଲିଓ ପ୍ରିଣ୍ଟ ଲମ୍ବା ମୋଜା ସହିତ ଧଳା ସାର୍ଟ ପିନ୍ଧି ବହୁତ ଷ୍ଟାଇଲିସ୍ ଦେଖାଯାଉଛନ୍ତି। ଏହି ଲୁକ୍ ସହିତ, ଅବନୀତ ତାଙ୍କ ଚୁଟିକୁ ପୋନିଟେଲ୍ କରି ବାନ୍ଧିଛନ୍ତି ଏବଂ ଆଖିରେ କଳା ଚଷମା ପିନ୍ଧି ଦମଦାର ପୋଜ୍ ଦେଇଛନ୍ତି। ଅଭିନେତ୍ରୀ କଳା ହିଲ୍ସ ପିନ୍ଧିଛନ୍ତି ଏବଂ ଏକ କଳା ପର୍ସ ମଧ ଧରିଛନ୍ତି। ପ୍ରଶଂସକମାନେ ଅବନୀତଙ୍କ ଏହି ଲୁକକୁ ପ୍ରଶଂସା କରୁଛନ୍ତି। ଅନ୍ୟପକ୍ଷରେ, କିଛି ଲୋକ ବିରାଟ କୋହଲିଙ୍କ ଟେଷ୍ଟ୍ କ୍ରିକେଟରୁ ଅବସର ପାଇଁ ଅବନୀତଙ୍କୁ ଦାୟୀ କରୁଛନ୍ତି। କୋହଲିଙ୍କ ପ୍ରଶଂସକମାନେ ଅଭିନେତ୍ରୀଙ୍କୁ ପ୍ରବଳ ଟ୍ରୋଲ୍ କରୁଛନ୍ତି। ଜଣେ କମେଣ୍ଟ କରିଛନ୍ତି - ଅବନୀତଙ୍କ ପୋଷ୍ଟକୁ ଲାଇକ୍ କରି ଅବସର ନେଇଗଲେ। ଆଉ ଜଣେ ଲେଖିଛନ୍ତି - ତୁମ ଯୋଗୁଁ ବିରାଟଙ୍କୁ ଅବସର ନେବାକୁ ପଡିଲା। ଆଉ ଜଣେ ଲେଖିଛନ୍ତି - ବିରାଟଙ୍କ କ୍ୟାରିୟରକୁ ଶେଷ କରିବାବାଲା। ଏହା ବ୍ୟତୀତ ଆଉ ଜଣେ ଲେଖିଛନ୍ତି – ତୁମର ଏପରି ଆଭା ଅଛି ଯେ ବିରାଟଙ୍କୁ ଅବସର ନେବାକୁ ପଡିଲା।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ନବାଡିଆ ଗ୍ରାମର କର୍କଟ ରୋଗରେ ପୀଡିତା ମୀନାରାଣୀ ସ୍ୱାଇଁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନାଯୋଗ୍ୟ କି, ମୀନାରାଣୀ କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚଲାବୁଲା କରିବାକୁ ଅକ୍ଷମ। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। ଅର୍ଥାଭାବରୁ ତାଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ପରାମର୍ଶଦାତା ସରୋଜ କୁମାର ବେହେରା, ସଂଯୋଜକ କୁନେଶ ବାରିକ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, କବିନ୍ଦ୍ର ସ୍ୱାଇଁ,ନନ୍ଦନନ୍ଦନ ଜୟସିଂ, ପ୍ରକାଶ ମହାନ୍ତି, ଜ୍ୟୋତିରଂଜନ ସ୍ୱାଇଁ, ରୁନିବାଳା ମଲ୍ଲିକ, ହରେକୃଷ୍ଣ ବେହେରା ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ମୀନାରାଣୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ୍ ସାମଗ୍ରୀ ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ୍ ହ୍ୟାଣ୍ଡସ୍‌ର ବଦାନ୍ୟତା ପାଇଁ ମୀନାରାଣୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟସୀ ପ୍ରଶଂସା କରାଯାଇଛି।



# ହଜି ଯିବ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଅସ୍ତିତ୍ୱ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟର ପୁରାତନ କଳେବର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଥିଲା କେନ୍ଦୁଝର ଜିଲାର ଏକମାତ୍ର ପୁରାତନ ସରକାରୀ ଅଗ୍ରଣୀ ମହାବିଦ୍ୟାଳୟ। ଯାହା ଶିକ୍ଷା, ସାହିତ୍ୟ, କଳା ଓ ସଂସ୍କୃତିର ଏକ ଅନବଦ୍ୟ ଶିକ୍ଷାନୁଷ୍ଠାନ ଭାବରେ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୯୫୭ ମସିହାରେ ଏହି ମହାବିଦ୍ୟାଳୟଟି ସ୍ଥାପିତ ହୋଇ ୧୯୬୨ ମସିହାରେ ସରକାରୀ ମାନ୍ୟତା ପ୍ରାପ୍ତ କରିଥିଲା ଏବଂ ୧୯୬୭ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ କେନ୍ଦୁଝର ବିଜ୍ଞାନ ମହାବିଦ୍ୟାଳୟ ପରିବର୍ତ୍ତେ କେନ୍ଦୁଝର ମହାବିଦ୍ୟାଳୟ ଏବଂ ୧୯୮୩-୮୪ ଶିକ୍ଷା ବର୍ଷରେ ପୁନଶ୍ଚ ଏହାକୁ ଏ ମାଟିର ବରପୁତ୍ର ବିପ୍ଲବୀ ଧରଣୀଧରଙ୍କ ନାମରେ ନାମିତ କରାଗଲା। ପ୍ରାଥମିକ ପର୍ଯ୍ୟାୟରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ରହିଥିଲା ଏବଂ ୧୯୯୯ ମସିହା ଠାରୁ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ବାରିପଦା ଯାହା ଏବେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ରହି ଏପର୍ଯ୍ୟନ୍ତ କାର୍ଯ୍ୟ କରିବା ସହ ୨୦୦୪ମସିହା ସେପ୍ଟେମ୍ବର ମାସରେ ଏହି ମହାବିଦ୍ୟାଳୟଟିକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହିଦିନ ଠାରୁ ଏହି ଶିକ୍ଷାନୁଷ୍ଠାନଟି କେନ୍ଦୁଝରବାସୀ ତଥା ଅଗଣିତ ଛାତ୍ରଛାତ୍ରୀମାନଙ୍କର ଆଶା ଓ ଭରସାକୁ ଅକ୍ଷୁର୍ଣ୍ଣ ରଖିଆସିଛି। ୨୦୦୯ ମସିହା ଠାରୁ ଦୀର୍ଘ ୧୪ବର୍ଷ ଧରି କେନ୍ଦୁଝରର ଜନସାଧାରଣ, ଶିକ୍ଷାବିତ, ଛାତ୍ରଛାତ୍ରୀ ତଥା




ସଚେତନ ନାଗରିକ ଓ ସାମାଜିକ କର୍ମୀମାନଙ୍କର ଅବିରତ ଦାବୀ ତଥା ଅଭୀପ୍ସାକୁ ସମ୍ମାନ ଦେଇ ୨୦୨୩ ମସିହା ଫେବୃଆରୀ ୧୧ ତାରିଖରେ ଓଡ଼ିଶା ସରକାର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ସ୍ତରକୁ ଉନ୍ନୀତ କରିଥିଲେ। ଯଦିଓ ଜିଲାବାସୀଙ୍କର ବିଶ୍ୱବିଦ୍ୟାଳୟ ସ୍ୱପ୍ନ ସାକାର ହୋଇଛି କିନ୍ତୁ ୬୭ ବର୍ଷର ଇତିହାସ ଓ ସାମାଜିକ ବିବର୍ତ୍ତନର ସାକ୍ଷୀ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଅନ୍ଧାର ଭିତରେ ହଜିଯାଇଛି। ମହାବିଦ୍ୟାଳୟ ଥାଇ ବିଶ୍ୱବିଦ୍ୟାଳୟ ହେବାର କିଛି ଅସୁବିଧା ନାହିଁ। ପରନ୍ତୁ ଖଣି ପ୍ରଭାବିତ ଏକ ଆଦିବାସୀ ବହୁଳ ଜିଲାର ଏକମାତ୍ର ଐତିହ୍ୟ କ୍ଷେତ୍ରର ସମାଧି ଉପରେ ବିଶ୍ୱବିଦ୍ୟାଳୟ ଗଢା ହେବା ଶୋଭନୀୟ ଓ ଗ୍ରହଣୀୟ ନୁହେଁ। ଖଣି ମାଲିକ ସିରାଜୁଦ୍ଦିନ ତଥା ଅନେକ ବଦାନ୍ୟ ବ୍ୟକ୍ତିଙ୍କର ଜମି ଓ ସୌଧ ଉପରେ ଗଢି ଉଠିଥିବା ଏହି ପ୍ରାଚୀନ ଅନୁଷ୍ଠାନଟି ଯଦି ହଜିଯାଏ ତେବେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବ। ଜିଲାରେ ସହଶିକ୍ଷା (ଉଭୟ ଛାତ୍ରଛାତ୍ରୀ) ପାଇଁ ସରକାରୀ ମହାବିଦ୍ୟାଳୟ ରହିବ ନାହିଁ ବୋଲି ମତବ୍ୟକ୍ତ ହୋଇଛି। ଜିଲ୍ଲାର ଶୈକ୍ଷିକ ମେରୁଦଣ୍ଡ ଭାଙ୍ଗିଯିବା ସହିତ ସ୍ୱୟଂଶାସିତ ମହାବିଦ୍ୟାଳୟର ନାନା ସୁବିଧା ଓ ସୁଯୋଗରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେବେ। ନାମଲେଖା ଫି ଓ ଅନ୍ୟାନ୍ୟ ଫି ସରକାରୀ ମହାବିଦ୍ୟାଳୟ ଠାରୁ ବିଶ୍ୱ ବିଦ୍ୟାଳୟରେ ଏବେ ୫ ଗୁଣ ଅଧିକ ଦେବାକୁ ପଡୁଛି ଯାହା ୭୦ ପ୍ରତିଶତ ଆଦିବାସୀ ଓ ପଛୁଆ ବର୍ଗ ଛାତ୍ରଛାତ୍ରୀ ଉପରେ ଆର୍ଥିକ ବୋଝ ସହ ଅଶାନ୍ତି ଓ ମନସ୍ତାପର କାରଣ ହୋଇଛି। ବିଶେଷତଃ ଏହି ୨୦୨୫-୨୬ ଶିକ୍ଷାବର୍ଷ ଠାରୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟଟି ତା'ର ସ୍ୱତନ୍ତ୍ର ଅସ୍ତିତ୍ୱ ହରାଇବାକୁ ଯାଉଥିବାରୁ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ଯୁକ୍ତ ୩ ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ନାନା ସମସ୍ୟା ଉତ୍ପନ୍ନ ହେବ ଏବଂ ସମଗ୍ର ଜିଲ୍ଲାର ଛାତ୍ରଛାତ୍ରୀମାନେ ସରକାରୀ ଶିକ୍ଷାରୁ ବଞ୍ଚିତ ହେବେ। କେନ୍ଦୁଝରର ଐତିହ୍ୟ, ଗର୍ବ ଓ ଗୌରବର ଏହି ପୁରାତନ ସରକାରୀ ଶିକ୍ଷାନୁଷ୍ଠାନର ସତ୍ତାକୁ ନିଶ୍ଚିହ୍ନ କରିଦେବା ପଛରେ କି ନ୍ୟାୟ ରହିଛି ? ବାରିପଦା ଓ ବାଲେଶ୍ୱର ପରି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଥାଇ ଅଲଗା ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଥିବା ସ୍ଥଳେ କେନ୍ଦୁଝର ପାଇଁ ଏ ଅନ୍ୟାୟ କେତେଦୂର ଗ୍ରହଣୀୟ ? ଏ ଜିଲ୍ଲାର ଲୋକ ପ୍ରତିନିଧି ମୁଖ୍ୟମନ୍ତ୍ରୀ ତଥା ଯୁବ ଓ ଅନୁଭବୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ କେନ୍ଦୁଝରର ଜନସାଧାରଣ, ଶିକ୍ଷାବିତ, ସାମ୍ବାଦିକ ସଂଘ, ଓକିଲ ସଂଘ, ବରିଷ୍ଠ ନାଗରିକ ମଞ୍ଚ ତଥା ଅନ୍ୟ ସାମାଜିକ କର୍ମୀ ଓ ସଚେତନ ନାଗରିକଗଣ ବିଭିନ୍ନ ସମୟରେ ସାକ୍ଷାତ କରି ଏପରି ଏକ ସମ୍ବେଦନଶୀଳ ସମସ୍ୟାର ସମାଧାନ କରିବାକୁ ଦାବୀ ଉପସ୍ଥାପିତ କରିଥିଲେ ବି ସରକାରଙ୍କ ଉଦାସୀନତା କଦାପି ଗ୍ରହଣୀୟ ନୁହେଁ ବୋଲି ଆଲୋଚନା ହେଉଛି। କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ବିଭ୍ରାନ୍ତିକର ତଥା ମିଥ୍ୟା ତଥ୍ୟ ପ୍ରଦାନ କରି ଜିଲ୍ଲାର ଶୈକ୍ଷିକ ବାତାବରଣକୁ ନଷ୍ଟ କରିବାକୁ ଯେଉଁ ଅପଚେଷ୍ଟା କରିଚାଲିଛନ୍ତି ସେମାନଙ୍କୁ ଭବିଷ୍ୟତ ପିଢି କେବେବି କ୍ଷମା କରିବେ ନାହିଁ। ଭବିଷ୍ୟତର ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଜିଲ୍ଲାର ଏହି ଐତିହାସିକ ଅନୁଷ୍ଠାନର ସ୍ୱୟଂଶାସିତ ଅସ୍ତିତ୍ୱକୁ ସୁରକ୍ଷା ପ୍ରଦାନ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି।

## ଅସ୍ତରଙ୍ଗରେ ୨୮ଟି ବିହନ ବିକ୍ରୟ କେନ୍ଦ୍ର

# ହାଇବ୍ରିଡ଼ ଆଗରେ ବଳି ପଡୁଛି ସରକାରୀ ବିହନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଚାଷୀମାନେ ନିଜ ମନପସନ୍ଦର ଧାନ ବିହନ ଖୋଜୁଛନ୍ତି। ଏଥିପାଇଁ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବଜାର ଓ ବିଭିନ୍ନ ଗାଁ ଛକ ଦୋକାନୀଙ୍କୁ ଅର୍ଡର ଦେଇ ଆଣୁଛନ୍ତି ହାଇବ୍ରିଡ଼ ବିହନ। ଯାହାକୁ କହୁଛନ୍ତି ଫାଉଣ୍ଡେସନ ବିହନ। କିନ୍ତୁ ସରକାରୀ ଭାବେ ଯେଉଁ ବିହନ ମିଳୁଛି ଓ ତାହାକୁ ବେସରକାରୀ ସଂସ୍ଥା ଏବଂ ସମବାୟ ସମିତିଗୁଡିକ ବିକିବାକୁ ଅନୁମତି ରହିଛି କୁହାଯାଇଛି ତାହାକୁ ସାର୍ଟିଫାଏଡ ବିହନ ବସ୍ତା ଉପରେ ନୀଳ ରଙ୍ଗର କାର୍ଡ ଝୁଲୁଛି। ଏହି ବିହନ କିଣିଲେ କୃଷି ବିଭାଗ ଚାଷୀଙ୍କୁ ପ୍ରତି ୨୦କେଜି ବସ୍ତା ପାଇଁ କିଛି ଟଙ୍କା ସବସିଡ଼ି ଦେଉଛନ୍ତି। ତଥାପି ମଧ୍ୟ ଚାଷୀଙ୍କର ଏହି ସାର୍ଟିଫାଏଡ ବିହନ ପ୍ରତି ଆଗ୍ରହ ନାହିଁ। କାରଣ ହାଇବ୍ରିଡ଼ ଯାହାକି ଫାଉଣ୍ଡେସନ ବିହନରେ ଚାଷ କଲେ ଗୋଟିଏ ଏକର ଜମିରେ ୨୫ରୁ ୨୭କୁଇଣ୍ଟାଲ ଧାନ ଅମଳ ହେଉଛି। ଅନ୍ୟପକ୍ଷରେ ଅଖିମୁଠି ଅନୁକୂଳ ଠାରୁ ଚାଷୀ ବିହନ ଓ ତଳି ପକେଇବା ପାଇଁ କସରତ କରୁଛି। ଚାଷୀ ଏ ଗରମରେ ସକାଳୁ ଯାଇ ହୁଡ଼ା ଟେକିବା ବା ଖରାଟିଆ ହଳ କରି ମାଟିକୁ ସମାନ କରି ରଖିବାରେ ଲାଗିଛି। ଆଗାମୀ ରଜ ଭିତରେ ବିହନ ବୁଣା ପାଇଁ ଚାଷୀଟିଏ ଅଣ୍ଟା ଭିଡୁଛି। ବିହନ ନିଗମରେ ମିଳୁଥିବା ବିହନ ଭେରାଇଟି ସେମିତି ଅଧିକ ନାହିଁ। ଯେଉଁଗୁଡିକ ବି ଅଛି ସେଗୁଡିକ ସାର୍ଟିଫାଏଡ ଯାହାକୁ ଚାଷୀ ନେବାକୁ କୁନ୍ଥୁକୁନ୍ଥୁ। ଏ ପଟେ ସରକାରୀ ସ୍ତରରେ ବିହନ ଲାଇସେନ୍ସ ଧରି ବସିଛନ୍ତି ସମବାୟ ସମିତିର ଅଧିକାରୀ। ହେଲେ ବିହନ ଆଣିବାକୁ ନାରାଜ। ବିହନ ୨୦କେଜି ୨୫କେଜି ବିହନକୁ ଆଣି ସରକାରୀ ଦରରେ ବିକିବେ ତାକୁ ଅନଲାଇନ ସେଲ କଲେ ସେମିତି ସବସିଡ଼ି ପାଇବ। ମାତ୍ର ଏତେସବୁ ଗୋଳିଆ ଭିତରେ ସମବାୟ ସଂସ୍ଥା ପଶିବାକୁ ଚାହୁଁ ନଥିବା ଜଣାପଡିଛି। ତେଣୁ ସରକାରୀ ସ୍ତରରେ ସ୍ୱର୍ଣ୍ଣ, କଳାଚମ୍ପା, ସ୍ୱର୍ଣ୍ଣ ସବ (୧)ପୂଜା ଆଦି ୪ରୁ ୫ଜାତିର ବିହନ ଦୋକାନୀମାନେ ୧୨ରୁ ୧୫କିସମର ବିହନ ତାହା ପୁଣି ଫାଉଣ୍ଡେସନ ବିହନ ଆଣି ଚାଷୀଙ୍କୁ ଯୋଗାଉଛନ୍ତି। ଆଉ କିଛି ଧାନ ବେପାରୀ ମଧ୍ୟ ବିହନ ମଧ୍ୟ ୧୦କେଜି ଓ ୨୦କେଜି ବିହନ ବିଭିନ୍ନ ଭେରାଇଟିରେ ରଖି ଚାଷୀଙ୍କୁ ଆଗୁଆ ସାହାଯ୍ୟ କରୁଥିବା ନଜର ଏବେ ଗାଁ ଗୁଡିକରେ ଦେଖାଯାଉଛି। ମୋଟ ଉପରେ ପୁରୀ ଜିଲ୍ଲାରେ କୃଷି ବିଭାଗ ତରଫରୁ ୧୫ଗୋଟି ପଞ୍ଚାୟତରେ ୧୮ଟି ବିହନ କେନ୍ଦ୍ର ସରକାରୀ ଭାବେ ଖୋଲାଯାଇଛି। ଏହା ସହ ସମବାୟ ତରଫରୁ ତାଳଦା, ନଈଗୁଆଁ, ଏଡ଼ବାଂଶ, ଚକରପଡ଼ା, ନଗର, ଅଠତିରା, କେନ୍ଦ୍ରାପଟି, ଶିଶୁଅ, କନ୍ତପହଁରା ଓ ବନ୍ତିଲୋ ସୋସାଇଟି ଧାନ ବିହନ ବିକ୍ରି କରିପାରିବେ ବୋଲି ଅନୁମତି ରହିଛି। ଏହା ସହ କେତେକ ସ୍ଥାନରେ ବିନା ଲାଇସେନ୍ସ ମଧ୍ୟ ବିକ୍ରିହେଉଛି। କିନ୍ତୁ ଫାଉଣ୍ଡେସନ ବିହନକୁ ଚାଷୀ ବେଶୀ ପସନ୍ଦ କରୁଛନ୍ତି।

## ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ

ଆଳି, (ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ନର୍ସ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳିବ୍ଲକ ସିଙ୍ଗିରିସ୍ଥିତ କ୍ରିଏଟିଭ ଜେନସ୍ ନର୍ସିଂ ସ୍କୁଲର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ଦିବସ ଅବସରରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର ସଭାପତିତ୍ୱ କରିଥିଲେ। ସ୍କୁଲର ଅଧକ୍ଷା ବିଶାଖା ମଞ୍ଜରୀ ପରିଡ଼ା,ଆଳି କଲେଜର ପୂର୍ବତନ ଅଧକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ମୁଖ୍ୟଅତିଥି, ସମାଜସେବୀ ସୁଦୀପ ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ସମାଜସେବୀ ଦେବେନ୍ଦ୍ର ପଣ୍ଡା, ସଭାପତି ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ବଳରାମ ପାଢ଼ି, ପ୍ରଶାନ୍ତ ଦାସ, ସୁଶାନ୍ତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଦ୍ଧରେ ଆହତ ସୈନିକ ଓ ସମାଜର ଅବହେଳିତ ପୀଡ଼ିତ ମାନଙ୍କର ସେବା ପାଇଁ ଫ୍ଲୋରେନ୍ସ ନାଇଟିଙ୍ଗେଲ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଓ ଆଧୁନିକ ନର୍ସିଂର ପ୍ରତିଷ୍ଠାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି ଅତିଥି ମାନେ କହିବା ସହିତ ସିଙ୍ଗିରିରେ ପ୍ରତିଷ୍ଠିତ ଏହି ନର୍ସିଂସ୍କୁଲ୍ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ସେବାଶିକ୍ଷା ଯୋଗାଇ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ନର୍ସିଂସ୍କୁଲ୍ ପକ୍ଷରୁ ସଚିନ୍ ଦାସ, ବନିତାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସରିତା ମହାପାତ୍ର, ସଂଘମିତ୍ରା ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ମନିସା ସାହୁ, ସୁକାନ୍ତି ଜେନା, ସ୍ନେହଲତା ଜେନା, ସୋନାଲି ଦାସ, ସଂଘମିତ୍ରା ମଲ୍ଲିକ, ଶେଖ୍ ମସିଉଲା, ସୋନାଲି ଜେନା, ସୁଚିସ୍ମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମାଜସେବୀ ଆଶୁତୋଷ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅନନ୍ତଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗମ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତରେ ରହିଥିବା ଦୁର୍ଗମ ଅଞ୍ଚଳ ବୁଲି ଜନସାଧାରଣଙ୍କ ଦୁଃଖ ବୁଝି ଚର୍ଚ୍ଚାରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ। ବିଧାୟକ ମାଝୀ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ବିଜାପଦର, ମଦୁ ଗୁଲିମି, ଲଦୀପଦର, ବରଡାଯୋଡ଼ି ଦୁର୍ଗମ ଅଞ୍ଚଳ ସବୁ ପରିଦର୍ଶନ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସୁବିଧା ଯଥା ପାନୀୟ ଜଳଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅତିଶୀଘ୍ର ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ବିଭିନ୍ନ ଦାବି ଏବଂ ସମସ୍ୟାର ସମାଧାନ କରାଯିବ ବୋଲି ମାଝୀ ପ୍ରକାଶ କରିଛନ୍ତି। ପ୍ରଥମେ ବିଧାୟକ ବିଜାପଦର ଗ୍ରାମକୁ ଯାଇ ଗ୍ରାମର ଲକିନା ସାନ୍ତା, ଆଶ୍ରିତ ସାନ୍ତା, ରଷି ସାନ୍ତା, ଡମୁ ସାନ୍ତା, ଲକୀନ୍ଦ୍ର ସାନ୍ତା ଓ ସମସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମରେ ଥିବା ଏକ ତେଲ ପିଡ଼ିବା ଯନ୍ତ୍ର ନିମନ୍ତେ ଗୃହ ନିର୍ମାଣ ଏବଂ ଆଧୁନିକ ଯନ୍ତ୍ର ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଏହାସହ ଗ୍ରାମର ୭ଟି ଘରକୁ ବିଦ୍ୟୁତ ସଂଯୋଗ, ଗ୍ରାମଦେବତୀଙ୍କ ପୀଠ ନିର୍ମାଣ ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ। ଏହାକୁ ବିଧାୟକ ମାଝୀ ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ପ୍ରକାଶ କରିଥିଲେ। ଏହାପରେ ମଦଗୁଲିମି, ଲଦି ପଦର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝି ତାହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲଦି ପଦର ଗ୍ରାମର ଅଙ୍ଗନବାଡି କର୍ମୀ ନିୟମିତ ଅସୁନଥିବା ଗ୍ରାମବାସୀ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ମାଝୀ ତୁରନ୍ତ ସେହି ସ୍ଥାନରୁ ହିଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ସମ୍ପୃକ୍ତ ଅଙ୍ଗନବାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ କହିଥିଲେ। ଏହାପରେ ବିଧାୟକ ମାଝୀ ବାଇକ ଯୋଗେ ବରଡାଯୋଡି ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ଏହି ଗ୍ରାମକୁ ଗମନାଗମନର ସୁବିଧା ନଥିବା ଯୋଗୁଁ ବିଭାଗୀୟ ଅଧିକାରୀ ଅସୁନଥିବା ଅଭିଯୋଗ ହୋଇଥିଲା। ବରଡାଯୋଡି ଗ୍ରାମର ରାସ୍ତା, ବିଦ୍ୟୁତ ଏବଂ ବିଭିନ୍ନ ସମସ୍ୟା ଅନେକ ପାହାଡିଆ ଦୁର୍ଗମ ଗ୍ରାମ ଗୁଡିକରେ ବିଶେଷ କରି ରାସ୍ତା ଅସୁବିଧା ଯୋଗୁଁ ନଳକୂପ ଖନନରେ ବାଧାପ୍ରାପ୍ତ ହେଉଥିବା ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଯେଉଁ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଛନ୍ତି ସେମାନଙ୍କୁ କାରଣ ଦର୍ଶାଇବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘଦିନ ପରେ ଏହି ଅଞ୍ଚଳବାସୀ ଏହିଭଳି ବିଧାୟକଙ୍କୁ ଦୁର୍ଗମ ଅଞ୍ଚଳର ଗ୍ରାମଗୁଡିକରେ ଦେଖିବାକୁ ପାଇବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସାଥିରେ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ସାଧାରଣରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଭଳି ପାଦଚଲା ରାସ୍ତାରେ ପୁଣି ସବୁ ବିଭାଗକୁ ସାଥିରେ ନେଇ ଗ୍ରାମବାସୀଙ୍କ ବିଭିନ୍ନ ଅସୁବିଧାକୁ ଦୂର କରିବା ପ୍ରୟାସକୁ ସବୁ ମହଲରେ ପ୍ରଶଂସାର ସୁଅ ଛୁଟିଥିବା ଦେଖାଦେଇଛି। ଡକରାଦୋରା ଜଳପ୍ରପାତ ଭଳି ରାସ୍ତାରେ ଅନେକ କାର୍ଯ୍ୟର ଉନ୍ନତି ନିମନ୍ତେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ତେନ୍ତୁଳିଖୁଣ୍ଟି ସରପଞ୍ଚ, ସମିତି ସଭ୍ୟା, ବିଜେପିର ୨ଜଣ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନଙ୍କ ସମେତ ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ଜେନା, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଅନେକ ବିଜେପି କର୍ମୀ ଓ ବ୍ଲକର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଜ୍ରାଘାତରେ ଜଣେ ଗୁରୁତର



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଲୋଧଣି ପଞ୍ଚାୟତ ଅଧିନସ୍ଥ ପାଳସାହି ଗ୍ରାମର ନିରଞ୍ଜନ ସାହୁ(୬୩ ବର୍ଷ) ମଙ୍ଗଳବାର ଅପରାହ୍ନ ସମୟରେ ବଜ୍ରାଘାତରେ ଆହତ ହୋଇଥିବା ଜଣାପଡ଼ିଛି। ନିରଞ୍ଜନ ଗାଁ' ନିକଟରେ ପରିବା ବଗିଚାକୁ ଯାଇଥିଲେ, ହଠାତ୍ କାଳବୈଶାଖୀ ପ୍ରଭାବରେ ପବନ ଓ ଘଡଘଡି ବିଜୁଳି ଆସିବାରୁ ନିରଞ୍ଜନ ବଗିଚାରୁ ପଳାଇ ଆସି ଏକ ଆମ୍ବ ଗଛ ମୂଳେ ଠିଆ ହୋଇଥିବା ବେଳେ ପାଖରେ ଶକ୍ତ ବଜ୍ରପାତ ହୋଇଥିଲା, ଫଳରେ ସେ ତଳେ ପଡ଼ି ଯାଇଥିବା ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ନିରଞ୍ଜନ ତଳେ ପଡିଥିବା ବେଳେ ଅଳ୍ପ ଦୂରରେ ରହିଥିବା ଲୋକମାନେ ଦେଖି ନିରଞ୍ଜନଙ୍କ ଘରକୁ ଖବର ଦେଇଥିଲେ। ଘର ଲୋକମାନେ ଖବର ପାଇବା ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଏକ ଗାଡ଼ିରେ ପରଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବଜ୍ରାଘାତ ଆଘାତରେ ନିରଞ୍ଜନଙ୍କ ପେଟ ଠାରୁ ପାଦ ପର୍ଯ୍ୟନ୍ତ ଅଚଳାବସ୍ଥା ଥିବାରୁ ବର୍ତ୍ତମାନ ମେଡ଼ିକାଲରେ ଚିକିତ୍ସା ହେଉଛନ୍ତି।

## ମିଳିତ ଜନଶୁଣାଣି ଶିବିର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣୀ ଶିବର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଧାଂଶୁ ଶେଖର ବଳ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କରୁଣାକର ଧିନ୍ଦା, ବିଡିଓ ଓ ତହସିଲଦାର ଉପସ୍ଥିତ ରହି ଅଭିଯୋଗ ଶୁଣାଣୀ କରିଥିଲେ। ଶିବିରରେ ମୋଟ ୯୭ ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୮୧ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ୧୪ ଟି ଅଭିଯୋଗ ସାମୂହିକ ସ୍ୱାର୍ଥ ସମ୍ବଳିତ ଥିଲା। ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ଆଗତ ୨ଟି ଦାରଖାସ୍ତର ବିଚାର କରାଯାଇ ୧୫ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା।

## ନୃତ୍ୟାଙ୍ଗନା ଦୀପିକା ଦାସ 'ପଦ୍ମିନୀ ନୃତ୍ୟ ରତ୍ନ ସମ୍ମାନ'ରେ ସମ୍ମାନିତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆର ନୃତ୍ୟାଙ୍ଗନା ଦୀପିକା ଦାସ ପଦ୍ମିନୀ ରତ୍ନ ସମ୍ମାନରେ ସମ୍ମାନିତ, ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ସ୍ଥିତ ଦୀଘା ଠାରେ ନନ୍ଦନିକ ମାନୁଷ ପରଫରମିଙ୍ଗ ଆର୍ଟସ୍ ଫାଉଣ୍ଡେସନ ପକ୍ଷରୁ କ୍ରିଏଟିଭ ଡାଇରେକ୍ଟର ଋତୁରାଜ ପରମାଣିକଙ୍କ ସଂଯୋଜନାରେ ୧୧୫ତମ ଆନ୍ତର୍ଜାତିକ ନୃତ୍ୟ ସମ୍ମିଳନୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତ ତଥା ବିଦେଶରୁ ଆନ୍ତର୍ଜାତିକ ସ୍ତରର ସୁନାମଧନ୍ୟ ନୃତ୍ୟ ଶିଳ୍ପୀମାନେ ଆସି ନିଜର ନୃତ୍ୟପ୍ରତିଭା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଫେଷ୍ଟିଭାଲ ଡାଇରେକ୍ଟର ପ୍ରିୟଙ୍କା ଦାସ ଚୌଧୁରୀ, ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟାଙ୍ଗନା ପିପାସା ବାରିକ, ସୁନାମଧନ୍ୟ କଥକଗୁରୁ ସ୍ୱାତୀ ବେନାର୍ଜୀ, ଫେଷ୍ଟିଭାଲ ଡାଇରେକ୍ଟର ସୀମା ପଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏପରି ପରିପ୍ରେକ୍ଷୀରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସ୍ଥିତ ସୁନାମଧନ୍ୟ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀର ଶିକ୍ଷାର୍ଥୀ ସୁଶ୍ରୀ ଦୀପିକା ଦାସ ମହୋତ୍ସବରେ ଯୋଗଦାନ କରି ଉଚ୍ଚକୋଟିର ପାରମ୍ପରିକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହେବା ସହ 'ପଦ୍ମିନୀ ନୃତ୍ୟରତ୍ନ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୂର୍ବରୁ ଦୀପିକା ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଆନ୍ତର୍ଜାତିକ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନିତ ହୋଇଛନ୍ତି। କରଞ୍ଜିଆ ନିବାସୀ ସାମ୍ବାଦିକ ଦୀନେଶ କୁମାର ଦାସ ଏବଂ ସୁସ୍ମିତା ଦାସଙ୍କ ଏକମାତ୍ର କନ୍ୟା ଦୀପିକା ସ୍ଥାନୀୟ ବିକାଶ କନଭେଣ୍ଟ ସ୍କୁଲ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ, କରଞ୍ଜିଆର ଅଗ୍ରଣୀ ତଥା ସୁନାମଧନ୍ୟ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀ ଠାରେ ପ୍ରତିଷ୍ଠାତା ସମ୍ପାଦକ ସମୀର ଓତାଙ୍କ ତତ୍ତ୍ୱାବଧାନରେ ତଥା ଗୁରୁ ପ୍ରଫେସର ଡ. ମନୋଜ କୁମାର ବେହେରା, ଗୁରୁ ଭାଗ୍ୟଶ୍ରୀ ସୁମୋନା ଓତାଙ୍କ ଠାରୁ ପାରମ୍ପରିକ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଛନ୍ତି। ଦୀପିକାଙ୍କ ଉକ୍ତ ସଫଳତାରେ ନୃତ୍ୟଶ୍ରୀର ସମସ୍ତ ଶିକ୍ଷାର୍ଥୀ ଏବଂ ଅଭିଭାବକ ଅଞ୍ଚଳର କଳାପ୍ରେମୀମାନେ ଶୁଭେଚ୍ଛା ଜଣେଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆଦିବାସୀ ଏସ୍‌ଏଚ୍‌ଜି ମହିଳାଙ୍କ ଋଣଟଙ୍କା ଆତ୍ମସାତ କଲେ ସିଆରପି



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଟଙ୍କା ଆତ୍ମସାତ କଲେ ସିଆରପି ଓ ତାଙ୍କ ସହଯୋଗୀ। ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗଡସାହି ବାଲିଆପାଳ ଗ୍ରାମ ପଞ୍ଚାୟତ ସ୍ଥିତ ସେହି ଗ୍ରାମର ୧୦ଜଣ ଆଦିବାସୀ ମହିଳା ଅବିଭକ୍ତ ପାଇକସିଦା ଗ୍ରାମ ପଞ୍ଚାୟତରେ ଥିବା ସମୟରେ 'ବିଶ୍ୱସାରି ସାର୍ଜନ' ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି କିଛିକିଛି ଅର୍ଥ ସଞ୍ଚୟ କରୁଥିଲେ। ତେବେ ୨୦୧୭ ମସିହାରେ ପଞ୍ଚାୟତ ବିଭାଜନ ହେବା ପରେ ଗଡସାହି ବାଲିଆପାଳ ଗ୍ରାମରେ ଏକ ନୂତନ ପଞ୍ଚାୟତ ଗଠନ ହେଲା ଏବଂ ଏହି ସ୍ୱୟଂ ସହାୟକ ଗୋଷ୍ଠୀଟି ନୂତନ ପଂଚାୟତକୁ ସ୍ଥାନାନ୍ତରିତ ହୋଇଥିଲା। ପଞ୍ଚାୟତର ସିଆରପି ଦାୟିତ୍ୱ ନେଲେ ପ୍ରଭାସିନି ପତି। ନୂତନ ସିଆରପି ଏହି ବିଶ୍ୱସାରୀ ସାର୍ଜନ ସ୍ୱୟଂ ସହାୟକ ଗୋଷ୍ଠୀର ନିରୀହ ଆଦିବାସୀ ମହିଳାମାନଙ୍କୁ ଲୋଭନୀୟ ପ୍ରତିଶୃତି ଦେଇ ୨୦୧୭ ମସିହା ଅଗଷ୍ଟ ମାସରେ ତାଙ୍କ ନାମରେ ୫୦ ହଜାର ଟଙ୍କା ଋଣ କରାଇଦେଲେ। ଋଣ ଟଙ୍କା ପରିଶୋଧ ପାଇଁ ଆଦିବାସୀ ମହିଳାମାନେ ସିଆରପି ପ୍ରଭାସିନୀ ପତିଙ୍କୁ ଏକକାଳୀନ ସମସ୍ତ ଟଙ୍କା ଦେଇଥିଲେ। କିନ୍ତୁ ସିଆରପି ପ୍ରଭାସିନୀ ଓ ତାଙ୍କ ସହଯୋଗୀ ଦେବେନ୍ଦ୍ର ମହାଳିକ ଏହି ଆଦିବାସୀ ମହିଳାଙ୍କ ସରଳତାର ସୁଯୋଗ ନେଇ ସମସ୍ତ ୫୦ ହଜାର ଟଙ୍କା ନେଇ ପରିଶୋଧ ନ କରି ଆତ୍ମସାତ କରିଦେଇଥିବା ମହିଳା ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ସିଆରପି ଋଣ ଶୁଝିବା ପାଇଁ ଗୋଷ୍ଠୀର ଦୁଇଜଣ ମହିଳାଙ୍କୁ ବ୍ୟାଙ୍କକୁ ନେଇଯାଇଥିଲେ। କିନ୍ତୁ ସେମାନଙ୍କୁ ବ୍ୟାଙ୍କ ବାହାରକୁ ଯିବାକୁ କହି ଡିପୋଜିଟ ନକରି ଆତ୍ମସାତ କରିଥିବା ଗୋଷ୍ଠୀର ନମିତା ହେମ୍ବରମ ଓ ମାଧୁରୀ କିସ୍କୁ କହିଛନ୍ତି। ଏବେ ୮ ବର୍ଷ ପରେ ଋଣ ପରିଶୋଧ ନେଇ ବ୍ୟାଙ୍କରୁ ନୋଟିସ ଆସିବା ପରେ ଉକ୍ତ ସଂଘର ମହିଳା ମାନେ ସିଆରପିଙ୍କୁ ପଚାରିବାରୁ ସିଆରପି ନାଲି ଆଖି ଦେଖାଇବା ସହ ଦିନ ପରେ ଦିନ ଗଡେଇ ଚାଲିଛନ୍ତି ବୋଲି ଉକ୍ତ ମହିଳାମାନେ ଅଭିଯୋଗ କରିଛନ୍ତି।ଏହି ଗରିବ ଆଦିବାସୀ ମହିଳାମାନେ ଏବେ କେମିତି ଟଙ୍କା ପରିଶୋଧ କରିବେ ସେ ନେଇ ଚିନ୍ତାରେ ରହିଛନ୍ତି।ଅନ୍ୟପଟେ ସିଆରପି ପ୍ରଭାସିନୀ ପତିଙ୍କୁ ପଚାରିବାରୁ ଏହା ମିଥ୍ୟା ଅଭିଯୋଗ ବୋଲି କହି ଏହାକୁ ଏଡ଼େଇ ଦେଇଛନ୍ତି।

## ମାଦକ ଦ୍ରବ୍ୟ ଉତ୍ପାଦନ ଓ ଚୋରାଚାଲାଣ ରୋକିବା ଉପରେ ଜିଲ୍ଲାସ୍ତରୀୟ ବୈଠକ



ରାୟଗଡ଼, (ଭାସ୍କର ନ୍ୟୁଜ): ରାୟଗଡ଼ ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚରାଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡ଼ ଶ୍ରୀମତୀ ପାରୁଲ ପଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଏହା ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜିଲ୍ଲାରେ ମାଦକ ଦ୍ରବ୍ୟ ଗଞ୍ଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ, ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିଶନିବାରଣ ଉପରେ ସଚେତନତାକୁ ପ୍ରତ୍ସାହିତ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଞ୍ଚଳମାନଙ୍କରେ ନିଷାଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା, ଉନ୍ନୟନ କାର୍ଯ୍ୟକ୍ରମଗୁଡିକ କାର୍ଯ୍ୟକାରୀ କରିବା, ବିଶେଷ କରି ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା। ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ଧଳସାମନ୍ତ, ଜିଲ୍ଲା ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, କୃଷି ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟାନ ବିଭାଗ, ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜିଲ୍ଲା ଦକ୍ଷ୍ୟତା ଓ କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମୋସୀ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରେଳ ବିଭାଗ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶନିଶ୍ଚର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ମାଣିକପୁର ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ସନିଶ୍ୱରଦେବଙ୍କ ପବିତ୍ର ପୀଠରେ ଭାରତୀୟ ସେନାଙ୍କ ମଙ୍ଗଳ କାମନାଅର୍ଥେ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୁନାହୁତି ହୋଇଯାଇଛି। ଏହି ପୁନାହୁତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ , ବଡ଼ କୁମ୍ଭାରି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଯୁବ ବିଜେଡ଼ି ନେତା ବଂଶୀଧର ସାହୁଙ୍କ ସମେତ ବହୁମାନ୍ୟଗନ ବ୍ୟକ୍ତି ଯୋଗଦେଇ ଆହୂତି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ପ୍ରଥମେ ଗ୍ରାମ ନିକଟ ପୁଷ୍କରିଣୀରୁ ସଂକଳ୍ପ ଧାରୀମାନେ ଜଳ କଳସ ଯାତ୍ରାରେ ଆଣି ଘଟସ୍ଥାପନ କରିବା ସହିତ ଅଗ୍ନୀ ସ୍ଥାପନ ଓ ସୂର୍ଯ୍ୟ ପୂଜା ରୀତିନୀତି ଅନୁସାରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଣିକପୁରର ସମସ୍ତ ପୂଜା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ସରକାରୀ ଟଙ୍କା ଆତ୍ମସାତ ଘଟଣା

# ବନବିଭାଗର ପାଞ୍ଚ କର୍ମଚାରୀ ଗିରଫ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବୃକ୍ଷରୋପଣ ଟଙ୍କାକୁ ଆତ୍ମସାତ ଅଭିଯୋଗରେ ଚାରି ବନ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ। କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧିନସ୍ଥ ଜୟପାଟଣା ରେଞ୍ଜରେ ବୃକ୍ଷରୋପଣ ଟଙ୍କାକୁ ଆତ୍ମସାତ ଅଭିଯୋଗରେ କଳାହାଣ୍ଡି ଭିଜିଲାନ୍ସ ବିଭାଗ ତଦନ୍ତ ପରେ ଜୟପାଟଣା ରେଞ୍ଜରେ କାର୍ଯ୍ୟରତ ଥିବା ପାଞ୍ଚ ଜଣ ବନ କର୍ମଚାରୀଙ୍କୁ ଗିରଫ କରିଥିବା ଜଣାପଡିଛି। ସେମାନେ ହେଲେ ଜୟପାଟଣା ଡେପୁଟି ରେଞ୍ଜର ଶୈଳେନ୍ଦ୍ରୀ ବାଗ, ଫରେଷ୍ଟର ଉମେଶ ରାଉତ, ଦେବରାଜ ସୁନାନୀ ଓ ଫରେଷ୍ଟ ଗାର୍ଡ ଅଶୋକ ସାହୁ ଓ ଲଳିତ ନାଏକ। ସୂଚନା ଅନୁଯାୟୀ ବୃକ୍ଷରୋପଣ ନା'ରେ ସରକାରୀ ଟଙ୍କା କୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଓଡିଶା ଭିଜିଲାନ୍ସ ପକ୍ଷରୁ ଏକ ୨୫ ଜଣିଆ ଅଧିକାରୀ ଦଳ ଅନୁସନ୍ଧାନ କରିଥିଲେ। ରେଞ୍ଜର ବୃକ୍ଷ ରୋପଣ ସ୍ଥାନ ଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ବୃକ୍ଷ ଗଣନା ବେଳେ ସରକାରୀ ଟଙ୍କାକୁ ଅପବ୍ୟବହାର ସହ ଦୁର୍ନୀତି ସାମ୍ନାକୁ ଆସିଥିଲା। ବୃକ୍ଷ ରୋପଣ ପାଣ୍ଠିର ଟଙ୍କାକୁ ବେନାମୀ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇ ପରବର୍ତ୍ତୀ ସମୟରେ ସେଇ ଟଙ୍କା ଉଠାଣ କରାଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଚମ୍ପାଟୁଆ -୧ରେ ୧୬ ଶହ ଗଛର ୪୩ ଲକ୍ଷ ୭୫ ହଜାର ୬୩୪ ଟଙ୍କା, ଚମ୍ପାଟୁଆ-୨ରେ ୧୬ ଶହ ଗଛର ୬ ଲକ୍ଷ ୬୭ ହଜାର ୪୪୬ ଟଙ୍କା, ଖମାରପଦର ବଡ଼ହିଲରେ ୮ଶହ ଗଛର ୧୨ ଲକ୍ଷ ୭୬ ହଜାର ୨୯୧ ଟଙ୍କା, ଖମାରପଦର ଏଏନ୍‌ଆର୍‌ରେ ୪ ଶହ ଗଛର ୫ଲକ୍ଷ ୧୨ହଜାର ୫୧୯ ଟଙ୍କାକୁ ମିଶାଇ ସର୍ବମୋଟ ୭୯, ଲକ୍ଷ ୫୪ ହଜାର ୬୩୫ ଟଙ୍କା ଅପବ୍ୟବହାର ହୋଇଥିବା ଜଣାପଡିଛି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ତଥା ସରକାରୀ ଟଙ୍କାକୁ ଅପବ୍ୟବହାର ମାମଲା ରୁଜୁ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରିଛି।





କଣାସ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ପ୍ରଗତି ପାଇଁ ରାସ୍ତା ଘାଟ ସେତୁ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତାଘାଟ ଓ ସେତୁ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେଉନଥିବାରୁ ରାସ୍ତାଘାଟ ଓ ସେତୁ ଅର୍ଦ୍ଧ ଭାଗ୍ନାଂଶରେ ପଡିଥିବାରୁ ଲୋକମାନେ ନାହିଁନଥିବା ଅସୁବାଧାର ସମ୍ମୁଖୀନ ହେଉଛନ୍ତି। କଣାସ ବ୍ଲକର ଗଡବଡପୁଟ ଗ୍ରାମ ନିକଟରେ ଥିବା ରାଜୁଆ ନଦୀ ସେତୁର ସୁରକ୍ଷା ବାଡ ଭାଙ୍ଗଯାଇଥିବା ଏଥିରେ ବାଉଁଶ ବନ୍ଧାଯାଇଥିବା ସେତୁରୁ ଉପରିଭାଗରୁ କଂକ୍ରିଟ ଛାଡି ଲୁହା ରଡ ଦେଖାଯାଉଥିଲେ ମଧ ସେତୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବାରୁ କିପରି ଅଧିକାରୀମାନଙ୍କୁ ଦେଖାଯାଉ ନାହିଁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଏହି ସେତୁ ଦେଇ କଣାସ, ଡେଲାଙ୍ଗ, ସତ୍ୟବାଦୀ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ଅଧିବାସୀମାନେ ଖୋର୍ଦ୍ଧାକୁ ଯାତାୟତ କରନ୍ତି। ସେତୁଟିକୁ ମରାମତି କରିବା ପାଇଁ ସ୍ଥାନୀୟ ଲୋକମାନେ ବାରମ୍ବାର ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।

# ରଞ୍ଜନ ମଲ୍ଲିକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମୁମ୍ବାଇର ଜାହାଙ୍ଗୀର ଆର୍ଟ ଗ୍ୟାଲେରୀଠାରେ ଚଣ୍ଡିଗଡ ଚିକ୍ରା ବିଶ୍ୱବିଦ୍ୟାଳୟର ଚିତ୍ର ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ମଲ୍ଲିକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଭିକ୍ଟର ଗୋରେଲିଖ, ନିର୍ଦ୍ଦେଶକ ରୁଷିଆନ୍ ହାଉସ୍, ମୁମ୍ବାଇ, ପ୍ରଫେସର ଅନିଲ ନାୟକ, ପ୍ରସିଦ୍ଧ କଳାକାର ଏବଂ ଶିକ୍ଷାବିତ୍, ମୁମ୍ବାଇ, ସମ୍ମାନିତ ଅତିଥି ଭାବେ ଡକ୍ଟର ଗଣେଶ ତାର୍ତେରେ, ଡିନ୍ ଜେଜେସ୍କୁଲ୍ ଅଫ୍ ଆର୍ଟ, ସୁରେନ୍ଦର ଜଗପାପ୍, ଏନଜିଏମ, ମୁମ୍ବାଇର ସଦସ୍ୟ, ମାରୁତି ଜେଆଇ, ଲଳିତକଳା ଏକାଡେମୀ ନୂଆଦିଲ୍ଲୀର ସଦସ୍ୟ, ଡକ୍ଟର ବିଜୟ ଧୋରେ, ବିଶିଷ୍ଟ କଳାକାର, ହାଇଦ୍ରାବାଦ, ନୂଆଦିଲ୍ଲୀ, ଅକ୍ଷ୍ୟତ ସିହ୍ନା, କଳା ସଂଯୋଜକ, ନୂଆଦିଲ୍ଲୀ, ଶ୍ରୀକାନ୍ତ କଦମ, ବମ୍ବେ ଆର୍ଟ ସୋସାଇଟିର ସଦସ୍ୟ, ସୁବୋଧ ଅତିରିକ୍ତ, ଡିଜାଇନ, ମୁମ୍ବାଇ, ସାଇନି, ଗ୍ୟାଲେରିଷ୍ଟ, କୁମୁଦ ଦାସ କଳାକାର, ମୁମ୍ବାଇ, ଦେବଶି, ଆନିମେଟର, ପ୍ରିୟରଂଜନ ଏବଂ କାନୱାଲ ପାଲ, ସଚିବ ଚଣ୍ଡିଗଡ ଲଳିତକାଳା ଏକାଡେମୀ ଗୋଲଜି, ଶିଳ୍ପୀ ଏବଂ ବହୁ କଳାକାର ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ। ପ୍ରଦର୍ଶନୀରେ ନୂଆଦିଲ୍ଲୀର ଶିଳ୍ପୀ ତଥା କ୍ୟୁରେଟର ଡକ୍ଟର ଭିନିତ ଭରଦ୍ୱାଜଙ୍କ ଦ୍ୱାରା ହୋଷ୍ଟ ଭାବେ ରହିଥିଲେ। ପ୍ରଦର୍ଶନୀରେ ମଲ୍ଲିକଙ୍କ 'ସ୍ୱପ୍ନର ଦୁନିଆ' ଶୀର୍ଷକ ୪୫ଟି ସୃଜନଶୀଳ ଚିତ୍ର ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ମେ ୧୨ ତାରିଖ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସୁନାମଧନ୍ୟା ଅଭିନେତ୍ରୀ ସ୍ୱେତା କାୱ୍ରିତ୍ର ଏବଂ ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ସିନେମା ଫୋଟୋଗ୍ରାଫର୍ ପଦ୍ମଶ୍ରୀ ଏକେ ବୀର ଯୋଗଦେଇ ଶିଳ୍ପୀଙ୍କ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ।

# ବିଦ୍ୟୁତ୍ ତାର ଲାଗି ମା ଓ ଶିଶୁ ପୁତ୍ର ମୃତ, ଶାଶୂ ଗୁରୁତର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ବାଂଶପାଳ ବଜାର ରେ ମଙ୍ଗଳବାର ସକାଳୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ସ୍ଥାନୀୟ ବାଂଶପାଳ ବଜାରର ସୌମ୍ୟ ରଞ୍ଜନ ବେହେରାଙ୍କ ସ୍ତ୍ରୀ କଳ୍ପନା ମହାକୁଡ଼ (୨୩) ଏବଂ ଅଢ଼େଇ ବର୍ଷ ର ଶିଶୁ ପୁତ୍ର (ଶୁଭ୍ରଜିତ ବେହେରା) ଙ୍କ ମୃତ୍ୟୁ ଘଟିଥିବା ବେଳେ ଶାଶୁ ଶାନ୍ତିଲତା ବେହେରାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୌମ୍ୟରଞ୍ଜନ ବେହେରା ଦେଇଥିବା ସୂଚନା ଅନୁସାରେ ମଙ୍ଗଳବାର ଦିନ ସୌମ୍ୟଙ୍କ ମା ଶାନ୍ତିଲତା ଲୁଗା ଶୁଖାଉଥିବା ବେଳେ ପାଖରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଲାଗିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚିତ୍କାର କରିଥିଲେ। ଚିତ୍କାର ଶୁଣି ବୋହୂ କଳ୍ପନା ଦଉଡ଼ି ଆସି ତାଙ୍କୁ ଛଡାଇବା ପାଇଁ ପ୍ରୟାସ କରିବା ବେଳେ ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପରେ ପାଖରେ ଥିବା ଅଢେଇ ବର୍ଷର ଶିଶୁପୁତ୍ରର ମା'ର ଚିତ୍କାର ଶୁଣି ମା'କୁ ଛୁଇଁଥିଲା। ଫଳରେ ଘଟଣା ସ୍ଥଳରେ ମା ଓ ଶିଶୁପୁତ୍ର ଗୁରୁତର ହୋଇପଡିଥିଲେ। ସମସ୍ତଙ୍କୁ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିବା ବେଳେ ସେଠାରେ ଡାକ୍ତର ଶିଶୁ ପୁତ୍ରକୁ ମୃତ ଘୋଷଣା କରିଥିଲେ। ଗୁରୁତର ଶାଶୁ ଶାନ୍ତିଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ଓ କଳ୍ପନାଙ୍କୁ ଧରଣୀଧର ଭେଷଜ ମହାବିଦ୍ୟାଳୟକୁ ପଠାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନୟାକୋଟ ପୋଲିସ ଅପମୃତ୍ୟୁ ମାମଲା ୧୦ ଏବଂ ୧୧ରେ ଦୁଇଟି ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତ ରାଶି ଘୋଷଣା କରିଛନ୍ତି।

# ୪ମାସ ହେଲା ଭତ୍ତା ନପାଇ ବୃଦ୍ଧା ହଟହଟା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଂଚାୟତ ମହାଜନପୁର ଗ୍ରାମର ଜଣେ ବୃଦ୍ଧା ଦୀର୍ଘ ୪ମାସ ହେଲା ଭତା ପାଇବାରୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି। ମହାଜନପୁର ଗ୍ରାମର ଶୈଳବାଳା ଲେଙ୍କା ୮୧ବର୍ଷ ଦୀର୍ଘ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ବାର୍ଦ୍ଧକ୍ୟ ଭତା ପାଇ ଆସୁଥିଲେ। ତେବେ ଗତ ଫେବ୍ରୁଆରୀ ମାସ ଠାରୁ ଏପର୍ଯ୍ୟନ୍ତ ୪ମାସର ଭତା ଟଙ୍କା ତାଙ୍କୁ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ପଳରେ ବୃଦ୍ଧା ଶୈଳବାଳା ବାରମ୍ବାର ବ୍ଲକ ପ୍ରଶାସନ ନିକଟକୁ ଗୁହାରୀ କରିବାକୁ ଆସି ନିରାଶରେ ଫେରିବାକୁ ବାଧ୍ୟ ହେଉଥିବାର ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ଆଳ ଦେଖାଇ ଭତାପ୍ରଦାନରେ ନିରାଶ କରାଯାଉଥିବାର ଅଭିଯୋଗ ହୋଇଛି। ଭତା ଟଙ୍କା ନପାଇ ବୃଦ୍ଧା ଶୈଳବାଳା ପଥି ଖାଇବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବ୍ଲକର ୪୧ପଂଚାୟତରେ ଭତା ପ୍ରଦାନରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଉଥିବା କାରଣରୁ ବହୁ ଅସହାୟ ବୃଦ୍ଧ ବୃଦ୍ଧା ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି।

# ସିବିଏସ୍‌ଇ ଦଶମ ରେଜଲ୍ଟରେ ପାସ୍ ହାର ୯୩.୪

ଭାପୁର, (ଭାସ୍କର ନ୍ୟୁଜ୍): ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳ ପ୍ରକାଶ ପାଇଛି। ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀର ପରୀକ୍ଷାର୍ଥୀ ମାନେ ଶତକଡା ୯୩.୪% ପାସ୍ ଆଉଟ୍ ହୋଇ ଭାପୁର ବ୍ଲକ ପାଇଁ ଗର୍ବ ଆଣି ଦେଇଛନ୍ତି। ଅର୍ଥାତ୍ ମୋଟ ୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୫ଜଣଙ୍କର କମ୍ପାର୍ଟମେଣ୍ଟାଲରେ ଫଳାଫଳ ରହିଛି। ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକ ପାଇଁ ଟପ୍ ୧ରେ ଅର୍ପିତା ମହାପାତ୍ର ୯୪.୮, ସୃତି ସାଇ କ୍ରୀଷ୍ଣା ୯୩.୨ ଏବଂ ଶୁଭଲକ୍ଷ୍ମୀ ସାହୁ ୯୧.୮ ପ୍ରତିଶତ ମାର୍କ ରଖି ଭାପୁର ବ୍ଲକ ପାଇଁ ଗର୍ବ ଆଣିଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବାଇଗୁଣିଆ ପଞ୍ଚାୟତ ଧଳାବନ୍ଧ ଗ୍ରାମର ପ୍ରତିମା ମହାପାତ୍ର ଏବଂ ଅରୁଣ ମହାପାତ୍ରଙ୍କ ସୁପୁତ୍ରୀ ଅର୍ପିତାଙ୍କର ଏହି ଫଳାଫଳ ପାଇଁ ସେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଅଭିଯୋଗ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଥାନା ପରିସରଭୁକ୍ତ ସାହୁପଡା ପଞ୍ଚାୟତର ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ ୩୫ ବର୍ଷଙ୍କୁ ପୂର୍ବ ବିବାଦକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଗଡିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଗତ କାଲି ସଂନ୍ଧ୍ୟାରେ ପ୍ରତାପ ଚୁପୁରିଙ୍ଗି ଜେସିବି ଚଲାଇବା ପାଇଁ ଯାଇଥିଲେ ରାତ୍ର ୧୦ଟା ସମୟରେ ଘରକୁ ଫେରୁଥିବାବେଳେ ପୂର୍ବରୁ ବିବାଦ ଲାଗିରହିଥିବା ଏବଂ କେତେକ ବ୍ୟକ୍ତି ମାରିଦେବା ପାଇଁ ଧମକ ଦେଇଥିବା ତାଙ୍କର ପତ୍ନୀ ଥାନାରେ ଅଭି ଯୋଗ କରିଛନ୍ତି। ପ୍ରତାପ ଘରକୁ ନଫେରିବାରୁ ରାତିରେ ପରିବାର ଲୋକ ବହୁ ଖୋଜଖୋଜି କରି ପାଇ ନଥିଲେ। ପ୍ରଭାତରୁ ପ୍ରତାପର ମୃତ ଦେହ ପାହିଲୁଣ୍ଡି ଗହିରରେ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଗଡିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ, ପୁରୀ ସଦର ଏସଡିପିଓ ରବିନ୍ଦ୍ର କୁମାର ଭଞ୍ଜ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଗଡିଶାଗୋଦା ଥାନାକ୍ସର ଏକ ମକଦମା ରୁଜ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ହତ୍ୟାକାରୀମାନେ ଫେରାର ହୋଇଯାଇଥିବା ପୁଲିସ ଠାରୁ ପ୍ରକାଶ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର ପଶ୍ଚିମସମ୍ଭୁ ବାବା କପିଳେଶ୍ୱର ଦେବଙ୍କ ପୀଠରେ ଛଅ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତ ମହାଯଜ୍ଞ କାଲି ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକରାଯାଇ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ମହାଯଜ୍ଞ ଅବସରରେ ସ୍ଥାନୀୟ ଗ୍ରାମାଞ୍ଚଳର ବହୁ ଜନସାଧାରଣ ଯୋଗଦାନ କରି ଆନନ୍ଦ ପ୍ରାପ୍ତ କରିଥିଲେ।

# ଟ୍ରେଞ୍ଚ ଖୋଳା ନାଁ'ରେ ୧୮ ଲକ୍ଷ ଟଙ୍କାର ମହାଦୁର୍ନୀତି

ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ସୁନାଝରି ସଂରକ୍ଷିତ ଜଙ୍ଗଲ କ୍ଷେଜର ଟ୍ରେଞ୍ଚ୍ ଖୋଳା ପାଇଁ ମନରେଗା ଯୋଜନାରେ ଆସିଥିବା ୧୮ ଲକ୍ଷ ଟଙ୍କା ଆଦୌ କାମ ନକରି ସମ୍ପୂର୍ଣ୍ଣ ଆତ୍ମସାତ କରାଯାଇଥିବା ଓ ସାମାଜିକ ବନୀକରଣ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲାପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଅନୁଗୁଳ ଆରସିସିଏଫ୍, ଭୁବନେଶ୍ୱର ପିସିସିଏଫ୍‌ଙ୍କ ସମେତ ଭିଜିଲାନ୍ସ ଡିଜିଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଅଭିଯୋଗ ପତ୍ରରୁ ପ୍ରକାଶ ଯେ, ଭୁବନ ଫରେଷ୍ଟ ରେଞ୍ଜ ରେ ସାମାଜିକ ବନୀକରଣ ଓ ମନରେଗା ଯୋଜନାରେ ବ୍ୟାପକ ହେରାଫେରି ଓ ଦୁର୍ନୀତି କରାଯାଇଛି। ରାକେଶ କୁମାର ଦଳେଇ ଏଠାରେ ଅତିରିକ୍ତ ରେଞ୍ଜର ଭାବେ ଯୋଗଦେବା ପରଠାରୁ ଦୁର୍ନୀତି,ଅନିୟମିତତା ଚରମସୀମାରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ସୁନାଝରି ସଂରକ୍ଷିତ ଜଙ୍ଗଲ ରେ କ୍ଷେଜର ଟ୍ରେଞ୍ଚ ଖୋଳା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମଜି ନରେଗା) ଯୋଜନାରେ ୧୮ ଲକ୍ଷ ଟଙ୍କା ଆସିଥିବା ବେଳେ ୧୮ ଟଙ୍କାର କାମ ନକରି ସମ୍ପୂର୍ଣ୍ଣ ଫଲ୍ସ ବିଲ୍ କରି ଭୁବନ ରେଞ୍ଜର, ଜିରାଳ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ମିଳିତ ଭାବେ ସମସ୍ତ ଅର୍ଥ ଆତ୍ମସାତ କରିଅଛନ୍ତି। ୨୦୨୨-୨୩ ବର୍ଷ ଯାହିତାହି ଭାବେ ୨୦ଲକ୍ଷ ଟଙ୍କାର ଯେଉଁ କାମ କରାଯାଇଥିଲା ସେହି ଫଟୋକୁ ଦେଖାଇ ସମ୍ପୂର୍ଣ୍ଣ ୧୮ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ଅନୁରୂପ ଭାବେ ୨୦୨୧-୨୨ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସାମାଜିକ ବନୀକରଣ ଯୋଜନାରେ ମାଲୁଆ ଗୋଡା ଠାରୁ କଂସରଗୋଡ଼ା, କଂସରଗୋଡା ଠାରୁ ଗବଗୋଡା, ଦୟଣାବିଲି ଠାରୁ ଗବଗୋଡା, ଅନଳ ଠାରୁ ଓଡ଼ିଶ, ଦର୍ଜନୀ ଠାରୁ ଅନଳ, ବାଲିବୋ ଠାରୁ କେଶରପୁର, ମହିଳା ମହାବିଦ୍ୟାଳୟ ଠାରୁ ୨ନମ୍ବର ୱାର୍ଡ କଲୋନୀ ବସ୍ତି, ଭୁବନ ବାଇପାସ୍ ଠାରୁ ଅନନ୍ତପୁର ପର୍ଯ୍ୟନ୍ତ ଯାହି ତାହି କାମ କରି ସିଂହଭାଗ ଅର୍ଥ ଆତ୍ମସାତ କରାଯାଇଥିଲା। ଶାମଳ ଠାରୁ ବାଇପାସ୍ ପର୍ଯ୍ୟନ୍ତ ବନୀକରଣ କାର୍ଯ୍ୟରେ ନିୟୋଜିତ ୱାଚରମାନଙ୍କୁ କର୍ତ୍ତବ୍ୟରେ ଅବହେଳା ଆଳ ଦେଖାଇ ସେମାନଙ୍କୁ ବାହାର କରିଦେଇ ଅନ୍ୟ ଲୋକଙ୍କ ନାମରେ ୨୦୨୩-୨୦୨୪ ଜାନୁଆରୀ ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୩ ମାସର ଫଲ୍ସ ବିଲ୍ କରାଯାଇ ଅର୍ଥ ଆତ୍ମସାତ କରାଯାଇଛି। ଆଶ୍ଚର୍ଯ୍ୟ ଜନକ ଭାବେ ୩ ମାସ ପରେ ସେହି ୱାଚର ମାନଙ୍କୁ ପୁନର୍ବାର ନିୟୋଜିତ କରାଯାଇଥିଲା। ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ, ଯଦି ସେହି ୱାଚର ମାନେ ଠିକ୍ ରେ କାମ କଲେନି ବୋଲି ତାଙ୍କୁ ବାହାର କରାଯାଇଥିଲା, ତେବେ କେଉଁ କାରଣରୁ ପୁନର୍ବାର ନିୟୋଜିତ କରାଗଲା। ଏହି ସାମାଜିକ ବନୀକରଣ (ବୃକ୍ଷରୋପଣ) ରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରାଯାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ଭିଜିଲାନ୍ସ ବିଭାଗ ଏହି ଦୁର୍ନୀତିର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ରେଞ୍ଜର, ଫରେଷ୍ଟରଙ୍କ ପ୍ରତି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ସ୍ଥଗିତ ରହିଲା ଅନାସ୍ଥା ପ୍ରସ୍ତାବ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଅନିର୍ଦ୍ଧିଷ୍ଟକାଳ ନିମନ୍ତେ ସ୍ଥଗିତ ରଖାଯିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋରଧରିଛି। ଜିଲ୍ଲା ପ୍ରଶାସନର ଏଭଳି ସରକାରୀ ନିୟମ ଉଲ୍ଲଂଘନ ନୀତିକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୁଦ୍ଧରେ ପଂଚାୟତ ସମିତିର ୩୧ଜଣ ସରପଂଚ ଓ ସମିତି ସଭ୍ୟ ଅନାସ୍ଥା ପ୍ରସ୍ତାବ ନିମନ୍ତେ କଟକ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଉପଜିଲ୍ଲାପାଳ ଗତ ୫ତାରିଖ ଦିନ ସରପଂଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରିବା ପରେ ୧୩ ତାରିଖକୁ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ତେବେ ନିର୍ବାଚନ ପୂର୍ବରୁ ଶାସକ ଓ ବିରୋଧିଦଳ ନେତାଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଉଭୟ ଶାସକ ଓ ବିରୋଧିଦଳ ନେତା ନିଜର ପତିଆରା ଜାହିର କରିବାକୁ ନେଇ ସରପଂଚ ଓ ସମତି ସଭ୍ୟମାନଙ୍କୁ ଅଜ୍ଞାତବାସରରେ ରଖିଥିଲେ। ଏପରିକି କେତେକ ସରପଂଚ ଓ ସମିତି ସଭ୍ୟ ଅର୍ଥ ଓ ସ୍ୱାର୍ଥ ନିମନ୍ତେ କିଣାବିକା ହେବାକୁ ପଛାଇ ନଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦିନ ୧୧ଟାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନାସ୍ଥା ନିମନ୍ତେ ମତଦାନ କରାଯିବା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା। ଏହି ବୈଠକରେ ଗଣ୍ଡଗୋଳର ଆଶଙ୍କା ଥିବାରୁ ନିଶ୍ଚିନ୍ତକୋଇଲି ଓ ସାଲେପୁରର ତହସିଲଦାରଙ୍କ ସମେତ ଥାନା ଆଇଆଇସି ଯୁଗଳ କିଶୋର ଦାସ, ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ବ୍ୟାପକ ପୋଲିସଫୋର୍ସ ସହ ବ୍ଲକ ପରିସରରେ ଜଗି ରହିଥିଲେ। ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ସରପଂଚ କିମ୍ବା ସମିତି ସଭ୍ୟ ମତଦାନ ସାବ୍ୟସ୍ତ କରିବା ନିମନ୍ତେ ଆସି ନଥିଲେ। ଏପରିକି ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ୫ଜଣ ସରପଂଚ ଓ ସମିତି ସଭ୍ୟ ଅସୁସ୍ଥତା ଥିବାର ଆଳ ଦେଖାଇ ଅନାସ୍ଥା ପ୍ରସ୍ତାବରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି କଟକ ଉପଜିଲ୍ଲାପାଳଙ୍କୁ କାଲେ ଲିଖିତ ଆକାରରେ ଜଣାଇଥିଲେ। ଏପରିକି ନିର୍ବାଚନ ଦାୟିତ୍ୱରେ ଥିବା କଟକ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ର ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଛୁଟି ଆବେଦନ କରିଥିଲେ। ଫଳରେ ନିର୍ବାଚନ ଅଧିକାରୀ ମହାପାତ୍ର ମଧ ରହସ୍ୟଜନକ ଭାବେ ନିର୍ବାଚନ ପରିଚାଳନା ନିମନ୍ତେ ଅନୁପସ୍ଥିତ ରହିଥିଲେ। ତେବେ ପୋଲିସ ପ୍ରଶାସନକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବାକୁ ପଡିଥିଲା। ସମୟସୀମା ଅତିକ୍ରାନ୍ତ ହୋଇଥିଲେ ମଧ କୌଣସି ଅଧିକାରୀ କିମ୍ବା ପ୍ରତିନିଧି ଆସି ନଥିଲେ। ଫଳରେ ଅନିର୍ଦ୍ଧିଷ୍ଟ କାଳ ନିମନ୍ତେ ଏହି ନିର୍ବାଚନକୁ ବେଆଇନ ଭାବେ ସ୍ଥଗିତ ରଖାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନ ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବାର ବିରୋଧି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଯଦି ସାଧାରଣ ନିର୍ବାଚନ ହୋଇଥାନ୍ତା ନିର୍ବାଚନ ଅଧିକାରୀଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲେ ନିର୍ବାଚନ ବନ୍ଦ ହୋଇଥାନ୍ତା କି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ଯଦି ଜଣେ ନିର୍ବାଚନ ଅଧିକାରୀଙ୍କ ସ୍ୱାସ୍ଥ୍ୟ ଖରାପ ହେଲା ଜିଲ୍ଲା ପ୍ରଶାସନ ତରଫରୁ ଅନ୍ୟ ଜଣେ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇ ପାରିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଲୋକପ୍ରତିନିଧିଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ସୃଷ୍ଟି ହେବା ସହ ବିରୋଧି ଦଳର ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଶିବିରରେ ପ୍ରାୟ ୪୬ଜଣରୁ ଅଧିକ ଲୋକପ୍ରତିନିଧି ରହିବା କାରଣରୁ ଶାସକ ଦଳ ନିମନ୍ତେ ଏହା ମହଙ୍ଗା ପଡିଥିଲା। ନିର୍ବାଚନର ପରାଜୟର ଆଶଙ୍କା କରି ପ୍ରଶାସନକୁ ହାତବାରିସି କରି ଏହି ନିର୍ବାଚନକୁ ଯୋଜନାବଦ୍ଧ ଭାବେ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯିବା କାହା ସ୍ୱାର୍ଥ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନର ଏଭଳି ଦୋମୁହାଁ ନୀତି ବିରୁଦ୍ଧରେ ବିଜେଡି ଦଳ ତରଫରୁ ଆଇନର ଆଶ୍ରୟ ନିଆଯିବ ବୋଲି କୁହାଯାଇଛି।

# ସଂପୁରରେ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବଜରଙ୍ଗି ବଲୀ ଯୁବ ସଂସଦ ପକ୍ଷରୁ ହନୁମାନ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସ୍ଵ ତଥା ଅଖଣ୍ଡ ହନୁମାନ ଚାଳିଶା ନାମଯଜ୍ଞ ପଥରଚକଡ଼ା ଠାରେ ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଶୁଭ ଅଧିବାସ, ଗ୍ରାମ ନେଳିଆ ପୋଖରୀରୁ ପୂଜାପାଠ କରାଯାଇ ମୃଦଙ୍ଗ, ଗିନି, ଘଣ୍ଟ ବାଦନ ଓ ନାମ ସଂକ୍ରିତନରେ କଳସଧାରୀ ମାନେ ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞ ପୀଠରେ କଳସ ସ୍ଥାପନ କରାଯାଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା ଅଖଣ୍ଡ ହନୁମାନ ଚାଳିଶା ପାଠ,ଅଗ୍ନି ସ୍ଥାପନ ଓ ଆହୁତି କାର୍ଯ୍ୟ ଓ ତୃତୀୟ ଦିବସରେ ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ସମ୍ପୂର୍ଣ୍ଣ ପରେ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହେବ। ସମସ୍ତ ପୂଜା କାର୍ଯ୍ୟକୁ ବରିଷ୍ଠ ପୁରୋହିତ ଗୋବର୍ଦ୍ଧନ ଷଡ଼ଙ୍ଗୀ, ବିପିନ ବିହାରୀ ଦାସ ଓ ମନ୍ଦିର ପୂଜକ ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ସମ୍ପାଦନ କରିଥିଲେ। ଦୁଇଦିନ ଧରି ହଜାର ହଜାର ଶ୍ରଦ୍ଧାଳୁ ମାନେ ପ୍ରାସାଦ ସେବନ କରିଥିଲେ। ଆସନ୍ତା କାଲି ଉଦଯାପନୀ ଉତ୍ସବ ସନ୍ଧ୍ୟାସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ନଇ ସେ ପାରି କନକ ଗୋରୀ' ଶୀର୍ଷକ ନାଟକ ପରିବେଷଣ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗମାନେ ଦେଇଥିଲେ। ଶିଶିର ବସ୍ତି କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ସଂପୁର ଗ୍ରାମବାସୀ ଓ ବଜରଙ୍ଗି ବଲୀ ଯୁବ ସଂସଦ ସଦସ୍ୟ ମାନେ ମିଳିତ ଭାବେ ସହଯୋଗ କରି ପରିଚାଳନା କରିଥିଲେ।

# ଜଙ୍ଗଲରୁ ୨୨ ଖଣ୍ଡ ଶାଳଗଣ୍ଡି ଜବତ

## ବନବିଭାଗର କର୍ମଚାରୀଙ୍କ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ରେଞ୍ଜ ତଥା ବେତନଟୀ ଥାନା ଅଧୀନ ଚିଲବସା ଜଙ୍ଗଲରୁ ବିଭିନ୍ନ ମୋଟେଇର ୨୨ ଖଣ୍ଡ ଶାଳଗଣ୍ଡି ବନବିଭାଗ ଜବତ କରିଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ବନ ବିଭାଗର କର୍ମଚାରୀଙ୍କ ଉପରେ ଗାଡି ଚଢାଇବାକୁ ଉଦ୍ୟମକରି ଚମ୍ପଟ ମାରିଲେ କାଠମାଫିଆ। ଘଟଣାରୁ ପ୍ରକାଶ ଦିନକୁ ଦିନ ବେତନଟୀ ରେଞ୍ଜ ଅଧୀନରେ କାଠ ମାଫିଆ ମାନଙ୍କର ରାଜ ଦେଖିବା ପାଇଁ ମିଳୁଛି। ଅଫିସରମାନଙ୍କର ମଧୁଚନ୍ଦ୍ରିକା ଯୋଗୁଁ କାଠମାଫିଆ ମାନେ ସକ୍ରିୟ ହେବାରେ ବସିଲେଣି। ସପ୍ତାହକ ପୂର୍ବରୁ କିଛି ମାଫିଆ ଚିଲବସା ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କାଟିବାର ଖବରପାଇ ଚାଲାଣ ପୂର୍ବରୁ ମାଡିବସିଥିଲା ବନବିଭାଗ। ସେତେବେଳେ ଘଟଣା ସ୍ଥଳରୁ ବିଭିନ୍ନ ମୋଟେଇର ଖଣ୍ଡ ୨୧ ଖଣ୍ଡ ଶାଳଗଣ୍ଡି ଜବତ କରିଥିଲା। ଏନେଇ ବେତନଟୀ ରେଞ୍ଜ ପକ୍ଷରୁ ଏକ ମାମଲା ମଧ ରୁଜୁ କରାଯାଇଛି। ସେହିଭଳି ଆଜି ସେହି ନିର୍ଦ୍ଦିଷ୍ଟ ଚିଲବସା ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କଟାଯାଉଥିବାର ଖବରପାଇ ବନ ବିଭାଗ ଟିମ ଚିଲବସା ଜଙ୍ଗଲରେ ଚଢାଉ କରିଥିଲେ। ଚଢାଉ ସମୟରେ କାଠମାଫିଆ ମାନେ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବା ବେଳେ ବନବିଭାଗର କର୍ମଚାରୀମାନେ ରାସ୍ତା ଅଟକାଇଥିଲେ। ମାତ୍ର ମାଫିଆମାନେ କର୍ମଚାରୀଙ୍କ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରିବାରୁ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ମାଫିଆମାନେ ଖସିପଳାଇବାରେ ସକ୍ଷମ ହୋଇଥିଲେ। ତେବେ ବନବିଭାଗ ପିଛା କରୁଥିବା ବେଳେ ଶେଷରେ ଅନ୍ୟ ଉପାୟ ନପାଇ ରାସ୍ତାରେ ଗଛକଟାରେ ବ୍ୟବହୃତ କରତକୁ ଫିଙ୍ଗିଦେଇ ପଳାଇଥିଲେ। ଘଟଣାସ୍ଥଳରୁ ବନବିଭାଗ ବିଭିନ୍ନ ମୋଟେଇର ୨୨ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତ କରିଥିଲା। ବନବିଭାଗ ଶାଳଗଣ୍ଡି ଜବତ କରି କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡକୁ ନେଇଥିବା ବେଳେ କାଠମାଫିଆ ମାନେ ରାସ୍ତାରେ ଫିଙ୍ଗି ପଳାଇଥବା କରିତକୁ ଜବତ କରାଯାଇଛି।

# ସାହିତ୍ୟ ପରିଷଦ ପକ୍ଷରୁ ଭୀମଭୋଇ ଜୟନ୍ତୀ ପାଳିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ହାଉସିଂ ବୋର୍ଡ କଲୋନୀସ୍ଥିତ ଭାରତ ମାତା ସଦନର ସଂସ୍କୃତି ଭବନ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲା ଶାଖା ତରଫରୁ ସନ୍ଥକବି ଭୀମଭୋଇ ଜୟନ୍ତୀ ଅନୁଷ୍ଠାନର ଜିଲ୍ଲା ସଭାପତି ଡଃ. ଦୁର୍ଗାମାଧବ ପୃଷ୍ଟିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ କବି ବାହାଦୂର ପାଟସାହାଣୀ ଅନୁଷ୍ଠାନର କାର୍ଯ୍ୟଧାରା, ଭୀମଭୋଇଙ୍କ ସାହିତ୍ୟ କୃତି ଓ ତାଙ୍କ ଜୟନ୍ତୀ ପାଳନର ଆବଶ୍ୟକତା ଉପରେ ସୂଚନା ଦେବା ପରେ ଉପସ୍ଥିତ ନମନ୍ତ୍ରୀତ ଅତିଥି ଓ କର୍ମକର୍ତ୍ତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରି ଭୀମଭୋଇଙ୍କ ସାହିତ୍ୟକୃତି ବିଶ୍ୱରେ ବିରଳ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡଃ. ଦୁର୍ଗାମାଧବ ପୃଷ୍ଟି ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ଓ ଅନ୍ୟାନ୍ୟ ପୁସ୍ତକ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିରେ ମହିମା ଧର୍ମ ଓ ଭୀମଭୋଇ ସମ୍ପର୍କିତ କବିତା ପାଠ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡଃ. ପ୍ରମୋଦ ପରିଡା, ଜିଲ୍ଲା ଉପସଭାନେତ୍ରୀ ପ୍ରଭାତୀ ମହାପାତ୍ର, ନଗର କମିଟି ସଭାନେତ୍ରୀ ଡ. କବିତା ମହାନ୍ତି, ଗଁଦିଆ ବ୍ଲକ୍ ସଭାପତି ଡ. ସମୀର ସାହୁ, ଛଦେଶ ସାହିତ୍ୟ ସଂସଦର ସଭାପତି ନୀଳମଣି ମହାରଣା, ଛଦେଶ ସାହିତ୍ୟ ସଂସଦର ସାଧାରଣ ସଂପାଦକ ଇଂ. ଫକୀର ମୋହନ ସାହୁ, ଅବସରପ୍ରାପ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଡ. ପ୍ରମୋଦ ନାୟକ, ନଗର କମିଟି ସାଧାରଣ ସଂପାଦିକା ନିବେଦିତା ରଥ, ଅଧ୍ୟାପକ କ୍ଷୀରୋଦ କୁମାର ନାୟକ, ସଭ୍ୟ ବ୍ରହ୍ମାନନ୍ଦ ବାରିକ, ସଭ୍ୟ ଦୁର୍ଗାଚରଣ ରାଉତ, ଜିଲ୍ଲା ସର୍ବୋଦୟ ମଣ୍ଡଳର ଯୁଗ୍ମ ସଂପାଦକ ଲଳିତ ମୋହନ ବେହେରା, ସଭ୍ୟ ରାଜେଶ କୁମାର ବେହେରା ଓ ମାତା ରାମ ଗାଗାରାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ଉପସଭାନେତ୍ରୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣପାଟଣାର ଗର୍ବ ଓ ଗୌରବ ସୁନିତା



ନାରାୟଣପାଟଣା,(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ନାରାୟଣପାଟଣା ନାରାୟଣପାଟଣା ବ୍ଲକ୍‌ରେ ଚଳିତବର୍ଷ ଅନେକ ପିଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷାରେ ଅନେକ ବର୍ଷ ଅପେକ୍ଷା ଏବର୍ଷ ପାସ୍ ହାର ବୃଦ୍ଧି ପାଇଛି। ସେଥି ମଧ୍ୟରୁ ଏସ୍ ସୁନୀତା ନିଜ ବାପା ଏସ୍ ଚିନି କ୍ରୀଷ୍ଣାଙ୍କ ଦେହ ଅତ୍ୟନ୍ତ ଖରାପ୍ ଥିବା ସମୟରେ ପିତାଙ୍କ ପାଖରେ ମାନସିକ ଚାପରେ ରହି ନିଜ ପାଠ ପଢା କୁ ଏବଂ ନିଜ ପରିଶ୍ରମକୁ ଆହୁରି ସୁଦୃଢ଼ କରି ପରୀକ୍ଷାରେ ୯୦.୦୬% ପ୍ରତିଶତ ମାର୍କ ରଖି ନାରାୟଣପାଟଣା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସର୍ବପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୃତିକା ନାୟକ ୮୯.୦୬% ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜାମି ନେହା ୮୭.୦୮% ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରି ନାରାୟଣପାଟଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ନାରାୟଣପାଟଣା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ନାରାୟଣପାଟଣାରେ ଖୁସିର ଲହରୀ ଖେଳିଯାଇଛି।

# ୯୦ ପ୍ରତିଶତ ଉପରେ ବେତନଟୀ ବ୍ଲକରେ ୧୭ ଜଣ ଛାତ୍ରଛାତ୍ରୀ

ବେତନଟୀ, (ଭାସ୍କର ନ୍ୟୁଜ୍): ସିବିଏସ୍ ୧୦ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ବେତନଟୀ ବ୍ଲକର ୧୭ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ଉପରେ ନମ୍ବର ରଖିଛନ୍ତି। ବେତନଟୀ ଆର୍ଦଶ ବିଦ୍ୟାଳୟ ର ଛାତ୍ର ସତ୍ୟ ପ୍ରକାଶ ବିନ୍ଧାଣୀ ୯୬ ଶତକଡା ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିଭଳି ସେଣ୍ଟ ଜେଭିଆର ସ୍କୁଲ ର ପ୍ରତିକା ବେହେରା ୯୫.୮ , ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲ ର ପ୍ରତିକ ସେନାପତି ୯୫.୪ , ଧ୍ୱନୀ ଖଣ୍ଡେଲୱାଲ ସମାନ ୯୫.୨, ଆର୍ଦଶ ବିଦ୍ୟାଳୟ ର ଜ୍ୟୋତି କୁମାରୀ ସାହୁ ୯୫.୨, ସେହି ବିଦ୍ୟାଳୟର ଏସକେ ରିଜୁଆନ ଅଲ୍ଲୀ ୯୪.୬, ସେହି ବିଦ୍ୟାଳୟର ସ୍ୱାତୀ ପ୍ରିୟଦର୍ଶନୀ ସାମଲ ୯୪.୨, ଦିବ୍ୟଜ୍ୟୋତି ସ୍କୁଲର ସୁଧା ଅଗ୍ରୱାଲ ୯୪, ଆର୍ଦଶ ବିଦ୍ୟାଳୟର ଦେବଶ୍ରୀ ରାଜନନ୍ଦୀନି ଜେନା ୯୩.୬, ସେହି ବିଦ୍ୟାଳୟର କୈସିକ କୁମାର ସାହୁ ୯୩.୨, ଦିବ୍ୟ ଜ୍ୟୋତି ସ୍କୁଲ ର ସ୍ୱାସ୍ତିକା ମହାନ୍ତି ୯୨, ଆର୍ଦଶ ବିଦ୍ୟାଳୟ ର ଅଦିତି ସାମଲ ୯୧.୨, ସେହି ବିଦ୍ୟାଳୟର ଦିବ୍ୟାସିଂ ଦାସ୍ ୯୧, ସେହି ବିଦ୍ୟାଳୟର ନିର୍ଭୟ କୁମାର ମହାନ୍ତ ୯୦.୪, ଦିବ୍ୟ ଜ୍ୟୋତି ସ୍କୁଲ ର ଅନୁରାଗ ନାଏକ ୯୦.୪, ଆର୍ଦଶ ବିଦ୍ୟାଳୟର ରବିନ୍ଦ୍ର ନାଥ ମହାନ୍ତ ୯୦, ଦିବ୍ୟ ଜ୍ୟୋତି ସ୍କୁଲ ର ପ୍ରତ୍ୟଶ ପାଲ ୯୦ ନମ୍ବର ରଖିଛନ୍ତି।



# ଆମ କଳାହାଣ୍ଡି





## ବାଟବଣା ସ୍ୱଚ୍ଛ ଭାରତ ମିଶନ

# ପଡ଼ି ରହିଛି କୁଢ଼ କୁଢ଼ ଆବର୍ଜନା

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସରକାର -ବହୁମୁଖୀ ଉଦେଶ୍ୟ ନେଇ ଗତ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ କରିଥିଲେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ। କେନ୍ଦ୍ର ସରକାରଙ୍କ ଏହି ମହତ ଉଦେଶ୍ୟ - ପରିବେଶ ସ୍ୱଚ୍ଛତା ଆଣିବା ସହ ଗାଁ ଠାରୁ ସହର ଯାଏ ପରିଷ୍କାର ପରିଚ୍ଛନତା ଓ ସୁସ୍ଥ ପରିବେଶ ଗଠନ କରିବା ଲକ୍ଷ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାକୁ ବ୍ୟାପକ କରିବାକୁ ପଞ୍ଚାୟତ, ବ୍ଲକ, ଉପଖଣ୍ଡ ତଥା ଜିଲ୍ଲା ମହକୁମାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶପଥ ପାଠ ବି ହୋଇଥିଲା। ସ୍ୱଚ୍ଛ ଭାରତ ମିଶନକୁ ସାକାର କରିବା ଉଦେଶ୍ୟରେ ସରକାରୀ ଅର୍ଥ ବ୍ୟୟ ବରାଦ କରାଗଲା। ଏପରିକି ପଞ୍ଚାୟତ ସ୍ତରରେ ଏହାର ଖସଡ଼ା ତିଆରି କରି -ମାସର ପ୍ରତ୍ୟେକ ବୁଧବାର ଦିନ ମାନଙ୍କରେ ବିଭିନ୍ନ ଗାଁର ରାସ୍ତା ଘାଟ ବନ୍ଦ ତୋଟା ସମେତ ପ୍ରତ୍ୟେକ ଘର ଘର ବୁଲି ଆବର୍ଜନା ସଂଗ୍ରହ କରି ଏକ ସ୍ଥାନରେ ରଖିବା ନିଷ୍ପତି ଓ ପରବର୍ତ୍ତୀ ସମୟରେ ତାକୁ ବିକ୍ରି କରିବା ଭଳି ବ୍ୟବସ୍ଥା ଗ୍ରହଣ କରାଗଲା। କାର୍ଯ୍ୟରେ ବିଭିନ୍ନ ଏସ୍ଏସ୍‌ଜି, ବ୍ୟକ୍ତି ବିଶେଷଙ୍କୁ ନିୟୋଜିତ ପାଇଁ ବ୍ୟବସ୍ଥା ଥିବା କୁହାଗଲା। ଏପରିକି ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଅଳିଆ ଆବର୍ଜନା ବହନ କରିବାକୁ ଟ୍ରଲି ସାଇକେଲ ମଧ୍ୟ କିଣା ହେଲା। ହେଲେ ତାହା କେବଳ ସେଲ୍ଫ ଭିତରେ ସୀମିତ ହୋଇ ରହି ଯାଇଥିବା ଆଲୋଚନା ହେଉଛି। କାର୍ଯ୍ୟକ୍ରମ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଧୂମ୍‌ଧାମ୍‌ରେ ପାଳନ କରାଗଲା ସତ ପରବର୍ତ୍ତୀ ସମୟରେ ଭୁଲି ଗଲେ ନିର୍ବାଚନ ପ୍ରତିନିଧି ଓ ପ୍ରଶାସନ। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ବେଳକୁ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ବାଚନ ପ୍ରତିନିଧି ଓ ପଦାଧିକାରୀଙ୍କ ହାତରେ ଝାଡୁ ଦେଖିବାକୁ ମିଳିଥିଲା। ଯାହା ସାଧାରଣ ଭାବେ ସରକାରଙ୍କ ମହତ ଉଦେଶ୍ୟ ସଫଳତା ଶୀର୍ଷରେ ପହଞ୍ଚିବା ଆଶା ଦେଖା ଦେଇଥିଲା। ହେଲେ ସେହି ଝାଡୁ କେବଳ ସେଲ୍ଫ ଭିତରେ ଅଟକି ରହିଥିବା ସମାଲୋଚନା ହେଉଛି। ଏପରିକି ସରକାରଙ୍କ ଠାରୁ ଆସିଥିବା ସ୍ୱଚ୍ଛ ଭାରତ ମିଶନ ଅର୍ଥ ରାଶିକୁ କାଗଜ କଲମରେ ରୂପାୟନ ହୋଇଥିବା ଦର୍ଶାଯାଇ ହଡପ କରିଥିବା ଏବେ ଚର୍ଚ୍ଚା ହେଉଛି। ଧର୍ମଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ମାନଙ୍କରେ ଏହି ଅର୍ଥର ବାଟମାରଣା ହୋଇଥିବା ଏବେ ଜୋରଦାର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବାସ୍ତବତା ପରଖି ତଦନ୍ତ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ବୀର ଯବାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ମହାବିଷ୍ଣୁ ଯଜ୍ଞ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ସୈନିକ ଦେଶର ରକ୍ଷା କବଚ। ତାଙ୍କର ସୁରକ୍ଷା ଓ ମନୋବଳ ବୃଦ୍ଧି କରିବା ସମସ୍ତଙ୍କର କର୍ତ୍ତବ୍ୟ। ସୈନିକମାନଙ୍କର ବଳିଦାନ, ନିଷ୍ଠା ଓ ତ୍ୟାଗ ଦେଶବାସୀଙ୍କୁ ଗର୍ବିତ କରିଥାଏ। ପ୍ରତ୍ୟେକ ଭାରତୀୟ ନିଜର ସୈନିକମାନଙ୍କର ପାଇଁ ଗର୍ବ କରିଥାଏ। ଗତ ପହେଲଗାମ ହତ୍ୟାକାଣ୍ଡରେ ନିହତ ମାନଙ୍କର ପାଇଁ କାଳୀକୃଷ୍ଣ ସଂଘ ତରଫରୁ ଅମର ଆତ୍ମାର ସଦଗତି ପ୍ରଦାନ ପାଇଁ ନିରବ ପ୍ରାର୍ଥନା ଓ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ପାଇଁ ପ୍ରତିବାଦ କରାଯାଇଥିଲା। ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ତରଫରୁ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ ମହାରାଜଙ୍କ ମାର୍ଗଦର୍ଶନରେ କାଳୀକୃଷ୍ଣ ସଂଘ ଭବାନୀପାଟଣା ଶାଖା ଆନୁକୁଲ୍ୟରେ ବାଲାଜି ମନ୍ଦିର ପରିସର ଭବାନୀପାଟଣା ଠାରେ ଏକ କୁଣ୍ଡୀୟ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହୋଇଯାଇଛି। ସଂଘ ପ୍ରମୁଖ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ ମହାରାଜ ଦିବ୍ୟ ପ୍ରବଚନ ମାଧ୍ୟମରେ କହିଛନ୍ତି ଭଗବାନ ଶ୍ରୀକୃଷ୍ଣ ଚନ୍ଦ୍ରଙ୍କର ଚକ୍ର ଓ ମା' କାଳୀଙ୍କର ଶକ୍ତି ଭାରତୀୟ ସୈନିକ ମାନଙ୍କର ସୁରକ୍ଷା କରିବ, ମହାବିଷ୍ଣୁ ଯଜ୍ଞର ଉର୍ଜା ଭାରତୀୟ ସୈନିକଙ୍କ ମନୋବଳ ବଢ଼ାଇବା ସହ ବିରତ୍ୱ, ଶକ୍ତି, ଧର୍ଯ୍ୟ, ଧିଶକ୍ତି, ପରାକ୍ରମ ପ୍ରଦାନ କରିବ ବୋଲି କୁହିଛନ୍ତି। ନୃସିଂହ ଚତୁର୍ଦ୍ଦଶୀରେ ମହାବିଷ୍ଣୁ ଯଜ୍ଞ ପାଇଁ ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ମହାବିଷ୍ଣ, ସୁଦର୍ଶନ, ଭାରତ ମାତାର ପୂଜନ, ବୈଦିକ ମନ୍ତ୍ରରେ ଘୃତାହୁତି ପ୍ରଦାନ କରି ଶାନ୍ତି, ମୈତ୍ରୀ, ସଦଭାବନା ପାଇଁ ପ୍ରାର୍ଥନା ପରେ ମହାବିଷ୍ଣୁ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। କାଳୀକୃଷ୍ଣ ସଂଘର ପୁସ୍ତାକାଚାର୍ଯ୍ୟ ଅଭୟାନନ୍ଦ, ବରିଷ୍ଠ ଆଚାର୍ଯ୍ୟ ତୋଷାନନ୍ଦ, ଆଚାର୍ଯ୍ୟ ଯାମିନୀ କାନ୍ତ ପାଢୀ ପୂଜନ ହବନ କରିଥିଲେ। ଏହି ଅବସରରେ ମୂଖ୍ୟ ସଂଘର କାର୍ଯ୍ୟକର୍ତ୍ତା, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ, କଳାହାଣ୍ଡି ଓ ନବରଙ୍ଗପୁର ଶାଖା ସଂଘର ଭାଇ, ଭଉଣୀ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ରହିଥିଲେ। ଯଜ୍ଞର ଯଜମାନ ଭାବରେ ପ୍ରଶାନ୍ତ ଦାଶ ଓ ଆହ୍ଲାଦିନି ଦାଶ ବସି ଥିବାବେଳେ ଭବାନୀପାଟଣା ଶାଖା ସଂଘର ସଭାପତି ନବ କିଶୋର ମୁଣ୍ଡ, ସଂପାଦକ ଜଗନ୍ନାଥ ମୁଣ୍ଡ, ବିଶ୍ୱନାଥ ପଣ୍ଡା, ରାଜୁ ଦାଶ, ସୁଶାନ୍ତ କୁମାର ମୁଣ୍ଡ, ସୁଧୀର ଖାନସମା, ଗୋପାଳ ଚନ୍ଦ୍ର ଠାକୁର, ଆଶୁତୋଷ ବେହେରା, ସନ୍ତୋଷ ବେହେରା, ଭୁଜବଲ ରଣା ମହାବିଷ୍ଣୁ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ସେବିକା ଦିବସ

ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନ କକ୍ଷରେ ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥ୍ୟ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନର୍ସିଂ ଅଫିସର ମାନଙ୍କ ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲା ନର୍ସିଂ ଆସୋସିଏସନର ସଦସ୍ୟ ଭାବରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଅଜିତ କୁମାର ସାହୁ, ଜିଲ୍ଲା କୋଷାଧକ୍ଷ ସେବା। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଗୋଛାୟତ ଯୋଗ ଦେଇ କେକ କାଟିବା ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସ ମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ମାର୍ଗ ଦର୍ଶନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିପିଏମ ସବୀର ପଧାନ, ଦନ୍ତ ଚିକିତ୍ସକ ବସନ୍ତ କୁମାର ଦୁର୍ଗା, ଫାର୍ମାସିଷ୍ଟ ଶାନ୍ତନୁ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ରହି ମାର୍ଗ ଦର୍ଶନ ଦେଇଥିଲେ। ଅତିଥିବୃନ୍ଦଙ୍କୁ ନର୍ସିଂ ଅଫିସର ଓ ନର୍ସ ମାନଙ୍କ କ୍ଷୀରସିନ୍ଧୁ ରଣା ପରିଚାଳନା କରିଥିବା ବେଳେ ନର୍ସ ପଙ୍କଜିନୀ ସାହୁ, ମିନାକ୍ଷୀ ଠାକୁର, ମଧୁସ୍ମିତା ଭୋଇ, ସନମିତା ନାଏକ, ସାମିଲ କୁମାର, ମୃତ୍ୟୁଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବହନ ମନ୍ତ୍ରୀଙ୍କ ଧର୍ମଗଡ ଗସ୍ତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଓଡିଶା ସରକାରଙ୍କ ସଡକ, ପରିବହନ, ଖଣି ସମ୍ପଦ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଅଚାନକ ଧର୍ମଗଡ ଗସ୍ତ କରିଛନ୍ତି। ଧର୍ମଗଡ଼ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ସହର ମଧ୍ୟରେ ଥିବା ମାଆ ଇଷ୍ଟ ଦେବୀ ଭଣ୍ଡାର ଘରୁଆଣି ମନ୍ଦିର ଯାଇ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହ ମନ୍ଦିରର ଭିତିଭୂମି ଓ ଆବଶ୍ୟକ ଥିବା ଅନେକ ଉନ୍ନୟନ କାମ ଉପରେ ସାଧାରଣ ଭାବେ ଆଲୋଚନା କରିଥିଲେ। ଅନ୍ୟ ଅଟେ ଯଶୋଦା ଅନାଥ ଆଶ୍ରମ ଯାଇ ସ୍ଥିତି ପରଖିବା ସହ ଆଶ୍ରମବାସୀଙ୍କ ସହ ଭାବ ଆଦାନପ୍ରଦାନ ଓ ବିଭିନ୍ନ ସମସ୍ୟା ଉପରେ ଅନୁଧ୍ୟାନ କରିଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ଜନସାଧାରଣଙ୍କ ସୁବିଧା ନିମନ୍ତେ -ଧର୍ମଗଡ- ବିଶାଖାପାଟଣା, ବ୍ରହ୍ମପୁର ଆଦି ସ୍ଥାନକୁ ଗମନାଗମନ ପାଇଁ ବସ ସେବା ଯୋଗାଇ ଦେବାକୁ ମନ୍ତ୍ରୀଙ୍କ ଠାରେ ଦାବି ଉଠାଇ ଥିଲେ। ଗସ୍ତ ବେଳେ ମନ୍ତ୍ରୀଙ୍କ ସହ ଲକ୍ଷ୍ମୀକାନ୍ତ ବାଗ, ଶିଶୁଦେବ ମୁଣ୍ଡ, ଅପ୍ରେସ ସ୍ୱାଇଁ, ଘନଶ୍ୟାମ ଅଗ୍ରୱାଲ, ସୁକାନ୍ତି ସା, ହେମନ୍ତ କୁମାର ମାଝୀ, ଅଜୟ ମେହେର, ବସନ୍ତ ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଅଧିନସ୍ଥ ସର୍ଗିଗୁଡାର ବହୁ ପ୍ରସିଦ୍ଧ ୨୪ ପ୍ରହର ନାମଯଜ୍ଞର ସୋମବାର ପୂର୍ଣ୍ଣାହୂତି ହୋଇଛି। ତିନିଦିନ ଧରି ଅଖଣ୍ଡ ନାମଯଜ୍ଞ ଚାଲିବା ପରେ ସୋମବାର ସକାଳେ ଏହାର ପୂର୍ଣ୍ଣାହୂତି ହୋଇଥିଲା। କର୍ତ୍ତା ଦମ୍ପତି ସରିତା ନାଏକ ଓ ସଞ୍ଜୟ କୁମାର ନାଏକ ସଂକୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟ ବାଦକ ସହ ନଗର ପରିକ୍ରମା କରିଥିଲେ। ନାମଯଜ୍ଞ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ନାଏକଙ୍କ ନେତୃତ୍ୱରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଭାବରେ ଘନଶ୍ୟାମ ତ୍ରିପାଠୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ଜପକ ଭାବରେ ନିକୁଞ୍ଜ ପାଢ଼ୀ,ତ୍ରିଲୋଚନ ତ୍ରିପାଠୀ ଜପକ ଓ ନାରାୟଣ ପାଢୀ ପାଚକ ଭାବରେ ଦାଇତ୍ୱ ନିର୍ବାହନ କରିଥିଲେ।

# ବୁଦ୍ଧ ପୂର୍ଣ୍ଣିମା ପାଳିତ



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକର ବୈଚାରିକ ସଂଗଠନ ବୁଦ୍ଧ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗତ ୨ ତାରିଖ ଠାରୁ ୧୦ ଦିନ ଧରି ଧର୍ମଗଡ ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତ ଓ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡକୁ ବୁଦ୍ଧ ରଥ ପରିକ୍ରମା କରାଯାଇଥିଲା। ସୋମବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ତ୍ରିପାବନ ଦିବସ ବା ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ଭନ୍ତେଙ୍କ ଦ୍ୱାରା ମହାକାରୁଣିକ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ତ୍ରିସରଣଂ ଓ ବୁଦ୍ଧ ବନ୍ଦନା ଗାନ କରାଯାଇଥିଲା। ଏଥିରେ ଆଲୋଚକ ଭାବରେ ଭନ୍ତେ ସୁମଙ୍ଗଳ ବୋଧି, ମୈତ୍ରରନ୍, ଏବଂ ଧମ୍ମ ସହାୟକ ଯୋଗେଶ୍ୱର ସାଗର ଯୋଗ ଦେଇ ତଥାଗତ ଗୌତମ ବୁଦ୍ଧଙ୍କ ଶାନ୍ତି, ସତ୍ୟ, ଅହିଂସା, ମାନବିକତା ଓ କରୁଣାର ବାର୍ତ୍ତାକୁ ପାଥେୟ କରି ସୁନ୍ଦର ସମାଜ ଗଠନ କରିବା ପାଇଁ ମତ ପ୍ରକାଶ କରିଥିଲେ। ଏଥିରେ ବୁଦ୍ଧ ଚାରିଟେବୁଲ ଟ୍ରଷ୍ଟ ସଭାପତି ଚକ୍ରଧର ବେନୁପାଣି, ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ବିହାରୀ, ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନ ଧର୍ମଗଡ ସଭାପତି ବିରଞ୍ଚି ନାରାୟଣ ଜାଲ, ସମ୍ପାଦକ ପ୍ରଭାକର ଜାଲ, ବୁଦ୍ଧ ଚାରିଟେବୁଲ ଟ୍ରଷ୍ଟ ମିଥୁନ କୁମାର ଦୁର୍ଗା, ଉପଦେଷ୍ଟା ଉଦେ ପ୍ରସାଦ ଜାଲ, ଦିଗାମ୍ବର ଦୁରିଆ, କମଳା କାନ୍ତ ବିହାରୀ, ଢଗ ନାଏକ, ଯୁଗେସ ତାଣ୍ଡି, କ୍ଷୀରୋଦ ନାଗ, କାହ୍ନୁ ଚରଣ ସେନାପତି, ମନୋଜ ବାଗ, ଉପେନ୍ଦ୍ର ସେନାପତି, ଫକୀର ନାରାୟଣ ଜାଲ, ପ୍ରଶାନ୍ତ ନାଏକ, ଅଚ୍ୟୁତ ହରପାଳ, ରାମଦାସ ମେହେର ସମେତ ସଙ୍ଘର ସମସ୍ତ କର୍ମକର୍ତ୍ତା ଓ କାସିବାହାଲ ଗ୍ରାମବାସୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେମଲାଲ ଜଗତ ପରିଚାଳନା କରିଥିଲେ।

## ପୁଣି ଦାଦନଙ୍କ ମୃତ୍ୟୁ, ଗାଁକୁ ଫେରିଲା ଶବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ପରିବାର ପ୍ରତିପୋଷଣ ପାଇଁ ଘରଦ୍ୱାର ଛାଡ଼ି ସୁଦୂର କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କିଛିଦିନ ରହି ନିଜ ଗାଁକୁ ଫେରିବାକୁ ଟ୍ରେନରେ ବସିଥିଲେ। ତେବେ ଆନ୍ଧ୍ରପ୍ରଦେଶର ୟେଲୁରୁ ଷ୍ଟେସନ ନିକଟରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ୟେଲୁରୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଭାବେ ତାଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। ମୃତ ଦାଦନ ଶ୍ରମିକ ଜଣକ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ କାନକୁଟୁ ପଞ୍ଚାୟତ କାଲସୁର ଗାଁର ତ୍ରିନାଥ ବିଭାର। ସେ ମାସକ ତଳେ ଦାଦନ ଖଟିବାକୁ କେରଳକୁ ଯାଇଥିଲେ। ସେଠାରୁ ଦେହ ଅସୁସ୍ଥ ହେବାରୁ ଫେରିବା ସମୟରେ ସେ ଟ୍ରେନ ଉପରେ ଗୁରୁତର ହୋଇପଡିଥିଲେ। ତେବେ ୟେଲୁରୁ ଷ୍ଟେସନ ନିକଟରେ ତାଙ୍କୁ ରେଳବାଇ ପୁଲିସ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତ୍ରିନାଥଙ୍କ ଚିକିତ୍ସାଧୀନ ଭାବେ ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକେ ୟେଲୁରୁ ପହଞ୍ଚିଥିଲେ। ସେଠାରୁ ପରିବାର ଲୋକେ ଧାର ଉଧାର କରି ଏକ ଆମ୍ବୁଲାନ୍ସ ଯୋଗେ ଘରକୁ ଶବ ଫେରାଇ ଆଣିଥିଲେ। ଶବ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତିରେ ଶବ ସତ୍କାର କରାଯାଇଥିଲା। ମୃତ ତ୍ରିନାଥ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ବିଧବା ମାଆ, ତାଙ୍କ ବିଧବା ପତ୍ନୀ, ଏକ ଛଅ ମାସର ଏକ ଶିଶୁ ବେସାହାରା ହୋଇପଡିଛନ୍ତି। ଏଣୁ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ତେବେ ପରିବାର ଲୋକେ ଏନେଇ ଜିଲ୍ଲା ଶ୍ରମ ବିଭାଗର ମଧ ଦ୍ୱାରସ୍ତ ହୋଇଥିଲେ। ଜିଲ୍ଲା ଶ୍ରମ ଅଧିକାରି ଜିତନରାମ ମାଝୀ ପରିବାର ବର୍ଗଙ୍କ ଦରଖାସ୍ତ ଗ୍ରହଣ କରି ଆଶ୍ୱାସନା ଦେଇଥିବା ଜଣାପଡିଛି।

## ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସୀମାନ୍ତ ଆମପାଣି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ ସାମ୍ବାଦିକ ସଂଘ (କେବିଏସ୍ଏସ୍) ପକ୍ଷରୁ ମଙ୍ଗବାର ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘର ସଭାପତି ଚକ୍ରଧର ବେଶ୍ରା, ସମ୍ପାଦକ ଜଗଦୀଶ ନାଏକ, ଉପ ସଭାପତି ହିରଣ୍ୟ ବେହେରା, ସହ ସମ୍ପାଦକ ପରେଶ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କ୍ରମରେ ଅଞ୍ଚଳର ଆଇନ୍ ଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା। ଆମପାଣି ଥାନା ଅଞ୍ଚଳର ଆଇନ୍ ଶୃଙ୍ଖଳା ରକ୍ଷା, ବେଆଇନ କାରବାର, ଚୋରା ଚାଲାଣ ଆଦି ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି।


# ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡଙ୍କ ସ୍ମୃତି ସଭା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ବରିଷ୍ଠ ଆଇନଜୀବୀ, ବ୍ରାହ୍ମଣ ସମାଜ କଳାହାଣ୍ଡିର ପ୍ରତିଷ୍ଠାତା ସଭାପତି ତଥା ବହୁ ସାମାଜିକ ସଂଗଠନର ପୁରୋଧା ଭାବେ ପରିଚିତ ସ୍ୱର୍ଗତ ଜଗନ୍ନାଥ ମୁଣ୍ଡଙ୍କ ଗତ ତା.୧୦.୫.୨୫ରେ ଅକାଳ ବିୟୋଗ ଘଟିଥିଲା। ସ୍ୱର୍ଗତ ମୁଣ୍ଡଙ୍କ ଦ୍ୱାଦଶାହ ପାଳନ ଅବସରରେ ତାଙ୍କ ଅମ୍ଳାନ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱର୍ଗତ ଜଗନ୍ନାଥ ମୁଣ୍ଡ ଜଣେ ବିଚକ୍ଷଣ ଆଇନଜୀବୀ, କଳାହାଣ୍ଡି ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଭାପତି ଭାବରେ ପ୍ରତ୍ୟେକ କ୍ଷେତ୍ରରେ କଳାହାଣ୍ଡି ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଜଣେ ସଂଗ୍ରାମୀ ମଣିଷ ଥିଲେ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ମୁଣ୍ଡ ଦୁଇ ଥର କଳାହାଣ୍ଡି ଓକିଲ ସଂଘର ସଭାପତି ଓ ଓଡ଼ିଶା ବାର୍ କାଉନସିଲ୍ ସଦସ୍ୟ ଭାବରେ ଓକିଲ ମାନଙ୍କ ସ୍ୱାଭିମାନ ପାଇଁ ଲଢେଇ କରୁଥିଲେ। କଳାହାଣ୍ଡିର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ସଙ୍ଗଠନ ଜରିଆରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଜୀବନର ଶେଷ ଅବସ୍ଥାରେ ମଧ ସେ ଭବାନୀପାଟଣା ସହରବାସୀଙ୍କ ସୁବିଧା ପାଇଁ ମ୍ୟୁନିସିପାଲିଟି ବିରୁଦ୍ଧରେ ପବ୍ଲିକ ୟୁଟିଲିଟି କୋର୍ଟରେ ଜନ ସ୍ୱାର୍ଥ ମାମଲା କରିଥିଲେ। ୧୯୭୬ ମସିହାରେ କଳାହାଣ୍ଡିର କଳା ସଂସ୍କୃତି ଓ ଅସ୍ମିତା ପାଇଁ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥଙ୍କ ସହ ଚଳଚ୍ଚିତ୍ର ସମର୍ପଣ ନିର୍ମାଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ନିଜେ ମଧ ଅଭିନୟ କରିଥିଲେ। ଏହି ସ୍ମୃତିସଭାରେ ବହୁ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଭୂପିନ୍ଦର ସିଂହ, ପୂର୍ବତନ ଲୋକସଭା ସାଂସଦ ବସନ୍ତ ପଣ୍ଡା, କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦ, କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ମଳୟ କୁମାର ମୁଣ୍ଡ, କଳାହାଣ୍ଡି କଳାକାର ସଂଘର ଅବଦୁଲ କାଦିର, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଶରତ ନାୟକ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ, କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ, କଳାହାଣ୍ଡି ହୋଟେଲ ମାଲିକ ସଂଘ ସଭାପତି ଅଂଶୁମାନ ଦାସ, ପ୍ରଗତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ଅଜୟ ପଣ୍ଡା, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ଡି ଶ୍ୟାମ, ମହାବୀର ପଢ଼ା ସିଭିଲ ସୋସାଇଟିର ମହମ୍ମଦ ବୁରହାନ, ସହ ସଂଘଚାଳକ ଜୟ ନାରାୟଣ ବାବୁ, ବରିଷ୍ଠ କଳାକାର ଲଳିତ ମୁଣ୍ଡ, ନର୍ଲା ବ୍ଲକ୍ ବ୍ରାହ୍ମଣ ସମାଜ ସଭାପତି ବଦ୍ରୀ ନାରାୟଣ ମିଶ୍ର, ଜୁନାଗଡ଼ ବ୍ଲକ ବ୍ରାହ୍ମଣ ସମାଜ ସଭାପତି ଶାନ୍ତନୁ ଯୋଷୀ, କେସିଙ୍ଗା ବ୍ଲକ୍ ବ୍ରାହ୍ମଣ ସମାଜର ପର୍ଶୁରାମ ପାଢୀ, ଧର୍ମଗଡ ବ୍ରାହ୍ମଣ ସମାଜର ଶାନ୍ତନୁ ମୁଣ୍ଡ, କଳାହାଣ୍ଡି ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ମନୋଜ କୁମାର ପଣ୍ଡା, ଶ୍ରୀୟାଂସ ମୁଣ୍ଡ ପ୍ରମୁଖ ସ୍ୱର୍ଗତ ମୁଣ୍ଡଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବାଲ ଗୋପାଳ ସେବା ନିକେତନର ଶିଶୁ ମାନେ ଗୀତା ଆବୃତ୍ତି କରିଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସ୍ୱର୍ଗତ ମୁଣ୍ଡଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡି ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା ସ୍ମୃତି ସଭା ପରିଚାଳନା କରିଥିଲେ।

## ରାଶିଫଳ

ବୁଧବାର, ୧୪ ମଇ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ।




**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ । ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।



**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ । ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ଆଜି କୈଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଳାନ୍ତ ଅନୁଭବ କରିବେ।




**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ । ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।




**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ । ବ୍ୟବସାୟ ଭଲ କରିବ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢ଼ିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଟଙ୍କା ମିଳିବା ସହଜ ହେବ ।ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ । ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ । ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ।




ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯